# ଦେଶିଆ ଲୋକସାହିତ୍ୟ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

# ଦେଶିଆ ଲୋକସାହିତ୍ୟ


ସଂକଳନ ଓ ସମ୍ପାଦନା

**ଡ. ପରମାନନ୍ଦ ପଟେଲ**



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଦେଶିଆ ଲୋକସାହିତ୍ୟ

**ସଂକଳନ ଓ ସମ୍ପାଦନା**

ଡ. ପରମାନନ୍ଦ ପଟେଲ

**© ପ୍ରକାଶକ**

ସଦସ୍ୟ-ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ,
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ
ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯

**ପ୍ରଥମ ପ୍ରକାଶ-୨୦୧୪**

**ମୁଦ୍ରଣ :**
ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ
ଭୁବନେଶ୍ୱର - ୭୫୧୦୧୦

## DESIA LOKASAHITYA

**Compilation & Editing :** Dr. Paramananda Patel

**© Publisher :**
Member Secretary
Academy of Tribal Languages & Culture
Adivasi Exhibition Ground
Unit-I, Bhubaneswar-751009

**1st Edition :** 2014

**Printed at :**
Bholanath Press
1201/1601, Bomikhal,
Bhubaneswar-751010

# ମୁଖବନ୍ଧ

ସଭ୍ୟତାର ଉନ୍ମେଷ ସମୟରୁ ଯେତେବେଳେ ମନୁଷ୍ୟ ପାଖରେ ଆଜିପରି ଲିଖିତ ପରମ୍ପରା ଓ ମନୋରଞ୍ଜନ ସାମଗ୍ରୀର ଅଭାବ ଥିଲା, ସେତେବେଳେ ତତ୍କାଳୀନ ମଣିଷ ନିଜ ସୃଜନଶୀଳତାକୁ ପ୍ରକାଶ କରୁଥିଲା, ପ୍ରସ୍ତର ଗାତ୍ରରେ, କାଠ ବାଉଁଶରେ, କିଛି ପରିମାଣରେ ନିଜ ଆସବାବ ପତ୍ରରେ ଧ୍ୱନୀ ସମୂହକୁ ନାମ ଦେଇ ସେ ଗୁଣୁଗୁଣାଉଥିଲା ଓ ଉଲ୍ଲସିତ ହେଉଥିଲା, ଯାହା ସୁମଧୁର ଏବଂ ଅନ୍ୟମାନଙ୍କୁ ଆକୃଷ୍ଟ କରୁଥିଲା, ଅନ୍ୟମାନେ ତାକୁ ଅନୁକରଣ କରୁଥିଲେ । ନିଜ ଅଭିଜ୍ଞତା, ଅନୁଭୂତି ଓ ବିସ୍ମୟଭାବକୁ ସେ ବର୍ଣ୍ଣନା କରୁଥିଲା । ନୂତନ ପିଢ଼ି ପାଖରେ କାଳକ୍ରମେ ତାହା କଥାର ରୂପ ନେଉଥିଲା । ପରିବର୍ତ୍ତିତ ହେଉଥିଲା ଲୋକକାହାଣୀ, କିମ୍ବଦନ୍ତୀ, ଆଖ୍ୟାୟିକା, ପୁରାଣରୂପରେ । ବାସ୍ତବ ସହିତ କଳ୍ପନା ଓ ଅନୁସୃଜନ, ସେହିସବୁ ବାସ୍ତବତାକୁ ଭିନ୍ନ ରୂପରେ ଉପସ୍ଥାପିତ କରୁଥିଲା । ପିଢ଼ି ପରେ ପିଢ଼ି ଏହି ସବୁ ଗୀତ, କାହାଣୀ, ଅନୁଭୂତି ସମୂହ ସଂଚରିତ ହେଉଥିଲ । ବିନିଦ୍ର ରଜନୀ କଟୁଥିଲା, ଅବସାଦ ମେଣ୍ଟୁଥିଲା ଏବଂ ପ୍ରାଣରେ ସ୍ପନ୍ଦନ ଆସୁଥିଲା, ନୂଆ କିଛି ଦେଖାଇବାକୁ, କରିବାକୁ ।

ଭାରତୀୟ ପରମ୍ପରାରେ ଯେଉଁ ଗୋଷ୍ଠୀ ଆଦିବାସୀ ବୋଲି କଥିତ ହେଲେ ସେମାନଙ୍କ ପାଖରେ ଲେଖି ସାଇତି ରଖିବାର ସାଧନ ନଥିଲା ବା ସେମାନେ ସାଇତି ରଖିବାର ପକ୍ଷରେ ନଥିଲେ ତେଣୁ ଅନେକ ଲୋକ ବାଚନିକ ପରମ୍ପରା କାଳକ୍ରମେ ଲୋପ ପାଇବାରେ ଲାଗିଲା ।

ସଭ୍ୟତାର କ୍ରମବିକାଶ ସହ ଏହି ପରମ୍ପରାରେ ମଧ୍ୟ ପରିବର୍ତ୍ତନ ଆସିଲା । ଜନପଦର ମଣିଷ ଯେତେବେଳେ ଅନୁଭବ କଲା ଯେ ଆଜି ମଣିଷର ଏହି ସବୁ

ଚିନ୍ତନ ଭିତରେ ବିଜ୍ଞାନର ମହାମନ୍ତ୍ର ରହିଛି ସେତେବେଳେ ସେ ତାକୁ ଖୋଜି ଲିଖିତ ରୂପ ଦେବାରେ ଆଗଭର ହେଲା । ତଥାପି ଅନେକ ଲୋକବାଚିକ ପରମ୍ପରା ଅଦ୍ୟାବଧି ଲୋକଲୋଚନ ଆଢୁଆଳରେ ରହିଯାଇଛି । ଅନେକ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ପରିଲକ୍ଷିତ ହୋଇଛି ।

ଏଇ ସବୁ ଅସଜଡ଼ା ଲୋକ ପରମ୍ପରାକୁ ସାଇତିବାର ଆବଶ୍ୟକତାକୁ ହୃଦୟଙ୍ଗମ କରି ଏକାଡେମୀ ତାର ସିମୀତ ସମ୍ବଳ ମଧ୍ୟରେ ଆରମ୍ଭ କରିଛି ଲୋକ ପରମ୍ପରାର ସଂକଳନ । ପ୍ରକାଶିତ ଅନେକ ସଂକଳନ ମଧ୍ୟରୁ ଦେଶିଆ ଲୋକସାହିତ୍ୟ ଅନ୍ୟତମ । ଆଜିର ସମାଜରେ ପିଲାମାନଙ୍କୁ ଶିକ୍ଷାଦାନ ସମୟରେ ଲୋକପରମ୍ପରାର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ସବୁ ଉପାଦାନ ସଂଗ୍ରହ କରାଯାଇଛି । ଶିକ୍ଷାବିଦ୍, ବିକାଶ ପାଇଁ ଲୋକ ପରମ୍ପରାକୁ ଗୁରୁତ୍ୱ ଦେଉଥିବା ତତ୍‌ବିଦ୍‌ମାନଙ୍କୁ ଏହା କିଛି ଖୋରାକ ଯୋଗାଇବ ବୋଲି ଆଶା ଓ ବିଶ୍ୱାସ ।

ଡ. ଅଖିଳ ବିହାରୀ ଓତା

# ସୂଚୀପତ୍ର


| ବିଷୟ | ପୃଷ୍ଠା | ବିଷୟ | ପୃଷ୍ଠା |
|---|---|---|---|
| କଥାନି | ୧ | ଖାଡ଼ା ଜୋଇ ବେଟି ଆନ୍‌ଲା | ୨୮ |
| ଧରନୀ ମାଆର ପୂଜା | ୧ | ଟେଣ୍ଡକା ଘିନିଲା ହାତ୍ୱିଆ | ୨୮ |
| ଲୋକକଥା | ୨ | କେରା ଡକରୀ | ୨୯ |
| ପିଲାର ଭାଗ୍ୟ | ୨ | ଚତୁର କଲିଆ | ୩୦ |
| ବର୍‌ଣା ବାଡୁ | ୨ | ସୌରା କାହାଣୀ | ୩୦ |
| ଟୁରା ରାଜା | ୪ | ଗାଦବା କାହାଣୀ | ୩୧ |
| ବାଗ୍ ମାମା କଲିଆ ବାନ୍‌ଜା | ୬ | କାତାନି | ୩୨ |
| କାତାନି ରାମି ଚେଡ଼ୁଇ ଆରି କୁଲିଆ | ୭ | ଲେଲେଙ୍ଗ୍ ଡକରା ଡକରି କାତାନୀ | ୩୩ |
| କାତାନି ଦୁଇ ବାଇ ଆରି ବାଗ | ୮ | 'ମି.ମି ମାଣିକ ରଜା' କାତାନୀ | ୩୫ |
| କାତାନି କଲିଆ ଆରି କୁମିର୍ | ୮ | ବାମନ୍ ଡକରା ଡକରି କାତାନୀ | ୩୮ |
| ମାଉଲି ମାର ପୂଜା | ୯ | ଗପ (କାହାନୀ) - ୧ | ୪୧ |
| କେ ହେଇସି ରାଜା | ୯ | ଗପ - ୨ | ୪୨ |
| ଚତୁର କଲିଆ | ୧୧ | ଗପ - ୩ | ୪୨ |
| ବେଲ ଆରିଜନ | ୧୧ | ଗପ - ୪ | ୪୩ |
| ଭୁଁଜିଆ ଜାତିର ଜନମ୍ କଥା | ୧୨ | ଆତି ଆରି ସାଦବ ରାନିରକତା | ୪୩ |
| ଗଦବା କାହାଣୀ | ୧୨ | ଶିକାରୀ କାତା | ୫୦ |
| ଆଦିବାସୀ ଗୀତ | ୧୩ | ବଗ ଆରି କାଉ | ୫୧ |
| ଗପ ନିତି ମଲ୍ଲୀ | ୧୩ | ସାତ ବଇନି କାତା | ୫୨ |
| କାମାର ପିଲା | ୧୪ | ରାଜା ପିଲାର ଉଚ୍ଚ ବିଚାର୍ | ୫୪ |
| କାତାନି -୧ | ୧୪ | କାକ୍‌ଡ଼ା - କାକ୍‌ଡ଼ାନୀ | ୫୫ |
| ଚୈତ ପରବ | ୧୭ | ଗଞ୍ଜ | ୫୬ |
| ଲୋକ୍‌କେ ବିସାଶ ନାୟ | ୨୦ | ବଲଦ୍ ବେବାରି | ୫୭ |
| ଖାଡ଼ା ଆରି କାଚିମ | ୨୨ | ଗଞ୍ଜ | ୫୯ |
| ଗତର | ୨୪ | କାତାନି | ୬୦ |
| ପୁରନା ରିନ୍ ସୁଜିବା ଆଉ ନୂଆ ରିନ୍ ଦେବା ଗପ | ୨୫ | କଲିଆ ଆରି କୁକୁଡ଼ା | ୬୦ |
| ଚପଲା କାକର କଲି | ୨୭ | କାତାନି -୨ | ୬୧ |
| 'ଗିଦ୍' ଧରଲା 'ଗିରନା' | ୨୮ | କାତାନି - ୩ | ୬୨ |
| | | ଟେଣ୍ଡକା ଆରି ବାଗ | ୬୩ |

| ବିଷୟ | ପୃଷ୍ଠା |
|---|---|
| କଲିଆ ଆରି କୁକ୍‌ଡାର୍ କାତା | ୬୪ |
| ତାଷୀ ମୂଲିଆ ଆରି ଭାଲୁ | ୬୫ |
| କଲିଆ ଆରି କୁକୁଡ଼ାର କାତା | ୬୫ |
| ତେଲ୍ ଘଣା | ୬୬ |
| ମାଇଜି ପୁରାନ୍ | ୬୭ |
| କିତିଙ୍ଗ ମାପ୍ରୁ | ୬୮ |
| ବାବା ମୁଦୁଲି ଚଲାନ୍‌ଜାନି | ୭୦ |
| ଧରମ ଅଧରମ | ୭୦ |
| ରାଜା ପିଲାର ରାଜି ବୁଲା | ୭୧ |
| ଦେଶିଆ କୁଲର ଏକୋଇଶିଆ ପ୍ରଥା | ୭୮ |
| ଦେଶୀୟ ଗୀତ | ୮୦ |
| ପୁଷ୍ ପରବ୍ | ୮୦ |
| ଗୀତ | ୮୧ |
| ମାପ୍ରୁ ଭରସା | ୮୧ |
| ଘଲାକି ମାକଡ୍ | ୮୨ |
| ଭାଲୁ ଧେରାୟିବାଟା | ୮୩ |
| ଅତି ଲୋଭରେ ମୃତ୍ୟୁ | ୮୩ |
| ଲୋଭରା ରାଜା | ୮୪ |
| ଉପର୍ ବାଲା ତଲ୍ ବାଲା | ୮୫ |
| ଚତୁର କଲିଆ | ୮୬ |
| ଡମୁ କାଙ୍ଗାର କାତାନି | ୮୬ |
| ଆତି କଲିଆ କାତାନି | ୮୭ |
| ଟୁରା ରାଜା | ୮୭ |
| ରାଜାର୍ ଚ୍ଛେଲା ମନ୍ତ୍ରୀ ମଲା | ୮୮ |
| ଗିଦ୍ ଧେରିଲା ଗିରନା | ୯୦ |
| ଗରବର ଜୀବନ ଗାଲା | ୯୦ |
| ଚତୁର ପିଲା | ୯୧ |
| କନ୍ଧ ବୁଢ଼ା ବୁଢ଼ି | ୯୨ |
| ବାଇଗନ୍ ଗଚ୍ଛ ଆରି କୁକୁଡ଼ା ମାଇ | ୯୫ |

| ବିଷୟ | ପୃଷ୍ଠା |
|---|---|
| କନ୍ଧ ଲୋକ କଥା | ୯୭ |
| ଭୁଂଜିଆ ବାଟି ମାର ଜନମ କଥା | ୯୮ |
| ଧରନୀ ମାର ପୂଜା | ୯୯ |
| ଧାଙ୍ଗଡ଼ି ଡ଼ଙ୍ଗର | ୯୯ |
| ତୁମକେ ମିଚ୍ ଆମକେ ସତ୍ | ୧୦୦ |
| ନିମାନ୍ ବନ୍ଧୁ | ୧୦୧ |
| ଦିଆଲି ପରବ୍ ଗୀତ୍ | ୧୦୩ |
| ଆଦିବାସୀ ଗୀତ | ୧୧୪ |
| ଓଁ ଶ୍ରୀ ଗଣେଶାୟ ନମଃ | ୧୧୬ |
| ଗୁଲା ଗୁଲା ସବୁ ଗୁଲା | ୧୧୬ |
| ଶାଗ୍ ରସିଆ | ୧୧୭ |
| ଗଛ ଗଟେକ୍ ତୁଇ ଲଗା | ୧୧୮ |
| ଲୋକଗୀତ | ୧୨୧ |
| ବିଭା ଗୀତ | ୧୨୨ |
| ବିଭା କାନ୍ଦଣା | ୧୨୩ |
| ସାଇଲଡ଼ି ଗୀତ | ୧୨୪ |
| ବିଭା ଗୀତ | ୧୨୫ |
| ଲୋକ ଗୀତ | ୧୨୬ |
| ମଜୁରୁ ମଜୁରୁ | ୧୩୨ |
| ଅଡୁଆ କନ୍‌ଟା ଲାଗ୍‌ସି | ୧୩୩ |
| ଲୁଟିକି ଲିଚା ପାନି ଝରନ୍ | ୧୩୮ |
| କେରାପୁଟିଆନନି | ୧୪୧ |
| ଲିଟ୍ଟିକିଲିଚ୍ଚାପାନିଝରନ୍ | ୧୪୨ |
| ଦିଆଲି ମାସର ହୁଣ୍ଡି ପରବର ଗୀତ | ୧୪୪ |
| ଚଇତ ପରବ ଗୀତ | ୧୪୭ |
| ଚ୍ଚଇତ ପରବରେ ଦୋଳିରେ ବସି ଗାଉଥିବା ଗୀତ | ୧୫୦ |
| ଚଇତ ପରବ ଗୀତ | ୧୫୪ |
| ଆଦିବାସୀ ଗୀତ | ୧୫୫ |

| ବିଷୟ | ପୃଷ୍ଠା |
|---|---|
| ନାବକେଲୀ ଗୀତ ................ | ୧୫୬ |
| ବିବାହ ପରେ ଝିଅ ଏବଂ ତା'ର ସାଙ୍ଗମାନଙ୍କ ବିଚ୍ଛେଦ ସମୟର ଗୀତ (ପରଜା ଗୀତ) .................. | ୧୫୬ |
| ଶିଶୁର ନାମକରଣ ଉତ୍ସବ ଗୀତ ... | ୧୫୭ |
| ପୁଷ ପରବ ଗୀତ.................. | ୧୫୯ |
| ରିଞ୍ଜୋଡ଼ି ଗୀତ..................... | ୧୬୦ |
| କିନ୍ଦ୍ରୀ ଗୀତ ...................... | ୧୬୩ |
| କିନ୍ଦ୍ରୀ ବାକ୍ନା ଗୀତ................ | ୧୬୫ |
| ବାକେନା ......................... | ୧୬୬ |
| ଧାଙ୍ଗଡ଼ା ଧାଙ୍ଗଡ଼ି ଗୀତ୍ (ବିବାହ ସମୟରେ ଗାଆନ୍ତି) ..... | ୧୬୭ |
| କିନ୍ଦରୀ ଗୀତ୍ ...................... | ୧୭୩ |
| ଆସୁଲାଇ କାଲା ମେର୍ ........... | ୧୭୪ |
| ଚୂଇତ ପରବ ଡେମସା ଖେଲ୍‌ବାବେଳେ ଧାଙ୍ଗଡ଼ା ଧାଙ୍ଗିଡ଼ି ଗାଇତେ ରହିବା ଗୀତ | ୧୭୫ |
| ଧୁଙ୍ଗିଆ ମଗା ଗୀତ ............... | ୧୭୬ |
| ମୁଦି ମଗା ଗୀତ .................... | ୧୭୭ |
| ଚଇତ ପରବ ଗୀତ................ | ୧୮୨ |
| ମୁଦି ମଗାମଗି ..................... | ୧୮୬ |
| ହାଟର୍ କନିଆ ବାଟର୍ ବର୍ ...... | ୧୮୮ |
| ହୁଆ ନାଇଁ ହରବର ............... | ୧୮୯ |
| ଧାଙ୍ଗଡ଼ା - ଧାଙ୍ଗଡ଼ି ଗୀତ୍ .......... | ୧୯୨ |
| ଦେଶିଆ ଗୀତ୍..................... | ୧୯୩ |


***

# କଥାନି

**ଭୁଂଜିଆବାଡ଼ି ଜନମ୍ କାଥା:**

ଧରନି ପାନି ଲଗେ ପୃଥ୍ୱୀ ବସି ହେଲା - ପୃଥ୍ୱୀ ଆନେ ସେତିକି ବେଲେ ଡକରାଡକରୀ ବୋଲି ଦୁଇଟା ଅଣ୍ଡରା ଆରି ମାଇଜନା ରେଲାଏ । ସେ ମନର ଗଟେକ ପିଲା ଆରି ଟକି ରେଲାଏ । ଗଟ ଦିନେ ମାପୁ କହିଲାଏ ଆଜି ବଡେ ବରଷା ହୋଇସି । ଆରେ ପାନି ଥାନେ ଧରତୀ ମାଁ ବୁଡ଼ିଯାଇସି । ତୁଇ ତର ପିଲା ଟକିକେ ଝାପି ଥାନେ ରଖିକରି ବାର ବରଷ୍ କାଦି ଆନି ରଖି ଏସମନ୍ କେ ଭର୍ତ୍ତି କରି ଭସେଇ ଦେ ।

ସିଟା ଶୁଣି କରି ବୁଢା ପିଲା ଟିକେଟେ ଭର୍ତ୍ତିକଲା । ଆରି ଭସେଇ ଦେଲା ଆର ପରଦିନ୍‌ଠାନୁ ବରଷା ଆରମ୍ । ତାର ପଚେ ଭଗବାନ କିଏ ବଞ୍ଚିଲା, କି ନାଇଁ ଜାନବା କା ଯେ ଗୋଟକେ କାଉ କେ ପଠଲାଏ । ସିକାଉ ଭାଇ ବଇନୀର କାଥା ଆସିକରି ଭଗବାନକେ କଇଲା ତାକର ପାଇଁ ଭଗବାନ ଗୋଟିଏ ମାଟି କାଟ ତିଆରି କରଲା । ଆରି ଭାଇବଇନୀକେ ସିଆନେ ରଖିଲାଏ । ବହୁଦିନେ ପରେ ସେ ମନ କନିଆ । ହେଲାଏ ଆରି ନିଜ୍ ନିଜ୍‌କେ ଜାନି ପାରି ନାଇଲାଏଁ ତାର ପଛେ ସେ ଦୁଇ ଜନକର ମିଶାନ ହେଲା ସେ ମନର ପ୍ରଥମ ପିଲ ଗଁଡ଼ ଦ୍ୱିତୀୟର ପିଲା ଭୁଂଜିଆ । ଆରି ତୃତୀୟ ପିଲା ଆଦିବାସୀ ହେଲା ।

# ଧରନୀ ମାଆର ପୂଜା

ଗଟେକ୍ ଗାଏଁ ଜାନି ଡକରା ଡକ୍‌ରି ଆରି ବୁଢି ରେଲାଏଁ । ଡକ୍‌ଗ ଡକରି ତାକର ଜମି ଲଗେ ଗୋଟେ ବାଡି ବାଈାଏ ରେଲାଏଁ । ଜାନଥାକୁ ଯାଇଟା ମିଲିଲା ସିଆରୁ ସେମାନେ ବଞ୍ଚିତେ ରେଲାଏଁ ।

ଜାନିବୁଡା ସବୁଦିନେ ସକାଲୁଥାନୁ ସଞ୍ଜ ଯାକ ବାଡଥାନେ ଖଟି ରେଲା । ତାର ଘରକେ ଘଟକେ ହେଲେ ପିଲାଝିଲା ନାଇ ରେଲାଇ । ସିଏ ତାର ଭାମ୍‌ଜାକେ ଆନି କରି ପୋଷି ରେଲା । ଜାନି ବୁଢା ସବୁଦିନେ ବାଡଥାନୁ ଘାସ୍ କାଟି କରି ଘରକେ ଆନତେ ରେଇଲା ।

ଗଟେ ଦିନ୍ ଜାନି ବୁଢାକେ ଜର୍ ହେଲା । ସେ ଆରି ଘାସ କାଟିବାକେ ନାଇ ଗାଲା, ତାର ଭାନ୍‌ଜାକେ ଘାସ କାଟବାକେ ପାଠାଇଲା । ଭନ୍‌ଜା କେବେ ଘାସ କାଟି ଜାଣିନାଇ ସେଇଲା ସଙ୍ଗେ ଘାସ୍ କାଟୁ କାଟୁ ସିଏ ତା'ର ଆଙ୍ଗ୍‌ଟିକେ କାଟି ପକେଇଲା ।

ତା'ର ପଚେ ଜାନି ବୁଢ଼ା ଆରି କାଇଟା ଥାଏ ତାର ଭଣଜାକେ ନେଇ କରି ଧରନୀ ମା ଲେଗେ ବଲି ଦେଲା । ସେଦିନ ଥାନୁ ଧରନୀ ମାକେ ମନିଷ ବଲିଦେୟ କରି ପୂଜା କରିରେ ଲାୟେ ।

# ଲୋକକଥା

ଗୋଟେ ଗାଁ ଏ ସାଦ୍ ବୋଲି କରି ଗୋଟେକ୍ ଛେଲିଆ ପିଲା ରେଲା । ତାର ଆୟାବୂଆ କିଏ ମିଶା ନ ରଇଲାଏ । ସେ ସବୁଦିନେ ଛେଲି ମେଣ୍ଢାମନ୍‌କେ ଧରି ଚାରାଇବାକେ ଯାଇତେ ରେଲା । ଏନ୍ତାର ଛେଲି ଚାରାଉ ଚାରାଉ ଗୋଟେକ୍ ଦିନ ଘଟାନି ବସାଇ କରି ଘରେ ଭାତ ଖାଇବାକେ ଗାଲା ବେଲେ ଖାରା ମାସର କାଥା ବିସ୍ତାର ସସ୍ ଲାଗ୍‌ଲା । ସେ ପାନି ଖୋଜି ଖୋଜି ଗୋଟେକ୍ ଚୂଆ ଲଗେ ଯାଇକରି କେଟ୍‌ଲା । ପାନି ଦେଖ୍‌ଲା । ବଡେ ସୁନ୍ଦର୍ ଆଚେ । ଚୂଆ ଲଗେ ଯାଇ ପାନି ଡୁମି ଖାଇଲା ବେଲେ ଗୋଟେକ୍ ବେଙ୍ଗ୍ ତାକେ କଇଲା, ଏ ପିଲା ତୁଇମକେ ବିବା ହେବୁସ୍‌କି ବୋଲି । ବେଙ୍ଗ୍ କାଥା ହେବାଟା ଶୁନି ପିଲା କଏଲା ତୁଇ କାଏ ମାଇଜିକି ତକେ ମୁଇଁ ବିଭା ହେବି ? ଏତିକି ବିତ୍‌ରେ ପିଲାର ପେଟ୍ ଡୋ କରି ପାଟି ଗାଲା । ବାଡେ ଆଚେ କାର୍ଲା(କୋର୍‌ଲା) ମର କାଟାନି ସାରଲା ।

# ପିଲାର ଭାଗ୍ୟ

କଲିଆ ମୁଣ୍ଡା ବୋଲି ଗୋଟେକ ଗାଁ ରେଲା । ହାଇ ଗାଁ ଲଗେ ଅକ୍‌ବା କମାର ବୋଲି ଗୋଟେଳ କମାରା ରେଲା ସେ ଯଙ୍ଗିଅ କଡକି, ବାରସି ତିଆରି କରି ଗାଁ ଗାଁ ନେଇ ବିକି କରି ତାର କୁଟୁମ୍ବ ପସତେ ରେଲା । ମୁଲି କମାର ବୋଲି ଗଟେକ ଲକ୍ ରଇଲା । ତାର ଗୋଟେକ୍ ପିଲା ରଇଲା । ସେ ପିଲା ସବୁ କାମଦାମ କରତେ ରେଲା । ଗୋଟେକ ଦିନ ରାଜାଘର୍ ସମତ ତିଅର କରବା କାଜେ ଡାକଲାଇ । ତାର ପିଲା ଆରି କମାର୍ ଡକରା ଦୁଇ ଲକ ମିଶି ଗଲାଏ । ସଙ୍ଗେତ କାମ୍ କରୁ କରୁ ହାର୍ ପିଲାର୍ କାମ ରାଜାର ମାକେ ଗାଲା । ରାଜା ପିଲାକେ ଡାକଲା ଆରି କହିଲା ତୁଇ ଆମର ଦେଶର ରାଜମିସ୍ତ୍ରୀ ହେବୁ ବାଲା । ପିଲା ହଁ ବଲ୍‌ଲା । ତାପରେ ପିଲା ରାଜା ଘର ରାଜ ମିସ୍ତି ହେଲା ଆହୁରି ସୁଖରେ ରହିଲା ।

# ବର୍‌ଣା ବାଡୁ

ଦୁଇ ଡ଼କରା ଡକରା ରଇଲାଇ ପୁନି; ଯେ ତାଙ୍କର ପେଟେ ଗୋଟେକ୍ ସୁନ୍ଦରା ପିଲା ଜନମ୍ କଲା । ପିଲା ସୁନ୍ଦର୍ ବଲେ ଏମ୍‌ତି ସୁନ୍ଦର୍ ନାଇଁ ମାତ୍ରକେ କାମ୍‌ଦାମ୍ ବିଲକୁଲ ନାଜାନେ, କାଇକେ ବଲେ ଗୋଟେକ୍ ପିଲା । ତାକେ ଡକରି କୁଲିବୁଟି କରି ଆନି ପସ୍‌ତେ ରଇଲାଇ । ଲାଡୁକା ବଲେ ଏମ୍‌ତି ଲାଡୁକା ନାଇଁ ସେ ପିଲା ଦିନ୍ ଗାଲା, ମାସ୍ ଗାଲା, ବରଷ୍ ଗାଲା ପିଲାର ପାଇ ଡକରା ଡକିରି ବୁଆରି କଜ୍‌ବାକାଜେ ବାରଇଲାଇ । ବୁଆରି ଗୋଟେ ଟିକ୍ କରି ବିବାପାନି ମିଶା କରି ଦେଲାଇ । ପିଲା ମାତର ସାନ୍ ବେଲେ ଅନି କାମ୍ ନାଇଁ

ଦାମ୍ ନାଇଁ ବାତୁ ବଲେ ବାତୁ । ସେଟାର ଗିନେ ବୁଆରି କୁଲିବୁତିକେ ଯାଇକରି ଆନି ରାନ୍ଧିବାଡ଼ି ଦେଲେ କାଇଦେଇ କରି ରାଗୁରୁଗା ଡ଼ାବି ଅଇ କରି ଡୁଲି ଦେଇତେ ରଇଲା । ଗୋଟେକ୍ ଦିନ କାଇଟା ଅଇଗାଲା ବଲେ ସେ ରାଇଜେ ସେ ବର୍ଷେ ବିଲ୍‌କୁଲ୍ ମିଶା ବର୍ଷା ହୁଏ ନାହିଁ । ସେଟାର ପାଇ ରାଜା ଦୁଇ ତିନ ଲକ୍‌କେ ଦିଶାରି ଡ଼ାକି ଆନ୍‌ବାକେ ଆଦେଶ ଦେଲା । ଦିଶାରି କଜୁମନ୍ ସମାନ୍ କଜି କଜି ବରନା ବାତୁର୍ ଗାଏଁ କେଟିଗାଲାଇ । ସେଡ଼େବଲ ବରନା ବାତୁନି ମୁଣ୍ଡେ ତେଡ଼ଙ୍ଗା ଗାରିଆ ମୁଣ୍ଡେ ବଇ କରି ପାନି ଗାଡେ ପାନି ଆନତେ ରଇଲା । ବରନା- ବାତୁନି କେ ସେମନ୍ ତମର ଗାଏଁ ଦିଶାରି ଆଚତ କି ବଲି ପାଚାର୍‌ଲାଇ । ବରନା ବାତୁନି ଆସା ଆମର୍ ଘରେ ଦିଶାରି ଆଛେ ବଲି ଡ଼ାକିଦାରି ଗାଲା ଆରି ବାତୁକେ ବେଟାଇ ଦେଲା । ସେଡ଼େବଲ ବରନାବାତୁର୍ ବୁଦ୍ଧି କାନାବାନା ଅଇଗାଲାପୁନି । ବାତୁକେ ସେମନ୍ ରାଜା ଡ଼ାକାଇ ଆଛେ ବଲି କଇଲାକେ ସେମନ୍ କେବ୍‌କେ ବରଷା ଆଇସି ବଲି ପାଞ୍ଜିପତର୍ ଦେଖ୍‌ବାକେ ବୋଲି ଡ଼ାକାଇ ଆଛେ । ରାଜାର ଡ଼ାକରା ମାଡ଼କେ ବାତୁ ସଜ୍‌ବାଜ୍ ଅଇବାରଇଲା ବାଟ୍‌କେ ଜାଉ ଜାଉ ତାକେ ନଙ୍ଗଲା ଜର, ନଙ୍ଗଲା ଦୁକା, ନଙ୍ଗଲା ବନ୍ଦାଡ଼ ଆସିଗାଲାପୁନି । ସେଟାର ପାଇ ବାତୁ ସେମନ୍‌କେ ତମେ ଇଣ୍ଡତେ ଗୁଆ ମୁଇଁ ଆଇ ନାଲେ ବନ୍ଦାଡ଼ ବସି କରି ବୁଦ୍ଧି ପାଞ୍ଚୁ ପାଞ୍ଚୁ ଗୋଟେକ୍ ମୂଷା ତାର ପିଲାମନ୍‌କେ ନାଲେଆନୁ ଉପରେ ଚଗାଇତେ ରଇଲାକେ, ମୂଷା ପିଲାମନ୍ ତାରମାକେ କାଇଟାକେ ମା' ଆମ୍‌କେ ଉପରେ ନେଲୁସ୍‌ନି ବଲି କହିବାକେ ମୂଷା କହିଲା- ନାଇଁ ନାଇଁ ଆଇବା ମଙ୍ଗଲବାରେ ପାନି ପବନ୍ ସଙ୍ଗ୍ ବଡ଼ ବରଷା ଅଇସି, ସେଟାର୍ ପାଇ ତମ୍‌କେ ବଞ୍ଚାଇବାକେ ଉପରେ ନେଲିନି ବଲି କଇଲା । ମୂଷାର କାତା ବାତୁ ନିମାନ୍, କରି କାନ ଡ଼େରି ଶୁନି ଦେଇ, ଏତର୍ ମୁଇଁ ବଞ୍ଚିଲି ବଲି ନାଲେଟାନୁ ପାଲାଇ୍ ଆସି ଆସି ରାଜାପାକେ କେଟ୍‌ଲା । ରାଜା ଦିଶାରି କାଜେ ଜାକ୍ ଜକମ୍ କରି ବରଷା କେବେ ଅଇସି ବଲି ପାଞ୍ଜି ପତର ଦେକ୍‌ବାକେ ଆଦେଶ୍ ଦେଲା । ବାତୁ ମୂଷାର କାତା ଶୁନି ଆଛେ, ପାଞ୍ଜି ଦେଖ୍‌ବା ବେଲେ ସମାନ ଆଇବା ମଙ୍ଗଲବାରେ ପାନି ପବନ୍ ସଙ୍ଗେ ବଡ଼ବରଷା ଏବାର ଆଚେ ବଲି ରାଜାକେ ବାତୁ ଜାନାଇଲା । ରାଜା ଚାଉଲ୍ ଗଉଲ୍ ଡ଼ାବୁକାଶୁ ଦେଇ କରି ଦିଶାରିକେ ପାଟାଇ ଦେଲା । ଚାଉଲ୍‌ଗଉଲ୍ ଡ଼ାବୁକାଶୁ ଦେଖି ବାତୁନି ସାର୍‌ଦା ଅଇ ବାତୁକେ କାମ୍‌ଦାମ୍ ନ କରବାକେ କଇଲା । ସତ୍‌କେ ସପନ୍ ମଙ୍ଗଲବାର୍ ଦିନେ ପାନି ପବନ୍ ସାଙ୍ଗେ ବଡ଼ ବରଷା ଅଇଗାଲା । ସେଡ଼େବଲ୍ ରାଜା ଦିଶାରି ମାପୁରୁକେ ମାନ୍‌ଲା ।

ଆର୍ ଗୋଟେ ଦିନେ କାଇଟା ଅଇଗାଲା ବଲେ ରାଜା ସତ୍ ଦିଶାରି କି ମିଚ୍ ଦିଶାରି ବଲି ଜାନ୍‌ବାକେ ସେ ବାତୁକେ ଡ଼ାକାଇ ପାଟାଇଲା । ବାତୁ ଯେମ୍‌ତି ଡ଼ାକରା ଶୁନି ଦେଲା ଆର୍ ତର୍ ତର୍ ଗଜ୍ ଗଜ୍ ଅଇଗାଲା । ଆଗର୍ ମାଡ଼େ ଯେମତ୍ ସେମତ୍ ବଞ୍ଚିଲି ଏ ମାଡ଼େ ଆକା ରାଜାର ଆତେ ମରିବିବେ ବଲି ବଡ଼େ ତେରେପେଟେ ଅଇକରି ବାତୁ ରାଜା ଘରେ କେଟ୍‌ଲା । ସେ ଦୁଇଦିନ୍ ରାଜା ଘର ଦାଣ୍ଡେ ସମାନ୍ ମଲ୍ଲିଫୁଲ ବର୍ଗୀ ଫୁଟ୍‌ତେ

ରଇଲା । ରାଜା ଦିଶାରି ମାପୁରୁର୍ ସତ ଦେଖିବାକେ ବଲି ରାଇଜର୍ ପରଜା ମନ୍‌କେ ସେ ଦିନେ ଡ଼ାକି ରଇଲା । ତାରପଛେ ରାଜା ଦୁଇ ଆତେ ମୁଟା କରି ମଲ୍ଲିଫୁଲ ଦାରିକରି 'ମୁଇଁ କାଇଟା ଦାର୍‌ଲିଆଛି ବଲି ଦିଶାରିକେ ପାଚ଼ାର୍‌ଲା । ସେଡ଼େବଲ୍ ଦିଶାରି ବୁଦ୍ଧିବାନା ଅଇକରି ଆଗର୍ ମାଡ଼େ ରାଜାଟାନୁ ଯେମତ୍ ସେମତ୍ ବଞ୍ଚିଲି ଏବେ ଆକା ରାଜାର୍ ଆତେ ମଲି ବଲି ଦିଶାରି କଇଲା । ତାରପଛେ କହିଲେ ମଲି ନ କଇଲେ ମଲି ବଲି କଇ ଲାଗ୍‌ଲା ପୁନି । ସେଡ଼େବଲ ରାଜା ବାଡ୍ରୁକେ ସତ୍ ଦିଶାରି ବଲି ଦନ୍ ସମ୍ପତ୍ତି ଡ଼ାବୁକାଶୁ ଦେଇଦେଲା । ସେ ଦନ୍ ସମ୍ପତ୍ତି ନେଇଁ କରି ବାଡ୍ରୁ ନି ବାଡ୍ରୁ ଆଚା ଆନନ୍ଦ ସଙ୍ଗେ ଜିଇଲାଇ କାଇଲାଇ ପୁନି । ତାର ପଛେ ମର୍ କାତାନି ସାରିଗାଲା, ଫୁଲ ଗଚ୍ ମରିଗାଲା ।

# ଟୁରା ରାଜା

ଗୋଟେ ରାଇଜେ ଗୋଟେ ରାଜା ରଇଲା ପୁନି ଯେ, ରାଜା ଗାଈଗୋରୁ ଚରାଇବାକେ ଗୋଟେ ଟୁରା ପିଲାକେ ଦାରି ରଇଲା । ଟୁରା ପିଲା ଦିନ୍‌କେ ଗାଈଗୋରୁ ଛେଲି, ମେଣ୍ଢା ଚାରାଇବାକେ ଯାଇସି, ଗୋଟେକ୍ ଦିନ୍ କାଇଟା ଅଇଲା ବଲେ ସମାନ୍ ଗାଡ କଣ୍ଡି କଣ୍ଡି ପିଲା ଗାଈଗୋରୁ ଛାଡ଼ି ଦେଇ ଗାଡେ ପଙ୍ଗରବାକେ ଗାଲା । ସମାନ ଗାଡେ ପଙ୍ଗରୁ ପଙ୍ଗରୁ ପିଲାକେ ଗୋଟେକ୍ ହିରା ଫୁଲ୍ ବଲି ମିଲିଗାଲା । ସେ ଫୁଲ୍ ଏନ୍‌ତି ସୁନ୍ଦର ଯେ ପିଲା ଫୁଲକେ୍ ରାଜାକେ ନେଇ କରି ଦେବି ବୋଲି ଫୁଲ୍ ଧରି ସଞ୍ଜ ବେଲେ ରାଜାଟାନେ ଗାଲା ରାଜା ଆର୍ ମନ୍ତ୍ରୀ ଫୁଲ୍‌କେ ଦେକି ପିଲାକେ ଏଫୁଲ କନ୍‌ତି ଅନି ଆନୁଲସ୍ ଅ ବୋଲି ପାଚାରଲାଏ । କାଲିକେ ଏନତା ଫୁଲ ଜବରଏତେ ଆନବାକେ ପଡସି ବଲି ରାଜା ଆର୍ ମନ୍ତ୍ରୀ ଆଦେଶ୍ ଦେଲାଇ । ପିଲା ଗାଡେ ଯାଇ ପଙ୍ଗରବାର ଲାଗ୍‌ଲା ମାତର ଫୁଲ୍ ଫୁଲା କାଇଟା ମିଶା ମିଲେ ନାହିଁ । ସେ କାଇଟା କରସି ବାପଡ଼ା ପିଲା ଚୁଚାଇ ଆତେ ଗାଲେ ରାଜା ଘରେ ନ ପୁରାଏ ବଲି ପିଲା ଗାଡେ ପାଲାଇ ପାଲାଇ କରି ଡେଗେଇବାକେ ଲାଗ୍‌ଲା । ପର୍‌ତୁମେ ପିଲା ଗାଡେ ଡେଗେଇଲାକେ ଇରା ରାନୀ ଗାଡେ ଅନି ପିଲାକେ ବାଇଲେ ପିଙ୍ଗଲା । ତାର ପଛେ ପିଲା ଆର୍‌ସେ ପଲାଇକରି ଟେନ୍‌କେ ଡେଗଇଲା । ଏଲେ ଇରା ରାନୀ ଉଲଟା ପିଲାକେ ବାଇଲେ ବାରକଲା । ଏନ୍‌ତାରି ଡେଗଇ ଡେଗଇ ତିନ୍‌ଥର ଡେଗେଇବାକେ ଇରା ପିଲାକେ କାଇକାଜେ ତୁଇ ଏତି ଏମ୍‌ତାର ଡେଗେଇ ଲୁସନି ବଲି ପରାରିଲା । ପିଲା ସେଡେବଲ୍ ନାଇଁ ନାଇଁ ମକେ ରାଜା ଇରା ଫୁଲ ଆନବାକେ ପାଟାଇ ଆଛେ । ଇଏକାତା ଶୁନି ଇରା ରାନୀ ଏଟାର ପାଇ ତୁଇ ଡରଲୁସ୍‌ନି, ତକେ କେତେକ୍ ଫୁଲ ଦରକାର ବଲେ ମୁଇ ଦେବି, ମାତର୍ ଗୋଟେ କାତା ଶୁନ୍ ତୁଇ ମକେ ବିବା ହେବା କେ ପଡ୍‌ସି । ଇରା ରାନୀର କାତା ଇସାବରେ ପିଲା ତାକେ ବିବା ହୋଇଲା ଆରି ଡାଲା ଡାଲା ଇରା ଫୁଲ ସାଙ୍ଗେ ରାନୀକେ ଦରି କରି ରାଜାର ପାକେ ଗାଲା । ଏତେକ୍ ସୁନ୍ଦର ଫୁଲ

ସାଙ୍ଗେ ଇରା ରାନୀକେ ଦେଖି ରାଜା ଆର ମନ୍ତ୍ରୀ ବିବା ହେବାକେ ମନ କଲାଇ । ଇରା ରାନୀକେ ମନ୍ତ୍ରୀ ପଚାର୍‌ଲା ତୁଇ କେ ? ସେ କହିଲା ମୁଇଁ ଇରା ଆର୍ ମୋର ବଇନି ଗୋଟୋକ୍ ଆଛେ ତାର ନାଆଁ ଏଲାନି ନିଲା । ଆମେ ଦୁଇ ବଇନି ଜଲ କାମିନି ସାଙ୍ଗେ ଗାଡ଼େ ବାସା କଲୁ ଆଛୁ । ତେବେ ଇରା ତୁଇ ଏତି କାଇକାଜେ ଆଇବୁସ୍ ଆଚୁସ୍ ବଲି ମନ୍ତ୍ରୀ କଇବାଗିନେ ଇରା ତମର ଅଲିଆ ପିଲାକେ ବିବା ଅଇକରି ମୁଇଁ ରଇବାକେ ଆଇଲି ବଲି କଇଲା । ଇରା ଦେକ୍‌ବାକେ ସୁନ୍ଦର୍ ବଲେ ଏମତି ସୁନ୍ଦର୍ ନାଇଁ ସତଇନି ଗୋଟେକ୍ ଗ୍ରଉଲେ ଟିଆର ଏଲା ପାରା । ଏସବୁ କାତା ଶୁନି ମନ୍ତ୍ରୀ ମନେ ମନେ ବୁଦ୍ଧି ପାଞ୍ଚି ରାଜାକେ ଦିରେ ଦିରେ ସାଙ୍ଗବାର ଦାରଲା କାଇଟା ବଲେ, ରାଜାବାବୁ ତମେ ଇରାକେ ରାନୀ କରା ଆରି ମୁଇଁ ନିଲାକେ ରାନୀ କଲେ ଆମକେ ବଡେ ନିକ୍ ମାନ୍‌ସି । ମନ୍ତ୍ରୀ କଇବାକାତା ସତ୍ ବଲି ବିଚାରିକରି ରାଜା ଟୁରାପିଲା ରଉ ରଉ ଇରା ମକେ ବିବା ନ ହଏ ବଲି ମନ୍ତ୍ରୀକେ କହିଲା । ମନ୍ତ୍ରୀ ପିଲାକେ ମାର୍‌ବା ବୁଦ୍ଧି ପାଞ୍ଚି ବାଗ୍ ଦୁଦ୍ ଆନବାକେ ପିଲାକେ ଆଦେଶ ଦେଲାଇ । ପିଲା ମୁଁଇ ଉଭରାଇ କରି ଇରା ପାକେ ଗାଲାଗିନେ, ଇରା ପାଚ୍ଚରଲା କାଇ ଦୁକ୍ ପଡ୍‌ଲା ତକେ ? ପିଲା କହିଲା ନାହିଁ ନାହିଁ ବାଗଦୁଦ ଆନବାକେ କଇଲାଇ ମକେ । ସେଟାର କାଜେ ତୁଇ ଡରଲୁସନିକି ବଲି ଇରା ପିଲାକେ କାରଲା ପିଇବାକେ ଦେଇ କରି ବୁଦ୍ଧି ବରଷ୍ ଶିଖାଇଲା । ତାର ପଛେ ପିଲାକେ ବାଗନି ରାନୀର ପାକେ ଯିବାକେ ଇରା କଇଲା ପିଲା ବାଗ୍‌ନି ରାନିର ପାକେ ଯାଇକରି ଆମର୍ ରାଜାଗିନେ ଦୁଦ୍ ଲୋଡା ବାଗ୍‌ନି ରାନି ବଲି କଇଲାବେଲେ ବାଗ୍‌ନି ରାନି ତାର ଦଲ୍‌ବଲ୍ ସଙ୍ଗେ ରାଜା ଘରେ କେଟ୍ ଲାଇ । ରାଜା ଆର ମନ୍ତ୍ରୀ ଦଲ୍‌ବଲକେ ଦେଖି ସିଙ୍ଗାସନ୍ ଦାଁଡ କାପାଟ୍ ଡାବି ଅଇଦେଲାଇ । ତାର ପଛେ ମନ୍ତ୍ରୀ ଆର ଗୋଟେ ବୁଦ୍ଧି ପାଞ୍ଚି ରାଜାକେ କହିଲା ଯେ ଏତର ସାଁପ୍ ଦୁଦର ପାଇଁ କଇଲେ ପିଲା ସାଁପ୍ ଟକା ଅଇକରି ମରସି । ରାଜା ସତ ବଲି ପିଲାକେ ସାପ୍ ଦୁଦ୍ ଆନବାକାଜେ କଇଲାଇ । ପିଲା ଆରସେ, ମୁଁ ଉଭରାଇକରି ଘରେ ଗାଲା । ଇରାରାନି ପାଚାରଲା କାଇ ଦୁକ୍ ପଡଲା ତକେ କଅ । ନାଇଁ ନାଇଁ ସାପ୍ ଦୁଦ୍ ଆନ୍‌ବାକେ କଇଲାଇ । ସେଟାର କାଜେ ଡରଲୁସନି କି ତୁଇ ବଲି ଇରା ସାପନିରାନିର ପାକେ ଯିବାକେ କହିଲା ପିଲା ସାପ୍‌ରାନିକେ କଉକଉ ତାର ଦଲ୍‌ବଲ୍ ସାଙ୍ଗେ ରାଜା ଘରେ କେଟ୍ ଲାଇ । ରାଜା ଆର ମନ୍ତ୍ରୀ ଘରେ ପୁରି କପାଟ ଡାବି ଅଇ ଦେଲାଇ । ତାର ପଛେ ପିଲାକେ କେମ୍‌ତି କରି ମିଶା ମାରବାକେ ପଡସି ବୁଦ୍ଧି ପଞ୍ଚାଲାଇ । ରାଜା ଘର୍ ବଗିଚ୍ଚାନେ ଗୋଟେ ଡେଙ୍ଗ କୁଇଁ ରେଇଲା । ସେତି ମନ୍ତ୍ରୀ ମୁତା କଣ୍ଡି ଗୋଟେ ପିଙ୍ଗି କରି ପିଲାକେ ବେଟ୍‌ବାକାଜେ ଆଦେଶ୍ ଦେଲାଇ । ଏକାତା ପିଲା ଇରାକେ କଇଲାଗିନେ ଇରା ମୂଷାରାଜା ମୂଷାରାନୀକେ ଡାକି ସବୁ ବିଷୟ ଶୁନାଇଲା ପଛେ ମୂଷା ଦଲକେ ଡାକି କାଇବା ପିଇବାକେ ଦେଇକରି ସେମନ୍ ସେ କୁଁଏ ଆନି ପିଲାର କୁଡିଆ ଘରେ ଟିଲ କାଟ୍‌ବାକେ କଇଲା । ମୂଷା ମନ ରାତାରାତି ଟିଲ କରବା କାମ୍ ସରାଇ ଦେଲାଇ । ତାର ପଛର ଦିନେ ପିଲା କୁଁଏ ଉଭରଲା ମୁତାକଣ୍ଡି ବେଟ୍‌ବାକେ କୁଁଏ ଉଭରୁ

ଉତ୍ତରୁ ଆମ୍‌କାଟ କରି କୁଏଁ ମାଟି ଢାବି ଦେଲାଇ । ତାର ସାଙ୍ଗେ ସାଙ୍ଗେ ଇରାକେ ମନ୍ତ୍ରୀ କଇଲା ଯେ, ତର ବଇନି କେ ଏତି ଡାକି ଆନ୍ ମୁ ବିବାଇ ଅଇବି ଆର ତୁଇ ଏବେ ରାଜାକେ ବିବା ଅଇସୁ ବଲି କଇଲା । ଇରା ସେତେବେଲେ ମୋର ମୁନୁଷର ତିନ୍ ଦିନିଆ କାମ୍ ସର୍‌ଲେ ଆକା ମୁଇ ରାଜାକେ ବିବା ହେବି ବୋଲି କଇଲା । ଏଲେ ଜନ୍ ଦିନେ ତିନ୍ ଦିନିଆ ଏଲାନି ସେ ଦିନେ ପିଲା ଇରା, ନିଲା, ମତି, ମାଣିକ୍ ଦାରି କରି ସେତି କଟେ୍ଲା ରାଜାମନ୍ତ୍ରୀ ପ୍ରଜାମନ୍ ସବୁ ପିଲାକେ ଦେଖି କାବା ଅଇଗଲାଇ । ସେତେବେଲ୍ ପିଲାକେ ପାଚ୍‌ରଲାଇ ତୁଇ କେମ୍‌ତି ବଞ୍ଚିକରି ଆଇଲୁସ୍ ? ପିଲା କଇଲା ନାଇଁ ନାଇଁ ରାଜା କୁଇଁ ଭିତ୍‌ରେ ସବୁ ତମର ପୁନି ଗୁସାଇଁ ମନ୍ ଆଚତ୍ ସେମନ୍ ମକେ ଇସବୁ ସମ୍ପତ୍ତି ଦେଇ ପାଟାଇଲାଇ ଭିତରେ ବହୁତ୍ ଧନ ସମ୍ପତ୍ତି ଆଛେ ତମ୍‌କେ ଆସି କରି ନେଅତ୍ ବଲି ମକେ କଇ ପାଟାରଲାଇ । ଏସବୁ କାତା ଶୁନି ରାଜା ଆର୍ ମନ୍ତ୍ରୀ କୁଇଁ ଭିତରେ ଯାଉ ଯାଉ ଟୁରା ପିଲା ଆମ କାଟ୍ ଜାମ୍ କାଟ୍ କରି ମାଟି ଢାବି ଦେଲା ତାର ପଛେ ରାଜାର ଗାଦିଟାନେ ବସି ଟୁରା ପିଲା ରାଜା ଅଇଗାଲା । ତାର ପଛେ ରାଜାରାନୀ ଅଇକରି ଜିଇଲାଇ କାଇଲାଇ ଚିଡିଗାଲା ।

# ବାଗ୍ ମାମା କଲିଆ ବାନ୍‌ଜା

ଗୋଟେ ଡଙ୍ଗରେ ବାଗ ଆରି କଲିଆ ବାସା କରି ରେଲାଇ । ସେମ୍‌ତି ରଉ ରଉ ବାଗ ଦିନକେ ଗୋଟେ ଗୋଟେ ଜନ୍ତୁ ମନକେ ଦର୍‌ବାର କାଇବାର କରତେ ରଇଲା । କଲିଆ ଦିନ୍ କେ ବାଗ୍ ଜନ୍ତୁ ଦରି କାଇବାଟା ଦେକ୍‌ସି । ଏମ୍‌ତାରି ଦେକୁ ଦେକୁ ଗୋଟେ ଦିନ୍ କଲିଆ ମନେ ମନେ ବାବ୍‌ଲା ଯେ ବାଘତ ସବୁ ଦିନ୍ ଏ ଡଙ୍ଗରର ଜୀବଜନ୍ତୁକେ ଦାରି ଦାରି କାଇଲାନି ତେବେ ବାଘର ମାଉସ୍ କେଡ଼େ ସୁଆଦ୍ ନ ଅଇ ରହେ । ତାର୍ ପଛେ ବାଗ୍‌ର ମାଉସ କାଇବାକେ କଲିଆ ବୁଦ୍ଧି ପାଞ୍ଚିଲା । କଲିଆକେ ଶକତ ନାଇଁ ମାତ୍ରମ ବଢେ ଚତୁର । ସେଟାର୍ ପାଇଁ ସେ ଦିନେ ଅନି ବାଘ ସଙ୍ଗେ କେମତ୍ କେମତ୍ ଅଇକରି ମାମା ବାନ୍‌ଜା ଅଇଗଲାଇ କଲିଆ କୁକୁଡ଼ା ମାକଡ଼ ଦରଲେ ବାଗକେ କଲିଆକେ ଆନି ଦେଇସି । ଏରକମ୍ ଅଇକରି ଦୁଇ ଲକର ଭିତରେ ମାମା ବାନ୍‌ଜାର ସମ୍ପର୍କ ବଡିଗାଲା । ମାତ୍ର କଲିଆ ମନେ ମନେ ବାଘ୍ ମାମାର ମାଉସ କାଇବାକେ ବୁଦ୍ଧି ପାଞ୍ଚିଲାନି । ଗୋଟେକ୍ ଦିନ୍ କାଇଟା ଅଇଗାଲା ବଲେ, ବାଗ୍ ମାମାକେ କେନର ଜର୍ କେନର ଦୁକା ଆଇଲା ଆଲେ ସେ ଉଟି ବସି ନା ପାରଲା । ଏସବୁ କଲିଆ ଦେକି ବାଘ୍ ମାମାକେ ଭାଲୁ ଦିଶାରିଟାନେ ପାଞ୍ଜି ଦେକାଇ ଆନବି ବଲି ସେ ଗାଲା । କଲିଆ ବନ୍‌ଜା ପାଞ୍ଜି ନ ଦେକାଇ କରି ବାଟେ ଅନି ବାଉଡି ଜାଇକରି ତୁଇ ଯିବାକେ ପଡ଼ସି ମାମା ବଲି ବାଘକେ କଇଲା । ବାଗ୍‌ତ ଉଠି ବସି ନ ପାର୍‌ଲାନି କେନ୍‌ତାକରି ଦିଶାରି ପାକେ ଯାଇସି । ସେଟାର ପାଇ କଲିଆ କଇଲା ତୁଇ ନ ଆଏଲେ

ମିଶା ଅଇସି ମାମା, ମାତର୍ ତୋର୍ ଆତ ଗୋଟେକ୍ କାଟ୍‌ବାକେ ପଡ଼ସି, କାଇଟାକେ୍ ବଲେ ତର୍ ଆତ୍‌କେ ଦେକି ଦିଶାରି ପାଞ୍ଜି ଦେକି ଅସପତର ଦେଇସି ବଲି କଲିଆ କଇଲା ଏକାତା ଶୁନି ବାଘ୍ ମାମା ଆତ୍ ଗୋଟେ କାଟି କରି ବାନ୍‌ଜାକେ ଦେଲା । ବାନ୍‌ଜା ଆତ ଦାରିକରି ଦିଶାରି ପାକେ ଗଲାନି ବଲି ବାଟେ ବସି ଆତର ମାଉସ କାଇସାରି କରି ଆରସେ ବାଗ୍ ମାମାର ଲଗେ । ଆଇଲା ଉତାରେ ବାଗ ମାମା କାଇକାଜେ ଜର ଏଲାନି ବଲି ବାନ୍‌ଜାକେ ପାଚ୍‌ରଲା । ସେତେବେଲ କଲିଆ ନାଇଁ ମାମା ଦୁଇଟାଯାକ ଆତ୍ ନେଲେ ସେ ପୁନି ପାଞ୍ଜି ଦେକ୍‌ସି ଆରି ଅସ ପତର ଦେଲେ ତର୍ ଜର ଛାଡସି ପୁନି, ବଲି କଇଲା ବାନ୍‌ଜାର କାତା ଦାରି ଦୁଇଟା ଯାକ ଆତ କାଟି ଦେଇ ପାକାଇଲା । ଏନ୍‌ତା କରି କରି ଦୁଇଟା ଗଡ ମିଶା କଲିଆ କାଟି ଦାରିଗାଲା । ଆର ମନ୍‌କେ ମଜା କରି ଦୁଇ ଡିନ୍ ଆଟ୍ କରି କାଇଲା । ତାର ପଛେ ଆସିକରି ବାଗ୍ ମାମାକେ ମରତେ ମାରି ଦୁଇ ଡିନ୍ ମାସ୍ କରି ମାଉସ୍ କାଇ କରି କଲିଆ ଡେଗାଇସି ।

ମରକାତା ସରଲା ଫୁଲଗଛ୍ ମରଲା ।

# କାତାନି ରାମି ଚେଡୁଇ ଆରି କୁଲିଆ

ଗୋଟେକ୍ କଲିଆ ସବୁଦିନ କୁକୁଡ଼ା ଖାଇବାକେ ଗାଁଏ ଯାଇସି ପୁନି କଲିଆ ଯିବା ବାଟେ ଗୋଟେକ୍ ରାମି ଚେଡ଼ଇ ଗଚେ ଡିମ୍ ଦେଇ ଉପରେ ବସଲା ଆଚେ ପୁନି । କଲିଆ ଚେଡ଼ଇ ରଇଲା ଗଛ ତଳେ ଠିଆ ହୋଇ ଚେଡ଼ଇକେ ପାଚ୍‌ରସି ପୁନି ମୁହିଁ କେନ୍ତା କେନ୍ତା ଦିଶିଲ୍‌ନି ଚେଡ଼ଇ ବୋଲି ପାଚ୍‌ରସି ପୁନି ରାମି ଚେଡ଼ଇ କଲିଆକେ କଇସି ଝିକ୍ ମିକ୍ ପାରା ଦିସଲାସ୍‌ନି ଧାନପତର ବାବୁ ବୋଲି କଇସି ପୁନି । କଲିଆ ଆରି ଆଗ୍‌କେ ପଚକେ ଦେଖ୍‌ସି ପୁନି ଆରି ଗାଁଏ କୁକୁଡ଼ା ଘେରି ଆନ୍‌ସି ପୁନି ଚେଡ଼ଇ ରଇଲାବାଟେ ଯାଇସି ପୁନି । ସବୁଦିନ୍ ଏନ୍ତାରସେ କଲିଆ ରାମି ଚେଡ଼ଇକେ ପାଚ୍‌ରିସି ପୁନି । ରାମି ଚେଡ଼ଇ କଲିଆର କାତାକେ ଶୁନି କରି ବିର୍ ବିରା ଅଇଲା ପୁନି ଗୋଟେକ୍ ଦିନ୍ କଲିଆ ଆରି ରାମି ଚେଡ଼ଇକେ କେନ୍ତା କେନ୍ତା ଦିସିଲାନି ବୋଲି ପାଚ୍‌ରଲା ପୁନି ରାମି ଚେଡ଼ଇ କଲିଆକେ ରିସା ହେଇ କରି ଲାଗଲା ପୁନି । କାଲିଆ ମୁହା କଲିଆ ବିଲୁଆ ମୁହା କଲିଆ କୁକୁଡ଼ା ଚର କଲିଆ ଲାଗଲା କେନ୍ତା କେନ୍ତା ଦିସଲିନି ବୋଲି ପାଚାରଲାନି ବୋଲି ରାମି କଇଲା ପୁନି ।

ରାମି ଚେଡ଼ଇର କାତା ଶୁନି କରି କଲିଆ ଆଗ୍‌କେ ପଚ୍‌କେ ଦେଖି କରି କାଲଡ଼ିପ୍ ନଦେଖି ଡଗାଇ ଡଗାଇ ମରିଗାଲାପୁନି କତାନି ସାରଲାବେ ।

# କାତାନି ଦୁଇ ବାଇ ଆରି ବାଗ

ଗୋଟେକ୍ ଗାଁଏ ଦୁଇ ବାଇ ରଇଲଇ ପୁନି । ବଡ଼ ବାଇର ନାମ ମୁଗ୍ରୀ, ସାନ ବାଇର ନାମ କିସିନା ପୁନି । ଗୋଟେକ୍ ଦିନ ଦୁଇ ବାଇ ଗାଡ଼େ ମାଚ୍ କାକଡ଼ା ଧର୍‌ବା ଲାଗି ଗଲେ ପୁନି ମାଚ୍ କାକଡ଼ା ମନକେ ଧାରି ପାକାନ୍ ଉପରେ ସାଙ୍ଗାଇ ସାଙ୍ଗାଇ ପାଲିକେ ରଇଲାଇ ପୁନି । ପାକ୍‌ନା ଉପରେ ରଇଲା ମାଚ୍ କାକଡ଼ାମନ ବାଗ୍ କାଇ କାଇ ଯାଇତେ ରଇଲା ପୁନି, ଦୁଇ ବାଇ ପଚକେ ଲେଉଟି ଆମ୍ରିକାଦେଲାଇ ପାକାନ୍ ଉପରେ ରଇଲା ମାଚ କାକାଡ଼ାକେ ବେଟି ଗର୍‌କେ ଆଇବାକେ ବିଚ୍ରର କଲାଇ ପୁନି ହେଲେ ମାଚ୍ କାକାଡ଼ା କାଇଟା ନାହିଁ ମାଚ୍ କାକାଡ଼ାକେ କେ ନେଲା ଆମରପଚ୍ଚେ ତ କେଇ ନାହିଁ ମାଚ୍ କାକାଡ଼ାକେ କିଏ ନେଲାଇ ବୋଲି ଜାଗି ରଇଲାଇ ପୁନି ସବୁ ବାଟେ ଦେଖଲାଇ ପୁନି କାଇଟା ମିଶା ଦିଶଲାଇ ନାହିଁ । ଦୁଇ ବାଇ ମୁଗ୍ରୀ ଆରି କିସିନ୍ । ଗାଡ଼ ବାଲି ଲଗେ ବାଗ ମାମର ପାଦ ଚିହ୍ନ ଦେଖ୍‌ଲାଇ ପୁନି । ଦୁଇ ବାଇ ବାବଲଇ ବାଗ୍ ଆମର ମାଚ୍ କାକାଡ଼ାକେ ଖାଇ ଦେଇଆଚେ । ଦୁଇ ବାଇ ବାଗ ରଇଲା ପାରେ କେଟେଲାଇ ପୁନି ବାଗ ଶୋଇ ରଇଲା ପୁନି ବାଗକେ ଦେଖି ଦୁଇ ବାଇ ଘରେକେ ଲେଉଟି ଆଇଲାଇ ପୁନି । ତାର ଆର ଦିନ ଦୁଇ ବାଇ ପୁନି ବାଗ ମାମୁର ଗରକେ ଗଲାଇ ପୁନି, ସେତି ଭିତରେ ବାଘ ମାମୁ । ଖାଦି ଖଜବାକେ ଯାଇରଇଲା ପୁନି । ବାଘ ପିଲାମନକେ ଦୁଇ ଟଟ୍ରି ଲଗେ ସଲମ ଗଛର ଡ଼ରଲଗେ ବାନ୍ଧି ଦେଲାଇ ପୁନି । ବାଗ ମାମୁ ଆଇଲା ଭିତ୍‌ରେ ବାଗ୍‌ପିଲା ମନ ମରି ଗାଲାଇ ପୁନି । କଥାନି ସାର୍‌ଲା ବେ ।

# କାତାନି କଲିଆ ଆରି କୁମିର୍

ଗୋଟେକ୍ କଲିଆ ଗୋଟେକ୍ ଦିନ୍ ଗାଡ଼େ ପାଣି ଖାଇବାକେ ଗାଲା ପୁନି, ଗାଡ଼ ଭିତେରେ ଗୋଟେକ୍ କୁମିର ରଇଲା ପୁନି । କଲିଆ ପାନି ପିଇବାବେଲେ କୁମିର କଲିଆର ଗୋଡ଼କେ ଚୋଟ କରି ଧରିପାକାଇଲା ପୁନି । କଲିଆ କହିଲା ପୁନି, ଟିରେ କୁମିର କଲିଆର ଗୋଡ଼କେ ଛାଡ଼ି କରି ଜଡ଼ି ଗଛର ଚେର ଧାରି କରି କଲିଆର ଗୋଡ଼ ଧାର୍‌ଲି ଆଛି ବୋଲି ବାବଲାନି ପୁନି । ତାର ପଛେ କଲିଆର ଗୋଡ଼କେ ଛାଡ଼ି କରି ଜଡିଗଛର ଚେରକେ କୁମିର ଧାର୍‌ଲା ପୁନି । ତାର ପଛେ କଲିଆ ଧାଇଁକରି ଅଲସି କୋଟାର ପିଆଲ୍ ଗାଦାଇ ଶୋଇଲା ପୁନି । କଲିଆର ପାଚେ ପାଚେ କୁମିର ଆଲସି କୋଟାରର୍ ପିଆଲ୍ ଗାଦା ଲଗେ ଖେଟ୍‌ଲା ପୁନି । କଲିଆ ତାର ରଇବା ପାର୍ ଲଗେ ବରି ହେଲା ପୁନି । କୁମିର କଲିଆର ପାଚେ ପାଚେ ପାରେ ଭିତରେ ପୁରଲାପୁନି । କଲିଆ ପାର୍‌ଠାନୁ ବାରଇ କରି ଗାଁଉର ଲୋକ ମନ୍‌କେ କହିଲା ପୁନି । ପାର୍ ଭିତରେ କୁମିର ପୁରି ଆଛେ । ବେଗି ବେଗି ଆସା । କୁମିର ମାରବାସ

ବୋଲି ଝାଲିଆ କଇଲା ପୁନି । କଲିଆ ଆରି ଗାଁଅର ଲୋକମାନ୍ ଅଲସି ଫିଆଲ ମୁଗୁରୁ ଭରିଏଲା ଯାର୍ ଲଗେ ପୁରାଇ ଲାଇପୁନି । ତାର୍ ପଛେ ଜଇ ଲାଗାଇ ଦେଲାଇପୁନି । କୁମିର ପାର୍ ଲଗେ ମରିଗାଲା ପୁନି । ଗାଁଏ ଲୋକ ଆରି କଲିଆ କୁମିର ଚକ କାଟା କୁଟି କରି ଖାଇ ଦେଲାଏ ପୁଣି । କାତାନି ସାର୍‌ଲାବେ ।

# ମାଉଲି ମାର ପୂଜା

ଗୋଟେକ୍ ଗାଏଁ ଡକରା ଡକରି ରେଲାଏ । ତାକର ପିଲା ଟକି ନ ରେଲାଏ । ଡକରା ଡକରୀ ଘର ପଚବାଟର ବାଡେ, ଶାଗଡାଲ ଲାଗାଇ ରଇଲାଏ । ସିତିନ୍ ଯାଇଟା ବାହାରଲା ତାକେ ବିକି ପେଟ ପଷତେ ରଇଲାଏ । ପିଲାଟକି ନଏନାନେ ସେ ତାର ଭାଇର ପିଲା କେ ଘରେ ସଙ୍ଗାଇ ରେଲା ।

ଗଟେକ୍ ଦିନର କାତା ଡକରାକେ ଜର ହେଲା । ଡକରା ଡଙ୍ଗରେ ଯାଇ ଦାରୁ ନା ଆନି ପାରଲା । ସେ ତାର୍ ଭାଇର ପିଲାକେ ଡଙ୍ଗ୍‌ରେ ପାଟାଇଲା ଦାରୁ ଆନ୍‌ବା ପାଇଁ । ସେ ପିଲା ଦାରୁ ମାରୁ ମାରୁ ଟାଙ୍ଗିଆକେ ଗଡେ ମାରିଅଇଦେଲା । ଗଡେ ମାରି ଦେବାକେ ସିତିନୁ ବନି ବାହାରଲା । ବନି ନ ବନ୍ଦ ହେଲା । ସେ ତାର ବଡୁ କେ ଏକାତା କଇଲା । ଏକାତା ଶୁନି ଡକରା କଇଲା ଯା ତୁଇ ସେ ବନି କେ ମାଉଲି ମାର ପାକନା ଲଗେ ଥିପାଇ ଦେସା ପିଲା ସେନ୍‌ତି କର୍‌ଲା ଯାଇ ସେ ପାକନାଏ ଥିପାଇଲା । ଆରି ତାର୍ ବନି ବାହାରବାଟା ବନ୍ଧ ହେଲା ।

ସେଦିନ ରାତି ଡକରା କେ ସପନ ହେଲା ଯେ ମକେ ଆରି ଏଥର ନଡ଼ିଆ, କଦଲୀ, ଦେଲେ ନହେ ତାର ସଙ୍ଗେ ବନି ମିଶା ଦରକାର । ସେଦିନନୁ ମାଉଲି ମା କେ ଫୁଲ୍ ନଡିଆ ସଙ୍ଗେ ବଲି ମିଶା ଦେଲାଇନି ।

# କେ ହେଇସି ରାଜା

ବେଶୀ ଦିନ ତଲର କାତା । ଗୋଟେକ୍ ଦେଶେ ଗଟେକ୍ ରାଜା ରେଲା । ତାର ପଚେ କେ ରାଜା ହେଇସି ବଲି ରାଜା ସବୁବେଲେ ଚିନ୍ତା କରତେ ରଇଲା । ତାକେ ବେଟା ନାହିଁ ଗଟେକ୍ ଆକା ବେଟି । ରାଜକୁମାରୀ କେ ବିବା କରବା ପାଇଁ ରାଜା ଚିନ୍ତା କର୍‌ଲା ।

ରାଜକୁମାରୀର ବିବା ଚିନ୍ତାନ୍‌କର୍‌ବା ପାଇଁ ରାଜମାତା ରାଜା କେ କଇଲା । ସାରା ରାଇଜଆନେ ଡାକରା ଦେଲାମ କି, ଯେ ରାଜମାତାର ପରଶନର ଉତ୍ତର ଯେ ଦେଇଶି

ସେ ରାଜକୁମାରୀ କେ ବିବା ହେସି । ଏ କବର ଶୁନି ରାଇଜ ଯାକର ରାଜକୁମାର ଆଛି ପଣ୍ଡିତମନ ଆଇଲାଏ, ମାତର କେ ମିଶା ରାଜାମାତାର ପରଶନର ଉତ୍ତର ଦେଇ ନା ପାର୍‌ଲାଏ । ଏଟା ଦେକି ରାଜା ନିରାଶ ହେଲା ।

ଗଟେ୍‌କ୍ ଦିନର୍ କାତା । ରାଜା ରାଜଦରବାର୍‌ଥାନେ ବସିରେଲା । ସେତିକିବେଲେ ଦୂତ ଆସି କରି ଖବର ଦେଲା ଯେ ଗଟେକ୍ ଗରୀବ ପିଲା ରାଜାମାତାର ପରଶନର ଉତ୍ତର ଦେଶି । ଗଟେକ୍ ଗରୀବ ପିଲା ରାଜମାତାର୍ ପରଶନର ଉତ୍ତର ଦେଇ ରାଜକୁମାରୀକେ ବିବା ହେଇସି ବୋଲି ରାଜା ରିଶା ହେଲା । ଗରୀବ ପିଲା ରାଜ ଦରବାରେ ଆଇଲା । ସେ ଫାଟଲା ଲୁଗା ପିନ୍ଦିରେଲା । ଏ ଅବସ୍ଥା ଦେକି ରାଜା ବେଶୀ ରିଶା ହେଲା ।

ସେ ଗରୀବ ପିଲା ରାଜାକେ କ୍ଷମା ମାଗ୍‌ଲା ଆରି ସେ ରାଜାମାତାର ପରଶନର ଉତ୍ତର ଦେବାକେ ଆଇଲା ଆଚେ ରାଜକୁମାରୀ କେ ବିବା ହେବାକେ ନାଇ । ଏତକି ବେଲେ ରାଜମାତା ରାଜଦରବାରେ ଆସ୍‌ଲା । ପିଲା ରାଜମାତାକେ ଜୁଆର କଲା । ଲକର ଅବସ୍ଥା ଦେକି ତାକେ ଚିହ୍ନବାଟା ବୁଲ୍ ବଲି ରାଜମାତା କଇଲା । ରାଜମାତାକେ ୮୦ ବରଷ ହେଇରେଲା । ତାକେ ଗଟ୍‌କିମିଶା ଦାନ୍ତ ନ ରେଲା । ସେ ଯାଇଟା କଇତେ ରେଲା କେ ମିଶା ଶୁନି ନା ପାର୍‌ତେ ରଇଲାଏ । ସେ ଗରୀବ୍ ପିଲା ରାଜମାତାର୍ ଓଟିକେ ଦିଆନ୍ କରି ଦେକ୍‌ଲା ଆରି ମୁଇ ରାଜମାତାର ପରଶନ ବୁଜି କରି କଇଲା ଆରି ଏ ପରଶନର ଉତ୍ତର ଦେଶ୍‌କେ ରାଜିକେ ଆଚି ବଲି କଇଲା । ଏ କାତା ଶୁନି ସବୁଲକ୍ କାବା ହେଇ ଗାଲାଏ ।

ଛନେକ ପଚେ ସେ ଗରୀବ୍ ପିଲା ରାଜମାତାର ପର୍‌ଶନ କଇଲା ଯେ ଜନମ ହେଲା ଦିନନୁ ମୋକେ ଜିବ ଆଚେ । ଗଟେକ ବରଷ ଗାଲା ପଚେ ଦାତ୍ ବାହାରଲା । ଏବେ ମୋର୍ ସେ ଜିବ ଆଚେ ମାତର ଦାତ ନାଇ । ପଚେ ପଚେ ସେ ପିଲା ଉତ୍ତର ଦେବାକେ ଆରମ କଲା । କଇଲା ଜିବର ସଭାବ ମାଉସ ଆରି ନରମ୍ ମାତର୍ ଦାତର୍ ସଭାବ ଆଟୁଆ । ଯନ୍ ମନ୍‌କର ସଭାବ ଦାତ୍‌ପରା ଆଟୁଆ ସେମନ୍ ଅଲପ୍ ଦିନ୍ ଜିବାୟ । ସେନ୍‌ତି ଲକ୍‌କେ ଅଲଗା ଲକ୍ ବଲ୍ ନା ପାଅତ ମାତର ଜିବ ପରା ନରମ ସଭାବର ଲକକେ ସବୁଲକ ଭଲ୍ ପାଇବାୟ । ସେ ସବୁବେଲେ ଲକ୍‌ର ଉପକାର କରବାୟ କାକେ ଦୁକ ନ ଦିଅତ । ଆମକେ ଜିବ ପାରା ନରମ ହେଲେ ଭଲ୍ । ସେ ଗରୀବ୍ ପିଲାର ଉତ୍ତର ଶୁନି ରାଜା ରାଜମାତା ଶାରଦା ହେଲାଏ ଆରି ରାଜକୁମାରୀ କେ ତାର୍ ସଙ୍ଗେ ବିବା କରାଇ ଦେଲାଏ । ପଚେ ସେ ପିଲା ସେ ରାଇଜର୍ ରାଜା ହଇ ରଇଲା ।

# ଚତୁର କଲିଆ

କମନ ପାଲିକେ ଗଟେକ୍ ଗାଉଁ ରଏଲା । ସେ କମନେ କଲିଆ ମନ୍ ରୟତେରେଲାଏ । କଲିଆ ମନ୍ ଦିନ୍ ବେଲେ କମନ ବିତ୍‌ରେ ଲୁଚି ରଲତେରେଲାଏ ଆରି ସଞ୍ଜ୍ ହେଲେ ଗାଉଁ ବିତ୍‌ରେ ପୁରି କାର୍‌ଗର୍ କୁକୁଡା, କାରଗର ଛେଲି ଉଚାଏ ଆନି ଖାଏତେ ରଏଲାଏ । ରାତିଯାକ ଏନେତେନେ ବୁଲି ବୁଲି ରଇଲେ ମିଶା ସାକାଲ ପାଉ ପାଉ କମନ୍ ବିତ୍‌ରେ ଉଟି ଆଇତେ ରଏଲାଏ । ଗାଉଁର ଲକମନ ଏଟା ଦେକି ରିଶା ହଇ କଲିଆମନ୍‌କେ ମାରି ମରାଇବୁ ବଲି ବିଚ୍ଚର କରଲାଏ । ସେଟାପାଇଁ ସେମନ୍ ରାତି ଯାକ ଜାଗଲାଏ । ସବୁଦିନ୍ ପାରା କଲିଆ ମନ ଆଇଲାଏ । ଲକ୍‌ମନ୍ ଜାଗ୍‌ବାଟା ଦେକି ସବୁ କଲିଆ ଉଟି ଗାଲାଏ । ମାତର୍ ଗଟେକ୍ କଲିଆ ଜାଇ ନା ପାରଲା । ସେ ମନେ ମନେ ବିଚ୍ଚର କର୍‌ଲା ଆଜି ଏ ଲକ୍ ମନ୍ ମକେ ମାରି ମରାଇବାଏ । ସେ ଗଟେକ୍ ଉପାୟ କଲା ଆରି ଲକ୍‌ମନ ଆଇବାଟା ଦେକି ମର୍‌ଲା ପାରା ହଇ ଡୁଲିଦେଲା । ଲକ୍‌ମନ୍ ଆସି ଦେକ୍‌ଲାଏ ଯେ କଲିଆ ମର୍‌ଲା ଆଚେ ବଲି ତାକେ ଆରି କେ ନ ଲାଗ୍‌ଲାଏ । ତାର୍ ପଚେ ଲକ୍‌ମନ୍ ଉଟିଗାଲାଏ । ଲକ୍‌ମନ୍ ଉଟିଯିବାଟା ଦେକି ଚତୁର୍ କଲିଆ ଉଟିକରି କମନ୍ ବିତ୍‌ରେ ଗଦବଦି ଦେଲା ।

# ବେଲ ଆରିଜନ

ସରଗ୍ ରାଇଜେ ଗଟେକ୍ ବେଲ ଆରି ଗଟେକ୍ ଜନ୍ ରଇଲାଏ ପୁନି । ଜନ୍‌ର କୁଡ଼େକ ପିଲା ଆରି ବେଲକେ ଜଡ଼େକ ପିଲା ରଇଲାଏ । ଗୋଟେକ୍ ବରଷ୍ ସରଗ ରାଇଜେ ଯିବାକେ ନ ମଲିଲାଏ ସବୁଲକ ବଡେହିନସ୍ତା ହେଲେପୁନି । ଗଟେକ୍ ଦିନ୍ ଜନ୍ ବେଲକେ କଇଲା ମୁଇଁ ମର୍ ପିଲା ମାନ୍‌କେ ଖାଇବାକେ ନ ଦେଇ ପାରି ତାକେ ମନ୍ ମାରି ଖାଇଲି ଆଛି । ଇଟା କଇକରି ପୋଇତାଲ୍ ର ମଞ୍ଜି ଖାଇ କରି ତଣ୍ଡକେ ରଙ୍ଗ କରି ଦେଖାଇଲା । ବେଲ୍ କାଇ ସତ୍‌କାଥା ପରା ବୋଲି ଭାବ୍‌ଲା । ଆରି ତାର ଜତେକ ପିଲାକେ ମାରିଦେଲା । କାଇଦିନ ପରେ ଜନ୍ ଗଟେକ୍ ପେଡ଼ି ଲାଗେ ତା'ର ପିଲା ମନ୍‌କେ ବେଟତେ ରଇଲାଏ । ଇଟା ଦେଖିକରି ବେଲ୍ ରିଶାହେଲା ଆରି ଜନ୍ ଆରି ତା'ର ପିଲା ମନ୍‌କେ ମାରି ଖାଇବାକେ ଖେଦାଇଲା ।

ହାଇଦିନ ଟାସି ଜନ୍ ଆରି ତା'ର ପିଲାମନ୍ ବେଲ୍ ନ ଭାରିଲା ବେଲେ ଭାରି ଆଇବାର । ଆରି ବେଲ୍ ଜନ୍‌କେ ଦେଖିଲେ ଆଜିମିଶା ତାକେ ଖେଦାଇ ଖେଦାଇ ଖାଇବାକେ ଖୋଜି ବୁଲ୍‌ଲାନି ।

# ଭୁଁଜିଆ ଜାତିର ଜନମ୍ କଥା

ଧରନୀ ପାନିଲକେ ପୁରତିକରିରେଲା । ପୃଥ୍ୱୀ ଥାନେ ସେତିକି ବେଲେ ଡକରା ଡକରୀ ବୋଲି ଦୁଇଟା ଅଣ୍ଡରା ଆରି ମାଇଜୀ ରେଲାଏ । ସେମନର୍ ଗଟେକ୍ ପିଲା ଆରି ଟକି ରେଲାଏ । ଗଟେକ ଦିନେ ଭଗବାନ କହିଲାଏ ଆକି କେତେ ବର୍ଷା ହେଇସି । ଆରି ପାନି ଥାନେ ଧରନୀ ମା ବୁଡ଼ି ଜାଇସି । ତୁଇ ତର ପିଲା ଟକିକେ ଝାପି ଆନେଇ କରି ବାର ବରଷ କାଦି ଆନି ରଖି କରି ସିଟାନେ ଭର୍ତ୍ତି କର ଆରି ଭସେଇ ଦେ ।

ସିଟା ସୁନିକରି ବୁଡା ପିଲାଟକି କେ ଝାପିଲଗେ ଭର୍ତ୍ତିକଲା ଆରି ଭସେଇଁ ଦେଲା । ଆର ପରଦିନ ଟାନୁ ବରଷା ଆଇଲା । ତାର ପଚେ ଭଗବାନ କିଏ ବଞ୍ଚିଲାଏ କି ନାଇଁ ଜାନିବା କାଜେ ଗଟେକ କାଉ ତିଆର କରି କର ପାଠାଇଲାଏ । ସିକାଉ ଭାଇଭଇନୀ କାଥା ଆସିକରି ମାପୃକେ କଇଲା ତାକର ମନ୍‌କର ପାଇ ଭଗବାନ୍ ଗୋଟେକ ମାଟି କାଟ ତିଆରି କର୍‌ଲାଏ । ଆରି ଭାଇଭଇନୀକେ ସିଟାନେ ରଖଲାଏ । ବୁଡେକ ଦିନ୍‌କେ ସେମନ୍ ଭେଣ୍ଡିଆ ହେଲାଏ । ଆରି ନିବେ ନିଜକେ ଜାନି ନାଇ ପାରିଲାଏ । ତା'ର୍ ପଛେ ତସି ଦୁଇଜନଙ୍କର ମିଳନ୍ ହେଲା ସେମାନଙ୍କର ପଥମ ପୁଅ ଗଁଡ ଦ୍ୱିତିୟାପୁଅ ଭୁଞ୍ଜିଆ ଆଉ ତୃତୀୟ ପୁଅ ଆଦିବାସୀ ହେଲାଏ ।

# ଗଦବା କାହାଣୀ

ଆମର କୋରାପୁଟର୍ ଆମର୍ ଗାଦ୍‌ବା ଜାତି ଲୋକମନ୍ ବରଷା ଉପରେ ଗୋଟେକ୍ କାତାନି କଇବାଇ ସୁନା । ଗୋଟେ ମାଡ଼ ପାନି ଦେବ୍‌ତା ଇନ୍ଦର୍ ରାଜା । ତାର୍ ଲାଗେ ଥିବା କୁଣ୍ଡକେ ଡ଼ାପି ଦେ ଲାଇ । ଲକ ମନେ ପିଇବା କାବେ କେ ମିଶା ପାନିଗୁଡ଼ିକ ନ ପାଇଲାଇ । ମା ପୃ ଲାଗେ ଜୁଆର କଲାଇ ଈଶ୍ୱର ମାପୁରୁ ଇନ୍ଦର ଦେବତାକେ ପାନି ଛାଡବାକେ ବାଡ଼ି ମାଲି ହୋଇ ଗାଲା ମାତର ଇନ୍ଦର ଦେବତା ନା ଶୁନିଲା । ଇନ୍ଦର୍ ଆରି ଦୁସ୍‌ରା ମାପୁରୁ ମନେ ଇଟା କାଜେ ଯୁଦ୍ଧ ଲାଗଲାଇ । ଯୁଦ୍ଧ ଟାନେ ଇନ୍ଦର୍ ଦେବ୍‌ତା ହାରିଗାଲା । ତାକେ ଦୁସ୍‌ରା ମାପୁରୁ ମନେ ବନ୍ଦି କରି ରଖ୍‌ଲାଏ । ମାତର୍ କିଏ ମିଶା ଇନ୍ଦର୍ ଦେବ୍‌ତା ପାନିକୁଣ୍ଡକେନା ବାଙ୍ଗି ପାର୍‌ଲାଇ । ଶେଷ୍‌କେ ଭୀମ୍ ପାନିକୁଣ୍ଡକେ ବାଙ୍ଗି ଦେବାକେ ପାନି ବରଷିଲା । ଇନ୍ଦର ଦେବ୍‌ତାର୍ ଜନସବୁ ମାପୁରୁକେ ବାଡି ମାଲି ହେବୋକେ ତାକେ ଛାଡି ଦେଲାଏ । ଇନ୍ଦର ଦେବତା କଇଲାଇ ତାର ଲାଗେ ରେଇବା ଗୋଟେକ୍ ବନ୍ ମଇଁଷି ନେଇ କରି ଯିଏ ରକ୍ଷ କରି ପାରସି । ତାର୍ ହାତେ ସେ ତା'ର ଆପନାର ଜି' କେ ବିଭା କରି ଦେଇସି । ଇକାମରେ ଆବ୍‌କା ଭୀମ୍ ଏକା କର୍‌ବାକେ ପାର୍‌ଲା ଆର୍ ପାଚେ ଇନ୍ଦର୍ ଦେବ୍‌ତା ଟକିକେ ବିଭା ହେଲା ।

# ଆଦିବାସୀ ଗୀତ

ଆମ ଦଲାଇପୁଟେ ହଃ ସଦର୍
ଉଦି ଆନ ଦିଗେ ହୁଣ୍ଡି ଆମର
ଜୟଜୟ ଗଣପତି
ତମର ନାମ ଧରି ଗାଇବି ଗୀତ ସହାକାର ସରସ୍ୱତୀ ॥୧॥
ଗିରି ପରବତେ ମାରିଲି ମାଲା
ହାତରେ ଲାଗିଲା କଲା
ହାତରେ କଲାକେ ଦଇବ ଦେଲା
ଫୁଲ କସା ମାୟାକଲା............ ॥ ୨॥
ଉଚ ବାରିପଟା କମଲା ତୋଟା
ଖୁଦି ଆମଗଛ ଦେକି
ପନତ ପକାଇ ମାନ ମାଗୁଛି
ଜୁବା ବୟସ ଦେକି ..............॥ ୩ ॥

# ଗପ ନିତି ମଲ୍ଲୀ

ଗୋଟେକ୍ ଦେଶେ ସାଧବ ଘର୍ ରହିଲାଇ । ତାଙ୍କର ୭ଟା ବୁଆରି ଆରି ଗୋଟେକ ଝି ରଇଲା । ଝି ର୍ନାଏ ନିତି ମଲ୍ଲୀ । ସେ ଦେଶେ ଫୁଲ୍ ନା ରଇଲା । ସେ ଟୋକିର ବଉ ମନେ ଦିନେକ୍ ଫୁଲ୍ ଆନ୍ ବୋଲି କଇଲାଇ । ଫୁଲ୍ ତ ମିଲେନାଇ ମୋକେ ମାରି ମୁକା ମୁକା କରି ରୋପି ଦିଆସ୍ ଯେ ଫୁଲ ଫୁଟ୍‌ସି ବୋଲି ସେ ଟକି କଇଲା । ତାର ବୌଉ ମନେ ସେନ୍ତିଃ କଲାଇ । ଗୋଟେକ ଦିନେ ଡ଼କାରର ବୁଆରି ମନ୍ ଫୁଲ୍ ପିନ୍ଦି ବୁଲବାକେ ଗାଲାଇ । ହେଲେ ସେ ଦେଶର ରାଜାର୍ ମନ୍ତ୍ରୀମନ୍ ଓ ଲୋକ୍‌କେ ଦେଖି ଆମର୍ ଦେଶେ ତ ଫୁଲ୍ ନାହିଁ ଏ ମାଇଜି ଲୋକ୍ ମନ୍ କୁନ୍ତିରଟା ଆନ୍ ଲାଇ ବୋଲି ରାଜାକେ କଇଲାଇ । ରାଜା ସଂଗେ ସଂଗେ ସେ ମାଇଜି ମନ୍‌କେ ଡ଼ାକ୍‌ଲା ଆରି ପାଚ୍ଚରଲା ଫୁଲ୍ କୁନ୍ତି ହେନି ଆନ୍ ଲାସ୍ । ସେ ମାଇଜି ମନ୍ କଇଲାଇ ଆମର୍ ସାତ୍ ରାକେ ପଚ୍ଚରଲେ କଇସି । ରାଜା ସଂଗେ ସଂଗେ ସେ ସାଧବଡ଼କରାକେ ଡ଼ାକଲା ଆରି ପାଚ୍ଚରଲା ଓ ଫୁଲ କୁନ୍ତିର୍‌ଟା ଆନ୍‌ଲୁସୁ । ସାଧବ ଡ଼କରୋ କଇଲା ମୋର ସାନ୍ ଟକି ଫୁଲ୍ ହଇସି ଆରି ଲକ୍ ମିଶା ହଇସି । ରାଜା

ତାର ଟକିକେ ବିବା ହେବାକେ ମନ କଲା ଆରି ସାଧବ ଡ଼କରା ମିଶା ସାନ୍ ରଇଲାଇ । ଏ ଟକିକେ ଦେଖି ସେ ମନ ରିସା ହଇଲାଇ ଆରି ମାରି ଦେବାକେ ଉପାୟ ପାଅ୍ଲାଇ । ତାର୍ ପଛେ ରାଜା ଜାନିଦେଲା । ରାଜା ତାର୍ ପରଦିନ ଗୋଟେକ୍ ବଡ଼େ ଟା କଇଁ ଖାଇ ମାରି ଏ ତିନ୍‌ଟା ରାନିକେ ତୋପି ତୋପି ଦେଲା । ରାଜା ଆରି ଟକି ନିମାନ୍ ସଂଗେ ବଞ୍ଚିଲାଇ ।

# କାମାର ପିଲା

କଲିଆମୁଣ୍ଡା ବଲି ଗଟେ ଗାଁ ରେଲା । ହାଇ ଗାଁଏ ଆବ୍‌କା କାମାର ଲକ୍ ରେଲାଏ । ଟାଙ୍ଗିଆ, କଡକି, ବିନ୍ଦନା, ବାର୍‌ସି ତିଆରି କରି ଗାଁ ଗାଁ ନେଇ ବିକିସି ତା'ର ଗଟେକ୍ ପିଲା ରେଲା । ତା'ର ପିଲା ସରତେ କାମଦାମ୍ କର୍‌ତେ ରେଲା । ତା'ର ପିଲା ସରତେ କାମଧାନ୍ଦା କରତେ ରେଲା । ଗଟେକ୍ ଦିନ ରଜାଘର୍ ଶଗଡ଼ ତିଆର୍ କରବା କାଜେ ତାକେ ରଜା ଡାକ୍‌ଲାଇ । ହାଇ ପିଲା ଆରି କାମାର୍ ଡକ୍‌ରା ଦୁଇ ଲକ୍ ମିଶି ରାଜା ଘରେ ଗଲାଏ । ଶଗଡ଼ କାମ୍ କରୁ କରୁ ହାଇ ପିଲାର କାମ୍ ରଜାର୍ ମନ୍‌କେ ଗଲା । ରଜା ହାଇ ପିଲାକେ କଏଲା ତୁଇ ଆଜି ଥାନୁ ମର ଘରେ ର ବଲି । ଏନ୍ତା ରହୁ ରହୁ କେତେକ୍ ଦିନ୍ ଗାଲା ପଛେ ରଜାର୍ ଟକି ହାଇ ପିଲାକେ ମନ୍ କଲା । ହାଇ ଟକି ରଜାକେ କଏଲାକି, "ମୁଇଁ ତାକେ ମନ୍ କଲିନି" । ରଜା ହାଇ ପିଲାକେ ତା'ର ଟକିର ସାଙ୍ଗେ ବିଭା ପୁଆନି କରିଦେଲା । କାମାରପିଲା ସୁଖ୍ ସଂସାର କରି ତା'ର ଦିନ କାଟଲାଏ ।

"ମର କତା ସର୍ଲା,
ବାଡ଼ିବାଟର କର୍ଲା ।"

# କାତାନି - ୧

ଆରି ଶୁକ୍ରୁ ବସି ରେଲାବେ, କାଫି ଦୁକାନ୍‌ଥାନେ । ହାଇ ଗାଁର ମାଷ୍ଟର ବାବୁ ଆଇଲା ପୁନି ଆରି ମଦନ, ଶୁକ୍ର କେ ପାଚାରାଲା, ତମର୍ ପିଲା ଟୋକି ମନ କାଇକାଜେ ଇସକୁଲେ ନା ଆଇଲାଇନି ? ସବୁଦିନେ କେତେକ୍ ଏନ୍ତି ଆସି ଡାକ୍‌ତେ ରେବି ହ, ତମେ ମାଁ ବାପା ପିଲାମନ୍‌କେ ପଠାଇଲେ ସିନା ହେଇସି ।

ହାଇଟା ଶୁନି ଶୁକ୍ରୁ ସତ୍‌କଥା କଇଲା, ଆମର ପିଲାଟୋକି ଆରି ଇସ୍‌କୁଲେ ନା ପଢ୍‌ତ୍‌ନି, କାଇକାଜେ ବଲେ, ଆମେ କୁଲିଭୁତି କରି ଜୀଇଁବା ଲୋକ୍ । କାଠ୍ କାଉଡ଼ି ଗୋଟେ ବିକୁଲୁ ବଲେ ମୋର୍ ବେଟା ଅଲିକେ କୋତେ ଟାଙ୍କା ଆନ୍‌ସି ଗତି କବାଡ଼ି ରେଲେ ଯେ, ଆମକେ ପସ୍‌ସି । ପାଠ୍ ପଢ୍‌ଲେ ଆମ୍‌କେ କାଇଟା ମିଲ୍‌ସି ।

ମଦନ ମିଶା ଶୁକ୍ରୁ ଦାଦା ସାଙ୍ଗେ ମିଶି ମାଷ୍ଟରର କେ ହେନ୍ତି କଇଲ । ଆମର ଆଦିବାସୀ (ଦେଶୀଆ) ଲୋକ୍‌କେ ତ ଚାକିରି ବାକ୍‌ରୀ ନାଇନି । ଆରି କାଇକାଜେ ପାଠ୍ ପଢ଼ବୁ ।

ମାଷ୍ଟର କହିଲା ତମେ ପାଠ ନାଇପଢ଼ବାରକାଜେ ଏମ୍‌ତି କାଥା କଇଲାସ୍‌ନି ହ । ସିଟାର୍ କାଜେ ତ ତମ୍‌କେ ଦେଶୀଆ ଉଲୁ ପାଦାଏ ଢଲୁ କଇଲାଇନି ଏବେ ସରକାର୍ ତମର୍ ଆଦିବାସୀ ହରିଜନ୍ ମନ୍‌କେ ଭଲକାଜେ ପାଠ୍‌ପଢ଼ବା ଚାକିରୀ କରବା ପାଇଁ ସବୁ ସୁବିଧା କରଲାନି । ତମର ପିଲାମନେ ଆଶ୍ରମ ଇସ୍କୁଲ୍ ଥାନେ ପଢ଼ଲେ ତାକର୍ କାଜେ ରେବାକେ ଘର୍, ଖାଦିଫିଦି, ଅଡବାକେ ଖଦିପଟା ସାବୁନ୍, ଚିକନ୍ ସର୍ତେ ସରକାର ତିନିବିଲି ଦେବାଏ । ଗୋଡିଆକେ ମାତ୍‌ର ଇ ସୁବିଧା ନାଇନି ବୁଝୁଲାସ୍ । ତମେ ଖଣ୍ଡେ ପାଠ୍‌ଶାଟ୍ ନ ପଢ଼ି ଶିକ୍ଷିତ ନା ହେଲେ ହିସାବ କିତାବ୍ ନା ଜାନ୍‌ଲେ ଯେ, ତମ୍‌କେ ସାହୁକାର କଣ୍ଟରାକ୍ଟର ମନେ ଠକି ଖାଇବାଏ । ସେତିକି ବେଲେ ଶୁକ୍ରୁର ବେଟା ଲଇଖନ୍ ଡଙ୍ଗ୍‌ରେ ଯିବାକାଜେ ବାରାତେରେଲା, ସେଢ଼େବଲ୍ ଶୁକ୍ରୁ ଲଇଖନ୍‌କେ ଇସ୍କୁଲ ଯା ତୁଇ, ପାଠ୍ ପଢ଼କରି ଚାକିରୀ କରୁବୁସ ମୁଇଁ ଡଙ୍ଗରେ ଯିବି ବୋଲି କଇଲା ।

ଗୋଟେକ୍‌ଦିନ୍ ମଦନନିକେ ବାତିବନ୍ଦାଡ ଜବର୍ କରି ହେଲାବେ, ସେତେବେଲକେ ମଦନ ତ ଘରେ ନାଇ, ତାର ସତ୍‌ରା ଘରେ ଗଲାଚେ । ଗଇବାରି ଲଇଖନ୍‌ର ବୁଆକେ ଡାକ୍‌ଲା ହାଇ ଧନ ଦିସାରିକେ ଛନେକ୍ ଡାକି ଆନ୍‌ଲେ ନ ହେତା କି ବଲ୍‌ଲା । ହେତ୍ କି ବେଲେ ମାଷ୍ଟରବାବୁ ଆଇଲା କାଇକାଜେ ବାଲିଘର ପରା ଲୋକ୍ ଜମ୍‌ଲାଇ ଅଛତ୍ ବୋଲି କିନା । ମଦନ ଆଇଲା ଅହ ରହ ବାନ୍ତି ବନ୍ଦାଡ କେବେ ଥାନୁ ଗଇବାରି ଇଟା ହାଇ ସରମଙ୍ଗଲା, ବଡ ଦେବ୍‌ତା ଆକା କାଇକାଜେ ବଲେ କଲା ଛେଲି ଦେବି ବୋଲି ମନାସିରେଲିତା ଏବେ ଦେଲାର୍ ନାଇଁ ତା ଦେଲେ ଛାଡସି ? ସିଟାର ପାଇଁ ତ ସତ୍‌ରା ଘରେ ଯାଇରେଲି ବେଗେ ଦିଆରିକେ ଡାକିଆନା ବାକେ ।

ମାଷ୍ଟର୍ ଆଲେ ତମେ ଛନେ ଉଟା ତ ଦେଖୁ । ଏଦେ ଶୁକ୍ରୁ ଇଟା ଦେବ୍‌ତା କି ଠାକ୍‌ରାନି ନାଇ, ହାତ୍‌ଗଡ଼ କାକର୍ ଚାପ୍‌ଲାନି ବେଗି ଡାକ୍ତର ଘରେ ନିଆ, ହାଇତି ସାଲାଇନ୍ ଚଗାଇବାଇ ଆରି ଅସପତର୍ ଦେବାଇ ନଇଲେ ବଡେ ପର୍‌ମାଦ୍ । ମୋର କାଥା ଧର୍ ବେଗି ନିଆଁ ।

ମଦନ କଇଲା ନାଇ ମାଷ୍ଟର୍‌ବାବୁ । ତମେ ଆମ୍‌କେ ଆରି ପାଠ୍ ନା ଶିଖାନି ଦେବ୍‌ତାକେ ରଜତ୍ ନା ଦେଲେ ସେ ନା ଛାଡେ, ମାଷ୍ଟର୍ ବାବୁ । ଇଟା ଆମର୍ ଆଦିବାସୀ କୁଲର୍ ଅଜାବୁଆ କାଲ୍‌ଟାନୁ ଚଲି ଆଇଲାନି ଶୁକ୍ରୁ ତୁଇ ବେଗି ଯା ତ ଝଟ୍ କରି ଦିସାରିକେ ଡାକିଆନ୍ ।

ମାଷ୍ଟର୍ ବୁଝାଇଲା ଆରି ଇସ୍କୁଲ ବେଲ ହେଲାବେ ବୋଲି ଉଠିଗାଲା । ଏନ୍. ଏମ୍. ଦିଦି ମିଶା ମଦନନିକେ ବାତି ବନ୍ଦାତ୍ ବୋଲି ଶୁନି ଦବ୍ଡି ଆଇଲା ଆରି ପେକେଟ୍ ଗୁଣ୍ଡ ଦେଲା ମଦନକେ ଆରି କଇଲା ଇଟା ଏଦେ ଇ ଗିଲାସ୍ ଥାନେ ଚାରଗିଲାସ୍ ପରା ପାନି ଉକ୍ଲାଇ କରି କାକର୍ କର୍ବାସ୍ ତାର୍ ପଛେ ଗୁଣ୍ଡେକେ ସର୍ତେ ହାଇଥାନେ ପକାଇକରି ଗୁଲାଇ ଦେବାସ୍ । ଇଟା ଚବିସ୍ ଘଣ୍ଟା ଭିତ୍ରେ ସେ ଯେତିକି ଥର୍ ପାନି ଖାଇବି ବଲ୍ସି ଇ ପାନି ଆକା ଦେତେରବାସ୍ ଆରି ଇ ମାତ୍ରା ଦେବୁସ୍ । ବାତି ବନ୍ଦାତ ଧାପେ ଧାପେ ଛାଡ଼ିଯାଇସି ।

ମଦନ ନା ମାନ୍ଲା ଆଉରି ତା'ର ମାଇଜି ଆରି ନାଇନି ମରିଗାଲା । ଗୋଟେକ୍ ଗାଁରେ ବର୍ଷା ନା ହେଲାନି ସି ଗାଁର ପୂଜାରୀ ଗାଁ ଲୋକ୍କେ କଇଲା ଜବ୍ର୍ ଦିନ୍ ହେଲା । ଇନ୍ଦର୍ ମପ୍ରୁକେ ପୂଜା ବିଦି ନା କଲୁନି କି ବଁଲାନି ମିଶା ନା କଲୁନି । ସିଟାର୍ କାଜେ ତ ମାପ୍ରୁ ରିଷା ହେଇ ପାନି ଥେବାଇ ଦେଲାଆଛେ ।

ହେଲେ କେନ୍ତା କରୁ କାଲିକେ ଗୁଡିଘରେ ବେରନ୍ ବସି ଛେଲି ମେଣ୍ଢା କାଜେ ଚାନ୍ଦା ପାନ୍ଦା କରୁ ତେବେ ବୋଲି ଗାଁ ଲୋକ୍ କଇଲାନି । ତାର୍ ଉତାରୁ ଦଣ୍ଡାସି ଗାଁ ଟମ୍ଟମା ଦେଲା ।

ସୁନା ହ ସୁନା ଗାଁର ସର୍ତେ ଦାଦା ବହୁ, ପିଲାଟକି, ଡକରାଡକରି ଧାଙ୍ଗଡ଼ା ଧାଙ୍ଗଡ଼ି ସବୁ ସୁନା । କାଲିକେ ସକାଲ୍ ୭ଘଣ୍ଟ ବେଲେ୍ ଗୁଡିଘରେ ବେରନ୍ ହେସି ।

ହି ଥାନେ ମାଷ୍ଟର୍ ବାବୁ ଆସିରେଲାଇ, ତାକୁ ଗାଁର୍ ଗୋଟେକ୍ ମାନେଇ କଇଲାଇ ତମେ ତ ଦେଖାଲସ୍ନି ଲାଣ୍ଡିଜ ଯାଇ ଦଶରା ଢ଼ଲ ବାଜ୍ସିବେ, ପାନି ଟପେକ୍ ନାଇ, ବେଙ୍ଗ୍ଟି ନାଟ୍ ହେଲେ କରୁବଲି ଚାନ୍ଦାପାନ୍ଦା କଲୁନି ।

ମାଷ୍ଟର୍ ବାବୁ କଇଲା ତମେ ବେଙ୍ଗଟି ନାଟ କି, ଇନ୍ଦରନାଟ କଲେ ମିଶା ଆଗତୁର୍ ପରା ପାନି ନା ମାରେନି ହୋ ଖମନ୍ ପର୍ବତ୍ : ଗଛକୁଟ ତ ଟାଙ୍ଗ୍ରା କରି ମାରି ଦେଲୁନି, ଆରି ପାନି କେନ୍ତା ମାର୍ସି ହେଁ । ଖମନ୍ ଆମର୍ ଉପକାର୍ କଲାସ ନି ବୋଲି କଇଲାନି ।

ତାର୍ ପଚେ କେତେକ୍ ଛେଲି ମେଣ୍ଢା ଦେଇ ପୂଜା କଲାସ୍, ତାର୍ ଉତାରେ ଇନ୍ଦର୍ ଆଇଲା ଆରି କଇଲା ନ କଲେ, ଆସି କେ କରବାଏ ହୋ ଗଛ୍କୁଟ ଡଙ୍ଗ୍ର ପରବତ୍ ଚୁର୍ଚୁରା କାଟି ଲାଣ୍ଡିକରି, ଦେଲାସ୍ନି, ପାନି ଆରି କେନ୍ତା ମାର୍ସି ସବୁ ତମର୍ ହାତର୍ କାଥା ବୁଝାଇଲାନି ତାର୍ କାଥା ଖଣ୍ଡେକ ଶୁନା ।

ତାର ଉତାରୁ ମାଷ୍ଟ୍ର ଆଉରି ବୁଝାଇଲାବୋ ସବୁ ମୁରୁଖି ଲୋକମାନେ ବୁଝ୍ଲାଇ ଆରି ଗଛ ପତରକେ ଯତନ୍ କରି ଲଗାଇଲାନି । ଗୋଟେକ୍ ହାର ଯମ୍ ଆରି ଦୂତ ମରତ୍ପୁର ବୁଲବାକେ ଆଇଲାଇ । ଯମ୍ ସୁନ୍ଲାନି ଇ ମରତ୍ପୁରେ ଯବର ଅନ୍ୟାୟ, ଅତ୍ୟାଚର, କଲା

ଚଜାରୀ, ଦାଦାଗିରି, ଟାଉଟରି କାମ ହେଲାନି, ଇଟା ଆମେ ବେଶି ଇନ୍‌କାରି କରବାର୍ ଆଚେ ଯୁ ତେବେ ବୋଲି ଗୋଟେକ୍ ଦୁକାନ୍ ଥାନେ ଅପ୍ରାବଲ ଭିଡ ଦେଖି ଥେବାଇଲାଇ ଆରି ଭିଡ ଦେଖୁ ଛନ୍‌କେ କାଇଟା କଲାଇନି ହେଲେ ବୋଇଲା ।

ରେ ଦୂତ ଛଟାମେଟା ଏନେ ଆଶା ଇଥାନେ ଲୁଚି କରି ଦେଖୁ । ଦେଖରେ ଛଟାମେଟା ଇଟା କାଇଟା କଲାନି ମସ୍‌ଲା ଥାନେ ପାଲିସ୍ କୁଣ୍ଡା ମିଶାଇ ଦେଲାନି । କେଜି ଲିଟର୍ ମାପ୍‌ବା ଥାନେ ଠକି ଦେଲାନି କାଇକାଜେ ଦେଶୀଆ ଭକୁଆ । ଉଟି ଗାଲାନି ଚାଉଲଥାନେ ସପୁର୍ ଗୋଡି ମିଶାଇ ଦେଲାନି ଦୁଃଖି ରକିର କାଥା ଏତ ନାଇ ବୁଝଲାନି । ଦେଖ୍‌ଲୁସ୍ ତାଆର୍ କାର୍‌ବାର୍ ଏମିତି କେତେ ଲୋକ୍‌କେ ଠକି ଇଟିନି । ତାଲା ବିଲଡିଂ, ଗାଡ଼ିମଟର୍, କଲାଚେ ଆକେ ହେଲାପରା ଦଣ୍ଡ ନା ଦେଲେ ଯେ, ଲୋକ୍ ବଡ ହିନସ୍ତା ହେଇ ଯିବାଇ ।

ଦୂତ କେ କଇଲାନି ଯମ୍ ଝଟ୍‌କରି ଆର୍ ଦୁଇହାତକେ କାଟି କରି ଘରେ ଚରପୁରାଇ ଦିଆସ୍ । ଆରି ଇ ଗୁଦାମ୍‌ଘରର୍ ସବୁ ସାମାନପତର୍ ଇ ଦୁଃଖରଖି ମନ୍‌କେ ବାଣ୍ଟିଦିଆମ୍ । ଦୂତ ମନ୍ ଗାଲାନି । ଧାପେ ଧାପେ ହାଇକାମ କରବୁ ମାପୃ ।

ଦୋକାନି କଇଲା ହେ ପ୍ରଭୁ । ଇଟା ମୋକେ କାଇ ଦଣ୍ଡ ଦେଲାସ୍ । ମୋର ଦୁଇହାତକେ କାଟି ଦେଇ ଘରର ସବୁ ସୁନାବାନ୍ୟା ସାମାନ୍ ନେଇ ଗାଲାସ୍, ମୋକେ ଏବେ ବୁଦ୍ଧି ପୁର୍‌ଲା ମାପୃ । ଆରି କେବେ ଏମ୍‌ତି ଅନ୍ୟାୟ ନ କରିନି । ମୋକେ ରକ୍ଷାକର ପ୍ରଭୁ ରକ୍ଷା କର ।

# ଚ଼ଇତ ପରବ

ଚଇତ ପରବ ଆଦିବାସୀ, ପରଜା, ବଣ୍ଡା, ଗାଦବା, କୋନ୍ଧ ଆରି ଝଡ଼ିଆ ମନର ବଡ଼ପରବ । ସବୁ ପରବ ଲଗେ ହୁନି ଏପରବ୍ ଆମର୍ ଲୋକ୍ ବଡ଼େ ସାରଦା ସାଙ୍ଗେ, ଉପାସରର କଇବାୟ । ଏପରବ୍ ପନ୍ଦର୍ ଦିନ୍ ଧରି ହୋଇସି । ଶିଗେ, ଚଇତ୍, ଜାତ୍‌ରା, ତାରପଚ଼େ ନିଇତା ପରବ୍, ତାରପଚ଼େ ପରବ, ତାରପଚ଼େ ଟିଙ୍ଗ୍‌ରି ବେଟ୍, ତାରପଚ଼େ ବଡ଼୍ ବେଟ୍, ତାର୍ ପଚ଼େ ଡଙ୍ଗ୍‌ର ମାଣ୍ଡାନି । ଶାରାଶାରୀ ବାଉଡ଼ା ପରବ୍ କଲେ ଆକା ଆମର୍ ଚଇତ୍ ପର୍‌ବ ସାରଣି । ଆମର୍ ଆଦିବାସୀ ମନ ପରବଛନ୍ଦ, ଦୁକିଶୁଖ୍ ବୁଝିବା ପାଏଁ ଗୋଟେକ୍ ଦିଶାରୀ ଆଶୁରେ ବାୟ । ତାକେ ଆମେ ଗାଁ ଦିଶାରୀ ବଲି କୟବୁ । ସେ କେବେପରବ୍ ହେସି, କେବେଜାତରା ଦେସି ସେ ଆକା ସବୁ ବୁଜ୍‌ସି ।

**ଚ଼ଇତ ଜାତରା-** ଚ଼ଇତ୍ ପର୍‌ବ୍‌ର ପାଞ୍ଚ କିସାତ୍ ଦିନ୍ ଆଗରୁ ଗାଁଏଁ ଚ଼ଇତ୍ ଜାତ୍‌ରା କରବୁ । ଗାଁଆର୍ ପାଟ୍‌ଖାଣ୍ଡା, ନିଶାନି ମୁଣ୍ଡାକେ ଛେଲି, କୁକୁଡ଼ା ପୂଜାକରବୁ । ବଡ଼ ଘରେ ସେ ପୂଜା ହେଇସି । ସେ ପୂଜା ଲାଗେ ଆମେ ମୁନୁଷ ପିଲା ଆକାଯିବୁ । ମୁନୁଷ ମନ୍‌ଆ କାସେପୂଜା

କରବୁ । ସେତି ଆମେ ଭୋଜିକରି ଖାଇବୁ । ସେ ଭାତ ଶାଗ୍ ଘରେ ନା ଆନତ୍ । ସେ ଭାତ୍ ଶାଗ୍ ମାଇଜି ମନ୍‌କେ ଖାଇବାକେ ନ ଦେଅତ୍ । ସେତିଆକା ସବୁ ଖାଇବାକେ ପଡ଼୍‌ସି । ଘରେ ଆନ୍‌ବାକେ ନାହେଯେ । ସବୁ ଲୋକ୍ ଖାଇଥାଏ । ପୂଜାରୀ ବଡ଼ ଘରେ ହୁନି ଆୟସି । ବାଜାବାଜ୍‌ସି, ପୂଜାରୀକେ ଆରି କୁକୁଡ଼ା କାଟୁକେ ଆମର ଲକମନ୍ ଖନ୍ଦେ ବସାଇ କରି ନାଟକରି କରି ପୂଜାରି ଘରେ ନେବାୟ । ସେତି, ପେଣ୍ଡମ୍, ଲାନ୍ଦା ଖଣ୍ଡେ ଖାୟ ବାୟ । ଦୁକ୍ ଶୁକ୍ ବିଚ୍ଚର କର୍‌ବାୟ । ପରବ୍ ଆରାମ୍ ହୋଇଗାଲା ବୋଲି ଗାଏଁ ଡିମ୍ ଡିମା ପିଟ୍ ବାୟ । ଚ଼ଇତ୍ ଜାତ୍‌ରା ରାତିହୁନି ପରବ ସାର୍‌ବା ଜାକ ଗାଁଏ ଢେମ୍‌ସା ନାଚ଼ ହୟସି । ଗାଁଅଁର ଧାଙ୍ଗଡ଼ା ଧାଙ୍ଗଡ଼ି ମନ୍ ରାତିଆ ସବୁ ଦିନ ଢେମସା ନାଚ଼୍‌ବାୟ ।

**ନିଇତା ପରବ :-** କାଲିକେ ପରବ ବଇଲେ ଆଜି ସଞ୍ଜେ ନିଇତା ହୟସି । ପାନି ଧୋଇ । ନୂଆ ଲୁଗା ପିନ୍ଦି, ଛେଲି, ମେଣ୍ଢା, କୁକ୍‌ଡ଼ା କେ ଗନ୍ଦିଘରେ (ଠାକୁରଘର) ନେଇଁ ପୂଜା କରବାୟ । ଛେଲି, ମେଣ୍ଢା, କୁକୁଡ଼ାକେ ପୂଜା କରି ଗନ୍ଦି ଘରେ ପୁରାୟ କାପାଟ୍ ଡ଼ାବିଦେବାୟ । କାଲିକେ ସାକାଲକେ ଆକା ସେଟା ବେଟ୍ ବାୟ ଆରି ପୂଜା କରବାୟ। ରାତିଆ ସେଟା ବେଟ୍‌ବାର ନୟଁ ।

**ପରବ:-** ପରବ୍ ଦିନେ ଘର ଦୁଆର ସାର୍‌ୟ ରେବାୟ । ସବୁଲୋକ୍ ନୂଆଲୁଗା ପିନ୍ଦିକରି ପୂଜା ତାନେ ଜିବାୟ । ଘରର୍ ମୁକିଆ, ମୁକିଆଲକ୍ ଉପାସ୍‌ରଇ ପୂଜାକର୍‌ବାୟ । ଗୁଡ଼ିଘରେ ଛେଲି, ମେଣ୍ଢା, କୁକୁଡ଼ା, ନଡ଼ିଆ ପୂଜା କରି ଚରୁ ରାନ୍ଧବାୟ । ଘରେ ଘରେ ପିଚୁ, ଲାନ୍ଦା, ସଲପ, ମଦ୍ ରେସି । ଚ଼ରୁରାନ୍ଦି ଖାଇସାର୍‌ଲା ପଚ଼େ ସବୁଲକ୍ ଏଟା ଖାୟବାୟ । ସେ ଚ଼ରୁ ସାଙ୍ଗେ କଅଁଲି (ଆସ୍) ମିଶାଇ, ସବୁ ଲୋକ୍ କେ ଖାୟବା କେ ଦେବାୟ । ଚ଼ରୁ ଆମର୍ ଲୋଗେ ତିନ୍ ପ୍ରକାରଟା କର ବାୟ । ପ୍ରଥମ୍ ଚ଼ରୁ ବା ଶିଗ୍ ଚ଼ରୁ ସବୁ ଘରର୍ ଲୋକ୍ ଖାଇବାକେ । ଆରଗଟ୍ ପ୍ରକାର ଚ଼ରୁ ଆଚ଼େ ସେଟା ଗଡିଆ (କୁଣିଆ) ମନ୍ ଖାଏବାକେ । ଆରିଗଟ୍ ପ୍ରକାର ଆଚ଼େ ସେଟା ଅତ୍‌ରେ ହଇଲା ମାଇଜି (ମାଶିକିଆ ହେଲା ସ୍ତ୍ରୀ) ମନ୍‌କେ ଦେବାୟ । ଚ଼ରୁଖାଇ ସାର୍ ଲେ ନିଜର୍ ଘରେ ଘରେ ଜନ୍ ପେଣ୍ଡମ୍ ଲାନ୍ଦା ରେସି ସେଟା ପିବାୟ । ଗୋଟେ ଘର ଲୋକ ଆରି ଗଟ୍ ଘର ଲୋକକେ ଡାକି ଖାଇବାକ୍, ପିଇବାକ୍ ଦେବାୟ । ଏମତି ସବୁଲୋକ ସାରଦା ସଙ୍ଗେ ଖାଇ ପିଇ ଢେମ୍‌ସା ନାଚ଼ବାୟ । ପରବ୍ ଦିନ୍ ଥାନୁ ପରବ୍ ସାର୍ନବାଜାକ ଗାଁଅର ସରତେ ଲୋକ ଢେମ୍‌ସା ନାଚ଼ବାୟ । କେ କାୟ କାବାଡ଼, କର୍‌ବାକେ ନାହିଁ । ଧାନ୍‌ବୁଜନ୍‌ବାର, କାଟି ଆନ୍‌ବାର, ବେଡ଼ା ଲଗେଯିବାର୍ ଏ ସବୁ କାମ୍‌ଦାମ୍ ପରବ୍ ସାର୍‌ବାଯାକ ବନ୍ଦ୍ ରେସି । ଏଟା ହେଲାନି ଚ଼ଇତ୍ ପର୍‌ବର୍ ନିୟମ । ଯେ ଏ ନିୟମ୍‌କେ ନମାନୀ କାମ୍ କର୍‌ସି ତେବେଁ ତାକେ ଫାଇନ୍ ପଡ଼୍‌ସି । ସେ ଗୋଟେକ୍ କୁକୁଡ଼ା, ଚାଉଲମାନେକ ଆରି ଡ଼ାବୁ କେତେକ ଦେବାକେ ପଡ଼୍‌ସି । ଏ ଦିନେ ଟକିମନ୍‌ର ପାଏଁ ଗଚ଼େ ଡ଼ଲି ବାନ୍ଦିରେ ବାୟ । ସେ ଡ଼ଲି ଲୋଗେ ଟକିମନ୍ ଗାୟତେ ରେବାୟ । ଧାଙ୍ଗଡ଼ା

ଧାଙ୍ଗଡ଼ି ସରଦା ସଙ୍ଗ ଗୀତ ମାରା ମାରି ହେବାୟ୍ । ଟୋକି ମନ୍ ଝୁଲବାୟା ଯଦି ପିଲାମନ୍ ଡ଼ଲି ଲୋଗେ ବସଲାୟ୍, କି ଡ଼ଲି ଝୁଲବାଟା କେ ଦେଖିଦେଲେ ସେମନ୍ କେ ଫାଇନ୍ ଦେବାକେ ପଡ଼ସି । ସେଟାର୍ ପାଏଁ ଡ଼ୋଲି ଲୋଗେ ଟକିମନ୍ଆକା ଝୁଲ୍‌ବାୟ୍ ।

**ଟିଙ୍ଗ୍‌ରିବେଣ୍ଟ୍ :** ପରବର୍ ଦୁଇଦିନ୍ ପଚେ଼ ଟିଙ୍ଗ୍‌ରିବେଟ୍ ହେସି । ଏଦିନେ ଗାଁଆର୍ ସରତେ ପିଲା ବେଟ୍‌କେ ଜିବାୟ୍ । କାୟମିଶା ଯନ୍ତୁକେ ମାର୍‌ବାୟ୍ । ମିଲ୍‌ଲେ ତ ମାରବାୟ୍ । ନ ମିଲ୍‌ଲେ ଜଡ଼େକ ଡାଲ କେ୍ ଅଲାୟ୍ ଦୁଇ ଲୋକ ବହିଁ ସବୁଲକ ନାଟ କରି କରି ଆନ୍‌ବାୟ୍ । ଏଟାକେ ହୁଣ୍ଡିଲଗେ ରଖିଦେବାୟ୍ ।

**ବଡ଼ବେଣ୍ଟ :** ଚ଼ଇତ ପରବର୍ ମୁକିଆ ସାର୍‌ଦା ବଡ଼ ବେଟ୍ । ଏଦିନେ ଗାଁଅର ସରତେ ଲୋକ ଲାନ୍ଧାପେଣ୍ଡମ୍, ସଲପ ଖାଇ ନାଚ଼ତେ ରେବାୟ୍ । ସବୁଲୋକ୍ ମାତିରେ ବାୟ୍ । ପୂଜାରି ହୁଣ୍ଡିଲୋଗେ ପୂଜା କରି 'ବିଅନ' ଉତ୍‌ରାୟସି । ସେବିୟନ୍‌କେ କୁକୁଡ଼ା କାଟି ପୂଜାରି ମାଟିଦେବତା କେ ପୂଜା କରସି । ହୁଣ୍ଡି ଉପରେ ପୂଜାରି ସେ ବିୟନ୍‌କେ ଗୋଟେକ୍ କୁଲା ଲୋଗେ ଧାରିଚ଼ଗ୍‌ସି । ହୁଣ୍ଡି ଚାରିବେଡ଼ତି ଗାଁର ଲୋକ୍ ନୂଆ ଲୁଗାପଟା ଧାରି ଠିଆଁ ହେଇ ରୟବାୟ୍ । ପୂଜାରୀ ସେ ବିୟନ୍‌କେ ବିଚ୍‌ଶି, ସେ ବିଚ଼ଲା ବିୟନ୍‌କେ ଲୋକ୍‌ମନ୍ ନୂଆ ଲୁଗା ଲୋଗେ ଛିନ୍‌ବାୟ୍ । ସେଟା ନେଇ ଯତ୍‌ନେ ସଙ୍ଗାଇ ରେବାୟ୍ । ଆରି ନିଜର କ୍ଷେତ ନିକୋ ହେବାର ପାଇଁ ମାପରୁକ ସୁମ୍‌ରନା କରି ବୁନ୍ ବାୟ୍ ।

**ଡଙ୍ଗର ମାଣ୍ଡାନୀ :-** ବଡ଼ ବେଟର ପଚ଼ର୍‌ଦିନେ (ତାପରଦିନ) ଡଙ୍ଗର୍‌ମାଣ୍ଡାନୀ ହେସି । ବଡ଼ ବେଟ ଦିନେ ଜନ୍, ହାତ୍‌ହତିଆର୍ (ଅସ୍ତ୍ରଶସ୍ତ୍ର) ପୂଜାକରି ରେବାୟ୍, ସେ ହାତ୍ ହତିଆର୍ ଧାରି ଡଙ୍ଗର୍ ମାଣ୍ଡାନିକେଯିବାଇ । ପୂଜାରୀ କୁକୁଡ଼ା ଗାର୍ ପୂଜାକରି ଲକ୍ ମନ୍‌କେ ଡ଼ଙ୍ଗରେ ଯିବାକେ ବାଟ୍ ମେଲାନି କର୍‌ସି । ଗାଁର୍ ସବୁ ଲୋକ୍ ହାତ୍ ହତିହାର ଧାରି ବେଟ୍‌କେ ଯିବାୟ୍ । ଡ଼ଙ୍ଗରେ ବୁଲି ବୁଲି ଜନ୍ତୁ ମାର୍‌ବାଇ । ଜନ୍ ଜନ୍ତୁ ମାର୍‌ଲେ ମିଶା ଶରତେ ଲୋକ ବାଟା କରି ହେଇ ଖାଏବାୟ୍ । ଏମତି ଗୋଟେ ପାଞ୍ଚ ସାତ୍ ଦିନ୍ ବେଟ୍ ବୁଲବାୟ୍ ଜାୟଟା ମିଲସୀ ସବୁ ଲୋକ୍ ଖାୟବାୟା ଜନ୍ ଦିନେ ଗୋଟେ ବଡ଼୍‌ଟା ଜନ୍ତୁ, ବାରିଆ, କଟ୍ରା ମାର୍‌ଲେ ସରି ଗାଁଏ ଆନି ନେଶି ଶାର୍‌ଦା କର୍‌ବାୟ୍ । ସେ ଦିନେ କାଏଁ ଢେମ୍‌ସା ମିଶା ହେଇସି । ସରତେ ଲୋ୍କ, ଧାଙ୍ଗ୍‌ଡ଼ା ଧାଙ୍ଗଡ଼ି ନାଚ଼୍‌ବାୟ୍ ।

**ବାଆଡ଼ାପରବ:-** ଏଟା ଆକା ଚଇତ୍ ପରବର୍ ଶେଷ୍ ପରବ୍ । ଏ ପରବ୍ କଲେ ଆକା ଚଇତ୍ ପରବ୍ ଶାରନୀ । ବାଆଡ଼ା ପରବ୍ ଦିନେ ଗୋଟେ ନଡ଼ିଆ କି କୁକୁଡ଼ା ବାଟେ ନେଇ ପୂଜା କରବାୟ୍ । ପଚେ ମିଶା ପୂଜାକର୍‌ବାୟ୍ । ଏ ଦିନେ ଆମ୍‌କେ ଚ଼ପିକରି ଖାୟବାୟ୍ । ବାଆଡ଼ା ପରବ୍ ନା ହୟତେ ଆମସାକେ ଚ଼ପିକରି (ଛୁନାକରୀ) ନାଖାଅତ୍ । ବାଆଡ଼ା ପରବ୍ ହେଲେ ଆକା ଏମତି କରିଖାୟବାୟ୍ । ତାର୍‌ପାଚର୍ ଦିନେହୁନି ଲୋକ୍ ମନ୍ ଯେମିତି କରି ଆମ୍ ଖାୟଲେ ମିଶା ହୋଇସି ।

# ଲୋକ୍‌କେ ବିସାଶ ନାୟ (ଗୋପ - ୨)

ଗୋଟେକ ଗାଁ ଓ ଛେଲିଆ ପିଲା ଆରିତାର୍ ଆୟା ବାସ୍ କରତେ ରେବାୟ । ଛେଲିଆ ପିଲା ଦିନ୍‌କେ ଡ଼ଙ୍ଗ୍‌ରେ ଛେଲିଚରାୟବାକେ ଯାୟସି । ଛେଲିମନ୍‌କେ ଗୋଟାୟବି ବଇଲେ କଲିଆ ଛେଲିମନ୍‌କେ ଏନେ ତେନେ ଖେଦି ଦେୟସି । ପିଲା ବଡ଼େ ରିଶା ହେଇଯାୟସି । କଲିଆକେ କୟସି କାୟନେ କଲିଆ ମୋର ଛେଲିମନ୍‌କେ ଏନେତେନେ ଖେଦିଦେଲୁସ୍‌ନୀ । ମୁଇଁ ଛେଲି ଗଟାୟବାକେ ବେଶି କଷ୍ଟ ପଡ଼ଲିନି । କଲିଆ କଇଲା ମକେ ବୁଆ / ଆବା ବୋଲି କମୁଇ ତୋକେ ଛେଲିଗଟାୟ ଦେବି । କେବେ ମିଶା ଛେଲିକେ ନାଖେଦି । ତୁଇ ଅଇରାନ ନାହଉସ । ଛେଲିଆ ପିଲା ଛେଲି ଖେଦିକରି ତାର୍ ଘରେ ଉଟିଗାଲା । ତାର ଆୟାକେ କୟସି । ଆୟା ଡ଼ଙ୍ଗ୍‌ରେ ଛେଲି ଚରାଇବା ବେଲେ ଗୋଟେକ୍ କଲିଆ ମୋକେ ବେଶି ହରବର କଲା । କାୟକେ ଏମତ୍ କଲୁସ ନିହଲି କୟଲାକେ ସେ କିୟଲା ମୋକେ ବୁଆ / ଆବା ବୋଲି କ ତେବେ ଏମ୍‌ତିନାକରି । ତାର ଆୟା ରିଶାହେଇଗାଲ । କୟଲା ଯୁ ଛେଲି ଧାରିକରି । କେରେ, କନ୍ କଲିଆ ଏମ୍‌ତି କୟସି ମୋର ପିଲାକେ । ପିଲା ଆରି ତାର୍ ଆୟା ଛେଲି ଧାରି କରି ଡ଼ଙ୍ଗରେ ଗାଲାୟ । ସେ ଲଗେ ଆକା କଲିଆ ଲୁଚି ରେଲା । ତବେ ତାର୍ ଆୟାର ଛେଣ୍ଡି ଲୋଗେ ଏମ୍‌ତି ଧାରି ଦେଲା ଯେ । ତାର ଆୟା ଆରି ଛାଡ଼ା ହଇ ନାପାର୍‌ଲା କଲିଆକେ କଇଲା ଛାଡ଼୍‌ରେ କଲିଆ ମୋର୍ ଛେଣ୍ଡିକେ । କେତେ କୟଲା ମିଶା କଲିଆ ଛେଣ୍ଡିଛା ଡ଼େନାୟ । ମୋକେ ଅଣ୍ଡରା / ମୁନୁଷ ବଲି କହିଲେ ତେବେ ଛାଡ଼ବି । ତାର ଆୟା କେତେକ୍ କୟ ମିଶା ଛାଡ଼େନାଇ ତେବେ ସେ ମୁନୁଷ୍ ବୋଲି କଇ ଦେଲା । ଏବର ଢ଼ସେ ପିଲା, ତାର ଆୟା ଆରି କଲିଆ ମିଶି କରି ଘରେ ଉଟି ଗାଲାୟ । ସେ ପିଲା ଛେଲି ଚାରଆସି ତାର୍ ଆୟା ଘରେ ରାନ୍ଧ୍‌ସି କଲି ଡ଼ଙ୍ଗ୍‌ରେ ବୁଲ୍‌ବାକେ ଗାଲା । ଜନ୍ ପାର୍ ଛିଡ଼୍‌ରେ ବାଘ୍ ରେସି ସେପାକେ କଲିଆ ଗାଲା । କଲିଆ କୟଲା । ବାଘ୍ ଭାଟ, ବାଘ୍ ଭାଟ ଭଲ୍ ଆଚ୍‌ାସ୍‌କି । କଲିଆର କାତାସୁନି ବାଘ୍ ଭକୁଆ ହଇଗାଲା । କୟଲା ହଇରେ କଲିଆ ତୋର୍ ବଇନୀ କେ କେବେ ମୋକେ ଦେଇ ଆଚୁସ୍‌ରେ ବାଟ ବୋଲି କୟଲୁସନୀ । କଲିଆ କୟଲା ନାଇଭାଟ ଦେଇ ନାୟତା ଦେବୀ ବୋଲି କୟଲିନୀ । ସେଟାର୍ ପାଏଁ ତୋର୍ ଘର୍ ଦୁଆର୍ ଦେକ୍‌ବାକେ ଆୟଲି । ବାଘ୍ ସାର୍‌ଦା ହଇଗାଲା । କୟଲା ଠିକ୍‌ଆଚ୍‌ େ। କେବେକେ ତୋର୍ ବଇନୀ କେ ଦେୟସୁ । କଲିଆ କୟଲା । ତୁମେ ଯେବେ ଇଛା ବେଲେ ସେ ଦିନେ ଦିବା କରି ଦେବି । ହେଲେ କଲିଆ ବେଗି ବେଗି ବିବା କରିଦେ । ମୁଇଁ ଗଟକି ଲୋକ୍ ରୟବାକେ ଅସୁବିଧା ହେଲିନି । ଏବେ ତୋ ଭାଟ ମୋକେ ଡାବୁ ଖଣ୍ଡେ ଉନା ଆଚ୍‌େ । ବାଗ୍‌କୟଲା କଲିଆ ତୋକେ କେତେ ଟଙ୍କା ସୁନା ଦର୍‌କାର୍ ତକେ ବା ଏବାଟେ ଯିବା କେତେ ଧନୀ ଲୋକମନ୍‌କେ ମାରି । ଟାଙ୍କା ଡାବୁ ଜବର ସଙ୍ଗ୍‌ୟ ଆଚି । ଯେତ୍‌କି ପାରୁସ୍ ନେବୁ । କଲିଆ ଟାଙ୍କା ସୁନା ଯେତ କି ପାଇଲା ସେତ୍‌କି ଧାରି ପିଲା ଆରିତାର ମାଇଜି

ଲୋଗେ ଉଟିଗାଲା । ତାର୍ ମାଇଜି ଟାଙ୍କା ସୁନାଦେଖି ସାରଦା ହଇଗାଲା । ତାକେ ନିମାନ୍ ନିମାନ୍ ଖାଇବା ଜିନିଷ ରାନ୍ଧି ଦେଲା କଲିଆ ଖାଇଲା । ସେନ୍‌ତି କଲିଆ ବାଘ୍ ଲୋଗେ ଦିନ୍‌କେ ଯାୟସୀ ଆରି ଟାଙ୍କା ସୁନା ମାଗି ଆନ୍‌ସୀ । ତାର୍ ବଇନୀ କେ ବାଘ୍‌କେ ଦେବି ଦେବି ବଲି ନାଡ଼ାୟସି । ଗୋଟେକ୍ ଦିନ୍ ବାଘ୍ ତାକେ ଧାରିପାକାୟଲା । ଏବେ ତୋର ବଇନି କେ ମରସଙ୍ଗ୍ ବିବା କରି ଦେ ନୟଲେ ତୋକେ ମାରିଖାୟବି । ସେଦିନେ କଲିଆ ଆୟଲା ଆରି ଗୋଟେକ୍ ବାଡ଼ୟ କେ କଇଲା । ଏ ବାଡ଼ଇ ମୋକେ ଗୋଟେକ ସୁନ୍ଦ୍‌ରୀ କାଟର୍ ପୁତ୍‌ଲା ତିଆର କରିଦେ । କାଟର୍ ପୁତଲା ଧାର୍‌ଲା ଆରି ସେ ବାଘଘରେ ଉଟିଗାଲା ବାଘ୍‌କେ ନେଇ କଇଲା । ଭାଟ ଏଦେ ମୋର ସୁନ୍ଦରୀ ଭଇନୀକେ ଆନିଦେଲି । ଖଣ୍ଡେ ଲାଜ୍ ଲାଜ୍ ହଇସି । ଦୁଇତିନ୍ ଦିନ୍ ଗାଲା ପଡ଼େ ସେ ସବୁ କରସି । ବାଘ୍ ସାର୍‌ଦା ହଇ ଆରି ଟାଙ୍କା ସୁନା ଦେଲା । କଲିଆ ଟାଙ୍କା ସୁନା ଧାରି ଛେଲିଆ ପିଲା ଆରି ତାର ଆୟାକେ ନେଇ ଦେଲା । ବାଘ୍ ତିନ୍‌ଚ୍ୟର ଦିନର ପାଡ଼େ ସେ କାଟ୍ ପୁତ୍‌ଲାକେ କହିଲା । ଲାଜ ନାଇକେ ରାନ୍ଧା ବନ୍ଧ ବାଡ଼ା କର । କାଟର୍ ପୁତ୍‌ଲା କାତା ନାଇ ବାର୍ତ୍ତା ନାଇ ସେମ୍‌ତୀ ରେଲା । ବାଘ୍ ରିଶା ହେଇ କାଟ୍ ପୁତ୍‌ଲାକେ ଦୁଇଲାତ ମାରି ବାଡ଼୍‌ବାଟେ ନେଇ ଫିଙ୍ଗି ଦେଲା କାଟର୍ ପୁତ୍‌ଲା ସେତି ଅଦ୍‌ରି ରେଲା । ସେଡ଼କି ବେଲେ । ଶୀବ ପାର୍ବତୀ ସେ ବାଟେ ଯାୟତେ ରେଲାୟ । ଏକାତର ପୁତ୍‌ଲାକେ ଦେଖି ବେଶି ଦୁଃଖ୍ କଲାୟ । ପାର୍ବତୀ ଶୀବ୍‌କେ କଇଲା ମାପୃ ଏ ପୁତ୍‌ଲାକେ ଜୀବନ୍ ଦାନ ଦେଇ ଦେଉ । ଶୀବପାର୍ବତୀ ପୁତ୍‌ଲା କେ ଜୀବନ୍ ଦାନ ଦେଇ ଦେଲାୟ । ସେ ପୁତ୍‌ଲା ଗୋଟେକ୍ ସୁନ୍ଦରୀ ଟକି ହୋଇ ବାଘ୍‌ସଙ୍ଗ୍ ସେତେ ରେଲା । କଲିଆ ଭାବ୍‌ଲା ଏତକି ଦିନ ହୋଇଗାଲା ବାଗକେ କାଟର ପୁତଲା ଦେଲିଆଛି । ସେ କେମ୍‌ତି ହୟଲାନୀ ଛନେ ଦେକି ଆସବି ବୋଲି ବାର୍‌ଲା । ଯାଇଦେକ୍‌ଲା ଯେ ଗୋଟେକ୍ ସୁନ୍ଦରୀ ଟକି ବାଘ୍‌ର ଘରେ ଆଡ଼େ । ବାଘ୍ କଇଲା । କଲିଆକେ ତୋର୍ ବଇନୀ ବେଶି ବଡ଼ିଆ ଆଡ଼େ । ବଡ଼େ ସୁନ୍ଦର୍ ଆଡ଼େ । କଲିଆ କୟଲା । ଭାଟ ଏତ୍‌କି ଦିନ୍ ହଇଗାଲା । ଆଜିଛନେ ମୋର୍ ବଇନୀକେ ମୋର୍ ଘରେ ଡ଼ାକି ନେବି । କେତେ ଦିନ୍ ପଡ଼େ ପାଟାୟବି । ବାଘ୍ କଇଲା ହଁ । ତେବେ ନେ । କଲିଆ ସେ ସୁନ୍ଦରୀ ଟୋକି କେ ଆନ୍‌ଲା ଆରି ଏ ଛେଲିଆ ପିଲା ସଙ୍ଗ ବିବା କରିଦେଲା । ଛେଲିଆ ପିଲା ଘର ଲୋକ୍ ବେଶି ସାରଦା ହଇଗାଲାୟ । ଗୋଟେକ୍ ଦିନ୍ କଲିଆ ବାଟେ ଜୟଲାଗାୟ କରି କାନ୍ଦିକାନ୍ଦି ବସି ଦେଲା ଆଡ଼େ । ବାଘ୍ କଲିଆର କାନ୍ଦ୍‌ବାଟା ଶୁନି ଆଇଲା । କାୟଜନେରେ କଲିଆ କାନ୍ଦିଲୁସ୍‌ନି । କଲିଆ କଇଲା ଭାଟ ମୋର ବଇନୀ ମରିଗାଲା । ଏତିପଡ଼ାୟ ଦେଲି । ବୋଲି କାନ୍ଦି କାନ୍ଦି କୟଲା ବାଘ୍ କୟଲା ମୋର ମାଇଜିଆକା ମରିଗାଲା । ମୁଇକାୟ କାଜେ ବଞ୍ଚିବୀ ବୋଲି ଜଇଲଗେ ଡ଼ଗୟ ବାଘ୍ ମରିଗାଲା । କଲିଆ ଗାଲା ଘରେ । କଲିଆ ନେ ଦେଖି ଘରର୍ ଲୋକ୍ ଶାରଦା ହଇଗାଲାୟ । କଲିଆ ଗୋଟେକ୍ ଛେଲି ଆଜିଲାକେ ବଡ଼େ ସାଉକାର କରିଦେଲା ଆଡ଼େ । ତାକେ ଗୋଟେକ୍ ସୁନ୍ଦରୀ ଟକିକେ ବିବା କରି ଦେଲା ଆଡ଼େ । ସେଟାର୍ ପାଇଁ କଲିଆ ଭାବଲା

ଯେଏ ଲୋକ୍ ମନ୍ ସତୟ ଏମାନେ ଭଲ ଦେକଲାୟନୀ କିନାୟ ଖଣ୍ଡେ ପରୀକ୍ଷା କର୍‌ବି ବୋଲି କୟଲା । ଜାନୀ ଜାନୀ କରି ଗୋଟେକ୍ ଦିନ୍ କିଛି ନଖାୟତେ ମଲା ପାରା ହଇ ସଇରେଲା । ପିଲା କୟଲା ଆୟା କଲିଆ ମରିଗାଲା କେମ୍‌ତା କରୁ । ତାର ଆୟା କୟଲା ଗୋଟେକ୍ ହାଡ଼ିକେ ତାକ୍ କଲିଆକେ ନେଇ ଖମନେ ଫିଙ୍ଗି ଆୟସୀ । ଏକାତା କଲିଆ ସୁନୀ ଦେଲା ହେତ୍ ରିକା କେତେକ୍ ସାଇଜ୍ କଲେ ମିଶା ଲୋକମନକେ ବିଲ୍‌କୁଲ୍ ବିଶାସ୍ ନାୟ ବୋଲି କୟଲା । ଏ ଘରେ ନରଇ ମୁଇ ଡ଼ଙ୍ଗରେ ରୟବାଟା ଆକା ଭଲ୍ ବୋଲି ଡ଼ଙ୍ଗ୍‌ରେ ଦବ୍‌ଡ଼ିଦେଲା ।

# ଖାଡ଼ା ଆରି କାଟିମ

ଡଙ୍ଗ୍‌ରେ ଗୋଟେକ୍ ଖାଡ଼ା ରେଲା । ପାନୀ ଲଗେ ଗୋଟେକାଟିମ୍ ରୟତେ ରେଲା ଗୋଟେକ୍ ଦିନ୍ ଦୁଇଲୋକ୍ ମିଶିକରି ବୁଲତେ ରେଲାୟ । ସେତକି ବେଲେ ଖାଡ଼ା ଗୋଟେ ବୁଦି ପାଞ୍ଚଲା । କାଟିମ୍ କେ କଇଲା । କାଟିମ ହଇରେ ମୁଇଁ ଗୋଟେକ କାତାକୟବି ସନଶୁ କି । କାଟିମ୍ କୟଲା କାୟକାଜେ ନସନି । କଅତୁଇ ମୁଇ ସୁନ୍‌ବି । ଖାଡ଼ା କୟଲା ତୁଇ ବେଶି ପାଲାୟ ପାରୁଶ କି ମୁଇଁ ପାରି ଆଲେଛନେ ଦୁଇଲୋକ୍ ହାରାଯିତା ହୋଇ ଦେକୁ । କାଟିମ୍‌ତାନୁ ଖାଡ଼ା ବେଶି ପାଲାୟସି । ମୁଇଁ ତାର ସଙ୍ଗେ ପାଲାୟ ନା ପାରି । ହେଲେ ମିଶା କାଟିମ୍ ତାର୍ ସଙ୍ଗ୍ ପାଲାୟବାକେ ରାଜି ହୋଇଗାଲା । ସେ ଖାଡ଼ା ଆରି କାଟିମ୍ ଗୋଟେକ୍ ଡ଼େଲା ବାଟେ ଉଟିଗାଲାୟ । ସିଦା ବାଟ୍ ଆଚେ଼ । ଏ ମୁଣ୍ଡେ ହୁନି ପାଲାୟ କରି କେଆଗେ ଯାଇ ସେ ମୁଣ୍ଡେ ଖେଟଲେ ସେ ଜିତ୍‌ସି । ଦୁଇ ଲୋକ୍ ଜାକ ଏ ମୁଣ୍ଡେ ହୁନି ପାଲାୟଲାୟ । ଖାଡ଼ାର ଡ଼େଙ୍ଗ୍ ଡ଼େଙ୍ଗ୍ ଗଡ୍‌କେ ଆଗେ ଆଗେ ପାଲାୟଲା । କାଟିମ୍‌ର ଗୋଡ଼ତ ଛୋଟ୍ ଛୋଟ୍ ବେଶି ପାଲାୟ ନାପାରେ । ସେ ଧିରେ ଧିରେ ଗାଲାନୀ । ଖାଡ଼ା ଆଗତୁ ଯାଇ ଦେକ୍‌ଲା ଯେ କାଟିମ୍ ପଚେ ଆଚେ । ସେ ତଆୟବାକେ ଆରି ବେଲ୍ ହଇସି ଏ ସିତ୍‌ଲା ଲୋଗେ ଛନେକ୍ ଶୟବିତା । ସେ ଆୟଲେ ଉଟିକରି ଦବ୍‌ଡ଼ିଦେବି । ମୋର ସଙ୍ଗକାୟ ସେ ପାଲାୟ ପାରେ ଯେ । ମୁଇଁ ଆକା ତ ଯିତ୍‌ବି । ଏ ମତର ଭାବି କଲିଆ ସେ ଛାଇ ଲୋଗେ ଶଇ ଦେଲା । କାଟିମ୍ ଧିରେ ଧିରେ ଆୟଲା ଖାଡ଼ା ସଇଲା ପାକେ ଖେଟ୍‌ଲା । ଦେକିଦେଲା ଯେ ଖାଡ଼ା ସଇପାକାୟଲା ଆଚେ଼ । ଆକେ ଆରି ନା ଉଟାୟନି ବୋଲି କାଟିମ୍ ସିଧା ହିଣ୍ଡଲା । ସେ ମୁଣ୍ଡେ ଯାଇ କଇଲା ଖାଡ଼ା ମୁଇଁ ଯିତିଗାଲି । ତୁଇ ହାରିଗାଲୁସ । କାଟିମ୍‌ର କାତା ମୁନି ଖାଡ଼ାର ନିଦ ଭାଙ୍ଗି ଗାଲା । ଦେକ୍‌ଲା କାଟିମ୍ ମୁଣ୍ଡେ ଯାଇ ଖେଟିଗାଲା ଆଚେ଼ । ସେ ଜିତିଗାଲା ।

ଖାଡ଼ା ହାରିଯାଇ ଚିନ୍ତା ହୋଇଗାଲା ଆରି ଗୋଟ୍ ଦିନେ ଖାଡ଼ା କଇଲା । କାଟିମ୍ ମୁଇରେ ସେ ଦିନେ ବାଟେ ସଇ ଦେଲି ବୋଲି ସିନା ତୁଇ ଯିତ୍ ଲୁସ୍ ଆଜି ଆରି ଛନେ

ହାରାଯିତା ହଇଦେକୁ କେ ଯିତ୍‌ସି । କାଚିମ୍ ଭାବଲାଯେ ଖାଡ଼ା କାଲି ହାରିଗାଲା । ଆଜି ଆରି କୟଲାନି ଆରି ହାର ଯିତା ହଉ । କାଡ଼ାର ମନ କେଡ଼େ ଗରବ୍‌ଆଚ୍ଚେ । ମୁଇଁ ତାର ସଙ୍ଗ୍ ହାରା ଯିତା ହୟବି ଆକା । ଦୁଇ ଲୋକ୍ ଉଟିଗାଲାୟ ଖାଡ଼ା ବାଟ୍ ବାଚ୍‌ଲା ଆଚ୍ଚେ । ବାଟ୍ ବାଙ୍ଗ୍‌ଟି ଟିଙ୍ଗ୍‌ଟି (ଅଙ୍କା ବଙ୍କା) ଆଚ୍ଚେ । ଦୁଇଲୋକ୍ ଯାକ ପାଲାୟଲାୟ । ଖାଡ଼ା ପାଲାୟଲା । ବାଟେ ଯାଇ ଦେକ୍‌ଲା ଯେ କାଚିମ୍ ଧିରେ ଧିରେ ଆୟଲାନୀ । ତାକେ ଥରେକ୍ ହାର୍‌ଲା କାତା ମନେପଡ଼ି ଗାଲା । ସେ ଆରି କାଚିମ୍ କେ ନ ଜାଗଲା କି ବାଟେ ଆରି ନା ସୟଲା । ସିଧା ଯାଇ ସେ ମୁଣ୍ଡେ ଖେଟିଗାଲା ଆରି ସେ ଯିତିଗାଲ । ଖାଡ଼ା କୟଲା ଦେକ୍‌ଲୁସକି ମଇତର ମୁଇଁ କେମ୍‌ତି ତର୍ ଲେଗେ ହୁନି ବେଶି ପାଲାୟବି । ମୋର୍ ସଙ୍ଗ୍ ତୁଇନା ପାରୁସ୍ ।

କାଚିମ୍ ଘରେ ଯାଇ ଭାବଲା ଯେ । ଏମତି ଅଇଲେ ତ ଯେପାରସି ସେ ଆଗେ ଡ଼ରାୟସି । ମୁଇଁ ଆଗେ ମୁକ୍ତି ପାରି, ମକେ କାୟଟା ବାନା ନାଇ ବଲି କୟସି । ଆକେ ଠିକ୍ ବାଟ୍‌କେ ଆନ୍ ବାର ଆଚେ । ନୟଲେ ସବୁ ଲୋକ୍ ମିଲି ମିଶି ଭଲ୍ ନୟେ । ଏମିତି ଭାବିକରି କାଚିମ୍ ଖାଡ଼ାର ପାକେ ଗାଲା । କଇଲା "କାଚିମ୍ ମୁଇରେ ଆନି ଆରି ଆମେ ଦୁଇ ଲୋକ୍ ଛନେ ହାରାଜିତା ହଉ । ତୁଇ ବେସି ପାରୁସ ପାରୁସ କି ମୁଇଁ । ଖାଡ଼ା କଇଲା ଯୁ ପାଲାଉ "ମୁଇ ଆଗେ ଯିତ୍‌ବି । ତୁଇ ନା ପାରୁସ । ଖାଡ଼ା ବାଟ ବାବ୍‌ଲା ଯେ ସିଧା ବାଟ୍ ବାଟ୍ ପାଲାୟ ବାର ହୟସି । ଗାଡ଼୍ ଲଙ୍ଗି ସେ ବାଟେ ଯେ ଆଗତୁ ଯାଇସି ସେ ଜିତ୍‌ସି ଖାଡ଼ା ପାଲାୟଲା । କାଚିମ୍ ଧିରେ ଧିରେ ଗାଲାନି । ଖାଡ଼ା ଗାଡ଼୍ ଖଣ୍ଡି ଯାଇ ଖେଟି ବେଖ୍‌ଲା ଯେ ଗାଡ଼୍ ଭରତି ପାନି ଆଚ୍ଚେ । ସେ ମୁଣ୍ଡେ ଆଚ୍ଚେ ଆକର ଚିନ୍ । ଖାଡ଼ାର ବୁଦିବାଟ ଆନ୍ଧାର୍ ହୋଇଗାଲା । ସେତି ମୁଣ୍ଡେ ହାତ ଦେଇ ଖାଡ଼ା ବସିଦେଲା । କାଚିମ ଧିରେ ଧିରେ ତାର ଲୋଗେ ଖେଟଲା । କାଚିମ୍ ପାଚ୍‌ରଲା ଖାଡ଼ାମଇତର କାୟକାଜେ ବସି ଦେଲୁସ୍ । ଖାଡ଼ା କୟଲା ନାଇଁ ମୁଇ ପାନି ଲଗେ ଯାଇନାପାରି । ମୋକେ ପଅଁରବାକେ ଯାନା ନାୟ । କାଚିମ୍ କୟଲା ମୋର ପିଟିଉପରେ ବସ୍ ମୁଇ ତୋକେ ସେ ବାଟେ ନେବି । ଏତର ଦୁଇ ଲୋକଯାକ ଯିତ୍‌ବୁ । ତୁଇ ନା ହାରୁସ୍ କି ମୁଇ ନାହାରି । କାଚିମ୍ ଖାଡ଼ାକେ ପିଟି ଉପରେ ବସାୟ ପଅଁରି, ପଅଁରି ସେ ମୁଣ୍ଡେ ଖେଟ୍‌ଲା । ସେଡ଼େ ବଲ ଖାଡ଼ାର ଗରବ୍‌ଭାଙ୍ଗି ଗାଲା । ସେ ଜାନ୍‌ଲା ଯେ ମିଶିଭିଡ଼ି ରେଲେ ସବୁ ବିପଦ୍ ଲୋଗେ ପାର୍ ହେବାର୍ ହେସି । ତେବର ପାଇଁ ଏକ୍‌ଜୁଟ ହେଇରେଲେ, ମୁଇଁ ଜନ୍‌ଟା ନାପାରି ତୁଇକର୍‌ସୁ । ତୁଇ ଜନ୍‌ଟା ନାପାରୁସ୍ ମୁଇଁ କର୍‌ବି । ସେଦିନେ ହୁନି ଖାଡ଼ା ଆରି କାଚିମ୍ ହାରା ଜିତା ହଅତ୍ ନାୟ, ମିଶି ରେଲାୟନି ।

# ଗତର

ଆଗେ ଆମର୍ ଦେଶ୍‌କେ ରାଜା ଶାସନ୍ କରତେ ରହିଲା । ତାର୍ ପଛେ ବ୍ରିଟିଶ୍ ସରକାର୍ ଆଇଲା । ବ୍ରିଟିଶ୍ ସରକାର୍ ଆଇଲା ତାନୁ ସବୁଲକ୍ କେ ସବୁ ପ୍ରକାର ଜିନିଷ୍ ଆନି ଦେଖାଇଲା । ଛାତା ଲୁଗା ଥାନୁ ମାଲି ସବୁ ପ୍ରକାର ଜିନିଷ । ତାକ୍‌ର ବେଲେ ଲକ୍‌ମନ୍ ବୁଟା ମାରି ଖାଇଲେ ରଇଲେ ଜରିମନା ହୋଇତ ରହିଲା । ଜରିମନା ହୋଇଲେ ୨ ଟଙ୍କା ଡାବୁ ନ ଦେଲେ ସେ ଯାଇ କରି ମୁଠାଦାର୍ ଲଗେ ରିପୋଟ କରତେ ରହିଲା ।

ରାଜା ଶାସନ୍ କର୍‌ବା ବେଲା ଲକ୍‌ମନ୍ ସରଦା ଦେଖ୍‌ବା କାଜେ, ସବୁଲକ୍‌କେ ଭୁଣ୍ଡାଇ ବାକେ ସେ ଦଶ୍‌ରା ପୂଜା କର୍‌ତେ ରହିଲା । ଦଶ୍‌ରା ପୂଜା ଲଗେ ରାଜା କାନ୍ ଶିଙ୍ଗିଆ ପତ୍ ମେଲଟ୍‌ା ଗାଡ଼୍‌ରା, ଲକ୍ ପୂଜା ଦେଇତେ ରହିଲା । ଏ ପୂଜା ସେ ରାତିଯ୍ଯା କରି ସବୁ ଲକ୍‌କେ ଭୁଣ୍ଡାଇତେ ରହିଲା । ଡ଼କ୍‌ରା ଡକ୍‌ରି ଲକ ଆନ୍ଦାରକେ ଦେଖ୍‌ବାର ନ ଯାଇତେ ରଇଲାଯ୍‌ ।

ସେ ସାର୍‌ଦା ଦେଖି ଆମର୍ ଆଦିବାସୀ ଲକ୍‌ମନ୍ ହେତାଇ କରି ଆମେ ମିଶା ଗୋଟେକ୍ ସାର୍‌ଦା କରୁ । ଯେମ୍‌ତିକି ସବୁଲକ୍ ଦେଖି ପାରବାଯ୍‌, ବୋଲି ଆଦିବାସୀ ଲକ୍‌ମାନ 'ଗତର' କଲାଇ । ଏ ଗତର୍ କାକେ କର୍‌ବାଯ୍‌, ଯେ ମରିଯାଇ ରହସି, ସେ ଲକ୍‌ର ଆତ୍ମା ଶାନ୍ତି ନ ରହେ ବୋଲି ମଲା ଲକ୍‌ମନକେ ସବୁ ଗତର୍ କର୍‌ବାଇ ।

'ଗତର' କର୍‌ବା ଆଗେ ସେ ନିଜର୍ ପାଞ୍ଜିଆ ବାଇମନ୍ କୋଜବାଇ । ଆମର୍ ପାଞ୍ଜିଆ ଭାଇ ସେମ୍‌ତି ସେମନ୍ କାମାର୍ ଶାଲେ ମିଲାଇଲାଇ । ଗତର୍ କରବାର ହୋଇଲେ ଗାଁର୍ ଲକ୍ ସବୁ କାଥା ହୋଇବାଯ୍‌ ଯେ କାର୍‌ଘରେ କେତେ ଲକ୍ ମଲାଇ ଆଚ୍‌ତ । ସେ ହିସାବ କରି ସବୁଲକ୍ ମିଶି ଗୋଟେକ୍ ଦିସାରି କେ ଦାର୍‌ବାଯ୍‌ ଆରି ଦିସାରି ହିସାବବେ ଗାଁର ସବୁଲକ୍ ମଡ଼ କାମ୍ କର୍‌ବାଯ୍‌ । ଗ'ତର କରବା ଆଗତୁ ଦିଆଲି ମାସେ ବାବା ବର୍ ବାଯ୍‌ । ତାର ପଛେ ପଣ୍ଡ ମାସେ ଦାନ ଆନ୍‌ଲେ ଗାଁର ଆର୍ ତରକେ କଥା ହୋଇ କଟା ଦେବାକାମ୍ ଠିକ୍ କର୍‌ବାଯ୍‌ । କଟାଦେବା କାମ୍ ଠିକ୍ କଲେ ଦିସାରିକେ ଡାକି ଆନି କଟା ଦେବାଯ୍‌ ଆରି ଗତର ଲଗେ କେତେକ୍ ଦାରୁ, ପତର୍ ସାର୍‌ସି ସେ ଦିନେ ସେ ଗାଅଁର୍ ସବୁ ଗଛ୍ ଗୋଟେକ୍ କାଟି ଅଦରାଇ ପୁଟାଇ କରି ଦାରୁ ଜଗାଡ୍ କର୍‌ବାଯ୍‌ । ସବୁ ଜିନିଷ ଠିକ୍ ହେଲେ ସେମନ ଦିସାରିକେ ଡାକି ଆନି ଦିନ୍ ବାହାର୍ କରାଇ ଗ'ତର ପଡ୍ ଗେନ୍‌ବାଲେ ଯିବାଯ୍‌ ଆରି ଗତର୍ ପଡ୍ ଘେନି ଆନ ବାଯ୍‌ । ଗତର୍ ପଡ୍ ଘେନି ଆନ୍‌ଲେ ଗାଁର୍ ବଡ଼ ଲକ୍ ଯେ ମରି ଯାଇରହିସି ତା କେ କୁଟିପଡ଼ ବା ମୁଲିକା ପଡ଼ କରି ତାଙ୍କର୍ ଘରେ ବିରୁବାଟ୍ କରି କୁଟି ପାଟି କର୍‌ବାଯ୍‌ । ସେ ପଡ଼ କେ କୁଟି ପଡ୍ ବୋଲି କହିବାଯ୍‌ ।

ତାର ପଛେ ଦିସାରି କେ ପାଚ୍ରି କରି ମାଘ ମାସର ପୁନି ଭାଙ୍ଗି ତିନି ଦିନ୍, ୫ ଦିନ୍, ୭ ଦିନ କି ୯ ଦିନ କେ କରୁବଲି ଦିସାରି ଯନ୍ ଜଗ୍ ମଶାଇସି ସେଦିନେ ଗ'ତର କରବାଇ ଗତର ଅଇବା ତିନି ଦିନ୍ ଆଗେ ପାଞ୍ଜିଆ ବାଇମନ୍ ଆମରଗାଁଆଁର ଗତର୍ ମୁଣ୍ଡାଇଁ ସେମିଲିଗଛ୍ ଫୁଲ୍ ଗଛ, ଶିଲ୍ ପକ୍ନା ଆନି ଗତର୍ ମୁଣ୍ଡା ତିଆର୍ କରବାୟ । ସେଥି ଗାଁଆଁର ଗତର୍ ପୋଡ଼୍ମନକେ ବାନ୍ଧି ନାଟ୍ କରବାୟ । ଗାଁଅଁର ଝି, ବଇନି ମାମା ଆତା ଏ ସବୁଲକ ବିନ୍ ଗାଅଁ ଯାଇ ରଇଲେ ସେ ମନ ଭାତ୍, ମାଉସ୍ ପେଣ୍ଡମ୍ ମଦମନ ଆନି ଗ'ତର ମୁଣ୍ଡାଇ ବାନ୍ଧ୍‌ଲା ପଡ଼୍ମନ କେ ଖୁଆଇବାଇ । ସେ ଭାତ୍, ପେଣ୍ଡମ୍ ମଦ୍ ମାଉଁସ ପଡ଼୍ମନ ଖାଇତେ ରଇଲେ ତାକେ ପାଞ୍ଜିଆ ଭାଇମନ୍ ଝୁରି ଝୁରି ଖାଇବାଇ ।

ଗତର୍ ଦିନେ ସେ ପଡ୍ମନକେ ନିଜର ନିଜର ଘରେ ପାନି ଗାଦୁଆଇବାଇ ଆରି ନୂଆ ଲୁଗା ନହିଲେ ଧାଗର ଲୁଗା ମାଲି ମୁଥା କାଗଲା ସବୁ ସେ ପଡ୍ମନକେ ଗଲାଇ ପିଟି ଶିଙ୍ଗେ ସବୁ ପିନ୍ଧାଇ ପଦାମୁଣ୍ଡା ଲଗେ ବାହାର୍ କର୍‌ବାୟ । ପଦା ମୁଣ୍ଡାଲଗେ ବାନ୍ଧି ପାଞ୍ଜିଆ ବାଇମନ ଦିନ୍‌ସାରା ନାଟ କରି କରି ରହିବାୟ । ପଦାମୁଣ୍ଡାଇ ବାର୍‌କଲେ ସେତି ଗୋଟେକ୍ ହାଟ୍ ପାରା ଲକ୍ ରୁଣ୍ଡବାୟ । ହାଟେ ଯେମ୍‌ତି କି ସବୁଲକ୍ ଆଇବାୟ ଗତର ଦେଖିବାକେ ମିଶା ସବୁଲକ୍ ଆଇବାୟ । ସବୁ ପ୍ରକାର ଜିନିଷ ମିଶା ଆଇସି । ଗ'ତର ମୁଣ୍ଡା ପୋଡ୍ ମନ୍‌କେ ପିଠା ଲାଡୁ ସବୁ ଘେନି ଘେନି ଖୁଆଇବାଇ । ବେଲ୍ ହୋଇଗଲେ ଦିସାରି କେ ପାଚ୍ରି ଘରେ ଅନି ଧାନ ମୁଣ୍ଡିଆ ସୁଆଁ ଚଉଲ ଧାରି ଯାଇ ପଦା ଗତର୍ ମୁଣ୍ଡା ସବୁ ପଡ୍ମନ୍‌କେ ପାନିଶା ଧାଇ କରି ଗ'ତର ପଡ଼୍ମନ୍‌କେ ମେଲି ପାଞ୍ଜିଆ ଭାଇମନ୍‌ର ହାତେ ଧାରାଇ ଦେବାୟ । ପାଞ୍ଜିଆ ଭାଇମନ୍ ସେ ପୋଡ୍ ମନ୍‌କେ ତାକ୍‌ର ଗାଏଁ କେଦି ଧାରି ଉଠି ଯିବାଇ ।

ତାର ପଛେ କେତେ ଦିନ୍ ଗାଲେ ପାଞ୍ଜିଆ ଭାଇମନ୍ ଆରି ତରକେ ଡାକାୟ ପାନି ଦୁଆଇ ବାୟ । ଲୁଗା ପିନ୍ଧିବାକେ ଦେବାଇ ଆରି ଗାଁ ଓ ସବୁ ଘରେ ବୁଲାଇ ବୁଲାଇ ପେଣ୍ଡମ୍ ମଦ୍ ମାଉସ୍ କୁଆଇବାୟ । ସବୁଘରେ ଖାଇ ସାରଲେ ଭୋଜି ହୋଇ ରହିସି, ସେ ଭୋଜି ଲଗେ ଗାଁର ସବୁ ଲକ୍ ଆରି ପାଞ୍ଜିଆ ଭାଇମନ ସବୁ ମିଶି ଭୋଜି ଖାଇଲେ ପାଞ୍ଜିଆ ଭାଇମନ୍‌କେ ତାକ୍‌ର ଗାଅଁ ପଠାଇ ଦେବାର ।

ଏ ଦିନ୍ କାଲ ଅନି ମଲା ଲକ୍‌ର ଆତ୍ମାଶାନ୍ତି ହୋଇଲା ବୋଲି ଆମର୍ ଲକ୍‌ମନ୍ ସବୁ ଜାନ୍‌ବାଇ ।

# ପୁରନା ରିନ୍ ସୁଜିବା ଆଉ ନୂଆ ରିନ୍ ଦେବା ଗପ

ଆଗେ ଦେଶ୍ ସବୁ ରାଜାମନ୍ ଶାସନ୍ କରତେ ରହିଲାଇ । ସେ ବେଲେ ରାଜା ଗୋଟେକ୍ ଯଜ୍ଞ କର୍‌ବାକେ ଇଛା କଲା । ଯଜ୍ଞ କର୍‌ବା କାଜେ ସେ ଗୋଟେକ୍ ବାମନ୍ ଲଗେ ଗାଲା ଆରି ବାମନ୍‌କେ ପାଚ୍ରଲା । ଏ ବାମନ୍ ମୁହିଁ ଗୋଟେକ୍ ଯଜ୍ଞ କରିବି କାଇକାଇଟା

ଲାଗ୍‌ସି ମୋକେ କହ । ବାମନ କହିଲା ସବୁ ମିଲସ୍ ସିନା ଗାଣ୍ଡା ଗଟେକ୍ ଦରକାର୍ । ଗାଣ୍ଡା ଆନ୍‌ଲେ ମକେ କହିବାର୍ ଆନ ଯଜ୍ଞ ଦିନ୍ କହିବି ବୋଲି ବାମନ୍ କହିଲା ଆଲେ ତେବେ ବୋଲି ରାଜା କହିଲା ।

ଗାଣ୍ଡା ଦରବାକେ ରାଜା ତାକ୍‌ର ରାଇଜର୍ ଲକ୍‌କେ ଡଙ୍ଗ୍‌ରେ ଡାକି ନେଲା । ଡଙ୍ଗ୍‌ରେ ସବୁଲକ୍ ଗାଣ୍ଡା ଖୋଜି ବୁଲଲାଇ । ସଞ୍ଜ୍ ହୋଇ ଆଇଲା ଏମିତି ଗୋଟେକ୍ ପାନି ବାଦଲ୍ ଆସି ପାନି ମାର୍ ମାର୍ ମାର୍‌ଲା ଯେ, ରାଜା କନ୍‌ତି ରହୁବେ ବୋଲି ଡଙ୍ଗ୍‌ରେ ଏନେତେନେ ବୁଲି ବୁଲି ଗୋଟେକ୍ ଦୋରା ଘରେ ଯାଇ ସବୁଲକ୍ ରହିଲାଇ । ସିଥି ରାଜା, ସେ ଦୋରାକେ ପଚ୍‌ରଲା, ଏ ଦୋରା ତମେ କେତେ ଲକ୍ ଆଚ୍‌ାସ୍, କାଇଟା ଖାଇଲାସ୍‌ନି କେମ୍‌ତି ବଚ୍‌ଲାସ୍‌ନି ।

ଦୋରା ଉତ୍ତର୍ ଦେଲା, ଆମେ ମାଇଝି ମୁନୁଷ୍ ଦୁଇ ଲକ୍ ଟକିପିଲା ଆରି ଆୟା ବୁଆ ଦୁଇ ଲକ୍ ଏମିତି ହୋଇ ଆଠ ଲକ୍ ଆଛୁ । ମୁହିଁ ଦିନ୍‌କେ ଗୋଟେକ୍ ଟାଟି ବୁନ୍‌ଲିନି, ସେ ଟାଟିକେ ୮ ଟଙ୍କା ବିକ୍‌ଲିନି ଆରି ପୁର୍‌ନା ରିନ୍ ସୁଜ୍‌ଲିନି, ନୂଆ ରିନ୍ ଦେଲିନି ବୋଲି କହିଲା । ତାର ପଚେ଼ ପାନି ଛାଡ଼ିଗାଲା ଗାଣ୍ଡା ଦାର୍‌ବାକେ ଗାଲା ସବୁ ଲକ୍ ଘରେ ବାହୁଡ଼ି ଉଠି ଆଇଲାୟ । ସେ ରାତି ରାଜା ଦୋରା କହିଲା କାଥାକେ ହେତାଏ ହେତାଏ ତାକେ ନିଦ୍, ଗୁନ୍ ନ ହୋଇଲା । ଦୋରା ଗୋଟେକ୍ କେମ୍‌ତି ଲକ୍ ଦିନ୍‌କେ ଗୋଟେକ୍ ଟାଟି ବୁନିକରି ୮ ଟଙ୍କା ବିକି କରି ୮ ଲକ୍‌କେ ଖାଇବା କାଜେ ଦେଇ କରି ପୁରୁନା ରିନ୍ ସୁଜିକରି ନୂଆ ରିନ୍ ଦେଲାନି । ଏ କାଥାକେ ରାଜା ନିମାନ କରି ବୁଝି ଆସା ବୋଲି ୧୮ଟା ମତରି କେ ଡାକ୍‌ଲା ୧୮ଟା ମତ୍‌ରି କେ ହଜାର୍ ହଜାର୍ ୧୮ ହଜାର ତାବୁ ଦେଇ ରାଜା ପଠ୍‌ଇଲା । ମନ୍‌ତିରି ମନ ଦୋରା ଘରେ କେଟ୍‌ଲାଇ ଆରି ଦୋରାକେ ପାଚ୍‌ରଇଲାଇ । ଏ ଦୋରା ତୁଇ ଆମର ରାଜାକେ ସେ ଦିନେ କାୟ କଥା କହିଲୁସ୍ ସେ କଥା ଆମ୍‌କେ କହ ବୋଲି ଦାର୍‌ଲାଇ । ଦୋରା କଇଲା ନାଇ ମୁହିଁକାୟ କଥା କହି ନାଇଁ ବୋଲି କହିଲା ନାଇଁ ତୁଇ କଇଲୁସ ପାଇଁ ବୋଲି ତାକେ ପଚ୍‌ରିଲାଇଁ । ହଁ ହ ମୁଇଁ କହିବା କାଥା ହୋଇଲାନି ମୁଇଁ ଦିନ୍‌କେ ଗୋଟେକ୍ ଟାଟି ବୁନ୍‌ଲିନି ଆରି ୮ ଲକ୍‌କେ ଖାଇବାକେ୍ ଦେଲିନି ଆରି ନୂଆଁ ରିନ୍ ଦେଲିନି ଆରି ପୁର୍‌ନା ରିନ୍ ସୁଜ୍‌ଲିନି ବୋଲି କହିଲା ଏ କାଥା ଯେ ପୁର୍‌ନା ରିନ୍ କେମ୍‌ତା ସୁଜ୍‌ଲୁସ୍‌ନି ଆରି ନୂଆ ରିନ୍ କେମ୍‌ତା ଦେଲୁସ୍‌ନି, ଏଟା ଆମ୍‌କେ ନିକୋ କରି ଅଲପ୍ ସାଙ୍ଗିଦେ ବୋଲି ମନ୍‌ତିରି ମନ କହିଲାଇଁ ।

ଏକାଥା କି ଆୟା ବୁଆ ମକେ ସାନ୍ ବେଲେ ଅନିପୋଶି ବଢ଼ାଇଲାୟ ଆରି ମାଇଝି ଆନି ଦେଲାଇ । ସେ ମନ ମକେ ଦେଲା ପୁରୁନା୍ ରିନ୍ ସୁଜ୍‌ଲିନି ଆରି ମୋର୍ ୪ଟା ପିଲାଟକି ଖାଇବାକେ ପିନ୍ଧ୍‌ବାକେ ଏମିତି ସବୁ ଜିନିଷ ଆନି ଦେଲିନି । ଏଟା ଅଇଲାନି ନୂଆ ରିନ୍ । ଏବେ ବୁଝଲାସ୍‌ତ ବୋଲି ଦୋରା ମନ୍‌ତିରି ମନ୍‌କେ କହିଲା । ମନ୍‌ତିରି ମନ୍ କହିଲା ।

ଏବେ ବୁଝ୍‌ଲୁ ଦୋରା ବାବୁ ବୋଲି ରାଜା ଦେଇଁ ରହିବା ୧୮ ହଜାର୍ ଡାବୁ ଦୋରାକେ ଦେଇ କରି ମନ୍‌ତରି ମନ୍ ଉଠିଗାଲାଇ । ଏ କାଥା ସବୁ ରାଜା କେ ଯାଇ କରି କଇଲାୟା ।

# ତପଲା କାକର କଲି

ଗୋଟେକ୍ ଛେଲିଆ ଟୁରା ରଇଲା । ସେ ସବୁଦିନ୍ ଛେଲି ଚ଼ରାଇତେ ରହିଲା । ଗୋଟେକ୍ ଦିନେ ବାଟ୍ ପାଲି ଛେଲି ଚ଼ାରାଇତେ ରହିଲାବେଲେ ବାଟ୍ ପାଲି ଜାମ୍‌କଲି ଗଛେ ଚ଼ଗି ଜାମ୍‌କୋଲି ତଲି ତଲି ଖାଇତେ ରହିଲା । ସେ ବାଟ୍ ବାଟ୍ ଗୋଟେକ୍ ବାବାଜି ଆଇଲା ଆରି ଛେଲିଆ ପିଲାକେ କହିଲା, “ଏ ଛେଲିଆ ପିଲା ମକେ ବେଶି ଭୁକ୍ ଲାଗ୍‌ଲାନି କୋଲି ଜଡ଼େକ୍ ଅଦରାଇ ଦେ ଖାଇବି ବଇଲା ।” ସେ ଗଛତଲେ ଗୋଟେକ୍ କେନ୍ଧିବାଟେ ପଡ଼ିଆ ପଦା, ଆରି ଗୋଟେକ୍ କେନ୍ଦି ବାଟେ କସିର୍ ପଦା ଆଛେ ।

ସେ ଦାପ୍‌ରେ ଛେଲିଆ ପିଲା ପାଚ୍ଚରଲା ଏ ବାବାଜି ତୁଇ କାକର୍ କୋଲି ଖାଇସୁ କି ତପ୍‌ଲା କଲି ଖାଇସୁ । ବାବାଜୀ କହିଲା ମୁଇଁ ତପ୍‌ଲା କୋଲି ଖାଇବି ବଇଲା । ଆଲେ ଖା ତେବେ ବୋଲି ପଡ଼ିଆ ପଦା ବାଟର୍ ଜାମକୋଲି କେନ୍ଦା ଦୁନି ଦେଲା । ବାବାଜି ସେ କୋଲି ସବୁ ବେଟ୍‌ବାର୍ ଖାଇବାର୍ ବେଟ୍‌ବାର୍ ଖାଇବାର କଲା । ପଛେ କସିର୍ ପଦା ବାଟ୍‌ର କେନ୍ଧି ଥାନେ ଯାଇ ଦୁନି ଦେଲା । ସେ ବାଟ୍‌ର କଲି କେ ବାବାଜୀ ଧୂଲି ଲାଗିଆଚେ଼ ବୋଲି ପୁକି ପୁକି ଖାଇଲା । ବାବାଜୀ ପେଟ୍ ଭରତି କୋଲି ଖାଇ ସାର୍‌ଲା ପଛେ ଛେଲିଆ ପିଲାକେ ପାଚ୍ଚରିଲା ।

ହେ ଛେଲିଆ ପିଲା ମୁଇଁ ତ ତପ୍‌ଲା କୋଲି ଖାଇବି ବଇଲି, ଏଟାତ ତପ୍‌ଲା କାକର୍ କାଇଟା ନା ଜାନ୍‌ଲାର୍ । ସେଥି ଛେଲିଆ ପିଲା ବାତାଇ ଦେଲା ତୁଇଁ ଆଗତୁ ଜନ୍ କୋଲି ଖାଇଲୁସ୍ ବେଟ୍‌ବାର୍ ଖାଇବାର୍ ବେଟ୍‌ବାର୍ ଖାଇବାର୍ କଲୁସ୍ କି ନାଇଁ । ବାବାଜୀ ହୁଁ ବଇଲା ।

ତାର୍ ପଛେ କଲସା ପଦା ବାଟର୍ କୋଲି ଖାଇଲୁସ୍ କି ନାଇଁ ବାବାଜୀ ଖାଇଲି ସେ କୋଲି ଖାଇଲାବେଲେ ପୁକି ପୁକି ଖାଇଲୁସ କି ନାଇଁ । ବାବାଜୀ ପୁକିପୁକି ଖାଇଲି ବଇଲା । ତୁଇ ଜନ୍ କୋଲି ପୁକି ପୁକି ଖାଇଲୁସ୍ ସେ କୋଲି ତପ୍‌ଲା କୋଲି ବୋଲି ଛେଲିଆ ପିଲା କହିଲା ଏଥର୍ ବାବାଜୀ ତପ୍‌ଲା ଆରି କାକ୍‌ର କୋଲିକେ ଜାନି ପାର୍‌ଲା ।

# 'ଗିଦ୍' ଧରଲା 'ଗିରନା'

ଗଟେକ୍ ଗୀଦ୍ ରେଇଲା, ଦିନ୍ କେ ଗୀତ ମାରି, କାନ୍ଦିକାନ୍ଦି ବୁଲ ତେଉଇଲା, ଇଲେ ଗଟେ୍କ୍ ମିଶା, ପୁଟିକି, ସାପସୁପା, ଆରି ଟିଅଁ ମିଶା ନ ମିଲେ । ଗଟେ୍କ ଦିନ ଉଡ଼ିବୁଲି କରି 'ଗିଦ୍ ନାନୀ' ଗୀତ ମାରି ବୁଲତେ ରେଇଲା ଗିର୍‌ନା ତଲେ ରେଇ କରି କଇ ଲାଗ୍‌ଲା ।

ଗୀଦ୍ ନାନୀ, ଗୀଦ୍ ନାନୀ, ତଲକେ୍ ଖଣ୍ଡେ ଆ
ଟିଅଁ, ପୁଟିକି ମିଲିଲେ ସରି ବେଟିକରିଖା ।

ଗୀଦ ନାନୀ, ଗୀଦ୍‌ନାନୀ, ତଲକେ୍ ଖାଣ୍ଡେ ଆ
ଟିଅଁ, ପୁଟକି ମିଲଲେ ସାରି ବେଟି କରି ଖା ।

ଗୀଦ୍ ନାନୀ ଶୁନି କରି କୋପ୍ ପଡ଼୍‌ଲା, ଆରି ଗିର୍‌ନାକେ ବେଟି ଧେରି ଗାଲା ।

# ଖାଡ଼ା ଜୋଇ ବେଟି ଆନ୍‌ଲା

ଭୁଟେକ୍ ଦିନ୍ ତଲେ, ଆମର୍ ଦେଶେ ଜନମି ନରେଇଲା, ଗଟେ ଖାଡ଼ା ବନେ ବୁଲତେ ରେଇଲା, ବନେ ଗଟେ ବାଘ୍, ତାକେ ଦେଖି କରି ଖାଇବାର ଘିନେ ଖେଦି ଲାଗ୍‌ଲା, ଖାଡ଼ା ବାପଡ଼ା ଡ଼ରି କରି ଏନେ ତେନେ ଭାଗ୍‌ଲା, ବାଘ୍ ମିଶା ତାକେ ଛାଡ଼େ ନାଇ, ଖାଡ଼ା ବାପୁଡ଼ା । ବାବଲା ମୋକେ ତ ବାଘ୍ ଖାଇ ଦେଇସି କାଇ କରିବି ବଲି ଖରି ଗଟେ ପାର୍ ଭିତରେ ପୁରି କରି ରେଇଲା । ବାଘ ତାକେ ଛାଡ଼ି କରି ଗାଲା, ମେଘ ହେଲା, ଆରି ବିଜିଲି ମାରି ଲାଗିଲା, ଆବାରେ ଜଇ ଗଛେ ପଡ଼୍‌ଲା, ଖାଡ଼ା ଡ଼ଙ୍ଗ୍‌ରେ ଜଇଧେରି କରି ଆରେ ବାଘ କେନ୍‌ତା କରି ଖାଇସୁ, ବାଘ ଖାଡ଼ା ଠାନେ ଜଇ ଦେଖି କରି ଡ଼ରି ପାଲାଇଲା, ଖାଡ଼ା ଗାଁକେ ଜଇ ଧେରି କରି ସି ଦିନ୍ ଠାନୁ ବେଟି ଆନ୍‌ଲା ।

# ଟେଣ୍ଡକା ଘିନିଲା ହାଚ଼ିଆ

ଗଟେକ୍ ପୁଲା, ବାଯ୍ଯା ଲୁଗା ବେବାରୀ ରେଇଲା, ପାଚ଼ିଆ ପାଟା ଧାରି କରି ଦିନ୍ କେ ବିକି ପେଟକେ ଖାଦି ଘିନି ରେଇଲା । ଗଟେ କ୍ ଦିନ୍ ବାପୁଡ଼ା ପଡ଼ିଆପାଟା ଧେରି କରି, ବିକ୍ ବାକେ ଗାଉଁ ଗାଉଁକେ କିନ୍ଦିରି କିନ୍ଦିରି ବୁଲି ଲାଗ୍‌ଲା, ଇଲେ ସାରି କୁନ୍ ଟକି ପିଲା ପାଚିଆପାଟା ନ ଘିନେତ୍, ମନ୍ ଦୁଃଖ୍ କରି ଗଟେ ବିଲ୍ ଲଗେ ବସି ରେଇଲା । ସି ଠାନେ 'ଚ଼ାଟି' ଖାଇବାର ଘିନେ ଗଟେ ଟେଣ୍ଡକା ଜାଗି ରେଇଲା, ତାକେ ଦେଖିକରି ଗୁଲା, ବାଯ୍ଯା ପଚ଼ରି ଲାଗ୍‌ଲା, ଟେଣ୍ଡକା । ନାନା ପାଚିଆପାଟା ଘିନ୍‌ଷୁ, ଟେଣ୍ଡକା ତାର ମୁଣ୍ଡକେ ତଲ୍‌କେ

ଉପର୍ କେ କରି କଇ ଲାଗ୍‌ଲା, ଦେ କିନା ଦେକିନା ଗୁଲା ମାଇଝି ସର୍‌ତେ ପାଟିଆପଟା ରଖ୍ଖି ଦେଇକରି ଘରକେ ଭାଗ୍‌ଲା, ତାର୍ ଆର ଦିନ୍‌କେ ତାବୁ ନେବାକେ ଆସ୍‌ଲା, ପଟିଆ ନାଇଁ କି ପାଟାନାଇଁ ଟେଣ୍ଡକା ନାଇ କି ପାଣ୍ଡ୍‌କା ନାଇ । ବାଘ୍ୟା ବକୁଆ ଲାଜ୍ ପାଇ କରି ଘରେ ଗାଲା ।

# କେରା ଡକରୀ

ଗୋଟେକ୍ ଗାଁଲଗେ ଡକରା ଆରି ଡକରୀ ରଏଲାଏ ପୁନି । ତାକର ପିଲାଟୋକି ନା ରଏଲାଏ । ସେତିର୍‌କାଜେ ଡକରିର୍ ମନ ବଡ଼େ ଦୁଖ୍ ସେ ସବୁବେଲେ ମାପୁରୁ ଲୋଗେ କାନ୍ଦି କାନ୍ଦି କୋଏତେ ରଇସି । ମାପୁରୁ ଆମେ କାୟ୍ଯ ପାପ କଲୁ । ଆମକେ୍ ପିଲାଝିଲା ନାଇ ଦେଲୁସ୍ । ଆମେକେ କେବେକ ଦେବ୍‌ବାୟ୍ଯ, ଏନ୍ତି ବିଚାରୀ ସବୁବେଲେ ମନଦୁକ୍‌କରି ବସିରେଇସି ।

ଗୋଟେକ୍ ଦିନ ବାବାଜୀ ତାକର ଘରେ ଆଏଲା । ସେ ଡ଼କରାକେ ବଏଲା ଏରେ ଡକରା ଆଜି ମୁଇ ତୁମର ଘରେ ଖାଇବି । ଡକରା ଯାଇଁ ଡବରୀକେ କଏଲା ରେ ଡକରୀ ବାବାଜୀ ଗୋଟେକ୍ ଆଏଲାଆଚେ ସେ ଆମର ଘରେ ଖାଇବି ବୋଲି କଏଲାନି ତୁଇ ରନ୍ଧାବାଡ଼ା ବେଗି କର୍ । ଡକରୀ ରାନ୍ଧ୍‌ଲା ବାବାଜୀକେ ଖାଇବାକ୍ ଦେଲା, ବାବାଜୀ ଖାଏଲା । ସେ ଗାଲାବେଲେ ଡକରା ଡକରୀକେ କଏଲା ରେ ଡକଲା ପରୁକେ ତମର୍ ଗରେ ଗୋଟେ ପିଲା ଜନମ ଅଇସି । ଏ କାଦା ଶୁନି ଡକରା ଡକରୀ ଆସଲାଏଁ । ଏ ବୟ୍ସେ ଆମ୍‌କେ କେନ୍ତି ପିଲା ଟୋକି ଏଇସି । ସତକେ ସତ ଡକରା ଗରେ ଗୋଟେକ୍ ପିଲା ହେଲା ପିଲାକେ ଦେକି ଡକରା ଡକରି ବଡେ ଆନନ୍ଦ ହେଲ । ସବୁ ବେଲେ ପିଲା, ଏକ, ବୋଲି କଏତେ ରଏଲାଏ । ଡକରା ଡକରୀର୍ ବୁକ୍ ଶୋଷ ଉଡିଗାଲା ପିଲା ଅଲପ୍ କୁନ୍ତି ଗାଲେ ଘରିପୁର୍‌ତି ଖିଜ୍‌ତେ ରଏଲାୟ୍ଯ ।

ଗୋଟେକ୍ ରାତି ଡକରା ଶୋଏଲା ଆଚେ ସେ ସପଦ ଦେଖିବ୍‌ଲା ସେ ବାବାଜୀ ଆସି କଏଲା ରେ ଡକରା ସାକାଲ ହେଲେ ତୋର୍ ପିଲାକେ ଧେରି ବାକ୍‌ଟି ଡଙ୍ଗ୍‌ରେ ଯିବୁସ୍ ତୋର ପିଲାକେ ମୋର୍ କାଜେ ବଲି ଦେବୁସ୍ । ଡକରା ସପନ ଦେକି ଡରିଗାଲା, ସାକାଲ ହେଲା ଡକରା ପିଲାକେ କଏଲା ରେ ବାବୁ ଆଜି ମୋର ସାଙ୍ଗେ ବାକ୍‌ଟି ଡଙ୍ଗରେ ଜୁ ଡକରୀ ଶୁନି କଏଲା ପିଲା କାୟ୍ଯକାଜେ ଯାଇସି ତୁଇ ଏକ୍‌ଲା ଯାରେ ଡକରା । ଡକରା ବଏଲା ବାଇରେ ଡକରୀ ପିଲା ମୋର ସାଙ୍ଗେ ଯାଇ ଡଙ୍ଗ୍‌ର ଦେକି ଆଇସି ପିଲା ଆଉରି ଡକରା ଡଙ୍ଗ୍‌ରେ ସଙ୍ଗେ ଗଲେ । ପିଲା ବଏଲ । ବୁଆ ଏ ଡଙ୍ଗରେତ ଛେଲି, ମେଣ୍ଢି ବଲି ଦେବାୟ୍ଯ ଆମର୍ ଲଗେତ ଛେଲିକି ମେଣ୍ଢି ନାଇ ଆମେ ବାକେ ବଲି ଦେବୁ । ଡକରା ବଏଲା ସେତି ଗେଲେ ଛେଲି କି ମେଣ୍ଢା ମିଲସି । ଡକରା ପିଲାକେ ଡଙ୍ଗ୍‌ରେ ନେଲା ତାକେ ତଲେ ଜୁଲାଇ

ଦେଲା ଆରି କାଣ୍ଡା ବାଢ଼ି ଉପ୍‌ରେ ଭଗ୍‌ତେ ରଏଲା ସେତ୍‌କି ବେଲେ ବାବାଜୀ ଆସ୍‌ଲା ଆରି କଏଲା ରେ ଡକରା ମାର୍‌ନାଇ ମୁଇ ତକେ ପରୀକ୍ଷା କର୍‌ତେ ରଇଲି, ମୋକେ ଦାସଲ୍‌ଲୁସକି ନାଇ ବୋଲି ଦେକ୍‌ତେ ରଇଲି ତୁଇ ଜିତ୍‌ଲୁସ୍ ଏବର୍ ତର୍ ପିଲାକେ ଦର୍ରି ଘରେ ଦାରିଯା ଡକରି ଜାଗ୍‌ଲା ଆଚେ ଡକରା ପିଲାକେ ଧେରି ଶାର୍‌ଧା ସନେ ଘରେ ଉଟି ଆୟ୍‌ଲା ।

# ଚତୁର କଲିଆ

ଗୋଟେକ୍ ଦିନ କାଉକେ ମାଉସ୍ କାଣ୍ଡେକ୍ ମିଲ୍‌ଲା ସେ ମାଉସ୍ ତଣ୍ଡଲୋଗେ ଦେରି ଖମନର୍ ଆମ ଗଛର୍ ଡାଲେ ଯାଇ ବସଲା । ସେତିକି ବେଲେ ଗୋଟେକ୍ କଲିଆ ତାକି ଫୁଣ୍ଡି ଆସି ଗଛତଲେ ବସ୍‌ଲା । ସେ ଦିନ ତାକେ କୁନ୍ତି ଖାଇବାକ୍ ନା ମିଲ୍‌ଲା । ସେ ମନ୍ ଦୁଃଖ୍‌କରି ଗଚ ତଲେ ବସିରଏଲା । ସେତିକି ବେଲେ ଉପରଉନି ଆମ ଗୋଟେକ୍ ଅଦରଲା,କଲିଆ ଉପରେ ଦେଖ୍‌ଲା କାଉ ମାଉସ ଗୋଟେକ୍ ଦେର୍‌ଲା ଆଚେ । ସେ କେମତି କରି କାଉ ଖାଇସି ମାଉସ ବସି ଉପାୟ କଲା ।

କାଉକେ କଏଲା ମଇତର୍ ତମେ କେଡେକ୍ ସୁନ୍ଦର ଡିସ୍‌ଲାସ୍‌ନି । ତମର୍ କାଲାରଙ୍ଗ୍ ମର ମନ୍‌କେ ଗାଲା । ତମେ ବଡେ ସୁନ୍ଦର୍ ଗୀତ ଗାଏଲ୍‌ସ୍‌ବି । ମୁଇ ତୁମର୍ ଗୀତ ଶୁନ୍‌ବାକେ ଆଇଲି ଆଚି । ତମେ ଗୀତ ଗୋଟେଗା ମୁଇଁ ଶୁବ୍‌ବି, କାଉ ଭାବଲା ମୁଇ ଏଡେକ୍ ସୁନ୍ଦର୍ ଦିଶ୍‌ଲିନି ମୋର୍ ଗୀତ ମିଶା ନିମାନ ତେବେ ମୁଇ ଗୋଟେ ଗୀତ ଗାଇବି । କାଉ ଗୀତ୍ ଗାଇଲା, ତାର ତଣ୍ଡର ମାଉସ ତଲେ ପଡ଼ିଗାଲା । କଲିଆ ସେ ମାଉସକେ ଜାଗି ରଏଲା ମାଉସ ତଲେ ପଡ୍‌ଲାକେ କଲିଆ ମାଉସ୍ ଦେରି ଖମନେ ଉଟିପାଲାଇଲା କାଉ ମନ୍‌ଦୁଖ୍ କରି ପଚରନ୍ତୁ ଉଡି ପାଲାଇଲା ।

# ସୌରା କାହାଣୀ

ଗୋଟେକ୍ ହାର୍ ସୁରଜ୍ ଆରି ଜନ୍ ବିତରେ ବେଟ୍ ହେଲା । ସେମନ୍ ବସି କାଟା ହେଇତେ ରେଇଲାଇ । ଇ ଭିତରେ ଜନ୍ କଇଲା ତା'ର୍ ଜବର୍ ପିଲା ରଇଲାଇ । ମାତର୍ ସେ ମନ୍‌କେ ସବୁଦିନ୍ ଖାଇବାକେ ନା ଦେଇ ପାର୍‌ଲା । ସି କାଜେ ଏବେ ତା'ର୍ ପିଲାମନ୍‌କେ ଚ୍‌ବାଇ ଚ୍‌ବାଇ ଖାଇଦେଲା ଆଚେ । ଇଟା କଇ କରି ଜନ୍ ପୋଇମଞ୍ଜି ଚ୍‌ବାଇ କରି ତା'ର ରଙ୍ଗ୍ ଟଣ୍ଡ୍‌କେ ବେଖାଇଦେଲା । ଏକାଟା ଶୁନିକରି ସୁରଜ୍ ତା'ର ଆପ୍‌ନାର୍ ପିଲାମନ୍‌କେ ମର୍‌ତେ ମାର୍‌ଦେଲା । ତା'ର ପାଛେ ଜନ୍ ଗଟେ ପେଢ଼ିଭିତରେ ତାପି କରି ରଖିରେବା ତା'ର ଆପ୍‌ନାର ପିଲାମନ୍‌କେ କାଡ୍‌ଲା । ଇଟା ଦେଖିକରି ସୁରଜ୍ ବଡ଼େ ମାଡ୍ ରିଶା ହଇଗାଲା ଜନ୍‌କେ ଭେଟ୍ କରି ଗୋଟେକ୍ ଦିନ୍ ମିଶା ଗୋଟ୍ ଦିନ୍ ମା ରାନ୍ ଗୋଟା ଗିଲିଦେବି । ସେ

ଦିନ୍ ତାନୁ ଜନ୍ ତା'ର୍ ପିଲା ମନ୍‌କେ ସାଙ୍ଗରେ ନେଇ କରି ବୁଲ୍‌ଲାନି । ତା'ର୍ ପିଲାମନ୍‌କେ ଜାନ୍‌ଲା ଆଚାସ କି ନାଇ, ସେମନ୍ ତାରାମନ୍/ସେଦିନ୍ ତାନୁ ସୁରଜ୍ ଜନ୍‌କେ ବେଟ୍‌ଲେ ଖାଇଦେଇସି ବୋଲି ରିକରି କନ୍‌ତି ଗଦ୍‌ବଦି ଦେବାଇ ସବୁଲୋକ୍ ବଚତ୍ ବୋଲି ଆମର୍ ସୌରା ଲୋକ୍‌ମନେ ମିଶା ସେମନ୍‌କେ ଗୋଟେ ସାଙ୍ଗ୍‌ରେ ଭେଟ୍ ନା କରାଇ ଦେବାଇ ।

## ଗାଦବା କାହାଣୀ

ଆମର୍ କୋରାପୁଟ୍‌ର ଆମର ଗାଦବା ଜାତି ଲୋକ୍‌ମନ୍ ବର୍‌ଷା ଉପରେ ଗୋଟେ କାତାନି କଇବାଇ । ଶୁନା, ଗୋଟେକ୍ ମାତ୍ ପାନି ଦେବ୍‌ତା ଇନ୍ଦର୍ ରାଜା ତା'ର୍ ଇବା ଥିବା କୁଣ୍ଡ୍‌କେ ତାପି ଦେଇଲାଇ ଲକ୍‌ମନେ ପିଇବା କାଜେ ମିଶା ପାନି ଗୁଡ଼ିକ୍ ନ ପାଇଲାଇ । ମାପୁରୁ ଲଗେ ଜୁଆର କଲାଇ / ଇଶର୍ ମାପୁରୁ ଇନ୍ଦର୍ ଦେବ୍‌ତାକେ ପାନି ଛାଡ଼୍‌ବାକେ ବଡ଼୍‌ମାନ୍ କବର ଗାଲା । ମାତର୍ ଇନ୍ଦର୍ ବେବ୍‌ତା ନା ଶୁନ୍‌ଲା / ଇନ୍ଦର୍ ଆରି ଦୁସ୍‌ରା ମାପୁରୁମାନ ଇଟା କାଜେ ଯୁଧ୍ ଲାଗ୍‌ଲାଇ । ଯୁଧ୍ ଟାନେ ଇନ୍ଦର୍ ଦେବ୍‌ତା ହାରିଗାଲା । ତା'କେ ଦୁସ୍‌ରା ମାପୁରୁମନ୍ ବନ୍ଦୀ କରି ରଖ୍‌ଲାଇ । ମାତର୍ କିଏ ମିଶା ଇନ୍ଦର୍ ଦେବ୍‌ତାର ପାନିକୁଣ୍ଡ୍‌କେ ନା ବାଙ୍ଗିପାର୍‌ଲାଇ । ଶେଷ୍‌କେ ଭୀମ୍ ପାନିକୁଣ୍ଡକେ ଭାଙ୍ଗିଦେବାକେ ପାନି ବର୍‌ଷିଲା । ଇନ୍ଦର୍ ଦେବ୍‌ତା ଜନ୍ ସବୁ ମାପୁରୁକେ ବାନ୍ଧିମାଲି ହେବାକେ ତାକେ ଚ଼ାଡ଼ିଦେଲାଇ । ଇନ୍ଦର୍ ଦେବ୍‌ତା କଇଲାଇ ତା'ର୍ ଲଗେ ରେଇବା ଯୋଡ଼େକ୍ ବନ୍ ମଇଁଷି ନେଇକରି ଯିଏ ଗଷ୍ କରିପାର୍‌ସି ତା'ର୍ ହାତେ ସେ ତା'ର୍ ଆପ୍‌ନାର ଜିକେ ବିଭା କରି ଦେଇସି । ଇ କାମ୍‌କେ ଆବ୍‌କା ଭୀମ୍ ଏକା କର୍‌ବାକେ ପାର୍‌ଲା । ତାର୍ ପାଚ଼େ ଇନ୍ଦର୍ ଦେବ୍‌ତା ଟକିକେ ବିଭା ହେଲା ।

## କାତାନି

ଗୋଟେକ୍ କମ୍‌ନେ କଟ୍ରା ଆରି କଲିଆ ରେଲାଇ । ଗୋଟେକ୍‌ଦିନେ ଇ ଦୁଇ ଲୋକ୍ ସଙ୍ଗାତ୍ ବସ୍ ଲାଇ । ସେ ଦିନ୍ ତାନୁ ସେ ଦୁଇଲୋକ୍ ଗୋଟେକ୍ ଲଗେ ମିଶିକରି ରେଲାଇ । ଗୋଟ୍‌ଦିନେ ଦୁଇ ଲୋକ୍ ସକାଳୁ ଉଠି ଗାଡ଼େ ପାନି ଧୋଇବାକେ ଗାଲାଇ । ଗାଡ଼୍ ପାଲିକେ କଟ୍‌ରାର ଗୋଡ୍ ଖସ୍‌ରି ଗାଲା । ଗାଡ଼୍‌ର୍ ପାନି ବିତ୍‌ରେ କଟ୍‌ରା ଭାସିଗାଲା । କଲିଆ ବିକଲ୍ ହେଇକରି ଗାଡ୍ ପାଲି ପାଲି ଦବଡ଼୍‌ଲା । କୁଟ୍‌ରାକେ କେତେକ ଡାକ୍‌ଲା । ମାତର୍ କଟ୍‌ରାର ଚିନ୍‌ବରନ୍ ଜାନି ନା ପାର୍‌ଲା । କଲିଆ ରିଶା ହେଇକରି ଗାଡ୍‌କେ କଇଲା, "ମର୍ ସଙ୍ଗାତ୍‌କେ କନ୍‌ତି ଲୁଚ଼ଇଲୁ ଆଚୁସ୍, ସାଙ୍ଗେ ସାଙ୍ଗେ ବାର୍ କର୍ । ନଇଲେ କାଇଟା କର୍‌ବି ଦେଖ୍‌ବୁସ୍ ।" ଗାଡ୍ କଲିଆକେ କଇଲା - "କଲିଆ ବାଇ ତର୍‌ସାଙ୍ଗ୍ ଆରି ଜିଇଁ ବା

ଅବସ୍ଥାରେ ନାଇନି । ସେ ମରିଗାଲା, ଭାସିଗାଲା । ସିଟା ଘିନେ ତୁଇ ସେ କଟ୍‌ରାର ମଲାମଡ୍‌କେ ନେଇ ଜାଇଟା କର୍‌ବୁସ୍ । ପାର୍‌ଲେ ତକେ ଗୋଟେ ଗଡ୍‌ସି ମାଛ୍ ଦେଲିନି ନେ ............ ଇଟା କଇ କରି ସେ ତାକେ ଗୋଟେ ଗଡ୍‌ସି ମାଛ୍ ଦେଲା । କଲିଆ ଗଡ୍‌ସି ମାଛ୍ ନେଇ ଗାଡ୍ ପାଲିକେ ରଖି କୁଟ୍‌ରାକେ ହେତାଇ କାନ୍ଦ୍‌ଲା । ଏତିକି ବେଲ୍‌କେ ଚାଆନ୍ ଆସି ମାଛ୍‌କେ ଛାଡ଼ାଇ କରି ନେଲା । କଲିଆ ମିଶା ଛାଡ୍‌ବାଲକ୍ ନାଇ । ଚାଆନ୍ ଯନ୍ତି ବସ୍‌ସି ସେ ମିଶା ସିଟି ଯାଇସି । ତାର ପଢ଼େ ଚାଆନ୍ ଗଚ୍, ପରବ ସବୁବାଟେ ବୁଲିବୁଲି ଗଡ୍‌ସି ମାଚ୍ ଖାଇଲା । ଶେଷ୍ ବେଲ୍‌କେ ଚାଆନ୍ କଲିଆକେ କଇଲା ମୁଇଁ ତର୍ ଗଡ୍‌ସି ମାଚ୍ ଖାଇସାର୍‌ଲିବେ । ପାର୍‌ଲେ ତୁଇ ଟାଙ୍ଗିଆ ନେ ତକେ ଲୋଡ଼ାକେ ଲାଗ୍‌ସି । ସେ ଦିନ୍ ତାନୁ କଲିଆ ହୁକେ ହୋ । ରାଟୁ କର୍‌ଲାନି । କୁପଲି, କମନ୍ ବୁଲ୍‌ଲାନି ଆରି ଚାଆନ୍‌କେ ଖେଦି ବୁଲ୍‌ଲାନି ।

# କାତାନି

ଗୋଟେକ୍ କଲିଆ ଗୋଟିକି ଦିନ୍ ଗାଡ଼େ ପାନି ପିଇବାକେ ଗାଲାପୁନି । ଗାଡ଼େ ଭିତରେ ଗୋଟେକ୍ ମଗର ରଇଲା ପୁନି । କଲିଆ ପାନି ପିଇବା ବେଲେ ମଗର କଲିଆର ଗୋଡ଼କେ ଧାରି ପାଖାଇଲାପୁନି, କଲିଆ କଇଲାପୁନି । ତି଼ରେ ମଗର ଜଡ଼ିଗଛର ଚେ଼ର ଧାରି କରି କଲିଆର ଗୋଡ଼ ଧାରିଲିନି ବୋଲି ଭାବିଲାଇନି ପୁନି, ତାର ପାଛେ କଲିଆର ଗଡ଼କେ ଛାଡ଼ି ଜଡ଼ି ଗଛର ଚେର ଧାରା ଲାପୁନି । ତାର ପାଚେ଼ କଲିଆ ଧାଇଁ କରି ଅଲସି କୋଟା ପିଆଲ ଗାଦାଇ ଶୋଇଲା ପୁନି । କଲିଆର ପାଚେ଼ ପାଚେ଼ ମଗର ଅଲ୍‌ସି କୋଟାରର ପିଆଲ୍ ଗାଦା ଲାଗେ ଖେଟ୍‌ଲାପୁନି, କଲିଆ ଆରି ରଇବା ପାର ଲଗେ ବସି ରେଲା ପୁନି । ମଗର କଲିଆର ପାଛେ ପାଚେ ପାର୍ ଭିତରେ ପୁରଲା ପୁନି । କଲିଆ ପାର୍ ଠାନୁ ବାର୍‌କରି ଗାଁ ଲୋକମାନ୍‌କେ କହିଲା ପୁନି । ପାର୍ ଭିତରେ ମଗର ଭରଲି ଆଛି । ବେଗି ବେଗି ଆସା । ମଗର କେ ମାରିବା ବୋଲି କଲିଆ କଇଲା ପୁନି । କଲିଆ ଆରି ଗାଁଏ ଲୋକମନ୍ ଅଲ୍‌ସି ପିଆଲ୍ ମଗର ଭରିଏଲା ପାର୍ ଲଗେ ଭରଲାଇପୁନି । ତାର ପାଛେ ଜଇ ଲାଗାଇ ଦେଲାଇ ପୁନି । ମଗର ପାର୍ ଲଗେ ମରିଗାଲା ପୁନି, ଗାଏଁ ଲୋକ ଆସି କଲିଆ ମଗରକେ କାଟା କୁଟି କରି ଖାଇ ଦେଲାଇ ପୁନି । କାତାନି ସାର୍‌ଲାବେ ।

# କାତାନି

ଗୋଟେ ଗାଁ ଲାଗେ ଡ଼କରା ଡ଼କିରି ରେଲାଏ ପୁନି ତାକର ପିଲାଟକି ନ ରଇଲାପୁନି, ଡ଼କରା ଡ଼କିରି ଗୋଟେକ୍ ବରଷ ଧାନ ଚଷ କଲାଇପୁନି, ଧାନ ବେଡ଼ାକେ ଯାଇକରି ପୁନି ମୁଜୁର ଖାଇଲାନିପୁନି, ସାକାଲେ ଯାଇକରି ଦେଖ୍‌ଲା ବେଲେକେ

ଧାନକେଡ଼ା, ନଇଁ ଧାନ କେଡ଼ାତ ମୁଜୁର ଖାଇଲା ଇନି ବୋଲି ଏସୁ ମାଣ୍ଡିଆ ଚଷ କରୁ ବୋଲି ଚଷ୍ କଲାଇନି । ମାଣ୍ଡିଆ କେଡ଼ା ମିଶା ମୁଜୁର ଖାଇଲାଇନି ପୁନି ଗୋଟିକ୍ ବରଷ୍ ମାଣ୍ଡିଆ, ଧାନ ଚଷ କଲାଇପୁନି, ଯେଡ଼େବେଲେ ଧାନ୍, ମାଣ୍ଡିଆ ପାଚ଼ିଲା ସେଡ଼େବେଲେ ଡ଼କରା ଡ଼କିରି ଧାନ୍ କେଡ଼ାକେ ଆରି ମାଣ୍ଡିଆ କାଟିଆନି ଖାଲି ଗୋଛେ ଗୁଲାଇପୁନି, ଏସୁ ସେନ୍ ଡ଼କରା ଡକିରି କାଟି ନେଲାଇନି, ଆରି ଗୋଟେ ବରଷକେ ଚଷକଲେ ସଗତେ ଖାଇନ୍ ବୋଲି କଇଲାପୁନି, ଆରି ଗୋଟେ ବରଷ୍ କନ୍ଦମୂଲ ଲାଗାଇଲା ପୁନି ଏବରଷ୍ ଜବର୍ କନ୍ଦମୂଲ୍ ହୋଇ ଟିରଇଲା ବଲ୍‌ବା ବେଲ୍‌କେ ସତ୍‌କେ ସତ୍ ମୁଗୁର୍ ସାଗ୍‌ତେ ଖାଇଲା, ଏସୁସିନା ଖାଇଲା ଆସି ଏ ମିଶା କନ୍ଦମୂଲ ଲଗାଇଗୁଆ ବୋଲି ଲାଗାଇ ରଇଲେ, ସେ ବରଷ୍ ଡକାରା ଡ଼କାରି କନ୍ଦା ଖୋଲି ଦେଲାଇ ଆରି ମାଲମାଲ ଗୁଲାଇ ପୁନି ଯେଡ଼େ ବେଲେ ମୁଗୁର ଖାଇବା । ଲାଗେ ଗାଲାଇ ଆରି କାନ୍ଦା ତୋ ବୋଲି ଲମାଇ ସବୁ ବଙ୍କିରିଗା ଡାହାଣି ନେଇ ରଇଲାପୁନି ।

# କାତାନି

ଗୋଟେକ୍ ଗାଁ ଲାଗେ ଡ଼କ୍‌ରା ଡକିରି ରଇଲାଇ ପୁନି, ତାକର ଗୋଟେ ଟଙ୍କି ରଇଲା ପୁନି, ଡକରା, ଡକିରି ଚଷ୍ କର୍‌ବା ଲାଗେ ଡଙ୍ଗ୍‌ର ହାନିଲାଇପୁନି, ଡଙ୍ଗର ଲାଗେ କାନ୍ଦୁଲୁ ଲାଗାଇଲାଇ ପୁନି, ଯେତେ ବେଲ୍ କାନ୍ଦୁଲୁ ଖାଇବାକେ ହେଲା, ସେତବିବେଲେ କାନ୍ଦୁଲୁ ଯୁଗବା ଲାଗେ ଡଙ୍ଗର୍‌କେ ଡକରି ଟଙ୍କିକେ ପାଠାଇଲା ପୁନି, ସବୁଦିନ୍ ଡଙ୍ଗର୍ କେ କାନ୍ଦୁଲ ଯଗବାଲାଗେ ଭାତ ଶାଗ୍ ଧରି ଯିବାଇପନି । ଆଉରି ଗୋଟେ ଦିନ୍ ମାକିଡ଼ି ଲାଗେ ଟଙ୍କିର ଦେଖା ହେଲାପୁନି, ଯେଡ଼େ ବେଲେ ଟୁରା ଟଙ୍କିର ଆଉରି ମାକିଡ଼ି ଦେଖା ହେଲା ସେତିକି ବେଲେ ଟୁଁର ଟଙ୍କିର ଆଖି ମାକିଡ଼ି ଉପରେ ରେଲାପୁନି, ଟଙ୍କି ସବୁଦିନ୍ ଭାତ୍, ଶାଗ୍ ଧରି ଡଙ୍ଗର୍ କେ ଯିବାଇ ଆରି ମାକିଡ଼ିକେ ଭାତ୍, ଶାଗ୍ ଦେବାଇ ପୁନି, ଦିନେ ଗାଲା, ଦୁଇ ଦିନ୍ ଗାଲା, ଡ଼କରା, ଡକିରି କାତା ହେଲାଇପୁନି, ଟଙ୍କିର ଦେହ ଶୁଖି ଗାଲାଇନି ବୋଲି, ଟଙ୍କିକେ ପାଚ଼ାର୍‌ଲା ଟଙ୍କି ତୋର ଦେହ କାଇକେ ଶୁଖିଗାଲାନି, ଟଙ୍କି କୋଇଲା ମୋର୍ ଦେହ ଡଙ୍ଗରକେ ଯିବାର, ଆଇବାକେ ବାବା ମୋର୍ ଦେହ ଶୁକିଲାଇନି, ବୋଲି ଟଙ୍କି ମାଆ ଆରି ବାବାକେ କଇର୍ଲା ପୁନି ।

# ଲେଲେଙ୍ଗ୍ ଡକରା ଡକରି କାତାନୀ

ଦୁଇ ଡକରା ଡକରି ରଇଲାଇ ପୁନି ଡକରା ନାଆ ଲେଲେଙ୍ଗ୍ ଡକରା ଲେଲେଙ୍ଗ୍‌ଡ଼କ୍ରା ଡକରିକେ ପିଲା ଝିଲା ନାଇ । ସେ ଦେଶେ ରାଜା ଗାଟେ ରଇଲା । ରାଜାର ମିଶା ପିଲାଟଙ୍କି ନାଇ । ରାଜା କାଇ କଲା ମୁଁ ଗଟେକ ରାଇଜ୍ ମୋର୍ ହାତକେ ଆନ୍‌ବି

ବୋଲି ରାନିକେ କଇ ଘୋଡ଼ା ହାତୀ ସେନା ସୈନ୍ ଧାରି ବାହାର୍‌ଲା । ସେତକି ବେଲେ ରାନି ଗରବ୍ ଦାରି ରଇଲା ରାଜା ବନେ  ଉଠିଗାଲା । ବେଶି ଦିନ୍ ଅଇଗାଲା ରାଜା ଆସେ ନାରି । ରାନି ଗୋଟେ ପିଲା ଜନମ୍ କଲା । ରାନି ଭାବ୍‌ଲା ରାଜାତ ବେଶି ଦିନ୍ ହୋଇଗାଲା ମୋର ଲଗେ ନାଇ ରାଜା ଜାନଲେ ମୋକେ ସଙ୍ଗଇସିକି ବୋଲି ରାନି ପିଲାକେ ଡଙ୍ଗ୍‌ର ଭିତ୍‌ରେ ସିଆଡ଼ି ବୁଟା ତଲେ ଶୁଆଇ ଦେଇ ଉଠି ଆଇଲା । ପିଲା ବେଶି କାନ୍ଦ୍‌ଲା । ଡଙ୍ଗ୍‌ର ଯାକ ଲଦ୍‌ବଦି ଗାଲା । ଡଙ୍ଗରର ଜୀବ୍ ଜନ୍ତୁ ସବୁ ଡରି ଗାଲାଇ । କାନ୍ଦୁ କାନ୍ଦୁ ଧୀରେ ଧୀରେ ମୁଞ୍ଜୁର ଆରି କୁଟୁରା ଲଗେ ଯାଇ ଦେଖିଲାଇ ଯେ ସିଆଡ଼ି ବୁଟା ତଲେ ନିମାନ୍ ମିଛମିଛା ପିଲା କାନ୍ଦ୍‌ଲାନି । ମୁଞ୍ଜୁର, କଟ୍‌ରା ଦୟା ବିଚ୍‌ର କରି ସେ ଦୁଇ ଲକ୍‌ର ଭିତରେ କେ କେମତି ଯତନ କରବାଇ ବାଣ୍ଟା କର୍‌ଲାଇ କଟ୍‌ରା କଇଲା ମୁଇଁ କ୍ଷୀର୍ ଖୁଆଇବି । ମୁଞ୍ଜୁର କଇଲା ମୁଇଁ ଅଲଣ୍ଡି କରି ପିଲାକେ ଶୁଆଇବି । ସବୁ ଦିନ୍ ସେମିତି କରୁ କରୁ ଗୋଟେ ଦିନ୍ ସେ ଦେଶର୍ ଲେଲେଙ୍ଗ୍ ଡକରା ଡକରି କାନ୍ଦା କୁନ୍‌ବାକେ ଡଙ୍ଗରେ ବାହାର ଲାଇ କଡକି, ଶାବଲ, ଡାଲା ଧାରି ଯାଉ ଯାଉ ପିଲା ଶୋଇ ରଇଲା ସିଆଡ଼ି ବୁଟା ପାଖେ ଯାଇ ଡକରା କାନ୍ଦା ବୁନ୍ଦ ଦେଖି ଶାବଲପିଙ୍ଗି ଦେଇ କଡ଼କି ସଙ୍ଗେ ଭୂମି ଲଗେ ଗୋଟେ କଡ଼କି ମାରବାକେ କଟ୍‌ରା ଉଠି ପାଲାଇଲା ଆର ଗୋଟେ କଡ଼କି ମାରବାକେ ମୁଞ୍ଜୁର ଉଡ଼ି ପାଲାଇଲା । ପିଲାତ କୟାଁ କୟାଁ କରି କାନ୍ଦଲା । ଡକରା ଡକରି କାବା ହୋଇଗାଲାଇ ଏ ପାଖେ କଟରା, ମୁଞ୍ଜୁର ରଇଲାଇ ଏବେ ପିଲା ଗୋଟେକ୍ କାନ୍ଦ ଲାନି ଡରି ଡରି ଡକରା ଡକରି ଲଗେ ଲଗେ ଯାଇ ଦେଖିଲାଇ ଯେ ବଡ଼େ ମିଛ ମିଛା ପିଲା ସିଆଡ଼ି ବୁଟା ତଲେ କାନ୍ଦଲାନି । ତାକର ପିଲା ଟକି ନାଇ ଲୋବ୍ ଲାଗ୍‌ଲା ଡକରିକେ କଇଲା ଡକରା କାନ୍ଦା ନାକୁନୁ ଯୁ ଘରେ ଉଠି ଯୁ ପିଲାକେ ମୁଇ ଧାରବି ନେଇ କରି ପସୁ । ହୁଁ ରେ ଡକରି ଆମର୍ ତ ପିଲା ନାଇ ଆକେ ନେଇ ପସୁ ବୋଲି ପିଲାକେ ଧାରି ଘରେ ଗାଲାଇ । ପିଲା ଧୀରେ ଧୀରେ ଦିନ୍‌କେ ଦିନ୍ ବଡ଼୍‌ବାକେ ଲାଗ୍‌ଲା । ଡକରା, ଡକରି ସଙ୍ଗ୍ ମାଛକେ ଗାଡ଼େ ଗାଲା । କାନ୍ଦା କୁନ୍ ବାକେ ଡଙ୍ଗରେ ଗାଲା । । ପିଲାକେ ତେର ବରଷ୍ ହୋଇଗାଲା । ଗୋଟେ ଦିନ୍ ରାଜା ପରଜା ମନ୍‌କେ ସଭା ଡାକାଇ ରଇଲା । ଡକରା କଇଲା କାଲି ସାକଲକେ ରାଜା ସବୁ ଲକକେ ଡାକାଇଲାନି ଯିବାର ଆଚେ ତୁଇ ଡକରି ସଙ୍ଗ୍ ଘରେ ର ମୁଇ ଯାଇ କରି ଆଇବି । ପିଲା କଇଲା ମୁଇଁ ମିଶା ଆଇବି ରାଜାକେ ଦେଖି ନାଇ ଦେଖି ଆଇବି । ଡକରା ଡକରି କଇଲାଇ ସାନ୍ ଯିବାର୍ ନାଇ । ସଞ୍ଜ ହୋଇ ଗାଲା ଖାଇ ପିଇ ଶୋଇଲା ବେଳେ ରାତି ଯାକପିଲା ଏତାଇ ଏତାଇ ଶୋଏ ନାଇ କେନତି ସାକାଲକେ ରାଜାକେ ଦେଖିବାକେ ରାଜାଘର୍ ଡମ୍ ଗୋଡ଼େ ଯିବି । ସାକାଲ ପାଇଲା ଡକ୍‌ରି ଡକ୍‌ରା ପାଇଁ ପାନି ଉଷୁମ୍ କରି ଦେଲା ଡକରା ପାନି କାଞ୍ଜି ଧୋଇ ରାଜାର ଡମ୍ ଗଡ଼କେ ଯିବାକେ ବାଇଇଲା ବେଲକେ ପିଲା ମୁଇଁ ମିଶା ଆଇବି ବୋଲି ଜିଦ୍ ଦାର୍‌ଲା ଯେତେକ୍ କଇଲେ ମିଶା ଶୁନେନାଇ । ଡକରା କାଇ କଲା ଘର ଆନ୍ଧି ବାଟେ ବାରଇ କରି ଉଠିଗାଲା । କେତେ ଦୂର ଯିବାକେ ପିଲାତ ଘରେ ଅନି ବାରଇ ପାଲାଇ

ପାଲାଇ ଡକରାକେ କେଟାଇଲା । ଡକରା ଯେତେକ୍ କଇଲେ ମିଶା ଶୁନେ ନାଇ ଡକରାର ପଛ୍ ପଛ୍ ଗାଲା ଡମ୍ ଗଡ଼େ ପରି ବେଡ଼ତି ବାଉଁ ବାଡ଼ କରି ଦୁଇଟା ବାଟ୍ ଛାଡ଼ି ରଇଲା । ସବୁ ଲୋକ୍ ବାଟ୍ ବାଟ୍ ଗାଲାଇ ପିଲା କାଇକଲା ବାଉଁଶ ବାଡ଼କେ ଚଗି ଡେଗର ବେଲେ ରାଜା ଦେଖିତେ ରଇଲା । ରାଜା ତାର ଚାକର୍ ମନ୍‌କେ ପାଠାଇଲା । ଯାତାକେ ଧାରି ଆନା କେରେ ମୋର ବାଉଁଶ୍ ବାଡ଼୍ ଡେଗଇବା କରି ଆଇସି । ଚାକର୍ ମନ୍ ପିଲାକେ ଧାରି ରାଜାର୍ ପାଖେ ଆନ୍‌ଲାଇ । ରାଜାର୍ ପାଖେ ଆନ୍‌ବାକେ ପିଲା କାଇ କଲା ପଛ୍ ବାଟେ ହାତ୍ କରି ଜୁଆର୍ କଲା । ରାଜାତ ଅଧିକ ରିଶା ହୋଇଗାଲା । ସେନା ସୈନ୍‌କେ ସବୁକେ କଇଲା ପିଲାକେ ବାନ୍ଦି କରିମାରା । ପିଲାତ ପାଲାଇ ଯାଇ ବାଉଁବାଡ଼କେ ଜିକି ସଙ୍ଗେ ସଙ୍ଗେ ବାଉଁଶର ଖାଣ୍ଡା ଚିଟକିର ପଅଁରି ତିଆର୍ କଲା । ସେନା ସୈନ୍‌କେ ଲୋକକେ ସରତେ ମାରଲା । ତାର ପଛେ ରାଜାର୍ ସଙ୍ଗ୍ ମିଶା ଯୁଦ୍ଧ୍ କଲା ରାଜା ହାରି ଗାଲା । ରାଜା ହାରିକରି ଲାଜ୍ ହୋଇ ରାନି ସଙ୍ଗ୍ ଭିନ୍ ଦେଶେ ପାଲାଇଲାଇ । ଯେତକ୍‌କି ରଇଲା ପରଜା ମନ ପିଲାର ସାହାସ୍ ଦେଖି ପିଲାକେ ସେ ଦେଶ୍‌ର ରାଜା କଲାଇ ।

## 'ମି.ମି ମାଣିକ ରଜା' କାତାନୀ

ଗୋଟେକ ରାଇଜେ ମାକଡ଼ି ଆର ଛେଲି ବାସ୍ କରତେ ରଇଲାଇ । ମାକଡ଼ି ଆରି ଛେଲି ଦୁଇ ଲକର ଗୋଟେକ୍ ଗୋଟେକ୍ ପିଲା ରଇଲାଇ । ମାଇ ମନ୍ ମିତ୍ର ତେବେ ତାକର୍ ପିଲାମନ ଦୁଇ ଲକ୍ ଯାକ ମଇତର୍ ବାନ୍ଦି ରଇଲାଇ । ଗୋଟେ ଦିନ୍ ଛେଲି ପିଲା ଛେଲିକେ କାଇ କଇଲା ଆୟା ଆଜି ମୁଇ ଗୋଟେ ରାଇଜ୍‌କେ ବୁଲି ଆଇବି । ଛେଲି ସାକାଲ୍ ସାକାଲ୍ ଚକଲି କରି ଲୁଗାଲଗେ ବାନ୍ଦି ଘରେ ଅନି ଅଲପ୍ ଦୂରକେ ଯାଇ ଛାଡ଼ି ଆଇଲା । ଛେଲି ପିଲା ଯାଉ ଯାଉ ଗୋଟେ କୁପଲି ଲଗେ ଗାଲା ସେ ପାଖେ ନ ଖାଇ ନ ପିଇ କଲିଆ ଗଟେ ବସି ରଇଲା । ଛେଲି ପିଲାକେ ଦେଖି ତ ସାରଦା ନ କ'ନି ଆଜି ମୋର୍ ବାତ୍ୟା ମିଲ୍‌ଲା ଆଜି ମୋର୍ ପେଟ୍ ପୁର୍‌ତେ ଖାଇବି ବୋଲି ଛେଲି ପିଲା ଆଇବା ବାଟେ ଜାଗି ଦେଲା । ଛେଲି ପିଲା ଦେଖି ମୁତି ପାକାଇଲା । କଲିଆ କଇଲା ମୋକେ ବେଶି ଭୁକ୍ ଲାଗଲାନି ତକେ ଆଜି ଖାଇବି । ଛେଲି ପିଲା କଇଲା ନାଇ ନାଇ ଆଜି ମୋକେ ଖାଇଲେ ମିଶା ତୋର ପେଟ୍ ନାଇ ପୁରେ ସାନ୍ ଆଛି ଇଡ଼ିକ୍ ମାଉଁସ୍ ଆର ଚୁଟା ହାଡ୍ ଆଚେ ମୁଇଁ ମାମୁଁ ଘରେ ବି ବା ଅଇଲାନି ବିବା ଭାତ୍ ଖାଇ କରି ଅଲପ୍ ଗାଗଡ଼୍ ହୋଇ ଆଇବି ସେତ୍‌କି ବେଲେ ଖା । କଲିଆ କଇଲା ତୁଇ ଅଲ୍‌ଗା ବାଟେ ଉଠି ଯାଇସୁ ଆଜି ତ ଖାଇବି ବଇଲାକେ ଛେଲି ତାର ମୁଣ୍ଡ ଚୁଇଁ ସତ୍ କଲା କଲିଆ ଛାଡ଼ିଦେଲା । ତାର୍ ପାଖେ ଅନି ଯାଉ ଯାଉ ଗୋଟେ ଡଙ୍ଗର୍ ପାଖେ ଗାଲା ଡଙ୍ଗର୍ ପାଖେ ବାଘ୍ ଗୋଟେ ବସି ରଇଲା । ଛେଲିକେ ଦେଖି ତ ବାଘ୍ ନିଶ ଫୁଲାଇ ପାକାଇଲାନି ଛେଲି ପିଲା ସେ ବାଟ୍‌କେ ଗାଲା ବାଘ୍ କଇଲା ମୋକେ ବେଶି ଭୂକ୍

କଲାନି ତକେ ଆଜି ଖାଇବି ଛେଲିପିଲା ବାଘ୍‌କେ ମିଶା ସେନ୍‌ତି ତ କଇଲା ମୁଇଁ ମାମୁଁ ଘର୍ ବିଭା ତାନେ ଗାଲିନି ଭୋଜିଖାଇ ଗାଗଡ଼୍ ହୋଇ ସେତିକି ବେଲ୍‌କେ ଖାଇଲେ ତୋର ପେଟ୍ ପୁରସି । ଏବେ ଚୁଚାଇ ଆତ୍ ଆଚେ । ବାଘ୍ କଇଲା ମୋକେ ମିଛ୍ କଇ ତୁଇ ଯାଇସୁ କି ଆଜି ତକେ ଖାଇବି ତୁଇ ଆଇଲା ବେଲେ ଭିନ୍ନ ବାଟେ ଉଠି ଯାଇସୁ । ଛେଲି ମୁଣ୍ଡ ଚୁଇ ସତ୍ କଲା ବାଘ୍ ଛାଡ଼ି ଦେଲା । ସେଥି ଅନି ଛେଲି ସେନତି ଇଣ୍ଡି ଇଣ୍ଡି ଗାଲା ଯାଉ ଯାଉ ଗୋଟେ ଦେବ୍‌ତା ଘର୍ ଦେଖିଲା । ଦେବ୍‌ତା ଘରର୍ ପୁଜାରି ପୂଜା ସାରାଇ ଉଠି ଗାଲା ଆଚେ ଦୁଆର୍ ପାଖେ ବେଲ୍ ପତର୍ କଦଲୀ ଚପା ଦୁଇଟା ରଇଲା ଦୁଆରେ ତ ସେଠା ଖାଇ କରି ଛେଲି ପିଲା କାଇକଲା ଦୁଆରେ ତ ଏତକି ରଇଲା ଦେଉଲ ଭିତ୍‌ରେ ତ ଅଧିକ ରଇସି ବୋଲି କାବାଟ୍ ପାଗଡ଼କେ ଠେଲ ଠାଲ୍ କରି ପୁରି ଦେଲା ଏବେ କାବାଟ୍ ଡାପି ହୋଇଗାଲା ।

ଦେଉଲ୍ ଭିତ୍‌ରେ ଯେତ୍‌କି ଟାଙ୍କା, ସୁନା, ରୁପା ରଇଲା ସବୁ ପେଟ୍ ପୁରତେ କାଇ ପୁଜାରି ପୁଜା କର୍‌ବାକେ ଆସି କାବାଟ୍ ଟେଲ୍‌ଲା ଉଗାଡ଼ି ନ ଅଇଲା ପୁଜାରି କଇଲା ହେଇ ଭିତରେ କେହ ଚୋର କରବାକେ ପୁରଲାସ୍ ଆଚାସ୍ କାବାଟ ଉଗାଡ୍ । ଥରକ କଇଲା ଦୁଇଥର୍ କଇଲା ତିନ୍ ଥରକେ ଛେଲି ପିଲା କଇଲା ମିମି କା ମାଣିକ୍ ରାଜା ସିଂ ଦୁଇଟା ଗାଜା ଗାଜା ଗୋଟେ ଶିଙ୍ଗେ ପର୍ବତ୍ କେ ପିଙ୍ଗ୍‌ବି ଦୁଇଟା ଶିଙ୍ଗ୍‌ରେ ମୁନିଷ ମାରବି । ଏନ୍‌ତି ତିନ୍ ତୋର୍ କଇଲାକେ ପୁଜାରି ରହେ ନାଇକି ଗାଁଅ ଭିତରେ ପାଲାଇଲା । ଲୋକ୍ ମନ୍‌କେ କଇଲାକେ ଗାଁ ଯାକ୍‌ର ଲୋକ୍ ରୁଣ୍ଡି ଆଇଲାଇ ଆସି କରି କାବାଟ୍ କେ ଡାଇ ଡାଇ ମାରି ରାଟୁ କଲାଇକେ ଛେଲି କଇଲା ହେଇକ୍ ମୋର ନାଁ ମି:ମି.କା ମାଣିକ ରାଜା ଶିଙ୍ଗ ଦୁଇଟା ଗାଜାଗାଜା ଗୋଟେ ଶିଙ୍ଗ୍‌ରେ ପର୍ବତ୍ ଟେକି ପିଙ୍ଗ୍‌ବି ଦୁଇଟା ଶିଙ୍ଗରେ ମୁନିଷ୍ ମନ୍‌କେ ମାର୍‌ବି । ଏନତି ତିନ୍ ଥର କଇ ଦେବାର୍ ତ ବାକି ସର୍‌ତେ ଲୋକ୍ ଗାଁଅ ଛୁ । ହୋଇ ଆଇଲା ଛେଲିକେ ଚିମ୍‌ରା ଚିମ୍‌ରା ଲାଗ୍‌ଲା । କାପାଟ୍ ଅଲପ୍ ପାଗଡ଼୍ ରଇଲା । କାପାଟ୍ ଉଗାଡ଼ି ଧୀରେ ଧୀରେ ମୁଣ୍ଡ ବାର୍ କରାଇ ଦେଖିଲା ପାଖେ ଲୋକ ବାକ୍ ନାଇ ଦେଉଲେ ଅନି ବାରଇ ତ ସିଧା ଇଣ୍ଡଲା । ଇଣ୍ଡି ଯାଉ ଯାଉ ବାଟେ ବାଘ୍ ଆର କଲିଆର କାଥାକେ ଏତାଇଲା ଏବେତ ବାଘ୍ ଦେଖିଲେ ମୋକେ ନ ଛାଡ଼େ କେନ୍‌ତି କର୍‌ବି ଭାବୁ ଭାବୁ ଗୋଟେ ବନ୍ଦ୍ ଦେଖି ଦେଲା ଆହେ ବନ୍ଦ୍ ଆଚେ ବନ୍ଦେ ତ' କାଦ ରଇସି ସେଥି ଯିବି କାଦ ଲାଗାଇ ଉଠିଯିବି ଚିନି ନାପାରେ । ବନ୍ଦେ ଗାଲା ଦେଖିଲା ସେ ପାଖେ ତେତଲି ଗଛ, କାଇ କରଲା ବନ୍ଦର ପାନି ଲଗେ ବୁଡ଼ି କାଦ ପାଖେ ଆସି କାଦ ଲାଗାଇ ତେତିଲି ଗଛ ତଲେ ଆସି ଡୁଲ ଗନ୍ଦଲ୍ ଡୁଲ ଗନ୍ଦଲ୍ ହୋଇ ଦେଲାକେ ତ ତେତିଲି ପତର ଭରତି ଲାଗି ଗାଲା । ଉଠି କରି ଦେଖି ହୋଇଲା ହଁ ଏବର କିରେ ମୋକେ ବାଘ୍ ଆର କଲିଆ ଖାଇବାଇ ଏଥର୍ ତାକର ବାଟ୍‌କେ ଯିବି । ବନ୍ଦେ ଅନି ଇଣ୍ଡଲା ବାଘ୍‌ର ପାଖେ ଖେଟଲା ବାଘ୍ ଦେଖି କଇଲା ପତର୍

ସିଂ ଭାଇ ପତର୍ ସିଂ ଭାଇ ମୋର ମିକେ ଦେଖିଲାସ୍କି ? ଛେଲି କଇଲା ମୁଇ କାଇ ଜାନି ମି.ପି. ମୁଇ ଯାଇରଇଲି ରାଜାର୍ ଘର ପତର ସିଂ । ଏନତି କଇ କରି ଇଣ୍ଡଲା । ଇଣ୍ଡୁ ଇଣ୍ଡୁ କଲିଆ ପାଖେ ଗାଲା କଲିଆ ମିଶା କଇଲା ପତର ସିଂ, ପତର ସିଂ ମୋର ମି କେ ଦେଖିଲାସ୍ କି । ଛେଲି କଇଲା ମୁଇଁ କାଇ ଜାନେ ମି ଫି ମୁଇଁ ଯାଇ ରଇଲି ରାଜା ଘର୍ ପତର୍ ସିଂ । ସେଥିରନି ଇଣ୍ଡି ଇଣ୍ଡି ଘରେ କେଟଲା ଘରେ ଯାଇ ତା ଆଇକେ ଡାକଲା । ତାର ଆଇ କଇଲା ମରଡ଼ିକିଆ ଏତେ ଦିନ କାଇ କରତେ ରଇଲୁସ୍ । ବୋଲି କାପାଟ ଉଗାଡ଼ି ତ ଟେଙ୍ଗ୍ ଗୋଟେ ଧାରି ମାରବାକେ ଆଇଲା ସେତକି ବେଲେ ଛେଲି ପିଲା ଘର ଭିତରେ ପୁରି ଦେଲା ତାର ଆୟା ଯାଇ କରି ଗୋଟେ ଟେଙ୍ଗ୍ ମାରଲାକେ ଟାଙ୍କା ଚୁଡ଼ଡ଼ ବାରଲା ଆର ଗୋଟେ ଟେଙ୍ଗ୍ ମାରଲା କେ ରୁପା ଅଦରଲା ତିନ ଟେଙ୍ଗ୍କେ ତସୁନା ଅଦରଲା । ଛେଲି ଦେଖି ବାବା ହୋଇଗାଲା । କାଇ କର୍‌ବି କନ୍‌ତେ ସଙ୍ଗଇବି ବୋଲି ଛେଲି ବେମ୍ରି ହୋଇଗାଲା । ପଚେ ଛେଲି କାଇ କଇ ମାପ୍ ବା ପାଇଁ ମାକଡ଼ ଘରେ ମାନ୍ ମାଗ୍‌ବାକେ ଗାଲା । ମାକିଡ଼ି ଗ୍ୱଲାକ୍ ଆକର୍ ଘରେ ତ ଧାନ୍ ମାଣ୍ଡିଆ କାଇଟା ନାଇ କାଇଟା ମାପ୍‌ସି ଦେଖି ବି ର ଆର୍ ମଜା ବୋଲି ମାନ୍ ଭିତ୍‌ରେ ଅଠା ଲାଗାଇ ଦେଲା । ଛେଲି ତାର ଘରେ ଆନ୍‌ଲା ଟାଙ୍କା, ସୁନା, ରୁପା ମାପ୍‌ଲା ସେ ଜିନିଷ୍ ମନ୍ ବାସ୍ତା ଲଗେ ସଙ୍ଗଇ ଦେଲା । ମାକିଡ଼ି ମାନ୍ ଲଗେ ଅଟା ଲାଗାଇଲା ନା ଜାନେ ସେଥି ଭିତ୍‌ରେ ଟାଙ୍କା ସୁନା ମନ କେତେଟା ଲାଗି ରଇଲା ମାନ୍ ମାକଡ଼ି ଘରେ ଦେଇ ଦେଲା । ମାକଡ଼ି ମାଗ୍‌ଲା ଘରେ ନେଇ ଦେଖ୍‌ଲା ଟାଙ୍କା, ସୁନା, କେତେଟା ଲାଗି ରଇଲା । ମାକଡ଼ି ମନେ ମନେ ଭାବ୍‌ଲା ଘରେ ତ କାଇଟା ନ ରଇଲା । ଏଠା କତିଇ ଅନି ଆନ୍‌ଲାଇ କେତେ ଦିନ୍ ଯାଅ ତାକେ ପାଚାରବି ବୋଲି ରଇଗାଲା । ଏମିତି କେତେ ଦିନ ଗାଲା ଉତାରେ ପାସ୍‌ରାଇ କରି ପାଚାର୍‌ଲା । ଛେଲି ନ କଇଲାକେ ଛେଲିକେ କଇଲା ତକେ ରାଜାକେ କଇ ଦେବି ରାଜା ଘର୍‌ଟା ଚୋରି ଆନ୍‌ଲୁସ୍ ଆଚୁସ୍ ମୁଇଜାନି ତେବେ ମୋକେ କଉସ୍ ନାଇ । ତେବେ ଛେଲି କାଇ କରବି ବୋଲି ଗୋଟେ ଉପାଇ ପାଞ୍ଚିଲା । ଛେଲି କଇଲା ମୋର ପିଲା ରାଜା ଘର୍ ଉପରେ ଯାଇ କରି ଡେଗ ଡେଗ ଡେଗଇଲାକେ ରାଜା ଡାକଲା ଆର କାଇକେ ମୋର ଘର ଉପରେ ଡେଗଇଲୁସ୍‌ନି ବୋଲି ପାଚାର୍‌ଲା ମୋର ପିଲା କଇଲା ଖାଇବାକେ ପିନ୍ଦବାକେ ନାଇଁ ତେବେ ଇତି ଅନି ଡେଗଇ ମର୍‌ବି ବୋଲି ଆସି ଡେଗଇଲିନି ବୋଲି କଇଲାକେ ରାଜା ତାର୍ ଗ୍ୱକର ମନକେ ଡାକାଇ ଟଙ୍କା, ସୁନା, ରୁପା ଦେଲାକେ ମୋର ପିଲା ଆନ୍‌ଲା । ତୋର ପିଲାକେ ରାଜା ଘରେ ପାଟା ରାଜାର ଘର ଉପରେ ଯାଇ ଡେଗଇଲେ ରାଜା ଟାଙ୍କା, ସୁନା, ରୁପା ଦେଇସି ଘରେ ଆଇଲେ ଟେଙ୍ଗ୍ ସଙ୍ଗ ମାର ସବୁ ବାରଇସି । ମାକଡ଼ି ସାର୍‌ଧା ହଇ ଘରେ ଗାଲା ତାର ପିଲାକେ କଇଲା ତାର୍ ସାକାଲ୍ ସାକାଲ୍ ଚକଲି ରୁଟି କରି ଗୋଟେ ତୁଆଲ୍ ଲଗେ ବାନ୍ଧିକରି ପାଟାଇଲା । ମାଙ୍କଡ଼ି ପିଲା ଚକଲି ରୁଟି ତୁଆଲ ସଙ୍ଗ ଧାରି ଇଣ୍ଡି ଇଣ୍ଡି ଗାଲା ବାଟେ ଟାଙ୍କା ଡିସ୍‌ଲାକେ ସେ ଡାବୁ ଖାଇଦେଲା । ଯାଉ ଯାଉ ଭୁକ୍ କଲା ବାଟେ

ବସ୍‌ଲା ଗୁଟି ଚକ୍‌ଲି ଖାଇଲା । ଏବେ ତ ରାଜା ଘରେ ଗାଲେ ଭଲ୍ ଭଲ୍‌ଟା ଖାଇବାକେ ଦେବାଇ ଆର ଟାଙ୍କା, ସୁନା, ଦେଲେ ତୁଆଲ୍ ଲଗେ ବାନ୍ଧି କରି ଆଇବି ବୋଲି ଇଣ୍ଡି ଇଣ୍ଡି ରାଜା ଘରେ ଗାଲା । ଦେଖଲା ଉଚା ଘରେ ଯାଇ ଡେଗଇବି ତେବେ ରାଜା ଦେଖ୍‌ସି ଗ୍ୟକର୍ ସବୁ ଦେଖଲେ ମୋକେ ଅଧିକ୍ ଟାଙ୍କା ସୁନା, ଦେବାଇ । ମାଙ୍କଡ଼ି ପିଲା ଦେଖ୍‌ଲା ଦେଖ୍‌ଲା ତ ସାନ୍ ସାନ୍ ଘର ମନ୍‌କେ ଡେଗଇ ଡେଗଇ ରାଜାର୍ ଘର୍ ଉପରେ କେଟି ତ ଡେଗଇଲା । ଗ୍ୟକର୍ ମନ ଦେଖି ରାଜାକେ କଇଲାଇ ରାଜା ଶୁନି କରି କେରେ ମୋର୍ ଘର ଉପ୍‌ରେ ଡେଗଇସି ତାକେ ଧାରି କରି ମୋର୍ ପାଖେ ଆନା । ଗ୍ୟକର୍ ସବୁ ଲକ୍ ଯାଇ ମାକିଡ଼ି ପିଲା କେ ଧାରି ଆନ୍‌ଲାଇ । ରାଜା ତ ପିଟି ସିଜିସିଜି ଗାଲା ପାରା ମାର୍‌ଲା ଯାଆକେ ଆମ୍‌ର ନଗର୍ ଡ଼ିଆଁଇ କରି ଛାଡ଼ି ଆସା । ଗ୍ୟକର ମନ୍ ମିଶା ମାରି ମାରି ନଗର୍ ବାର୍ କରାଇ ଚାଡ଼ି ଦେଲାଇ । ମାକିଡ଼ି ପିଲା କଷ୍ଟେ ମଷ୍ଟେ ଇଣ୍ଡି ଇଣ୍ଡି ଘରେ କେଟ୍‌ଲା । ତାର ଆୟା ତ ଛେଲି ଲଗେ ଅନି ସବୁ ସୁନି ଆଚେ ତେବେ ପିଲାକେ ଦେଖି ମାକିଡ଼ି ଘରେ ଡାକ୍‌ଲା । ଟେଙ୍ଗ୍ ବେଟ୍‌ଲା ଆରତ ମାର୍‌ଲା । ଗୋଟେ ଟେଙ୍ଗ ମାର୍‌ଲା କାଇଟା ନାଇ । ଆର ଗୋଟେ ଟେଙ୍ଗ୍ ମାରଲା ତିନ୍ ଟେଙ୍ଗ୍‌କେ ବାଟେ ଖାଇ ରଇଲା ତାବୁ ଟାଙ୍କା ଗୋଟେ ବାରଇଲା । ମାକଡ଼ି କଇଲା ହାଁ ଏଥର୍ ଆରମ୍ ହଇଲା ଏବେ ବାରଇସି ବଲି ହିସାବ୍ ନଇଲା ପାରା ଫିଟ୍‌ଲାତ ଆର୍ ସେମତି ପିଟୁ ପିଟୁ ମାକଡ଼ି ପିଲା ମରିଗାଲା ।

## ବାମନ୍ ଡକରା ଡକରି କାତାନୀ

ଦୁଇଟା ଡକରା ଡକ୍‌ରି ରଇଲାଇ । ତାଙ୍କର ଗୋଟେକ୍ ଟକିରଇଲା । ଟକି ବଡ଼ ହୋଇଗାଲା ତାର୍ ନାଅ ବସ୍‌ତି । ମାତର୍ ଜାତିରେ ସେମନ୍ ବାମନ୍ ଲୋକ୍ । ପାଠ୍ ସାଠ୍ ନ ପଢ଼ିଲାର । ବାମନ୍ ପିଲାକେ ବିଭା କରି ପାଟାଇ ଦେଲାଇ ତିନ ମାସ ପଛେ । ଟକି ତାର ମୁନୁଷକେ କଇଲା ଆୟା, ବାବାକେ ଏତ୍ ଲାଗ୍‌ଲାନି ଯାଇ କରି କେତେ ଦିନ୍ ରଇ ଆଇବି । ମୋକେ ନେଇ ଆୟା ଗବା ଘରେ ଛାଡ଼ି ଦେଇ ଆ । ମୁନୁଷର ନାଅ ଝୁଲକୁ । ଝୁଲକୁ କଇଲା ତୁଇ ର ମୁଇଁ ଆଗେ ଯାଇ ଦେଖ୍ ଆଇବି । ମୁଇଁ ଆଇଲେ ତକେ ନେଇ ଛାଡ଼ି ଦେବି ବୋଲି ଝୁଲକୁ ତାର ଶାତା ଶାତ୍ରି ଘରେ ଗାଲା । ଡକରା ଡକରି ନୁଆଁ ଜୁଆଇଁକେ ଦେଖ୍ ଶାରଦା ହୋଇଗାଲାଇ । ଡକରି କଇଲା ଡକରାକେ ତମେ ଜୁଆଁଇ ସଙ୍ଗ୍ ପିଣ୍ଡାଇ ବସି ରୁଆ ମୁଇ ଚକ୍‌ଲି କରିଦେବି । ଡକରି ଚୁନା ଗାଲାଇ ଚକଲି ବେଟ୍‌ବାର ଆରାମ କଲା । ଝୁଲକୁ ପିଣ୍ଡାଇ ବସି ହିସାବ୍ କରତେ ରଇଲା । ସାତଟା ଚକଲି ବେଟଲା ଝୁଲ୍‌କୁ ଜୁଆଁଇକେ ପାଞ୍ଚଟା, ଡକରାକେ ଦୁଇଟା ଦେଲା । ଚକ୍‌ଲି ଖାଇ ସାର୍‌ଲା ପଚେ ଡକରି କଇଲା ଆର୍ ଦେବିକି ଜୁଆଁଇ । ଝୁଲକୁ ତ କଇଲା ଆର୍ କାଇଟା ଆଚେ ଯେ ଦେଇସା ଆତା ଚକ୍‌ଲି ସାତ୍‌ଟା କରି ରଇଲାସ୍ ସବୁତ ଶାତ୍ରା ଜୁଆଁଇ କାଇଲୁ । ଡକରି କାବା ହୋଇଗାଲା । ଆମର୍ ଜୁଆଁଇ ସବୁ

ଜାନି ସାତ୍‌ଟା ଚକଲି କଲାଟା କଇ ଦେଲା ବୋଲି ଗାଆଁର ସରତେ ଲୋକ୍ କେ କଇ ବୁଲ୍‌ଲା । ଗାଆଁ ଯାକର ଲୋକ ସବୁ ଶୁନି ଜାନି ଗାଲାଇ । ଦିନେକ୍ ଚଷି ଲୋକ୍ ହଲ କର ବାକେ ନେଇ ରଇଲା । ହଲ କରବା ଭିତ୍‌ରେ ପାଲ୍ କେନେ ଆଜି ଗାଲା ଡିସେ ନାଇ । ହଲ ଛାଡ଼ି ଖୋଜ୍‌ଲା ଡିସେନାଇ । ଘରେ ଯାଇ ବସି ଚିନ୍ତାକଲା ସେତ୍‌କି ବେଲ୍‌କେ ବାମନ୍ ଡକରାର ଜୁଆଁଇ କାଥା ଏତ୍ ପଡ଼ିଗାଲା । ତାର ପାଖେ ଚଉଲ ପୁଞ୍ଜେକ ଧାରି ଉଠିଗାଲା । ଝୁଲକୁ ପିଣ୍ଡାଇ ବସି ରଇଲା । ଚଷି ଚଉଲ ଦେଇ କଇଲା ମୋର ପାଲ୍ ଗୋଟେକ ହାଜିଗାଲା ଅଲପ୍ ଦେଖିଦେଖାନି ବାବୁ ଡିସ୍‌ସି କି ନାଇ । ଏତ୍‌କି ଚଉଲ ନ ହୋଏ ଆଡ଼େକ୍ ଚଉଲ ଦରକାର । ଏବେ ଚଉଲ ଦେଖ୍‌ଲେ ନ ହୋଏ ସଞ୍ଜକେ ଦେଖି ସାକାଲ୍‌କେ କଇବି । କନ୍ ପାଖେ ହାଜ୍‌ଲା ସେ ଜାଗାକେ ଦେଖି ମାପ୍ ଜୁପ୍ ଅଲପ କରବାର ଆଚେ । ବିଲ ଜମି ଲଗେ ଗାଲାଇ ନାମ୍‌କେ ମାତର ଏବାଟେ ହାତେକ୍ ସେବାଟେ ହାତେକ୍ ମାପି ଦେଇ କଇଲା ଯୁ ସାକାଲକେ ଡିସ୍ ବାର ନ ଡିସ୍ ବାର କଇବି । ଆଇଲା ପଚେ ବଡ଼େ ଚିନ୍ତାରେ ରଇଲା ଚକଲିକେ ସିନା ହିସାବ କରି କଇଦେଲି । କେମ୍‌ତି କର୍‌ବି ବୋଲି ଚିନ୍ତାରେ ରଇଲା । ସଞ୍ଜ ହୋଇଗାଲା ଖାଇ ପିଇ କରି ତାରା ଶାତ୍ରା ସଙ୍ଗେ ଦୁଆର ଘରେ ଶୋଇଲାଇ । ନିଦ୍ ଆସେ ନାଇ ସାକାଲ କେ ତ ଚଷୀ ପାଚାର୍ ବାକେ ଆଇସି କାଇ ବୋଲି କଇବି । ଚିନ୍ତାରେ ରଉ ରଉ ଶାତ୍ରା ଘୁଙ୍ଗଡ଼ି ମାରି ଶୋଇଲା ସେତକି ବେଲେ ଧୀରେ ଉଠି ସିଧା ସ୍ଲେ ଜମି ଲଗେ ଗାଲା ପାଲ୍ ଅଦର୍‌ଲା ପାଖେ ଯାଇ ହାତ ସଙ୍ଗ ମାଟି ଅକାରି ବୁଲଲା ପାଲ୍ ହାତେ ଧାରା ଦେଲା । ପାଲ୍‌କେ ନେଇ ହିଡ଼ି ପାଖର୍ ପାଖ୍‌ନା ଉପରେ ସଙ୍ଗାଇ ଦେଲା । ଘରେ ଆସି ଧୀରେ ତାର୍ ଶାତ୍ରା ପାଖେ ଶୋଇ ଦେଲା । ସାକାଲ୍ ପାଉ ପାଉ ଝୁଲକୁ ନ ଉଠି ରଇଲା ସେ ଲୋକ୍ ତ ଆସି ଦୁଆରେ ବସି ଦେଲା ଆଛେ ଆର୍ ଝୁଲକୁ ଉଠୁ ଉଠୁ କଇ ଦେଲା । ତୁଇ ଯା ତୋର ପାଲ୍ ହିଡ଼ି ଉପରର୍ ପାଖ୍‌ନା ଲଗେ ଆଛେ । ସେ ଲୋକ୍ ଉଠିଗାଲା ଦେଖ୍‌ଲା ପାଖ୍‌ନା ଉପ୍‌ରେ ସତକେ ସତ୍‌ପାଲ ଆଚେ ଘରେ ଆସି ଝୁଲକୁକେ ଦଶଟାଙ୍କା ଡାବୁ, ମାନେକ୍ ଚଉଲ୍ ନେଇ ଦେଇ ଦେଲା । ଲୋକ୍ ମନ୍‌କେ ମିଶା ସବୁ କାଥା କଇଦେଲା । ବାମନ୍ ଘର ଜୁଆଁଇ ସବୁ ଜାନିଆଛେ । ମୋର ପାଲ୍ ହାଜ୍‌ଲା କାଥା ଆକା କଇଦେଲା । ସେ ଗାଆଁ ଭିତରେ ଗୋଟେ କଂସାରି ରଇଲା ତାର ଗୋଟେକ୍ ଘୋଡ଼ା ରଇଲା । ଘୋଡ଼ା ପିଠି ଲାଙ୍ଗ କାଇଟା ମିଶା ଲାଦି ହାଟ୍ ହାଟ୍ ବୁଲ୍‌ସି । କଂସାରି ହାଟେ ଅନି ଆସି ସଞ୍ଜ୍ ବେଲେ । ଘୋଡ଼ାକେ ଘୋଡ଼ାଶାଲେ ବାନ୍ଧି ଘାସ୍ ପାନି ଦାନ୍ ଦେଲା । ସେ ଦିନ୍ ରାତି ଭିତ୍‌ରେ ଘୋଡ଼ା ବାରଇ କେନେ ଉଠି ଗାଲା । ସାକାଲ୍ ପାଇଲାକେ କଂସାରି ଉଠି ମୁଁ ଧୋଇ ଘୋଡ଼ା ଶାଲେ ଗାଲା ଦେଖ୍‌ଲା ଘୋଡ଼ା ନାଇ ଗାଁର ଚୖର୍ ବେଡ଼୍‌ତି ଖୋଜି ବୁଲ୍‌ଲା ଘୋଡ଼ାକେ ଭେଟ୍ ପାଇ ନ ପାରଲା । ବାମନ୍ ବୁଡ଼ାର ଜୁଆଁଇର କାଥାକେ ଏତାଇଲା । ହଁ ସେତ ସବୁ ଜାନେ ତାକେ ଯାଇ ପାଚାରି ଦେଖ୍‌ବି କାଇଟା କଇସି । ଚାଉଲ୍ ପୁଞ୍ଜେକ ଧାରି ତାର ପାଖେ ଗାଲା । ଝୁଲକୁ ପିଣ୍ଡାଇ ବସିରଇଲା । ଘୋଡ଼ା ହାଜ୍‌ଲା କାଥା କଂସାରି କଇଲା ଯେ ଚଉଲ୍ ଦେଲା । ବାମନ୍

ଡକରାର ଜୁଆଁଇ ଝୁଲକୁ କଇଲା, ଛୁଛାଇ ରଉଲ୍ ଦେଖିଲେ ନ ହଏ ସେ ଜାଗାକେ ଦେଖି ମାପ୍ ଜୁପ୍ କରବାର୍ ଆଛେ । କଂସାରି ଘରେ ଗାଲାଇ ଘୋଡ଼ା ଶାଲେ ଯାଇ ଝୁଲକୁ ମିଛ୍ ମିଛ୍‌ରେ ଶାଲେ ଯାଇ ଏବାଟେ ସେବାଟେ ହାତ ସଙ୍ଗେ ମାପି ଦେଇ କଂସାରିକେ ପାଚାରଲା ଘୋଡ଼ା ସବୁଦିନ କନ୍‌ବାଟେ ବାରଇସି କନ୍‌ବାଟେ ଯାଇସି ସବୁ ପାଚାରି ବୁଝିଦେଲାଇ । ଘରେ ଉଠିଗାଲା ସଞ୍ଜ ହୋଇଗାଲା ଖାଇ ପିଇ ଶାତ୍ରା ଜୁଆଁଇ ଦାଣ୍ଡ୍‌ର ଘରେ ଶୋଇଲାଇ ନିଦ୍ ଆସେ ନାଇ ଚକୁଲିସିନା ଶାତ୍ରି ବେଟ ବା ଟାକେ ପିଣ୍ଡାଇ ବସି ହିସାବ୍ କରି କଇଲି, ଆର୍ ଋଷିର ପାଲ୍‌କେ ଭେଟି ଦେଲି ଏବେ କେମତି କରି ଘୋଡ଼ା ଖୋଜି ଦେବି ଏମ୍ତି ପାଞ୍ଚୁ ପାଞ୍ଚୁ ଶାତ୍ରା ଡକରା ସେବାଟେ ଘୁଙ୍ଗଡ଼ି ମାରି ଶୋଇଲା । ହାଁ ଏଥର୍ ଘୋଡ଼ା ଖୋଜ୍‌ବାର୍ ଯିବି ବୋଲି ଶେଜ୍ ଲଗେ ଅନି ଉଠି ଧୀରେ ଧୀରେ ଏବାଟେ ସେବାଟେ ଦେଖି ବାରଇଲା ଘୋଡ଼ା ଖୋଜ୍‌ବାକେ । ଘୋଡ଼ା ସବୁଦିନ କନ୍ ବାଟେ ଯାଇସି ପାଚାରି ଜାନି ରଇଲା କଂସାରି ଲଗେ ଅନି । ସେ ସିଧା ଗାଁ ଅନି ଖୋଜି ଖୋଜି ଗାଲା । ଯାଉ ଯାଉ ଗୋଟେକ୍ ପାନି ନାଲ୍ ରଇଲା ଘାଁସ ବଡ଼େଟା ପାଖନା ପାଖେ ଗୋଟେକ୍ ଶହେ ଟାଙ୍କା ଫୁଲ ଗଛ ବୁଦେ ବାନ୍ଧି ହୋଇ ଆଚେ । କଂସାରି ସାଙ୍ଗେ ସାଙ୍ଗେ ଉଠି ନାଲ୍‌ନାଲ୍ ଦେଖି ଦେଖି ପାଖ୍‌ନା ପାଖେ ଗାଲା ଦେଖିଲା ସତ୍‌କେ ସତ୍ ଫୁଲ୍ ଗଛେ ଘୋଡ଼ା ବାନ୍ଧି ହୋଇ ଆଛେ । ଘୋଡ଼ାକେ ଧାରି କଂସାରି ଘରେ ଆନ୍‌ଲା । ଟାଙ୍କା ଧାନ ବାମନ୍ ଡକରାର୍ ଜୁଆଁଇକେ ନେଇଦେଲା । ଗାଁ ଯାକର୍ ଲୋକକେ ସବୁ କାଥା କଇଲା । ଗୋଟେକ୍ ଦିନ୍ କାଇଟା ଅଇଲା ରାଜାଘର୍ ରାନିର୍ ପାଞ୍ଜୁଲ୍ ହାଜି ଯାଇ ରଇଲା । ବାମନ୍ ଜୁଆଁଇର କାଥା ସବୁକେ ଜାନା ରାଜା ତାର୍ କାଥା ଶୁନି ଡାକାଇଲା । ରାଜାର୍ ସେନାମନ୍ ଡାକବାର୍ ଗାଲାଇ । ଝୁଲକୁ ଡରି କରି ମୁଇଁ ଇଣ୍ଡି ନାପାରି ଆସି ନ ପାରି । ସେନାମନ୍ ରାଜାର୍ ପାଖେ ଯାଇ ସବୁ କାଥା କଇଲାଇ । ରାଜା ଘୋଡ଼ା ସବାରି ପାଠାଇ ଆନବାକେ କଇଲା । ସବାରି ନେଇ ଝୁଲକୁକେ ବସାଇ କରି ଆନ୍‌ଲାଇ । ରାଜା ନଗର୍ ଭିତରେ ନେଲାଇ । ସେତ୍‌କି ବେଲେ ରାଜା କାଇ କଲା ମଲ୍ଲିଫୁଲ୍ ଗୋଟେ ହାତେ ଧାରି ରଇଲା । ରାଜା ବସ୍‌ଲା ଲଗେ ଅନି ଦୂରକେ ବସଲା । ରାଜା କଇଲା ବାମନ୍ ବାବୁ ଏଥର କୁଆ ତ ମୋର୍ ହାତେ ଖାଇଟା ଆଚେ । ଝୁଲକୁ କଇଲା ରାଜା ମୋର ଗୋଟେ ଶଲକ୍ ପଢବି ତାର ପଚେ କଇବି । ରାଜା କଇଲା ଶଲକ୍ ଆଲେ କୁଆ । ଝୁଲକୁ ଶଲକ ଆରାମ୍ କଲା । ସାତ୍ ଚକୁଲିକେ ଚଉଦ ଛେ । ମାଟି କୁନି କୁନି ପାଇଲି ପାଲ୍ । ଘୋଡ଼ା ପାଲାଇଲା ନାଲ୍‌ନାଲ୍ । ଏଥର ରାଜାର ହାତେ ମଲ୍ଲି । ରାଜା ସାଙ୍ଗେ ସାଙ୍ଗେ ହାତ ଖୋଲି କରି ହାଁ ଠିକ୍ କଇଲା ବୋଲି ଥାପ୍‌ଲି ପିଟି ଦେଲା । ଏତର କ ରାନିର ମୁନା ପାଞ୍ଜୁଲ କନ୍ ନେଇ ଆଚତ୍ କଇଦେସ୍ । ଝୁଲକୁ କଇଲା ମୋକେ ଆଜି ଗୋଟେ ରାତି ପାଇଁ ରାଜାର୍ ନଗର୍ ଭିତ୍‌ରେ ଘଟେ ଘର୍ ଦିଆ ମୁଇଁ ସାକାଲ୍‌କେ ସବୁ କାଥା କଇବି । ରାଜା ତାର ଚାକର ମାନକେ ଆଦେଶ ଦେଲା । ନଗର୍ ଭିତରର୍ ଘର୍ ଗୋଟେ ଖାଲିକରି ପାନି, ତାର ଖାଇବା ଜିନିଷ ସବୁ ଦେଇ ଦେବା ପାଇଁ କଇଲା । ଘର୍ ଗୋଟେ ଦେଲାଇ ବଡ଼େ ରକମର୍ ଖାଇବା

ଦରବ୍ ଆନି ଦେଲାଇ । କେବେ ନ ଖାଇଲା ଦରବ୍ ମନ୍ ଖାଇଦେଲା । ପେଟ୍ ଗଡ଼ବଡ଼ ହୋଇ ବୁଟ ବାଟ୍ କଲା । ରାତି ଭିତ୍ରେ ଶୋଇ କରି କଇଲା ରରେ ପେଟୁ ସାକାଲ୍ ପାଇଲେ କରବି ତୋର ପାଇଟି । ରାଜା ନଗରର ପେଟୁ ବୋଲି ଗୋଟେ ରାଜାର୍ ଚ୍ୟକର୍ ରଇଲା । ସେ ସୁନା ପାଞ୍ଜୁଲ ନେଇ ରଇଲା । ଝୁଲ୍‌କୁ ରଇବା ଘର କିଟ୍‌କି ପାଖେ ଆସି କାନ୍‌ଡ଼େରି ଶୁନ୍‌ତେ ରଇଲା । ଏନତି ଝୁଲ୍‌କୁ ତିନ୍‌ଥର କଉ କଉ ପେଟୁ କଇଲା । ଝୁଲ୍‌କୁ ଭାଇଝୁଲ୍‌କୁ ଭାଇ ତମେ ରାଜାକେ କୁଆନାଇଁ ରାଜା ମୋକେ ଫାଶି ଦେଇସି ଯାଇଟା ମାଙ୍ଗ୍‌ଲେ ସେଟା ଦେବି ନଇଲେ ତମର୍ ଆଧେକ୍ ମୋର୍ ଅଧେକ୍ ବାଟା କରୁ । ଝୁଲ୍‌କୁ କଇଲା ହାଁ ଏଥର ମିଲିଗାଲା । ଝୁଲ୍‌କୁ କଇଲା କାକେ ନକଇ ତୁଇ ଧୀରେ ଇତିଅନି ଉଠିଯା' କେ ଦେଖି ଦେଲେ ରାଜାକେ କଇଲେ ଜାନ୍‌ସି । ସେ ପାଞ୍ଜୁଲ ଆନ୍ ତାର୍ ପଚେ ବିଚାର୍ କରୁ । ପେଟୁ ତାର୍ ଘରେ ସଙ୍ଗଇ ରଇଲା ଧୀରେ ଧୀରେ ଲୁଚି ଲୁଚିଯାଇ ପାଞ୍ଜୁଲ୍ ବେଟି ଆନି ଝୁଲ୍‌କୁ କେ ଦେଲା । ଝୁଲ୍‌କୁ କଇଲା ରାଜା ଘରେ ରାଜ୍ ଅଁସ୍ ଆଚତ୍ କି ନାଇ ବୋଲି ଝୁଲ୍‌କୁ ପେଟୁକେ ପାଚାରଲା । ପେଟୁ କଇଲା ରାଜା ଘର ଗୋଟେକ୍ ରାଜ୍ ଅଁସ୍ ଆଛେ । ଦୁଇଲୋକ୍ ହୋଇ ରାତି ଭିତ୍‌ରେ ଗୋଟେ ରାଜ ଅଁସକେ ଧାରି ଆନି ତାର ଟଣ୍ଡ ଚିରି ପାଞ୍ଜୁଲ୍ ହାତ୍ ସଙ୍ଗେ ରାଜ୍ ହଁସର୍ ପେଟ୍ ଭିତରେ ପୂରାଇ ଦେଇ ଦୁଇ ଲୋକ ଯାକ୍ ଜାର୍ ବାଟେ ସେ ଯାଇ ଶୋଇ ଦେଲାଇ । ସାକାଲ୍ ପାଇଲା ରାଜା ଝୁଲ୍‌କୁ କେ ରାଜା ଗାଦିର ଚାକର ମନ୍‌କେ ଡାକାଇ ପାଠାଇଲା । ରାଜ୍ ଗାଦି ଲଗେ ଆସି ଝୁଲ୍‌କୁ କଇଲା । ମହାରାଜା ତମର ପାଞ୍ଜୁଲ୍ ତମର୍ ରାଜ୍ ହଁସ୍ ଗିଲିଦେଲା ଆଚେ । ତାର ପେଟ୍ କାଟ୍‌ଲେ ପାଞ୍ଜୁଲ ବାରଇସି । ରାଜା କାବା ହୋଇ ଗାଲା ଏଡ଼େ ନିମାନ୍ ରାଜ୍ ହଁସ୍ ନିମାନ ପାଇଁ ପୋଶି ରଇଲି ଆଜି ତାକେ ପେଟ୍ କାଟ ବାକେ ଅଇସି । ନ କାଟ୍‌ଲେ ତ ମରି ଯାଇସି ନ କାଟ୍‌ଲେ ସୁନା ନ ମିଲେ । ଚ୍ୟକର୍ ମନ୍‌କେ ଆଦେଶ ଦେଲା ରାଜ୍ ଅଁସକେ ଧାରିଆନି ପେଟ କାଟି ସୁନା ବାର୍‌କରା ସୁନା ନ ବାର୍‌ଇଲେ ଝୁଲ୍‌କୁକେ ଫାଶି ଦେବି । ଚାକର୍ ମନ୍ ରାଜ୍ ଅଁସକେ ଧାରି ଆନି ପେଟ୍ କାଟି ଦେଖିଲାଇ ଯେ ରାଜ ହଁସର୍ ପେଟ୍ ଭିତ୍‌ରେ ସୁନା ଆଚେ । ରାଜାକେ ସବୁ କାଥା ଶୁନାଇଲାଇ ରାଜା ଝୁଲ୍‌କୁକେ ସତ୍ କାଥା କଇଲା ବୋଲି ରାଜ ଗାଦି ଲଗେ ଡାକାଇ ଟାଙ୍କା ସୁନା ଧାନ ଏମ୍‌ତି କେତେ ରକମର୍ ଜିନିଷ୍ ଝୁଲ୍‌କୁକେ ଦେଲା ।

## ଗପ (କାହାନୀ) - ୧

ଗୋଟେକ୍ ଦେଶ୍ ରେଲା । ହାଇ ଦେଶ୍ ଲାଗେ 'ହାତେକ୍', 'ଭିତେକ' ବଲି ଦୁଇ ଭାଇ ରେଲାଇ । ତାକର ଆୟା ବୁଆ କେ ନିଆଇତ୍ । ଗୋଟେକ୍ ଦିନ୍ କାଇ ହେଲା କି, ଶୁନା, ବଡ଼ ଭାଇ ଡ଼ଙ୍ଗର ଲାଗେ କାଟ୍ ଆନ୍‌ବା କାଜେ ଗାଲା । ସାନ୍‌ଟା କେ କଇଲା ତୁଇ ଘରେରା । ସାନ୍ ଭାଇ ବିତେକ୍ କାଇ ବଲ୍‌ଲା ମୁଇ ମିଶା ଆଇବି ନା ନାନା । ହାତେକ୍ ର

କାତା ନାଇ ମାନି ବିତେକ୍ ମିଶା ଡଙ୍ଗର ଲାଗେ ଗାଲା । ଦୁଇ ଭାଇ କାଟ୍ ଖୋଜି ଖୋଜି ଗୋଟେକ୍ ବାଘ୍ ପାର୍ ଲଗେ ଯାଇ କରି ହାଜର୍ ହେଲାଇ । ହାଇ ପାର୍ ଭିତ୍‌ରେ ବାଘ୍ ଶୋଇ ରେଲା । ବାଘ୍‌ର ଲେଞ୍ଜ୍ ପାଦାଇ ଭାରି ରେଲା । ଦୁଇ ଭାଇ ଯାକ ପାର୍ ଭିତ୍‌ରେ ହେରି ଦେକ୍‌ଲାଇ ବାଘ୍ ଶୋଇଲା ଚେ଼ । ବିତେ଼କ୍ ବଲ୍‌ଲା 'ନାନା – ଇ ଲେଞ୍ଜ୍‌କେ କାଟୁନା' । ତାର ବଡ଼ ଭାଇ କଇଲା ଏରେ ପଶୁ ଏଟା ବାଘ୍‌ର ଲେଞ୍ଜ୍ । ତକେ ଭିଲ୍‌ନେ ଖାଇସି । ସାନ୍ ଭାଇ ତାର କାଥା ନାଇ ମାନି କରି ଟାଙ୍ଗିଆ ସଙ୍ଗେ ବାଘ୍‌ର ଲେଞ୍ଜ୍‌କେ କାଟି ଦେଲା । ଲେଞ୍ଜ୍ କାଟୁ କାଟୁ ବାଘ୍ ହାଇ ମନ୍‌କେ ମୁଣ୍ଡିଆ ମାରି କଇଲା ମକେ ଛାଡ଼ି ଦିଆ ତମ୍‌କେ ଯାଏଟା ଲଡ଼ା ଏ ପାର ଭିତ୍‌ରେ ଆଚେ଼ ନିଆଁ ବଲି । ପଛେ ବାଘ୍‌କେ ଛାଡ଼ି ଦେଲାଇ ପାର ଭିତ୍‌ରେ । ଓଗି କରି ଦେକ୍‌ଲା ବେଲେ ସୁନା ବନା ସବୁ ଭର୍ତ୍ତି ରେଲା । ହାଇ ସୁନା ବାନା କେ ଧରି ଦୁଇ ଭାଇ ଘରକେ ଗଲାଇ । ଆସି ସାହୁ କାର ହୋଇ ଗାଁଏ ରେଲାଇ । ଏତକ୍ ନୁଁ ମର କାତା ସର୍‌ଲା ।

## ଗପ – ୨

କଲିଆମୁଣ୍ଡା ବଲି ଗଟେକ ଗାଁ ରେଲା । ହାଇ ଗାଁ ଲଗେ ଆବ୍‌କା କମାର୍ ଲକ୍ ରେଲାଇ । ଟାଙ୍ଗିଆ, କଡ଼କି, ବାର୍‌ସି ତିଆର୍ କରି ଗାଁ ଗାଁ ନେଇ ବିକି କରି ତାର କୁଟୁମ୍ ପଶ୍‌ତେ ରେଲା । 'ମୁକୁନ୍ଦି କମାର' ବଲି ଗଟେକ୍ ଲକ୍ ରେଲା । ତାର ଗଟେକ୍ ପିଲା ରେଲା । ହାଇ ପିଲା ସବୁ କାମଧାନ୍ଦା କର୍‌ତେ ରେଲା । ଗଟେକ୍ ଦିନ୍ ରାଜା ଘର ସଗଡ଼ ତିଆର କର୍‌ବା କାଜେ ତାକେ ଡାକ୍‌ଲାଇ । ହାଇପିଲା ଆରି କମାର୍ ଡକରା ଦୁଇ ଲକ୍ ମିଶି ଗଲାଇ । ସଗଡ଼୍ କାମ କରୁ କରୁ ହାଇ ପିଲାର୍ କାମ୍ ରାଜାର୍ ମନ୍‌କେ ଗାଲା । ରଜା ହାଇ ପିଲାକେ କଏଲା 'ତୁଇ ଆଜି ଥାନୁ ମର୍ ଘରେ ରା ବଲି' । ଏନ୍ତା ରହୁ ରହୁ କେତେକ ଦିନ୍ ଗାଲା ବେଲେ ରାଜାର ଟକି ହାଇ ପିଲାକେ ମନ୍ କଲା । ହାଇ ଟକି ରାଜାକେ କଏଲା କେ ରାଜା ହାଇ ପିଲାକେ ତାର ଟକି ସଙ୍ଗେ ବିଭା ପୁଆନି କରି ଦେଲା । ଶୁଖ୍‌ରେ ସଂସାର କରି ତାକର ଦିନ୍ କାଲ୍ କାଟାଲାଇ । ମର କାତା ସର୍‌ଲି – ବାଢ଼ି ବାଟର କର୍‌ଲା ।

## ଗପ – ୩

ଏବେ ମନ୍ ଗୋଟେକ୍ କାତାନି କଇବିଚି ସୁନା । ତମ୍‌କେ ଆମର୍ ଗାଁର କାତା କେଇଲିନି । ଆମର୍ ଗାଁ କେ ଆଗ୍ କାଲର୍ ଲକ୍‌ମନ୍ ଫଟାଗୁଡ଼ା ବଲି ନା ଦେଲାଇ ଚ଼ତ୍ । ଆମର ଗାଁ ଥାନେ କାଇ କାଇ ଜାତି ମିଶି ଚ଼ରି ପାଞ୍ଚ ରକମର୍ ଲକ୍ ଆଚୁ । ଆମର୍ ଗାଁ ଥାନେ

ଗଟେକ୍ ମାପୁରୁ ପାର୍ ଆଚେ । ସବୁ ଲକ୍ ମନ ଗାଁର ମାପୁରୁ କେ ପୂଜା ପାଟ୍ କରବାଇ । ତାକେ ପୂଜା କର୍‌ବା କାଜେ ଗାଁର ଗୋଟେକ୍ ସିଆନ୍ ପାରା ଲକ୍ କେ ଜିମା ଦେବାଇ । ହାଇ ସବୁ ମାପୁରୁ ଘର ପୂଜାପାଠ୍ କରସି । ଆରି ସୁନା - ଆମର୍ ଗାଁଏ କାମ୍ ଧାମ୍ ଦୁଖ୍ ଶୁକ୍ ହେଲେ ସବୁ ସିଆନ୍ ମନ୍ଦାକେ ଡ଼ାକି ଗୋଟେକ୍ ଥାନେ ଗୁଣ୍ଡି କରି ପାଞ୍ଚ ପାଞ୍ଚାଦି ବସି ବିଚ୍ରର କରି ସବୁ କାମ୍ ଛିଡ଼ାଇ ଦେବୁ । କାର୍ ଦୁକ୍ ଶୁକ୍ ହେଲେ ମିଶା ଗାଁର ସବୁ ଲକ୍ ଜମି ତାର ଦୁଖ୍ ଶୁକେ ଜାଇ କରି ଠିଆ ହେବଉ । ଆଜି କାଲି ତ କନ୍‌ଆରି ଅଶିକ୍ଷିତ୍ ନିଆଇନି । ଗାଁର ପିଲାଟକି ମନେ ମିଶା ଦୁଇ ଅକ୍ଷର ପଢ଼ି ସବୁ ଜାନି ଲାଇବେ । ଆରି କାଇଟା କଇବି ମାପୁରୁ ତମ୍‌କେ ଜୁହାର କରବିଚେ ମକେ ଛାଡ଼୍ ।

# ଗପ - ୪

ଗୋଟେକ୍ ଗାଁଏ ସାବୁ ବଲି କରି ଗୋଟେକ୍ ଛେଲିଆ ପିଲା ରେଲା । ତାର ଆୟା ବାବା କିଏ ମିଶା ନିଆଇତ୍ । ସେ ସବୁ ଦିନ୍ ଛେଲି ମେଣ୍ଢାକେ ଧରି ଚ଼ରାଇବା ଲାଗି ଯାଇତେର୍ଲା । ଏନ୍ତା ଛେଲି ଚ଼ରାଉ ଚ଼ରାଉ ଗଟେକ୍ ଦିନ୍ ଏକ ଘଟାନି ବସାଇ କରି ଘରେ ଭାତ୍ ଖାଇବାକେ ଗାଲା ବେଲେ ଖରା ମାସର୍ କାତାତ ତାକେ ବିସ୍ତାର ଶୋଶ୍ ଲାଗଲା । ଯାଇ ପାନି ଖଜୁଖଜୁ ଗଟେକ୍ ଚୁଆ ଲଗେ ଯାଇକରି ଖେଟ୍‌ଲା । ପାନି ଦେକ୍‌ଲା । ବଡ଼େ ସୁନ୍ଦର ଆଚେ । ଚୁଆ ଲଗେ ଯାଇ ପାନି ତୁମି ପିଇଁଲା ବେଲେ ଗଟେକ୍ ବେଙ୍ଗ୍ ତାକେ କଏଲା ଏ ପିଲା ତୁଇମକେ ବିବା ହେବୁସ୍‌କି ବଲି । ବେଙ୍ଗ୍ କାତା ହେବାଟା ଶୁନି ପିଲା କଏଲା ତୁଇ କାଏ ମାଇଜିକି ତକେ ମୁଇଁ ବିଭା ହେବି । ଏତ୍‌କି କଉ କଉ ପିଲାର ପେଟ୍ ଫାଟିଗାଲା । ମର କାତା ସର୍ଲା ବାଡ଼ିବାଟର କାର୍ଲା ।

# ଆତି ଆରି ସାଦବ ରାନିରକତା

ଗୋଟେକ୍ ଦେଶେ ସାଧବମ୍ ରାଜା ଗୋଟେକ୍ ରେଲା ପୁନି । ତାକେ ଗୋଟେକ୍ ଝି଼ ରେଲା ପୁନି । ସେ ଝି଼ ଗୋଟେ ଦିନ୍ ତାକର ରାଜ୍ ଦଅରର ବନ୍ଧେ ଗାଦାଇ ବାକେ ଗାଲା ଗାଦାଉ ଗାଦାଉ ସେ ଝି ର ସୁନାମାଲି ବନ୍ଧେ ଅଦ୍ରିଗାଲା । ତାକେ ଖୋଜି ଖୋଜି ଥାକି ମଲା ସିନା ସିଟା ନା ମିଲଲା । ତାର ପଚେ ଘରେ ଆସି ରାଜା କେ କଇଲା ରାଜା ଦାସୀ କଟୁଆଲ ମନକେ ଆଡ଼ର କଲା ଯା ଯାଇ କର ବନ୍ଧେ ତାନନୁ ମୋର ଝିର ସୁନା ଅଲଙ୍କାର ମିଲାଇ ଆନା ବୋଲି କଇଲା ଦାସୀ କଟୁଆଲ ସବୁଯାଇ ବନ୍ଧେ ଖୋଜଲାଇ ସିନା ସେ ସୁନାମାଲି କାକେ ନା ମିଲ୍‌ଲା ।

ଏନ୍ତାର୍ ଗୋଟେ ଦିନ୍ ଆରି ଗୋଟେ ଦେଶର୍ ପଟ୍‌ଆତୀ, ମଉତ ସେ ବନ୍ଧ ବାଟ ଦେଇ କନ୍ତି କି ଯାଇତେ ରେଲାଇ । ଆତୀ କେ ବେଶୀ ଶୋଷ୍ ଲାଗଲା । ସେ ହାତୀ ପାନି ଖାଇବାକେ ବାନ୍ଧେ ଗାଲା । ବନ୍ଧେ ପାନି ଖାଉ ଖାଉ ସେ ସୁନାମାଲି ଆତୀର ଶୁଣ୍ଡେ ଆସି ଢ଼ଶଲା । ଆତୀ ଦେକ୍‌ଲା ଇଟା କାଇଟା ଅହଃ ଏଡ଼େକ୍ ନିମାନ ସୁନାମାଲି ଆତୀ କାବା ହେଇଗାଲା ସେ ବାବଲା ଏ ସୁନାମାଲି ତ ଏ ତେକ୍ ସୁନ୍ଦର ସୁନାମାଲି । ପିନ୍ଦବା ରାନି କେଡ଼େକ୍ ନିମାନ୍ ନ ହେଇ ରେବେ ବୋଲି ବାବଲା । ସେ ମାଲିକେ ନେଇ ସଂଗାଇ ଦେଲା ଆରି କାଇବା ପିଇବା ସବୁ ଛାଡ଼ି ଦେଇ ଦିନ୍‌କେ ଦିନ୍ ଆତୀ ଶୁକି ଶୁକି ଗାଲା । ମଉତ ଏଟା ଦେକି କରି ଗୋଟେକ୍ ଦିନ ପାଚାରଲା କାଇଗିନେ ତୁଇ ଏନ୍ତା ଦିନ୍‌କେ ଦିନ୍ ଶୁକିଗାଲୁସ୍‌ନି ଆତୀ । ଏନ୍ତା କେତେକ୍ ପାଚାର୍ ଉଚାର୍ କଲେ ପୁନି କାଇଟା ନା ବୋଲଲା । ଏକାଥା ମଉତ ଯାଇ ରାଜାକେ କଇଲା ରାଜା କଇଲା ଆଲେ ଆତୀକେ ପାଚାରି ଦେକା ସେ କାଇଗିନେ ଏନ୍ତା ଖାଇବା ପିଇବା ଛାଡ଼ି ଦେଲା । ଗୋଟେକ୍ ଦିନେ ମଉତ କେ ହାତୀ କଇଲା ମୁଇ ତୋକେ ଗୋଟେ କାତା କଇବି ଶୁନବୁସ କି ? ମଉତ ବୋଲଲା ହାଁ ଆତୀ ସଲକେ ସଲକେ ଯାଇ ସେ ସୁନାମାଲି ବେଟିଆନି ମଉତ୍‌କେ ଦାରାଇ ଦେଲା ମଉତ ବାପ୍‌ଡ଼ା କାବାଅଇ ଇଟା କାଇଟା ଇଟା କାଇଟା ବୋଲି ଆତୀ କେ ପାଚାର୍‌ଲା ।

ଆତୀ କଇଲା ଅୟ ମଉତ ଏ ସୁନାମାଲି ତ ଏଡ଼େକ୍ ନିମାନ୍ ସେ ସୁନାମାଲି ପିନ୍ଦବା ରାନୀ କେଡ଼େକ୍ ନିମାନ୍ ନା ହେଇରେବେ । ତାକେ ଆକା ମୋକେ ବିବା କଲେ ମୁଇ ଜିଇଁ ବି ନଇଲେ ଏନ୍ତା ଶୁକି ପାଡି ମର୍‌ବି ବୋଲି ହାତୀ କଇଲା । ମଉତ ବଲଲା ଇଟା ବଡ଼େ ଦାନ୍ଦା ହେଇଗାଲି ତୁଇତ ଆତୀ ବାପ୍‌ଡା । ସେ ନର ରାନୀକେ ତୁଇ କେନ୍ତା ବିବା ହେବୁସାଆତୀ ଦିଦ୍ ଦର୍‌ଲା ମୋକେ କେନ୍ତା ହେଲେ ମିଶା ସେ ରାନି କେ ବିବା କର୍‌ବାର୍ ଆଚେ଼ ଆକା । ମଉତ ବାପ୍‌ଡ଼ାଇ କାତା ରାଜା କେ ଜାଇ କଇଲା ରାଜାମିଶା ରାଜି ହେଇ ଦାସୀ ମନ୍‌କେ କନ୍ ଦେଶର୍ ରାନି ସେଟା ତାକେ ଖୋଜି ଖୋଜି ଆନି ଆତୀକେ ବିବା କରା ବୋଲି କଇଲା । ରାଜାର ଆଡ଼ର୍ ମାନିକରି ସେ ଦେଶର ଦାସଦାସୀ, ମାନ୍ତ୍ରମାନ୍ତ୍ରିମନ ସେ ରାନିର୍ ଦେଶ୍ ଖୋଜି ବାରଲାଇ ।

ଯାଉ ଯାଉ ସେ ସାଧବ ରାଜାର୍ ଦେଶେ ଖେଟ୍‌ଲାଇ । ସିଟି ଯାଇ ସାଦବ୍ ରାଜା କେ ତାକର୍ ଝିର ହାତ ମାଗଲାଇ । ରାଜା ଇ କାତା ସୁନି ନିଜକେ ବଡ଼େ ଅପମାନ ଲାଗଲା । ସେ କଇଲା ମୋର ଗୋଟେକ୍ ବୋଲି ଝି । ମୁଇଁ ବାର୍‌ଟା ଦେଶର୍ ବାର୍‌ଟା ରାଜକୁମାର୍ କେ ମୋର୍ ଝି କେ ବିବା କରିପାରି ଆରି ତମେ ଆତୀ ବାପ୍‌ଡ଼ା କେ ମୋର୍ ଝିର ଆତ ମାଗବାକେ ଆଇଲାସ୍ ଇଟା କେତେକ ଅପ୍‌ମାନ୍ କାତା ମୋର ଝି ଏନ୍ତା ଡକ୍ରି ହେଇର ସିନା ମୁଇ ଏନ୍ତା ଅପମାନ୍ କାତା କେବେ ନା କରି ମୋକେ ଦେଶ ବିଦେଶର ରାଜାମନ କାଇ ବୋଲବାଇ ବୋଲି ସାଦବ୍ ରାଜା କଇଲା ।

ସିତାବାବୁ ସାଧବ୍ ରାଜାର୍ ଝି ଲୁଟିକରି । ଇ କାତା ସୁନ୍‌ତେ ରେଲା । ସେ ବବ୍‌ଲା ବା ମୋକେ ବିବା କର୍‌ବାକେ ନାଇ ନା ବଲ । ମୋର କର୍‌ମେ ଯାଇଟା ଆଚେ ସିଟା ଆକା ହେଇସି । ସେ ଗରିବ ହ କି, ଦନୀ ହ, ସେ କାନା ହ କି, ଚ଼ଟା ହ ମୋକେ ତାକେ ଆକା ବିବା କରିଦିଆ ବୋଲି କଇଲା । ଏବାଟେ ସେ ନାଜାନେ ଯେ ଆତୀ ବାପଡ଼ା କେ ତାକେ ଆତ ମାଗ୍‌ଲାଇନି ବୋଲି ।

ରାଜା ଝିର କାତାକେ ଏଡ଼ାଇ ନା ପାର୍‌ଲା ଆରି ସିତି ବିବା କର୍‌ବାକେ ରାଜି ହେଇଗାଲା । ସେ ରାନି ପୁନି ହାତୀ ରାଜା ଘର୍ ଲୋକ୍‌କେ ୩ଟା ନାଟ ଆରି ୩ଟା ସୁନାମାଲି ମାଗି ଦାସ୍‌ଦାସୀ ମନ୍‌କେ ପିନ୍ଧାଇ ଦିଆ ବୋଲି କଇଲା । ରାଜା ଯତର ମତର କରି ବିବା କରି ରାନିକେ ପାଟ ଆତୀର ଦେଶର୍ ରାଜା ଘରେ ପାଠାଇ ଦେଲା । ସେବାଟେ ସେ ଦେଶର୍ ରାଜାରଘରରେ ସରଗ୍‌କେ ଚାମଡ଼ା ପାତାଲ କେ ବେଦି କରି ବାଜା, ବାଇଦ୍, ନାଚ୍, ଗୀତ୍ କରି ବଢ୍ଢେ ନିମାନ କରି ତିଆର୍ କଲାଇ ଆଚ଼ତ୍ ।

ରାନିକେ ସେ ସାବାରି ତାନେ ଆନି ଉତରାଇଲାଇାବେଦି ଲାଗେ ବସାଇ କେତେ ରକମର ଅମ, କାମ କରି ସାଇ ଶାରଦା କଲାଇନି । ଏନ୍ତା ଅମ୍ କାମ୍ କରୁ କରୁ ରାନି ବାବଲା ଅହଃ ମୁଇଁ ଆସି ଏତେକ ପର୍ ହେଲାନି ସିନା ମୋର୍ ରାଜା କେନ୍‌ତାଟା ମୁଇଁ ଦେଖି ନାଇ ବୋଲି ତାର ମୁଣ୍ଡର ଲୁଗାକେ ବେଟି ଦେକି ଦେକ୍‌ଲା ବେଲ୍‌କେ ଆତୀ ପରବତ ପାରା ବେଦି ଲଗେ ବସି ରାନିକେ ଆକା ଗାଡ଼୍ ଗାଡ଼୍ ଦେକ୍‌ଲାନି । ରାନି ତ ଆତୀକେ ଦେକିଦେଇ ପାଲା ପାଲା ପାଲାଇଲା । ଅହଃ ଏ ଆତୀ ସାଂଗେ ମୋକେ ବିବା କଲାଇନି ବୋଲି ମନଦୁକ କଲା ଆରି ପାଲାଇଲା । ଆତୀ ବାପଡ଼ା ଏବାଟେ ଦେକ୍‌ସି ସେ ବାଟେ ଦେଖ୍‌ସି ରାନି ନାଇ । ରାନି ପାଲାଇବାଟା ଦେକି ତ ଆତୀ ତାରପଛ୍ ପଛ୍ ପାଲାଇଲା ତାକେ କେଦିନେଲା ।

ରାନି ଆତୀକେ ଦେକି ଅଧିକ ପାଲାଇଲା । ଯାଉ ଯାଉ ଗୋଟ ଖମ୍‌ନେ ବେଲଗଚ଼ ଗୋଟେକ ରେଲା । ସିତି ଯାଇ କେଟି ଗଚ଼େ ଚଗିଦେଲା ଆତୀ ଖେଦି ଖେଦି ନା ପାର୍‌ଲା କି, ଗଚ଼େ ଚଗି ନା ପାର୍‌ଲା ଆରି ବେଲ୍‌ଗଚ଼୍ ତଲେ ବସି ଦେଲା ।

ରାନି କେ ଆରି କାଇ ଉପାୟ ନାଇନି କେନ୍ତା କରିବିବେ ବୋଲି ସେ ବେଲ୍ ଗଚ଼ର ବେଲ୍ ଫୁଲ୍ କେ ତୋଲି ତୋଲି ଆତୀକେ ମାରିପାକାଇଲା ଆତୀ ଯିବାକେ ନାଇ କାଇ ନାଇ ସେ ବେଲ୍‌ଗଚ଼ର୍ ସବୁ ବେଲ ସରିଗାଲା ସିନା ଆତୀ ସିତିସେ ବୁଲିରେଲା । ତାର୍‌ପଚ଼େ ଆରି ଗୋଟେକ୍ ବେଲଫୁଲ ତୋଲି ଆତୀର ମୁଣ୍ଡେ ମାରିଦେଲା ଆତୀ ମରିଗାଲା ।

ରାନି ଦେକି ଦେକ୍‌ଲା ହାତୀ ମଲା କି କେନ୍ତା ବୋଲି । ଗଚ଼େ ତାନନୁ ଉତ୍ରେନାଇ କାଇ ନାଇ ଏନ୍ତା ୨/୩ ଦିନ ଜାଗି ଦେକ୍‌ଲା ଆତୀ ଉଁ ନାଇ ଚୁଁ ନାଇ ରାନି ବାବ୍‌ଲା ଏତର ଉଭରବିବେ ବୋଲି ଦିରେ ଦିରେ ଗଚ଼େ ତାନନୁ ଉତ୍ରି ପାଲାପାଲା ପାଲାଇଲା ।

ପଚେ୍ ରାନି ବାବ୍‌ଲା ମୋକେ ତ ଆରି ଦିନେକ୍ ଦେଖଲେ ଦାରି ନେବାଇ ବେ କେନ୍ତା ହେବିବେ ବୋଲି ବାବି ବାବି ଯାଇତେରେଲା । ଯାଉ ଯାଉ ଗୋଟେକ୍ ଗାଏଁ ଡକ୍ରି ଗୋଟେକ ଡଙ୍ଗ୍‌ରେ କାନ୍ଦୁଲ୍ ଚ଼ପ୍‌ତେରେଲା । ରାନି ସେ ଡକ୍ରି ଲଗେଯାଇ କଇଲା ଅୟ ମା ତୁଇ ତ ଡକ୍ରିଲୋକ କାଇଗିନେ ଏଡ଼େକ୍ ମାଣ୍ଡ କାମ୍ କଲୁସନି ଦେନି ମୁଇଁ ଛପିଦେନି ତୁଇ ଯାଇ ଶୋଇର କୋଟାର ଲୋଗେ ବୋଲି କଇଲା ଡକ୍ରି ତାର କାଡା ସୁନି କଟାରେ ଯାଇ ଶୋଇ ପାକାଇଲା । ଏ ରାନିଯାଇ ତାକେ କେଶୁ, ଡାପିଦେଲା । ବାପଡ଼ି ଡକ୍ରି ଶୋରେ ଶୋ। ଏ ରାନି ଡକ୍ରିକେ କାନ୍ଦୁଲ୍ ମିସ୍ତେ ଚ଼ପ୍‌ଲା ଡକ୍ରି ମରିଗାଲା ତାରପଚେ୍ ଡକ୍ରିର ହାଡ଼୍‌ଗୋଡ଼୍ କେ ଗୋଟେକ୍ ଜାଗା ଲାଗେ ସଗାଇ ଦେଇ ତାର ଡକ୍ରି ଚାମକେ ପିନ୍ଦଲା ଆରି ଗୋଟେ ଦେଶ୍ ବାଟେ ଇଣ୍ଡଲା ।

ଯାଉ ଯାଉ ଗୋଟେକ୍ ରାଜା ନଅର୍ ଦିଶଲା । ଡକ୍ରି ସିଟି ଗାଲା ସିଡିର ଦାସିଟୁରି ମନ୍‌କେ କଇଲା ମୋକେ ମା, ନାଇ ବାବାନାଇ ମୋର ଲୋକବାକ୍ କେ ନାଇ ଇତିର ରାଜା ମୋକେ ଛେଲିମେଣ୍ଢି ଚାରାଇବାକେ ଦେଲେ ମୁଇରଇତି ବୋଲି କଇଲା । ଦାସିଟୁରି ଇ କାତା ଯାଇ ରାଜାକେ କଇଲାଇ ରାଜା ଯା ସେନ୍ତା ହେଲେ ସେ ଡକ୍ରିକେ ଡାକି ଆନାବଲି କଇଲା । ଡକ୍ରି ରାଜା ଲୋଗେ ଆଇଲା ଦୂରେ ଟାନୁ ରାଜାକେ ଜୁଆର କରି ସେ ଦିନ୍ ଟାନନୁ ସେ ରାଜାଘର୍ ଛେଲି ମେଣ୍ଢି ଚାରାଇ ବାକେ ରଇଲା ପୁନି ।

ଏନ୍ତା ଗୋଟେ ଦିନେ ଛେଲିମେଣ୍ଢି ଚାରାଇ ବାକେ ନେଇ କରି ବାବ୍‌ଲା ଆଲେ ସେ ବେଲ୍‌ଗଚ଼ ବାଟେ ଯାଇ ଦେକ୍‌ବି ।

ସବୁଦିନେ ଡକ୍ରି ଚ଼େଲିମେଣ୍ଢି ଚାରାଇ ଆନସି ରାତି ହେଲେ ତାର୍ ଡକ୍ରି ଚାମ୍‌କେ ବେଟି ଗୋଟେକ୍ ଡାଲାଲୋଗେ ସ'ଙ୍ଗାଇ ଦେଇସି ଆରି ତାର ସୁନା ଅଲଙ୍କାର ପିନ୍ଦିଶୋଇସି ସବୁ ଦିନ୍‌ର ପାରା ଗୋଟେ ଦିନେ ଚ଼େଲିମେଣ୍ଢି ଚାରାଇବାକେ ନେଲା ଆରି ବାଦଲା ଆଲେ ଆଜି ଯାଇଦେକବି ସେବେଲ୍‌ଗଚ଼ ବାଟେ ଆତୀ ମଲାକି ଆଚେ୍ ବୋଲି ଯାଇ ଦେକ୍‌ଲା ବେଲ୍‌କେ ସେ ବେଲ୍‌ଗଚ୍ ତଲେ କରଡି ଗାଦା ହେଲା ଆଚେ୍ ସେ କରଡ଼ିକେ ବାଗିଂ ଆନି ଡକ୍ରି ରାଜା ଘରେ ଦୁଇଟା ଆରି ଦାସୀଟୁରି ମନକେ ଦୁଇଟା ଦେଇ ରାନ୍ଧି ଖାଁ ବୋଲି କଇଲା । ରାଜା ଟୁରିଦାସୀ ମନକେ ପାଚାରଲା ହଇରେ ଟୁରିଦାସୀ ଇଟା ଖାଇବା ଜିନିଷ କି କେନ୍ତା । ଦାସୀଟୁରି କଇଲାଇ ହାଁ ଖାଇବା ଜିନିଷ୍ ରାଜା ଡକ୍ରିତ ଆନି ଦେଲା ଆଚେ୍ ରାନ୍ଧିଖା ବୋଲି । ସେଟିନୁ ଡକ୍ରି ଆଗତୁ ରାନ୍ଧି ଖାଇଲା ଆରି ସବ୍‌ଲୋକ୍‌କେ ରାନ୍ଧି ଖାଇବାକେ କଇଲା ।

ରାଜା ଘର୍ ଲୋକ୍‌ମିଶା ରାନ୍ଧି ଖାଇଲାଇ । ସେ କରଡ଼ି ରାନ୍ଧି ଖାଉ ଖାଉ କେତେଦିନ୍ ଗାଲା ପଚେ୍ ରାନି ପୁନି ଗରବ୍‌ବତୀ ହେଲା ଆରି ତାକେ ପିଲା ଗଟେକ୍ ଜନମ୍ ହେଲା । ରାଜା ଘରେ ତ ପିଲା ଜନମ୍ ହେଲା ବୋଲି ବାଜା ବାଇଦ୍ ମଇରି କେତେକ୍ ଶାରଦା କଲାଇ । ଦିନ୍‌କେ ଦିନ୍ ପିଲା ବଡ଼ ହୋଇଗାଲା ମନ୍ତ୍ରୀ ପିଲା ସାଙ୍ଗେ ତାକେ ଘଡ଼ି

ବିଡ଼ାଇ ଦେଲାଇ ମନ୍ତ୍ରୀ ପିଲା ରାଜା ପିଲା ଦୁଇ ମଇତ୍ରି ହୋଇ ସାଙ୍ଗେ ପାଟ୍ ନାଟ୍ ପଢ଼ି, ବଡ଼ଲାଇ । ଦେକୁ ଦେକୁ ବେଣ୍ଡିଆ ହୋଇଗାଲାଇ ।

ଗୋଟେକ ଦିନେ ରାଜା ପିଲା ମନ୍ତ୍ରୀ ପିଲାକେ କଇଲା ଅୟ ମିତ୍ର ଆମେ ପିଲାବେଳନୁ ଏବେ ଯାକ ଇ ରାଜା ନଅରେସେ ଆକା କିନ୍ଦ୍ରି ବୁଲୁନି ସିନା କେବେ ପାଦାଇ ଯାଉ ନାଇ ଆଜି ଯାଇ ଦେକୁନି ଅଲଗା ଗାଡ଼ନାଲ ବୁଲା ବୁଲି କରି ଆସୁ ବୋଲି ।

ମନ୍ତ୍ରୀ ପିଲା ହଁ ଯୁ ବୋଲ୍ଲା । ଦୁଇଲୋକ ଇଣ୍ଡି, ଇଣ୍ଡି ଗାଡ଼୍ ବାଟେ ବୁଲବା କେ ଗାଲାଇ ।

ଏ ଛେଲିମେଣ୍ଡି ଚାରାଉ ଡକ୍ରିସିଟି ଚ଼େଲିମେଣ୍ଡି ଚାରଇତେ ରେଲା । ଡକ୍ରି ତାର ଡକ୍ରି ଚାମକେ ବେଟି ଗଚ଼େ ଅଲାଇ ଦେଇ ଚ଼ାୟା କରଟ୍ ମାୟା କରଟ୍ ଲଗେ ଉଇକରି ତାର ସୁନା ଅଲଙ୍କାର ବେଟି ପିନ୍ଦି ବାଲ୍‌ମୁଲ୍ ଚାଡ଼ି ଡ଼ୋଲି ଜୁଲି ପାକାଇଲାନି । ମନ୍ତ୍ରୀ ପିଲା ଦେଖ୍‌ଲା ଏଡ଼େ କ୍ ସୁନ୍ଦର ଟୋକି ଏଡ଼େକ ନିମାନ୍ ଟୋକି ମୁଇ କେବେ ଦେକି ନାଇ ବୋଲି କାବା ହୋଇ ତଲେ ଅଦ୍ରି ମୁର୍ଚ୍ଛା ଗାଲା ତାରପଚ଼େ ଚ଼େତୁ ଆଇଲା ରାଜା ପିଲା ପାଚ଼ରଲା କାଇ ହଇଲା ମିତ୍ର ତୁଇ ଏନ୍ତା ମୁର୍ଚ୍ଛା ଗାଲୁସ୍ ଯେ । ମନ୍ତ୍ରୀପିଲା କଇଲା, ନାଇ ମିତ୍ର ସେ ଗଚ଼୍‌ଲଗେ ଦେକିଦେକ୍‌ନି କେଡ଼େକ ଡଉଲ୍ ଟୋକି କି, କନ୍‌ଦେଶର ରାନିକି ଦେବତା ଗୋଟେକ୍ ଡୋଲି ଜୁଲଲାନି ।

ରାଜାପିଲା ଆରି ମନ୍ତ୍ରୀ ପିଲା ଦେକ୍‌ଲାଇ ନିଆକା । ଡକ୍ରି ଯେଡ଼େବେଲ୍ ବେଲ୍ ବସି ଆଇଲା ବେଲ୍‌କେ ଛାୟା କରଟ୍ ମାୟା କରଟ୍ ଲଗେ ତାର ସୁନା ଅଲଙ୍କାର ସଙ୍ଗାଇ ଦେଇ ଡକ୍ରି ଚାମ୍‌କେ ପିନ୍ଧି ଚ଼େଲି ମେଣ୍ଡିକେ ଦରି ରାଜାଘରେ ଗାଲା । ସେଡ଼କି ବେଲେ ଆକା ରାଜା ପିଲା ଆରି ମନ୍ତ୍ରିପିଲା ଗରେ କେଟଲାଇ ।

ସିତାନୁ ରାଜାପିଲା କେଶୁ ଗୋଟେକ୍ ଆରି କଟିଆ ଗୋଟେ ଦାରି ଛେଲି ମେଣ୍ଡି କୁଡ଼ିଆଇ ଯାଇ ଢ଼ାପି ହୋଇ ଶୋଇ ଦେଲାଚ଼େ । ସେବାଟେ ରାଜପିଲା କେ ଗୁଲାବାଟେ ଖୋଜଲାଇନି ମିଲେ ନାଇ ମିଲେ ନାଇ ।

ଯେଡ଼େବେଲେ ଡକ୍ରି ଛେଲି ମେଣ୍ଡି ପୁରାଇଁବି ବୋଲି କୁଡ଼ିଆ ଲୋଗେ ପୁରଲା ତ କେ କି ଶୋଇଲା ଆଚ଼େ । କେଶୁ ଉଗାଡ଼ି ଦେଖ୍‌ଲା ବେଲେକେ ରାଜାପିଲା ତ ଚମ୍‌କି ଗାଲା । ପାଚାର୍‌ଲା କାଇଏଲା ବାବୁ ତୁଇ ରାଜା ପିଲା ହୋଇକରି ଇଟି ଶୋଇଲୁସ୍ ଆଚୁସ୍ । ସେବାଟେ ସବୁ ଲୋକ ତୋକେ ଖଜି ବୁଲଲାଇନି । ଆଲେ ଉଟ୍ ଯା ।

ସେ ରାଜାପିଲା ଉଁ ନାଇଟୁ ନାଇ ଶୋଇ ଦେଲା ଆଚ଼େ । ପଚ଼େ ଡକ୍ରିକାଇ ଟୁରିଦାସି ମାନ୍‌କେ କୋଇଲା । ରାଜା ଘର ଦାସ୍‌ଦାସୀ ମନ ସବୁ ଆସି ରାଜାପିଲାକେ ଉଟାଇଲାଇ ମିଶା ଉଟେନାଇ ୩/୪ ଦିନ୍ ଏଲାନି । ପଚ଼େ ଗୋଟଦିନେ ରାଜା ପିଲା ଟୁରି ଦାସି ମନ୍‌କେ କଇଲା ।

ଯା ଟୁରିଦାସୀ ରାଜାକେ କାଇଦିଆସ ମୋକେ ସେ ଛେଲିଚାରାଇବା ଡକ୍ରିକେ ବିବା କରି ଦେଲେ ଆକା ମୁଇଁ ଉଟବି ନଏଲେ ନାଇ । କାଇକାଡା କରି ଦେଲୁସ୍ ବାବୁ ସେ ଲୋକ ରାଜା ଯାଇ କଇଲାଇ ରାଜା କାବା ହେଲା ଅହ ଏ ଡକ୍ରି କେ କେନ୍ତାକରି ବିବା କରି ଦେବି ବୋଲି ରାଜା ରିସାଏଲା । ମାତର ସେ ରାଜା । ପିଲାତ ମୁଇମରିଆକାଯିବି ସିନା ନାଇଭଟି ବୋଲି କଲିଲା ।

କେନ୍ତା କରୁ ବୋଲି ରାଜା ଏଟା ଗୋଟେକ୍ ଅପମାନ୍ କାତା ବୋଲି ଯତର ମତର୍ କରି ସେ ଡକ୍ରି କେ ଆନି ରାଜାପିଲାକେ ବିବା କରିଦେଲାଇ ଆରି ରାଜନିଉରେ ତାନନୁ ଦୂରକେ ଗୋଟେକ୍ କୁଡ଼ିଆ ବସାଇ ଦେଇ ତାକର ଚ଼ଲବାକେ ସବୁ ଜିନିଷ୍ ଦେଇ ସେ ଲୋକ୍‌କେ ଅତର୍ କରି ଦେଲାଇ ।

ଏନ୍ତା ରାଜା ପିଲା ଆରି ଡକ୍ରିସତି ରେଲାଇପୁନି । ଏନ୍ତା ରଉ ରଉ ରାଜାପିଲା କେବେ ବାର୍‌ଲେ ଆକା ଡକ୍ରି ତାର ଚ଼ାୟା କିରଟ ମାୟାଁ କାରଟ୍ ନି ସୁନାମାଲି ବାର୍‌କରି ତାର୍ ଗାଟଲୁଗା ପାଟଶାଢ଼ୀ ପିନ୍ଦି ବାରସି ପୁନି ଆରି ରାଜା ଆଇଲେ ସେଟା ଲୁଚାଇ କରି ଦେଇ ସେ ଡକ୍ରି ଚାମ୍‌କେ ଢ଼ାପିହେଇସ ସଙ୍ଗାଇ ପୁନି ।

ଏ ହେଲେ ଗୋଟେ ଦିନେ ରାଜା ପିଲା ପାଚ଼ଁଲା କେନ୍ତା କଲେ ଏ ରାନିକେ ମୁଇ ଦେକ୍‌ବିବେ ବୋଲି ଆରି ତାର୍ ବାବା ବଡ଼ରାଜାକେ ଯାଇ କଇଲା । ଆରି ରାଜାପିଲା କଉ କଉ ବାଲିଯାତ୍ରା ଆନବୁସ୍ ବେ ବୋଲି ବାଲିଯାତ୍ରା ଆନୁଲାଇ । ବାଲିଯାତ୍ରା କଲେ ରାଜା ପିଲା ଉକୁନ ଦେକବାକେ ଯାଇସି ଏନ୍ତା ରାଜା ପିଲା ଉକୁନ ଦେକ୍‌ବାକେ ଗାଲେ ରାନି ରାତି ବେଲକେ ତାର ଡକ୍ରିଚାମ୍ ବେଟି ସଂଗାଇ ଅଲାଇ ତାର୍ ସୁନାବାନା ହଇ କରି ବସିଦେଇରେଇସି ।

ଗୋଟେ ଦିନେ କାଇ ଏଲା ଏ ବାପ୍‌ଡ଼ା ରାଜାପିଲା ସବୁ ଦିନ୍‌ର ପାରା ସେ ଦିନେ ମିଶା ଉକୁନ ଦେକବାକେ ଗାଲା । ସେ ଯାଉ ଯାଉ ଡକ୍ରି ବାବ୍‌ଲା ଆଲେ ଏ ରାଜାପିଲା ଦିନ୍‌କେ ଦେକାବାକେ ଯାଇସି ଦେକବି ବୋଲି ରାଜାପିଲା ଗଲାପଚେ ସୁନାବାନ, ପାଟ୍‌ଲୁଗା, ପାଟ୍ ଶାଢ଼ି ପିନ୍ଦି ରାନି ବାରିକରି ଉକୁନ୍ ଦେକ୍‌ବାକେ ଯାଇସି ।

ତାକେ ଦେଖି କରି ତ ଟୁରିଦାସୀମନ ଉଦ୍‌ରିପଡ଼ି ଗାଲାଇ କେମୁର୍ଚା ଗାଲାଇ କାଇଟାରେ ବାବୁ ରାଜାପିଲା ଘରନି ଏତେକ୍ ନିମାନ୍ ଦେବୀ କି କାରକନ୍ ରାନିକି କାଇଟା ବାର୍‌ଲା ନି ବୋଲି ବାଦବାଇ । ଆରି ଇକଥା ରାଜାପିଲାକେ କିଇବାଇ / ରାଜାପିଲା ସେ ଲୋକର କାତା ସୁନି କାବା ହୋଇଗଲା ।

ଏନ୍ତା ହେଲା ଆରି ଗୋଟେ ଦିନେ ଉକୁନ୍ ଦେକିବି ବୋଲି ରାଜା ପିଲା ବା ଗଇସି । ଆରି ସେ ଦାସିଟୁରି ଘରେ ଯାଇ ଲୁଚିରେଇସି । ଦାସିଟୁରି ମନ୍‌କେ କନ୍ ଆଲେ ଆଜି

ଦେକି ଦେକୁ କାଇଟା ଏ ଘର୍‌ନୁ ବାରଲା ବୋଲି ରାତି ଯାକ ଟୁରିଦାସୀ ମନ୍ ଆରି ରାଜାପିଲା ଜାଗି ରଇବାଇ ।

ସତ୍‌କେ ସତ୍ ରାଜା ପିଲା ଗାଲା କାଇକି ବୋଲି ରାନି ଭାବ୍‌ଲା ଆରି କେନ୍ତାଟା ସେ ଉକୁମ୍ ମୁଇ ଆଜି ଯାଇଦେକ୍‌ବି ବୋଲି ତାର ସୁନାବାନା ପିନ୍ଧି ଉକୁମ୍ ଦେଖ୍‌ବାକେ ଗାଲା ।

ଉକୁମ୍ ଲଗେ ଯାଇ ଦେଖି ଲାବେଲକେ ରାଜାପିଲା ନାଇ । ଆଜି ରାଜାପିଲା କେନ୍ତା ଉକୁମ ଦେଖା ଆସେନାଇ ବୋଲି ବସିଦେଖସି ଆରି ଆଜି ରାଜା ପିଲା ଘରେ ରେଇସି କାଇକି ମୁଇତ ଦାରା ପଡ଼୍‌ବି ବୋଲି ଘରେ ପାଲା ପାଲା ପାଲାଇସି ।

ଯାଇକିରି ଦେକଲା ବେଲ୍‌କେ ରାଜାପିଲା । ତାର ଡକ୍ରିଚାମ କେ ବେଟି ପଡ଼ାଇ ଦେଇ ଇଡ଼ିକଣ୍ଡ ନସାଇ ଦେଲା ଆଚେ଼ । ପଚେ଼ ରାନି ଆସି ଡକ୍ରି ଚାମ ଖୋଜି ହେଲା ବେଲ୍‌କେ ସେଟା ନାଇ । ରାଜାପିଲା ରାନିର୍ ହାତ୍‌କେ ଦାରି ଦେଇ କଇଲା ମୋକେ ଏଡ଼୍‌କେ ସାନ୍ ଥାକ୍ ଯକି ପାକାଇଲୁସ ଯେ ଆଜି କେନ୍ତା ଏଲୁସ୍ । ଏସ୍ ଇଡ଼ିଖଣ୍ଡ ଇଟା ଆକା ତୋର ରୂପ୍ ଏ ଦେକ୍ ବୋଲି ।

ରାଜା କେ କଇଲା ରାନି ସିଲନୁ ଦାରା ପଡ଼ିଲା ଆରି ତାର ସବୁକାତା ରାଜାପିଲାକେ କଇଦେଲା । ରାଜାପିଲା ତାର୍ କାତା ସୁନି ଅହଃ ବଇଲା ଆରି ତାର୍ ବାବା ବଡ଼ରାଜାକେ ଯାଇ କଇଲା । ସେ ବଡ଼ିରାଟି ଏକାତା ସୁନି ଆରି ସାନ ରାଜା ଘରେ ଆମ୍ ଦୁଇଲୋକକେ ଡାକି ଦେଇ ସରଗ୍ ଚାମଡ଼ା ପାତାଲ କାଟିବେଦି, ବାଜା ମଇରା ଶାଇ ଶାରଦା କରି ଦେଶ୍ ବିଦେଶର୍ ରାଜା ମନ୍ତ୍ରୀ କେ ଡାକି ବିଦା କଲାଇ ଆରି ସେ ରାଜାପିଲା କେ ସେ ଦେଶର୍ ରାଜା କଲାଇ । ଏନ୍ତାର୍ ରଭରଭ ଗୋଟେକ୍ ଦିନେ କାଇ ହେଇସି ।

ରାଜାପିଲା ଆରି ରାନି ଏନ୍ତା କାରାଦିନେ ପାଦାଇ କଟିଆ ପାକାଇ କରି ଚମ୍ପା ଫୁଲ ଗଚ୍‌ତଲେ ବସି କାତା ହୋଇ ତେ ରେବାଇ ଫୁଲ ଗଚ୍‌ତାନି ଗୋଟେକ ଚ଼ମ୍ପାଫୁଲ ରାନିର ମୁଣ୍ଡେ ଅଦରସି ରାନି ଡ଼ରି ଯାଇସି ଆରି ରାଜାପିଲାକେ କଇସି ଦେକ୍‌ନି ରାଜାନ୍ ମୋର ଉପରେ ଗୋଟେକ୍ ଚମ୍ପାଫୁଲ ଅଦରଲା ଯେ ମୁଇ ଡରିଗାଲି ।

ରାଜାପିଲା କଇସି ଅହଃ ରାନି ଏ ଫୁଲ୍ ଗୋଟେ ଅଦ୍‌ରଲା ଯେ ତୁଇ ଡରିଗାଲୁସନି ତୁଇ ତୋ ମୋକେ ବେଲସାଙ୍ଗେ ମାରୁଲୁସ୍ ମୁଇ ତ ଡରିନାଇ ତୁଇତୋ ମୋକେ ମରତେ ମାଲୁସ୍ ବେଲ୍‌ସାଙ୍ଗେ ବୋଲି ଆପ୍‌ନା ଅପ୍‌ନା ଆକା ବିଷ କାଇ ମର୍‌ସି ।

# ଶିକାରୀ କାତା

ଗୋଟେକ୍ ଖମ୍‌ନେ ବଡ଼୍‌ଟା ଶିକାରୀ ଗୋଟେକ୍ ରେଲାପୁନି । ସେ ଶିକାର କରବାଟା ପାଇଁ ତାକ୍ ପୁଟା ହେଇରେଲା ସେ ଏନ୍ତା ଜନ୍ତୁ ଶିକାର୍ କର୍‌ତେ ରେଲା ଯେ ତାର୍ ପରା ଶିକାର କର୍‌ବାଲୋକ କି, ତାକେ ଜିତାଇ ବା ଲୋକ୍ କେ ନ ରେଲାଇ । ସେ ଶିକାରିର୍ ମନେ ମିଶା ଦୟା, ମାୟା କାଇଟା ନରେଲା ।

ଗୋଟେକ୍ ଦିନେ ସେ ଶିକାରି ଶିକାର୍ କରବାକେ ଗାଲା ଶିକାର ଖୋଜି ବୁଲୁବୁଲୁ ଗୋଟେକ୍ କାଡ଼ାପିଲା ଟିଲିକ୍ ଟିଲିକ୍ ହୋଇ ଏବାଟେ ସେବାଟେ ଡଗାଇ ବୁଲତେରେଲ । ଏ ଶିକାରିର୍ ଆଁକି ସେ କାଡ଼ା ଲୋଗେ । କାଡ଼ାକେ ଦେକି ମନେମନେ ପାଁଚଲା ହାଂ ଇଟା ଆକା ବଡ଼େ ଡଉଲ ଚାନସ୍ ଆଚେ ଆକେ ମାରି ଢୁଲାଇବି ବେ ବୋଲି ତାର ତୁନି ତାନନୁ ଟୀର ଗୋଟେକ୍ ବେଟି ସେ କାଡ଼ା ପିଲାକେ ବିନ୍ଦ୍‌ଲା ଛନେକକ୍‌କେ ସେ କାଡ଼ା ପିଲା ପୁନି ତଲେ ଅଦ୍ରି ଢୁଲିପାକାଇଲା ।

ସି ଲଗେ ସେ କାଡ଼ା ପିଲାର ମା ଟିଓର ଚଟ୍‌କରି ଦେଖ୍‌ଲା ବେଲେ କେ ତାର ସାନ କାଡ଼ା ବାପଡ଼ା ତଲେ ଅଦ୍ରି ଚଟପଟି ଗାଲାନି । ବିକଲ୍ ରାଟୁ ହୋଇ ହୋଇ ମାଁ ଟିଓର ପାଲାଇ ଆଇଲା ଆରି କାଡ଼ା ପିଲାକେ ସାଉଁଲି ଆଉଁସି ଚାପି ପାକାଇଲା ।

ଏଟା ସେ ଶିକାରୀ ଦେଖିରେଲା ଆରି ରିସା ହୋଇକରି ତାର୍ ତୁନି ତାନନୁ ଆରିଗୋଟେକ୍ ଟୀର ବେଟି ମାଁ ଟିଓର୍ କେ ବିନ୍ଦିଦେଲା । ମାଁ ଟିଓର୍ ଧାପେ ଧାପେ ସେ କାଡ଼ା ପିଲା ଉପ୍ରେ ଢୁଲିଦେଲା ସାଂଗେ ସାଂଗେ ମାଁ ପିଲା ଦୁଇ ଲୋକ୍ ଯାକ୍ ମରିଗାଲାଇ ।

ଶିକାରୀ ପାଁଚ୍‌ଲା ଅଂ ଏନ୍‌ତା ଚାନସ୍ ମୋକେ କେବେ ନା ମିଲେ ଆଜି ପାଗ ବନାଇଲି ଆଚି ବୋଲି ସେ ମାଁ ପିଲାକେ ବୋଇଲା ଆରି ନେଲା ବେଲ୍‌କେ ବୁଟା ବାଟ୍ ନି ଆରି କସ୍‌କସ୍ କରି ଗୋଟେକ୍ ଶବଦ୍ ଆଇଲା ଶିକାରି ଇଟା ଶୁନିକରି ବଡ଼େ ଶାର୍‌ଦା । ଏଦେରେ ଆରି ଗୋଟେକ୍ କାତା କାଇଜି ବୋଲି ଆଦରପଡ଼ ତାର୍ ଧନୁଶର୍ ଖଟ୍ ଖଟ୍‌ତେ ଧାରି ପାକାଇଲା ଆରି ସେ ବୁଟା ବାଟେ ଗଲା ।

ଛନେକ୍ ରେଉ ରେଉ ସେ ବୁଟା ବାଟନି ଗୋଟେକ୍ ମଣିଷ ପିଲାର୍ ଶିକାରୀ ଶବଦ ଆସ୍‌ଲା । ରାଜାର କାନ ଫାଟାଇ ଦେଲା । ସେ ଯାଇ ଦେକଲା ବେଲବେ ପିଲା ଗୋଟେକ ତଲେ ଅଦ୍ରି ଚ୍‌ଟ୍‌ପଟି ଗାଲାନି ସେଟା ତାର୍ ନିଜର ପିଲା ।

ଶିକାରିର ଛାତି ତ ପାଟିଗାଲା ସେ ରାଟୁ କରି କରି କାନ୍ଦଲା । ଏତିକି ବେଲ୍‌କେ ଆନ୍ଦାର ଖମନ ବାଟ୍‌ନି ଗୋଟେକ ଶବଦ୍ ହେଲା କି –

"ଏତର୍ ତୁଇ ଆପ୍‌ନା ଭୋଗ୍‌ବେ

ତୋର୍ କର୍‌ଲା କରମ ତୋର୍ ଶର୍

ବିନ୍ଧବା ଶାର୍‌ଦାର ଫଲ୍"

ଶିକାରିର୍ ଦୁଃଖ କଏଲେ ନସରେ ସେ ତ ପାକ୍‌ନା ପାଲଟିଗାଲା ମୁଣ୍ଡେ ଆତ ଚାପି ବସି ବସି କାନ୍ଦ୍‌ଲା ।

କାଇ କରିବି କାଇ କରିବି ବୋଲି ଘରମୁଆଁ ହୋଇଲା ସେ ଘରେ ଯିବା ବାଟକେ ଏନ୍ତାର ଆକା କସ୍ କସ୍ କରି କରି ଆରି ଗୋଟେକ୍ ଶବଦ୍ ହେଲା ଶିକାରି ଉଲଟି ଦେକ୍‌ଲା ବେଲେକେ ଇଲାଦାଗିଆ ବାଘ୍ ।

ଶିକାରିର ତ ଆତଗୋଡ଼୍ ଜଙ୍ଗଲ୍‌ପାରା ହେଲା ଆଚେ଼ ସେ ବାଘେ କେ ଦେକି ଲଗେ ଯାଇ ଆପନା ଅପ୍‌ନାକେ ବାଗ୍ ଲଗେ ସର୍ପିହେଲା ସେଟା ଜନେ ଲୋକ୍ କଇବାଇ ।

"ଇଂସା ଧାକା ମନିଷର୍ ପରମ୍ ଶତ୍ରୁ" ।

# ବଗ ଆରି କାଉ

ମିଟାଇ ପୁର୍ ବୋଲି ଗୋଟେକ୍ ଗାଉଁରେଲା । ସିଟି କେଡ଼େକ ରକମର୍ ବାନା ବାନା ବଗ୍‌ମନ୍, ବାସା କର୍‌ତେ ରେଲାଇ, ଦବ୍‌ଲା ବଗ, ମୋଟା ବଗ, କାଟିଆ ବଗ୍ ଏନ୍ତାରା କେତେକ୍ ରକମର୍ ବଗ୍ । ବର୍‌ଗଚେ଼ ରେଏତେରେଲାଇ । ଗୋଟ୍ ଦିନ୍ କାଇ ହେଲାକି ସେ ଗାଏଁ ବଡ଼େ ଦୁଃକ୍ ପଡ଼ିଗାଲା କାଇଟା କରୁ କାଇଟା କରୁ ବୋଲି ବଗମନ୍ କାଉଲି ବିଉଲି ହୋଇ ଗାଲାଇ । ସେ ଲୋକ୍‌କେ ବୁଦି ଦିଶେ ନାଇ । କାକେ ପେଟ ଦୁକା, କାକେ ବନ୍ଧାଡ଼୍ ହେଇ ଗୋଟେକ୍ ଗୋଟେକ ବଗମନ ଟୁଟ୍‌ନେ ମଲାଇ ।

ଆରି ଅଦେକ୍ ବଗମନ୍ କାଇଟା କରୁ କାଇଟା କରୁ ବୋଲି ସିଲଗେ ଗୋଟେକ୍ ଆମ୍‌ଟଟାଇ ଗୋଟେକ ପେଟା କାଉ ରେଲାପୁନି । ସେ ବଡ଼େ ଚତୁର, ତାକେ ରୋଗ୍ ଦୁକାକେ ଅସ ପତର ସବୁଜାନା । ବଗମନ୍ ପେଟା କାଉ ଲାଗେ ଯାଇ ଖେଟ୍‌ଲାଇ । ଦେକଲାଇଯେ ପେଟା କାଉ ଗୋଟେକ୍ ଆଣ୍ଡି ଲଗେ ପାନି କେ ଢ଼ାପି କରି ସଂଗାଇ ଲା ଆଚେ଼ ଆରି କେଡ଼େକ୍ ବଡ଼ିଆ ପାନିବେଟଦା ଟାଲି ପାରାଟା ଗୋଟେକ୍ ଲଗେ ପାନି ଡୁମି କାଇଲାନି ।

ବଗ୍‌ମନ୍ ତାକେ କାବା ହେଇ ଦେକ୍‌ଲାଇନି । ପେଟାକାଉ ବଗମନ୍‌କେ ଦେକିକରି ପାଚାରଲାଇ ଆରି ବଗ୍‌ମନ୍ ତମ କାଇଟା ଗିନେ ମୋର ଲୋଗେ ଆଇଲା ଆଚାସ୍ । ବଗମନ୍ କଇଲାଇ ନାଇ ମାପୁରୁ ଆମର୍ ଗଚେ଼ କାଇ ହେଲେ ଦଶା ପଡ଼୍‌ଲା ଆଚେ଼ ସବୁ ବଗ୍‌ମନ୍ ଗୋଟେକ୍ ଗୋଟେକ୍ ମରି ଆଜି ଗାଲାଇ ନି କେନ୍ତା କର୍ ବୁଝେ କାଇଏଲେ ।

ଅସପତର୍ କରଦେନି ବୋଲ୍‌ଲାଇ । ପେଟା କାଉ ପାଚାର୍‌ଲା ତମି କନ୍ତିର ପାନି ଖାଇଲାସନି । ବଗମନ୍ ବଲାଇ ନାଇ ଆମି, ଗାଡ଼, ଯୋଡ଼ି, ନାଲ, ଝରନାର୍ ପାନି କାଇଲୁନି । ପେଟା କାଉ ବଲ୍‌ଲା ଦେକ୍‌ଲାସକି ସିଟା ପାଇ ଆକା ତମ୍‌କେ ଏନ୍ତା ରୋଗ୍‌ମନ୍ ହେଲା ତମି ସେ ପାନି ନା କା ସେଟା ତ କାରାପ୍ ପାନି ।

ତାର୍‌ପଚେ଼ ପେଟାକାଉ ପୁରକିନା ଉଡ଼ି ଉଡ଼ି ଯାଇ ଗୋଟେକ୍ ନଲକୁଇଁ ଯାଇ ବସ୍‌ଲା ଆରି କଇଲା । ଏ ଦେକା ଇଟା ନଲକୁଇଁ ତମି ଇତିରପାନି କାଏଲେ ତମ୍‌କେ ଖାଇ ଗେ ରୋଗ୍ ନା ହିଏ କୋ ନା ତମି ନା ମରାସ୍ ।

ପେଟା କଉର କାତା ସୁନି ସେ ଦିନ୍ ଟାନନୁ ବଗ୍‌ମନ୍ ନଲକୁଅଁର ପାନି କାଇଲଇ । ପାନିକେ ଯତନ୍ କରି କାଇଲାନି ଆରି ନମାନ୍ ହୋଇ ଅଚ଼ତ୍ ।

# ସାତ ବଇନି କାତା

ଗଟେକ୍ ଗାଉଁଏ ବୁଢ଼ା ବୁଢ଼ି ରେଲାଇ । ସେମନର ସାତ୍‌ଟା ଝି ରେଲାଇ ପୁନି । ଗଟେ ରଜାଘର୍ ଲକ୍ ତାକର୍ ଟକିକେ ମାଗ୍‌ବାକେ ଆଇଲାଇ । କନ୍ ଟକି କେ ମନ୍ କରସୁ ହ ବଲେ ସେ ପୁନି ସବୁ ଟକିକେ ଧାଡିରେ ଛିଡ଼ା କଲା । ରଜାଘର୍ ପୁଅ ପିଲା ଧାଙ୍ଗଡି କି କେ ସେ ମଦ୍ ପାନି ଧରି ମାଗବାକେ ଗାଲା । ଫାଲ୍‌ନା ଦିନେ ବିବା କରୁ ବଲି କଇଲାଇ । ତାର୍ ଗାଉଁର ସର୍‌ତେ ପିଲା ଟକି ଆରି ତାର୍ ଭଇନି ମନ୍ କଇଲାଇ ପୁନି ତାକେ, ତୁଇତ କାଲିକେ ଭାରି ଜାଇସୁ ବେ, ଆଜି ଦାରୁକେ ଯୁ । ପିଲାମନ୍ ତାକେ ସାନ୍ ସାନ୍ ନାଗସାପ୍ ପିଲାମନ୍‌କେ ଧାରି ଧାରି ତାର ଖସା ଲଗେ ବାନ୍ଧି ଦେଲାଇ ପୁନି । ରଜାଘର୍ ଧାଙ୍ଗଡ଼ା ଫଲ୍‌ନା ଦିନେ ନବୁ ବଲି ତାର୍ ଘରେ ଆଇଲାଇ ପୁନି । ମଦ୍ ମୁଦା ଧରି ଆଇଲା ବେଲ୍‌କେ ଟକି ଘରେ ଆଇଲା । ଘରେ ଆଇବାର ବାକି ନାଗ ସାପ ପିଲା ମନ୍ ତତାର ମୁଣ୍ଡ୍‌କେ କାତ୍‌ରି କାତ୍‌ରି ଖାଣ୍ଡିଆ କରି ଦେବାକେ ସି ସାନ୍ ଧାଙ୍ଗ୍‌ଡ଼ି ଆସି ଖଟେ ସଇ ଦେଲା ପୁନି । ତାର ବଡ଼୍ ବଇନି ଆସ୍‌ଲା ପୁନି । ସଇବାଟା ଦେଖିକରି ସେ କଇଲା ।

"ଉଟ୍‌ଲୁସ୍ କି ନାଇ ନନି ବସ୍‌ଲୁସ୍ କି ନାଇଁ
ରଜାଗର୍ ଯିବା ହେଲା ତରବିବା ପାଇଁ
ବାଲ୍ଯାକେ ସାନ୍ ଧାଙ୍ଗ୍‌ଡ଼ି କଇଲା ପୁନି
ଉଠି ଉଠି ନାଇ ନାନି ବସି ବସି ନାଇଁ
ବାର ତେର ନାଗୁନି ମଡ଼ଙ୍ ମଡି ଖାଇ"

ଏ ପରକାର୍ ଆରି ମଝିଆ ସାନ୍ ଛ ବଇନି ଜାକ ଇ ପର୍‌କାର କଇଲାଇ ପୁନି । ତାର୍ ପରେ ମିସା ସି ଧାଙ୍ଗ୍‌ଡ଼ି ନ ଉଠି ପାରି ଆବ୍‌କା ସି ଗୀତ୍‌ସେ ଗାଇଲା ପୁନି । ତାର

ପରେ ତାର୍ ବାବା ଆସି ତାକେ ଉଠାଇଲା -

"ଉଠ୍‌ଲୁସକି ନାଇ ନନି ବସ୍‌ଲୁସ୍‌କି ନାଇଁ
ରଜାଗର ଯିବା ହେଲା ତର୍ ବିବା ପାଇଁ"

ଟକି କଇଲାପୁନି

"ଉଠି ଉଠି ନାଇଁ ବାବା ବସି ବସି ନାଇଁ
ବାର ତେର ନାଗୁନି ମଡ଼ା ମଡ଼ି ଖାଇ ।"

ତାର ପରେ ତାର ମା ଆସି ସାରାସରି ତାକେ ଉଠାଇଲା-

"ଉଠିଲୁକି ନାଇଁ ଟକି ବସିଲୁକି ନାଇଁ
ରଜାଘର୍ ଯିବା ହେଲା ତରବିବା ପାଇଁ"
"ଉଠି ଉଠି ନାଇଁ ଆୟା ବସି ବସି ନାଇଁ
ବାର ତେର ନାଗୁନି ମଡ଼ା ମଡି ଖାଇ"

ତାର୍ ପରେ ତାର୍ ସାଙ୍ଗ ସାଥି ମନ୍ ମିଶା ଉଠାଇଲାଇ ପୁନି । ମାତର୍, ସେ ନା ଉଠଲା ପୁନି ।

କାଇଗିନେ ତୁଇ ଉଠୁସ୍‌ନାଇ ଟକି । ଉଠ୍‌ବେ ଆରି କପ୍ ନ କର୍ ବଲି ସର୍‌ତେଲକ କଇଲାଇ ପୁନି । ତାର୍ ପଚେ ସରତେ ଲୋକ୍ କଇଲାଇ ପୁନି ଜାବେ ତାର୍ ମୁନୁସ୍‌କେ ସେ ଡାକା, ସେ ଉଠାଇ ପାରିଲେ ପାର୍‌ସି ।

ସି ମୁନୁସ୍ ରଜାପିଲା ମିସାପୁନି ମଦ୍ ଖାଇ ମାତିକରି ଗାଡ଼ିଥାନେ ଆଇଲା ବେଲ୍‌କେ ଗାଡ଼ି ଉଲ୍‌ଟି ଗାଲାପୁନି । ଧାଙ୍ଗଡ଼ିକେ ଆନ୍‌ଲି ଆନ୍‌ଲି ଯେ ଉଠେ ମିସା ନାଇଁ କି କାତା ମିଶା ହଏ ନାଇଁ ବଲି କଇଲା ପୁନି । "ଉଠ୍‌ବେ ଟକି ଆରି କପ୍ ନ କର୍‌ବେ ବଲି ରିସା ହେଇକରି ତାକେ ଠେଲାଇ ଦେଲା ପୁନି । ଠେଲି ଦେବାକେ ସେ ଅଦ୍‌ରି କରି ମରି ଗଲା ପୁନି । ମରିଯିବାକେ ଆଣ୍ଡରା ରାଜାପିଲା କାନ୍ଦ୍‌ଲା ।

ତାର୍‌ପଚେ ତାକେ ପଡ଼ାଇବାକେ ନେଲାଇ । ପଡ଼ାଇ ଦେଲା ପଚେ ଉପ୍‌ରେ ପାରୁଆ ଚେଡ଼ାଇ ମନ୍ ଉଡ଼ି ପଡ଼ା ମାଉସ୍‌କେ ଖାଇବି ବଲି ଆଇଲାଇ ଆରି ମଡ଼ା ଉପ୍‌ରେ ବସ୍‌ଲାଇ । ନା ଖାରେ ମର୍ ମାଇଜିକେ ବଲି ରଜା ପିଲା ଠେଙ୍ଗ୍ ଗଟେ ଧାରି ତାକେ ମାର୍‌ବାକେ ଗାଲାବେଲେ ସେ ମିଶା ଜଇ ଉପ୍‌ରେ ପଡିଗାଲା ପୁନି । ଆନାୟା ଆନାୟା ମରିଗାଲି ମରିଗାଲି ବଲି ପାଟି କଲା । ସି ପାଖିରେ ଆରି କେ ନା ରେଲାଇ । ସାରାସାରିକେ ସେ ମିଶା ମରିଗାଲା ।

# ରାଜା ପିଲାର ଉଚ ବିଚାର୍

ଗଟେ ଧାଙ୍ଗ୍ଡ଼ା ଧାଙ୍ଗ୍ଡ଼ି ରଇଲାଇ । କେତେ ବରସ୍ ଗାଲାକେ ସେମନ୍‌କେ ଗଟେକ୍ ପିଲା ଆରି ଗଟେକ୍ ଟକି ଜନମ୍ ହେଲାଇ । କେତେଦିନ୍ ଗାଲାକେ ସି ଧାଙ୍ଗ୍ଡ଼ା ମରିଗାଲା । ତାର୍ ମାସେ ପଚେ ମାଇଜି ମିଶା ମରିଗାଲା । କେତେ ବରସ୍ ଗାଲାକେ ଟକି ପିଲାକେ କଇଲାପୁନି ଜୁ ରଜାଘରେ ଗରୁ ଜାଗି ପେଜ୍ ମାଗି ଖାଉ । ସେମନ୍ ରଜାଘରେ ଗାଲାଇ ରାଜା । ଲଗେ ଯାଇ ଜୁଆର୍ କରି ଦୂରେ ଯାଇ ବସ୍‌ଲାଇ । କାଇଗିନେ ଆଇଲା ଆଟାସ୍‌ବେ ହ ବଲି ରଜା ପାଚାର୍‌ବାକେ ସେ ମନ୍ କଇଲାଇ ପୁନି, ତମର ଘରେ ପିଲା ଗରୁ ଜାଗ୍‌ସି ଆରି ମୁଇଁ ଗିନା ଟାଟିଆ ମାଜ୍‌ବାକେ ରଖା । ଆରି ଆମ୍‌କେ ପେଜ୍ ଗୁଡ଼ି ଦିଆ । ରଜା ବଲ୍‌ଲା ପୁନି, ଭଲ୍ ହେଲାହ । ପିଲା ଗରୁ ବାଟି ଦେଖ ଆରି ତୁଇ ମାଜା ମାଜି କାମ୍ କର୍ ବଲି ରଜା କଇଲା ।

ଏନ୍ତି କେତେ ଦିନ୍ ଗାଲା । ପୁସ୍ ପରବ ଦିନ ଆଇଲା । ଘର୍ ଲିପ୍‌ବାକେ ମାଟି ଆନ୍‌ବାକେ ସି ଟକି ପରବ୍‌ତେ ଗାଲା ପୁନି । ଗଟେକ୍ ଛାଟ୍‌ନାଇ ଛାଟ୍‌ନେକ୍ ମାଟି ଖଲ୍‌ଲା । ଇଟା ଖାଡ଼ା ମନ୍ ଦେଖତେ ରେଲାଇ । ସେ ଟକି ମାଟି ବଇ ନାପାର୍‌ଲା ଆରି କଇଲା ପୁନି । ଏଦେ ଏବେ ଇଟା ଯିଏ ମକେ ଭୁଆଇ ଦେଇତା ମୁଇ ତାକେ ଯାଇତି । ବଡ଼େଟା ବାଘ୍ ପୁନି ମନୁସ୍ ପରା ଚଷମା ପିନ୍ଧି ଆସି କଇଲା ପୁନି କାଇଟା କଇତେରୁଲୁସ୍ ଟକି ଅଲପ୍ ଅଲପ୍ ଶୁନ୍‌ଲି । ନାଇ ଯେ ଭୁଆଇ ଦେଲେ ତାକେ ଯାଇତି ବଲି କଇଲି ।

ତାର ପଛେ ସି ଟକି ରଜାଘରେ ଆସି କଇଲା ନାଇଁ ମକେ ବାଗ୍ ନେଇ ଯାଇସିବେ । ଇଟା ସୁନ୍‌ଲାପଛେ ରଜା ଲକ୍‌ମନ୍‌କେ ଟେଙ୍ଗିଆ ଟୁଙ୍ଗି ଦେଇ ଜାଗାଇଲା । ମାତର ବାଗ୍ ଲୁଚି ଲୁଚି ଆସି ତାକେ ବେଟି ଧାରି ଗାଲା । ଧାରିଯାଇ ତାକେ ଗଟେ ପାର୍ ଭିତରେ ରଖ୍‌ଲା । ଇଟା ଗଟେ ସିଙ୍ଗାନିନାକ ପିଲା ଦେଖ ତେରେଲା । ସେ ବାଗ୍‌କେ ପାଚ୍‌ରଲା, କାଇଟା କରୁଲୁସ୍‌ନି ମାମା ? ନାଇ ଏବେ ଦାରୁ ଫୁଟାଇଲିନି ବଲି କଇଲା । ବାଗ୍ କଇଲା, ଆ ତୁଇଛନେ ଦାରୁ ଫୁଟାଇ ଦେ । ତାର ପଛେ ସିଙ୍ଗାନିନାକ ପିଲା ଦାରୁ ଫୁଟାଇବାକେ ଗାଲା । ଦାରୁ ଫୁଟାଇଲା ବେଲେ ତାର୍ ଗଡ୍‌କେ ରେବି ହେଇଦେଲା । ଏ ବାବାରେ ମରି ଗାଲିବେରେ ବଲି ଗଟେ ଦନା ଆନ୍‌ଲା ଆରି ରକତ୍ ସି ଦନାଇ ରଖ୍‌ଲା । ପଛେ ପଚର୍ ପୁତ୍‌ରା ଚାପି ବନି ନ ଭାର୍‌ବାର ଉପାୟ କଲା ।

ତାର୍ ପଛେ ବାଗ୍ ଆସି ଦେଖ୍‌ଲା । ଦନାଇ ରଂଗ ରଂଗ ଦିସ୍‌ଲାନି । ସୁଙ୍ଘି ଦେଖ୍‌ଲା, ତାର୍‌ପଛେ ଚାଟି ଦେଖ୍‌ଲା । ଭାବ୍‌ଲା, ମୁଇଁ ଏତେବରସ୍ ହେଲା । ପିଲାଥାନୁ କନଟା ସୁଆଦ୍ ନାଇ । ସି ପିଲାକେ ଖାଇବାକେ ମନ୍‌କଲା । ପିଲାକେ ମାର୍‌ବାକେ ଖେଦ୍‌ଲା । ପିଲା ଯେ ମରିଗଲିବେରେ ବଲି ଆଉଲି ହେଇ ଦବଡ୍‌ଲା । ଆରି ରଜା ଘର ଯାକ ଗଲା । ରଜା ଇଟା

ଦେଖିଲା ଆରି ବାଗ୍‌କେ ଖେଦ୍‌ଲାଇ । ତାର୍ ପଛେ ପିଲା ରଜାକେ କଇଲା 'ରଜା ଆଜ୍ଞା, ତର୍ ଘରର ମାଜାମାଜି କର୍‌ବା ଟକି କେ ମିସା ବାଗ୍ ଖାଇ ଦେଇସି ବେ । ସେ ପାର୍ ଭିତ୍‌ରେ ଆଚ୍ଚେ । ଏବେ ଆକା କାଇଟା ଗଟେ ଉପାୟ କର ।

ଇଟାସୁନି ରଜା ସଇନ୍ ମନ୍‌କେ ଧାରି ବନ୍‌କେ ଗାଲା । ଗାଲାବେଲେ ଦେଖିଲାଇ ଯେ ଖଣ୍ଡେକ୍ ହେଲେ ବାଗ୍ ଟକିକେ ଖାଇ ଦେଇସିବେ । ସାଙ୍ଗେ ସାଙ୍ଗେ ସଇନ୍ ମନ୍ ଗପେନା ଆରି ସର୍‌ଆନେ ବାଗ୍‌କେ ମାରି ଦେଲାଇ । ତାର୍‌ପଚେ ରଜା ଟକି ଲଗେ ଗାଲା ଆରି କଇଲା, ଟକି ଆଓ ଜୁ ବେ । ମାତର୍ ଟକି କଇଲା, ନିଚିବେ ରଜା । ବାଗ୍ ମକେ ଖାଅବେ । ବାଗ୍ ଖାଇଲେ ମକେ ଗଟେକ୍ ଦିନ୍‌ରେ ଖାଇସି । ମାତର୍ ତମେ ଆରି ତମର୍ ଲକ୍‌ତ ମକେ ଦିନ୍‌ରାତି କାମ୍ କରାଇ ଖାଇ ସରତେ ଦିନ୍ ଖାଇଲାସ୍‌ନି । ଏନ୍ତି ଛଟ୍‌ପଟ୍ ହେଇ ରଇବାଥାନୁ ବାଗ୍ ଖାଇଲେତ ଉଲ୍ ସେ ।

ତାର୍ ପଛେ ରଜା କଇଲା । ନାଇଁ ଟକି । ଆରି କୋପ୍ ନ କର୍‌ବେ । ମୁଇଁ ତକେ ଅନିଆଇ କର୍‌ତେ ରେଲି । ଆଜି ଥାନୁ ତୁଇ ରାନି ହେଇ ରଇବୁସ୍ ବେ, ଟକି କଇଲା, ମୁଇଁ ସିନା ରାନି ହେବି ମର୍‌ଭାଇ ଆରି କେତେଦିନ୍ ଗରୁ ଜାଗ୍‌ସିତା ? ନାଇଁ ନାଇଁ ସେ ମିସା ମର ନିଜର ଲକ୍ ହେଇ ଇତି ସେ ରଇସି । ତାର ପଛେ ସି ଟକି ପିଲା ବେଶି ଶାର୍‌ଦା ସଙ୍ଗେ ରଇଲାଇ । ହେଲେ, ଏକାତା ମିଶା ସତ୍ ନାଇଁ, ମା' କେରେ ପିଲାକେ ଖାଇଲାନି ? ତେବର୍ ଲାଗି ଧରନୀ ମା'କେ ଏବେ ପୂଜ୍‌ନୁ ଦେଇ ନାଡ଼ିଆ, ଫୁଲ୍ ଫଲ୍ ଦେଇ ପୂଜା କଲାଏନି । ଆଗର୍ 'ପୂଜ୍ ନିଅମ୍ ଆର ନାଇଁ । ଜାନିତୋକ୍ରା ସିଶା ଏଥର ଧରନୀ ମା'କେ ନାଡ଼ିଆ, ଫୁଲ୍ ଫଲ୍ ଦେଇ ସବୁଦିନେ ପୂଜା କଲାନି ।

## କାକ୍‌ଡ଼ା - କାକ୍‌ଡ଼ାନୀ

କାକ୍‌ଡ଼ା ଆରି କାକ୍‌ଡ଼ାନୀ ରେବାଇ ପୁନି । କାକ୍‌ଡ଼ା ମର୍‌ସି, କାକ୍‌ଡ଼ାନୀ ଦଶା କର୍‌ସି । କାଉଗଟେ ଆସି ପଚ୍‌ର୍‌ସି କାଇ ଏଲା ମୁ ସୁକାଇ ବସ୍‌କୁ ଆଚୁସ୍ । କାକ୍‌ଡ଼ାନୀ କଇସି – କାକ୍‌ଡ଼ା କାକ୍‌ଡ଼ାନୀ ରେଲାଇ । କାକ୍‌ଡ଼ା ମର୍‌ସି କାକ୍‌ଡ଼ାନୀ ଦଶା କର୍‌ସି । କାଉର ପକୀ ଜୋଡ ବଲି କାକ୍‌ଡ଼ାନୀ କଇସି ।

କାଉ ଯାଇ ବର୍ ଗଛେ ବଇସି । ବରଗଚ୍ ପଚ୍‌ର୍‌ସି – କାଇ ଏଲା କାଉ ତର୍ ପକୀ ପୁକା ନାଇ । କାଉ କଇସି କାକ୍‌ଡ଼ା କାକ୍‌ଡ଼ାନି ରେବାଇ । କାକ୍‌ଡ଼ା ମର୍‌ସି । କାକ୍‌ଡ଼ାନୀ ଦଶା କର୍‌ସି । କାଉର୍ ପକୀଜଡ଼୍‌ସି । ବରଗଚ୍‌ର ପତର୍ ଜଡ଼ୋ ।

ସି.ଡ଼ି. ଗାୀ ଆଇସି । ବର୍‌ଗଚ୍‌କେ ପଚ୍‌ର୍‌ସି ବର୍‌ଗଚ୍ ବର୍‌ଗଚ୍ କାଇଏଲା ତର୍ ପତର ନାଇ । ବର୍‌ଗଚ୍ କଇସି – କାକ୍‌ଡ଼ା କାକ୍‌ଡ଼ାନୀ ରେବାଇ କାକ୍‌ଡ଼ା ମର୍‌ସି । କାକ୍‌ଡ଼ାନୀ ଦଶା କର୍‌ସି । କାଉର୍ ପକୀ ବଡ଼୍‌ସି । ବରଗଚ୍‌ର ପତର୍ ଜଡ଼୍‌ସି । ସି.ଡ଼ି. ଗାଇର୍ ଶିଙ୍ଗ୍

ଭାଙ୍ଗ । ସିଡ଼ିଗାଇ ପାନି କାଇବା କାଜେ ଚୁଆ ଲଗେ ଯାଇ ରେଇସି । ଚୁଆ ପଚ୍ଚରସି କାଇ ଏଲା ଗାଇ ତର୍ ସିଙ୍ଗ ନାଇ । କାକ୍ଡ଼ା କାକ୍ଡ଼ାନୀ ରେଲାଇ । କାକ୍ଡ଼ା ମଲା । କାକ୍ଡ଼ାନୀ ଦଶା କର୍ଲା । କାଉର୍ ପକୀ ଜଡ୍‌ଲା । ବର୍‌ଗଚ୍ଚର୍ ପତର ଜଡ୍‌ଲା । ଗାଡ଼ର୍ ପାନି ଆଟ ।

ସାତ ଜାଇ ପାନି କାଇବାକେ ଆରବାଇ ଚୁଆକେ ଦେକି ପଚାର୍‌ବାଇ - ଚୁଆ ଚୁଆ କାଇ ଏଲା ତର୍ ଗାଡ଼େ ପାନି ନାଇ । ଚୁଆ କଇସି - କାକ୍ଡ଼ା କାକ୍ଡ଼ାନୀ ରେଲାଇ । କାକ୍ଡ଼ା ମଲା କାକ୍ଡ଼ାନୀ ଦଶା କଲା । କାଉର୍ ପକୀ ଜଡ଼ଲା । ବର୍‌ଗଚ୍ଚର୍ ପତର୍ ଜଡ଼ଲା । ଗାଇର୍ ଶିଙ୍ଗ୍ ବାଙ୍ଗ୍‌ଲା । ଚୁଆର ପାନି ଆଟ୍‌ଲା । ସାତ ବାଇ ଢ଼େମ୍‌ସା ନାଚ୍‌ଲା ।

ତାକର୍ ବାବା ଆଇସି - ପିଲାମନ୍ କାଇଏଲା ଢ଼େମ୍‌ସା ନାଚ୍‌ଲାସ୍‌ନି ବଲି ପଚ୍ଚର୍‌ସି । ପିଲାମନ୍ କଇବାଇ - କାକ୍ଡ଼ା କାକ୍ଡ଼ାନୀ ରେଲାଇ । କାକ୍‌ନା ମଲା । କାକ୍ଡ଼ାନୀ ଦଶା କଲା । କାଉର୍ ପକୀ ଜଡ୍‌ଲା । ବର୍‌ଗଚ୍ଚର୍ ପତର୍ ଜଡ୍‌ଲା । ଗାଇର ସିଙ୍ଗ୍ ବାଙ୍ଗ୍‌ଲା । ଚୁଆର୍ ପାନି ଆଟଲା । ସାତ ବାଇ ଢ଼େମ୍‌ସା ନାଚ୍‌ଲୁ । ତୁଇ ବାବା ଉଟ୍ ବସ୍ ଆ । ସିଏ ଉଠ୍‌ବସ୍ ଏଲା ।

ବୁଆରି ମନ୍ ପଚ୍ଚର୍‌ଲାଇ ମାମୁଁ କାଇଏଲା ତୁଇ ଉଟ୍‌ବସ୍ ଏଲୁସ୍‌ନି । ମାମୁଁ କଇସି କାକ୍‌ନା କାକ୍ଡ଼ାନୀ ରେଲାଇ । କାକ୍ଡ଼ା ମଲା । କାକ୍ଡ଼ାନୀ ଦଶା କଲା । କାଉର୍ ପକୀ କଡ୍‌ଲା । ବର୍‌ଗଚ୍ଚର୍ ପତର ଜଡ଼ଲା । ସି.ଡ଼ି. ଗାଇର୍ ଶିଙ୍ଗ୍ ବାଙ୍ଗଲା । ଚୁଆର୍ ପାନି ଆଟ୍‌ଲା । ସାତ୍‌ବାଇ ନାଚ୍‌ଲାଇ । ମୁଇଁ ଉଟ୍‌ବସ୍ ଏଲି । ତମି ବୁଆରିମନ୍ ଗର୍‌କେ ପଦାକେ ଉଆ । ସେମନ୍ ଗର୍‌କେ ପଦାକେ ଏଲାଇ ।

ବାଣ୍ଡିଆର୍‌ନି ଆଇସି । 'ବାଣ୍ଡିବାଣ୍ଡି' - କୁଆରିମନ୍ କଇସି । ବୁଆରି ମନ୍ ଆଜି କାଇଗିନେ ଗର୍‌କେ ପଦାକେ ଏଲାସ୍‌ନି ବଲି ପଚ୍ଚରସି । ବୁଆରି ମନ୍ କଇବାଇ -କାକ୍ଡ଼ା କାକ୍ଡ଼ାନୀ ରେଲାଉ । କାକ୍ଡ଼ା ମର୍‌ସି । କାକ୍ଡ଼ାନି ଦଶା କାଲା । କାଉର୍ ପକୀ ଜଡ଼ଲା । ବର୍‌ଗଚ୍ଚର୍ ପତର୍ ଜଡ୍‌ଲା । ଗାଇର୍ ଶିଙ୍ଗ୍ ବାଙ୍ଗ୍‌ଲା । ଚୁଆର୍ ପାନି ଆଟ୍‌ଲା । ସାତ୍‌ବାଇ ଢ଼େମ୍‌ସା ନାଚ୍‌ଲାଇ । ମାମୁଁ ଉଟ୍‌ବସ୍ ଏଲା । ଆମି ଗର୍‌କେ ପାଦାକେ ଏଲୁ । ତୁଇ ବାଣ୍ଡି ଢ଼କରି ଉପଡ଼ି ମର । ବାଣ୍ଡି ଢ଼କ୍‌ରି ମରିଯାଇସି ।

## ଗଳ୍ପ

ମୀନା ବୋଲି ଗୋଟେକ୍ ଟୋକି ରଇଲା । ତାର ଘରେ ଆୟା, ବାବା ଆରି ବାଇ ରଇଲାଏ । ତାର ବୁଆ ତାର୍ କାଜେ ଗୋଟେକ୍ ରୁପୁ ଆନି ଦେଇ ରଇଲା । ସେ ସବୁଦିନେ ରୁପୁ ଲଗେ ଖେଲ୍‌ସି, ତାର ସଙ୍ଗେ କାଠ୍ ଆନ୍‌ବାକେ ଖମନ୍‌କେ ଯାଇସି । ବନେ ହୁନି ଆଇଲା ବେଲେ ବାଟେ ତାର୍ ବାଇର୍ ଇସ୍‌କୁଲ ପଡ଼ସି । ଇସ୍‌କୁଲେ ମାଷ୍ଟର୍‌ନି ଫାଟ୍ ପଡ଼ାଇବାଟା ଖିଡ଼୍‌କି ପାଖେ ଠିଆ ହେଇ ଦେକ୍‌ସି ଆରି ଶୁନ୍‌ସି । ଇସବୁ

ଦିନ୍‌କେ ଦେକି ଦେକି ତାକେ ମିଶା ଫାଟ୍ ପଡ଼୍‌ବାକେ ବେସି ଇଚାହେଇସି । ଘରେ ଯାଇ ଆୟାବୁଆକେ ଇସ୍‌କୁଲ ଯିବାକେ କଇଲେ, ଆୟାବୁଆ କଇବାଇ ଟୋକି ପିଲା ଇସ୍‌କୁଲ ଯିବାର ନାଇ, ଘରକାମ କର୍‌ବାର । ବଡ୍ ହେଲେ ବିବା ହେଇ ଭିନ୍ ଘରେ ଯାଏସୁ ଘର କାମ୍‌ଦାମ୍ ଶିକ୍‌ଲେ ସିନା ଭଲ୍ । ଫାଟ୍ ପଡ୍‌ଲେ କାଏଟା ମିଲ୍‌ସି ।

ମୀନାର ବେଶି ମନ୍ ଦୁକ୍ ହେଲା । ସେ ତାର୍ ରୁପୁକେ ଇସ୍‌କୁଲ୍ ଯିବାକେ କଇଲା । ରୁପୁ ଇସ୍‌କୁଲେ ଯୁନ୍ ଯୁନ୍‌ଟା ଶିକାଇଦେରେଲାଏ ସେଟା ଘରେ ଆସି ମିନାକେ ଶିକାଇଦେରେଇଲା । ମୀନା ଗନ୍‌ବାଟା ଆରି ପଡ଼୍‌ବାଟା ଅଲପ୍ ଅଲପ୍ ଶିକ୍‌ଲା ତାକର ଘରେ ରଇଲା କୁକୁଡ଼ା ଆରି ଗାଇଗୋରୁ ଗନ୍‌ବାଟା ଶିକ୍‌ଲା ।

ଗୋଟେକ୍ ଦିନେ, ଗୋଟେକ୍ ଲକ୍ କୁକୁଡ଼ା ନେବାଟା ମୀନା ଦେକ୍‌ଲା । ତାକେ ଲାଗ୍‌ଲା ଇଟା ଆମର କୁକୁଡ଼ା ପାରା ଦିଶ୍‌ଲାନି । ସେ ଘରେ ଯାଇ କୁକୁଡ଼ାମନ୍‌କେ ଗନ୍‌ଲା ଆରି । ଦେକ୍‌ଲା ଗୋଟେକ୍ କୁକୁଡ଼ା ଉନା ଆଚେ । ସେ ଧାପେ ଯାଇକରି ସବ୍‌କେ କଇଲା ଚୋର ଚୋର ଆମର୍ କୁକୁଡ଼ା ନେଲାନି । ଗାଉଁର୍ ଧାଙ୍ଗ୍‌ଡ଼ାମାନେ ଦବ୍‌ଡ଼ି ଯାଇ ଚୋରକେ ଧାରି ଆନ୍‌ଲାଏ । ସତ୍‌କେ ସତ୍ ସିଟା ତାର୍ କୁକୁଡ଼ା ଗାଉଁର୍ ମୁଖିଆ ପାଚାର୍‌ଲା, ଟୋକି ତୁଇ କେମ୍‌ତି ଜାନଲୁସ୍ ଏଟା ତୋର୍ କୁକୁଡ଼ା ବଲି ? ମୀନା କଇଲା ମୁଇଁ ଗନିକରି ଜାନ୍‌ଲି ଗୋଟେକ୍ କୁକୁଡ଼ା ଉନା ଆଚେ । ମୁଖିଆ ପାଚାର୍‌ଲା ସବ୍‌କେ କଇଲା । ଗାଉଁର ଲକ୍‌ମନ୍ ସବ୍ ଶୁନ୍‌ଲାଏ । ତାର୍ ପାଚେ ସବ୍ ବିଚାର କଲାଏ ଆରି ଗାଉଁର ସବ୍ ଟୋକି ପିଲାକେ ସବୁଦିନେ ଇସ୍‌କୁଲ୍ ପାଟାଇବାକେ ଠିକ୍ କଲାଏ ।

## ବଲଦ୍ ବେବାରି

ଗୋଟେକ୍ ଗାଁଏଁ ଗୋଟେକ୍ ଧନି ଲୋକ୍ ରେଲା । ତାର ତିନ୍‌ଟା ପିଲା ରେଲାଏ । ତାର୍ ତିନ୍‌ଟା ଯାକ୍ ପିଲା ବେଶି ଅଲ୍‌ସିଆ ରେଲାଏ । ଦିନ୍ ରାତି ଖାଉ ଖାଉ ଛିଡ଼ତେ ସାରାଏ ଦେଲାଏ । ବୁଡ଼ା କଇଲା କେନ୍ତା କରି ବଞ୍ଚୁ ଖାଏବା କେ କାଏଟା ନାଏ । ବୁଡ଼ି ରେଲେ ସିନା କୁଲି ଭୂତି କରି ଆନତା ପୁନି । ଏତିକି ବେଲେ ବଡ଼ ପିଲା ଗୋଟେକ୍ ଉପାୟ ପାଚ୍‌ଲା । କାମ୍ ଦାମ୍ ତ ପିଲାରନୁ କରିନାଉଁ । କେନ୍ତି କରି ଆଲେ ଟାବୁ କାସୁ ଆନ୍‌ବାକେ ଉପାଏ କରୁ । ବୁଡ଼ାକେ ଆରି ଦୁଇଭାଇକେ ସାଙ୍ଗେ ଡ଼ାକ୍‌ଲା ଚ୍ଚର ଲକ ମିଶି କରି ଗୋଟେକ୍ ଡ଼ଙ୍ଗର୍‌ବାଟେ ଗାଲାଇ । ଡଙ୍ଗର ବାଟେ ବୁଡ଼ାକେ ବାବାଜୀ ହେବାକେ କଇଲା, ବୁଢ଼ା ବାବାଜୀ ଅଇ କରି ପାକ୍‌ନା ଉପ୍‌ରେ ବସ୍‌ଲା ଆରି ବଡ଼ ପିଲା ଗୋଟେକ୍ ବଦର୍‌ଲୋକ ଅଇକରି କଣ୍ଡେକ ଦୂରେ ଯାଇ ବସ୍‌ଲା । ମଝିଆ ପିଲା ଗୋଟେକ୍ ମାଷ୍ଟର ଅଇକରି କଣ୍ଡେକ୍ ଦୂରେ ଯାଇକରି ବସ୍‌ଲା । ସାନ ପିଲା ଗୋଟେକ୍ ବେବାରି ହଇକରି ଜାଗିରେଲା । ଏତ୍‌କି ବେଲେ

ଗୋଟେକ୍ ବଲଦ୍ ବେବାରି ବଲଦ୍ ଦାରିକରି ସେବାଟେ ଆଇଲା । ସାନ୍ ପିଲା ବଲଦ୍‌କେ ଦେକିକରି ବଲଦ୍ ବେବାରିକେ କେତେକ ବଲି ପାଚ଼ାରଲା । ବଲଦ୍ ବେବାରି ବଲଦ୍‌କେ ଚ଼ରଶହକେ ଆନି ଆଛି, ପାଞ୍ଚଶହ ଏଲେ ଦେବି ବଲି କଇଲା । ସାନ୍ ପିଲା କହିଲା ଆମର ଗାଁଏଁ ଏ ବଲଦ୍ ଦୁଇ ଶହକେ ମିଲିସି ତୁଇ ପାଞ୍ଚଶହ ବଲୁସ୍‌ନି । ବଲଦ୍ ବେବାରି ମୁଇଁ ନା ଦେଇ ବଲ୍‌ଲା । ପୁନି ସାନ ପିଲା କଇଲା ଜୁ ତେବେ ଆଇ ମାଷ୍ଟର୍ କେ ପାଚାରୁ, ତାରପଚେ ଦୁଇଲକ୍ ଯାଇକରି ମାଷ୍ଟର ପାକେ, କେଟ୍‌ଲାଇ । ମାଷ୍ଟର୍ କଇଲା ଇଟା ବେଶି ହେଲେ ଶହେ ପଚ଼ାଶ ଆକା ଅଇସି । ତାରପଚେ ବଲଦ୍ ବେବାରି ରିସା ଅଇକରି ମୁଇଁ ନ ଦେଇ ବଲ୍‌ଲା । ତାର ପରେ ସାନ୍ ପିଲା କଇଲା ଜୁ, ତେବେ ଆଇ ବଦର୍ ଲକ୍‌କେ ପାଚ଼ାରୁ । ତାର୍‌ପଛେ ବଦର ଲକ୍ ପାକେ କେଟ୍‌ଲାଇ ବଦରଲୋକ କଇଲା ଶହେ ପଚାଶ ବଲେ ମିଶା ବେଶି ଆକା ଅଇସି ଇଟା ଶହେ ଆକା ଅଇସି । ତାର ପଚେ ବଲଦ୍ ବେବାରି ମୁଇଁ ନ ଦେଇ ବଲ୍‌ଲା । ତାର୍‌ପଚେ ସାନ୍ ପିଲା କଇଲା ଯୁତେବେ ଆଇ ବାବାଜିକେ ଯାଇକରି ପାଚ଼ାରୁ । ଦୁଇ ଲକ୍ ମିଶିକରି ବାବାଜିକେ ପାଚ଼ାରଲାଇ । ବାବାଜି କଇଲା ଇଟା ସବୁବାଟେ ପଚ଼ାଶ ଟାଙ୍କାକେ ମିଲ୍‌ଲାନି । ପଚ଼ାଶକେ ନ ଦେଲେ ଅଦରମ୍ ଅଇସି । ତାରପରେ ବଲଦ୍ ବେବାରି ପଚାଶକେ ଦେଇଦେଲା । ଘରେ ଯାଇକରି ବଲଦ୍ ବେବାରି କାନ୍ଦ୍‌ତେ ରଇଲାକେ ତାର ମାଇଜି ପାଚ଼ାରଲା । କାଇକାଜେ କାନ୍ଦୁଲୁସ୍ ନି ? ବଲଦ୍ ବେବାରି ମାଇଜିକେ ସବୁକାଥା କଇଲା । ତାର ମାଇଜି ତାକେ ଗୋଟେକ୍ ବୁଦ୍ଧି ବାତାଇଲା ।

ତାର୍ ଆର୍ ଦିନ୍ ବଲଦ୍ ବେବାରି ମାଇଜିର୍ ଶାଢ଼ୀ କାନିର୍ ଝୁମକା ଆରି କାଇ କାଇଟା ଲାଗାଇକରି ସେ ବାଟ୍‌ବାଟେ କାନ୍ଦି କାନ୍ଦି କରି ଦବଡ଼ଲା । ସେଟା ମୁନୁଷ ଦେକି କରି କଇଲାଇ କାଇ ଏଲାରେ ଟକି କାନ୍ଦୁଲୁସ୍‌ନି ? ବଲଦ୍ ବେବାରି କଇଲା ମର୍ ଡ଼କରା ମକେ ମାରିକରି କେଦ୍‌ଲା । କୁନ୍‌ତି ଏଲେ ଯାଇକରି ମର୍‌ବିଦେ । ତାର୍ ପଚେ ବଡ଼ ପିଲା କଇଲା ଆମର୍ ଘରେ ଆମ୍‌କେ ରାନ୍ଧିବାଡ଼ି ଦେଇସୁ କାଇକାଜେ ମରସୁ । ତାର୍‌ପଛେ ବଲଦ୍ ବେବାରି ତାକର୍ ଘରେ ଗାଲା । ତାର୍ ବାସିଦିନ୍ ପିଲାମନ୍ ବୁଢ଼ାକେ କଇଲାଇ ବୁଆ ତୁଇ ଆଜି ନ ଆଉବେ, ଏ ଟକି ରାନ୍ଧିଦେଲେ କାଇକରି ଶଇ ରଅ । ଆମେ ଯାଇକରି ଆନବୁ ବଲ୍‌ଲା, ବୁଢ଼ା ଘରେ ରେଲା । ତିନ୍‌ଟା ପିଲା ଅରଜ୍‌ବାକେ ଗାଲାଇ ବଲଦ୍ ବେବାରି ଗୋଟେକ୍ କାଟପାଡ଼ା ଦାରିକରି ବୁଢ଼ାକେ କଇଲା ମର ଚ଼ାରଶହ ଟାଙ୍କାର ବଲଦ୍‌କେ ପଚ଼ାଶ ଟାଙ୍କାକେ ନେଲୁସ୍ ବୁଢ଼ା ଖା'ଏଦେ ବଲି କରି ବୁଟ୍ କୁଟା କରି ମାର୍‌ଲା ଆରି କଇଲା ଆରି ତକେ କାଲି ଆସି କରି ମାର୍‌ବି ବଲ୍‌ଲା । ପିଲାମନ୍ ଆସ୍‌ଲାଇ ବୁଢ଼ା ସବୁ କାତା କଇଲା ଆରି କାଲିକେ ଆସିକରି ମାର୍‌ବି ବଲିକରି କଇ କରି ଗାଲା । ପିଲାମନ୍ କଇଲାଇ କେନ୍‌ତି କରି ମାରବୁ ବଲିକରି ଟେଙ୍ଗାବାଡ଼ି ଦାରିକରି ଜାଗ୍‌ଲାଇ । ବାସି ଦିନ୍ ବଲଦ୍ ବେବାରି ଜୁଡ଼ି ବାଙ୍ଗିଆ ଦେରି କରି ନିଶ୍‌ଦାଡ଼ି ବନାଇ ଅଇ କରି ଅସ ପତର୍ ବିକ୍‌ବାକେ ଆଇଲା । ପିଲାମନ ବୁଆକେ ବଲକର୍‌ବାକେ ଘରେ ଡ଼ାକି କରି ନେଲାଇ । ତିନ୍ ଲକ୍‌କେ ତି୍‌ନ୍‌ଟା କାଗଜ ଦେଇକରି ଅସ

ଆନ୍‌ବାକେ ପଟାଇଲା । ସେମନ୍ ଅସ ଆନ୍‌ବାକେ ଗଲାଇ । ବଲ୍‌ଦ ବେବାରି ଆରି କାଟପାଡ଼ା ଆନିକରି କୁଟ୍‌କୁଟା କରି ମାର୍‌ଲା ଆରି କଇଲା ଚାର ଶହ ଟାଙ୍କାର୍ ବଲଦ୍‌କେ ତକେ ପଚ୍‌ାଶ ଅଇଲା ଖା ବୁଡ୍‌ହା ଏଦେ ଆର୍ କାଲିକେ ଆସିକରି ମାରବି ବଲିକରି କଇଲା ଆରି ଗାଲା । ତାରପଛେ ପିଲା ତିନିଟା ଆଇଲାବେଲ୍‌କେ ବୁଢ୍‌ହା ମାଡ଼ ଖାଇକରି ପେଙ୍ଗ୍ ପେଙ୍ଗା ଅଇକରି ଶଇ ରେଲା । ବୁଢ୍‌ହା କଇଲା ଆର୍ କାଲି କେ ଆସି କରି ମାରବି ବଲ୍‌ଲା । ପିଲାମନ୍ କଇଲାଇ କାଲି କେ ଜେନ୍ତି କରି ଆସ୍‌ଲେ ମିଶା ସାରାଇ ଦେବାଇ ।

ବଲଦ୍ ବେବାରି ଗୋଟେକ ଘଡ଼ା ବେବାରିକେ ଜାଇକରି କଇଲା ତୁଇ ଯାଇକରି ମୁଇଁ ଆକା ତମର୍ ବୁଆକେ ମାର୍‌ଲି ବଲସ ଆରି ଘଡ଼ାକେ ଦବଡ଼ାଇ ଦେବୁସ୍ । ମୁଇଁ ତକେ ପଚ୍‌ାଶ ଦେଲିନି ନେ । ଘଡ଼ା ବେବାରି ଯାଇକରି କଇଲା ମୁଇଁଆକା ତମର ବୁବାକେ ମାର୍‌ଲି ବଲ୍‌ଲା । ପିଲାମନ୍ ତାକେ ଟେଙ୍ଗାବାଡ଼ି ଦରିକରି ଦବଡ଼ାଇଲାଇ । ବଲଦ୍ ବେବାରି ଯାଇକରି ବୁଢ୍‌ହାକେ କଇଲା ଶଲା ବୁଢ୍‌ହା ମର୍ ଚାର୍ ଶହ ଟାଙ୍କାର ବଲଦ୍ ତକେ ପଚାଶ ଟାଙ୍କା ଏଲା ଆଦେ ଖା ବଲିକରି । ମର୍‌ତେ ମାର୍‌ଲା ଆରି ଘରଜାକର୍ ଡ଼ାବୁକାଣ୍ଡୁ ଦାରିକରି ପାଲାଇଲା ।

## ଗପ

ଗୋଟେକ୍ ମାଇଜି ଆରି ମନୁଷ୍ ରଇଲାଇ । ଗୋରୁ ଦାରି କରି ବାଣ୍ଡି ମାଗି ଖାଇବାଇ । ମନୁଷ୍ କଇସି - ଯାରେ ଗୋଉଡ୍ ନି ବାଣ୍ଡିକି - କଲିଆ କାଇଲା ମାଣ୍ଡିକି । ଦିନକେ କଇସି । ସେ ମାଇଜି ଦିନକେ ଆସି ବାଣ୍ଡି ମାଗି ନେଇସି କଲିଆ ଗୋଟେକ୍ ଦିନ୍ ସୁନ୍‌ଲା, ଆଜି ମାଇଜିକେ ଚ୍ଚବ୍ ବି ବେ ମାଣ୍ଡି ଥାନେ ସେ । ନାଇ ନାଇ ଅଉତଟ । ବୁଜ୍ ବିତା ସେ ଗଉଡକେ । ଗଉଡ ଟାନେ ପାଲାଇଲା । କଇଲା ଓୟେ ବାଇ । କାଇଟା ତମର ଆପାକେ ସବୁଦିନ କଇସୁ । ଆଜିକେ ଚ୍ଚରିଦିନ ସୁନ୍‌ଲି । ଆଜି ମୁଇଁ ମନେ ବିଚ୍ଚର କରି ଟେଇର ଅରତ ମୋକେ କଇ ଦେ, ନୋଇଲେ ସେ ଆପାକେ ଚ୍ଚବ୍ ବି ମାଣ୍ଡି । ତୁଇତ କଇଲୁସ ମୋକେ ଦାରି ଚ୍ଚବ ବି ଏକା ।

ନାଇ ନାଇ ମୁଇ ଗୋଟେ ଲୋକ୍, ସାକାଲ ଉନି ଗୋରୁ ମେଲବି ଦିନ ଯାକ ବେଲ୍ ବସ ତେ ଚ୍ଚରାଇବି । ବେଲ୍ ଗାଲେ ଗରେ ନେବି । ସେବେ ମୁଇଁ କଇଲି ଏକଟା ଗଉଡ଼ କାଇ କରେ କରେ ଗଉଡ଼ ନି ଆଁ ଦାର ଦକିଲ ପାରି ମାଗି ବୁଲସି । ତାକେ କେ ସାକାଆ ଦୋର, ସେ ଟାକା କଇଲି ଚ୍ଚବି ବୋଇଲେ ଚ୍ଚବ ସିନା । ତୋକେ ମାତର ବଲ ନକରି ।

ଗଉଡ଼ ଟେଇ ଉନି ଗୋରୁ ଆନଲା ପୁରାଇ ଦେଲା ଗଉଡ଼ ନି କେ କଇଲା - ଏକଟା ଗଉଡ଼ କାଇ କରେ କଲି ଆ ସୁଲୋ । ସାକାଲିଆ ଆରି ଗଉଡ଼ ଟାନେ ପଲାଇଲା - ଗଉଡ୍ ବାର ।

# କାଟାନି

ଗୋଟେକ୍ ଗାଁଏ ଗୋଟେକ୍ ଡକରା ଡକରି ରେଲାଏ । ତାଙ୍କର ଯ଼ରଟା ଟୋକି ରେଲାଏ । ସି ଟୋକିମନ୍‌କେ ବର୍ ଖଜ୍‌ବାକେ ଡକରା ଗୋଟେକ୍ ଗାଁ କେ ଗାଲା । ସି ଗାଁରେ ତିନ୍‌ଟା ପିଲା ଦେଖ୍‌ଲା ଆରି ଟୋକି ମନ୍‌କେ ବିଭା କରଲା ବେ । ଆରି ଗୋଟେକ୍ ସାନ୍‌ଟା ଟୋକି କାଜେ ଡ଼କରା ଅବ୍‌କା ଖୋଜି ଖୋଜି ରେଲା ମାତର୍ ଡାଙ୍ଗଡ଼ା ନା ମିଲଲା ବେ ।

ଡକରା ଡକରି ତାର୍ ପଛେ କେନ୍ତି କରୁ ବୋଲି ପାଞ୍ଚଲାଇ । ତାକେ ଗୋଟେକ୍ ଗଚ୍‌କେ ବିଭା କର ଦେଲାଇ ପୁନି । ତାର୍ ଉତାରୁ ସି ଟୋକି ସି ଗଛକେ ଜାଗି ରଇତେରଲା ପୁନି । ଗୋଟେକ୍ ଦିନ୍ ସି ଗଛ କଇଲା ତୁଇ କେତେ୍‌କ ଦିନ୍ ମୋକେ ଜାଗମୁ ମୁଇ ତୋକେ ଗୋଟେକ୍ ବର୍ ଖୋଜି ଦେବି ।

ଆରି ଗୋଟେକ୍ ବର୍ ଖଜିକରି ବିଭା କଲା ।

# କଲିଆ ଆରି କୁକୁଡ଼ା

ଗଟେକ୍ କୁକୁଡ଼ା ଆରି ଗଟେକ କଲିଆ ମାସାଦ୍ ବସ୍‌ଲାଇ ପୁନି । ହେଲେ କଲିଆକେ କୁକ୍‌ଡ଼ାର୍ ମାଉସ୍ ଖାଇବାକେ ଆକା ମନେ ରେଲା । କୁକ୍‌ଡ଼ାକେ ଯ଼ରଟା ଟିଅଁ ରେଲାଇ । କଲିଆ ମନେ ଭାବ୍‌ଲା ଯେ ଟିଅଁ ମନ୍‌କେ କାଇଲେ ତ ପେଟର୍ ଗଟେ କନେ ମିଶା ନଏ । କୁକ୍‌ଡ଼ାକେ ସେ କାଇବି । ଏନ୍ତା ଭାବିକରି ଗଟେକ୍ ଦିନ୍ କୁକ୍‌ଡ଼ାକେ ଡ଼ାକିକରି କଏଲା - ଏ ମାସାଦ୍ ଯୁ, ଡଙ୍ଗ୍‌ରେ ଯାଇକରି ପିଠ୍ କାନ୍ଦା ରାପି କରି ଖାଉ । ପଚେ ଦୁଇଲକ୍ ଡଙ୍ଗ୍‌ରେ ଗାଲାଇ । କଲିଆ ମାଟି ରାପି ନା ପାରଲା । ମାତର୍ କୁକ୍‌ଡ଼ା ରାପ୍ ରାପ୍ କରି, ଅକାରିକରି ପିଟ୍‌କାନ୍ଦାମନ୍ କାଡ଼ିକରି ତାର୍ ଡାଲାଏ ପୁରାଇଲା । ତାର୍ ପାଚେ କୁକ୍‌ଡ଼ା କାଇଟା ମିଶା ବେଟ୍‌ଟେ ନା ପାରଲା, ତେବେ ଯୁ ମରଟା ଖଣ୍ଡେକ୍ ନେଇଯାଉ ।

ଲେଉଟି ଆଇଲା ବେଲ୍‌କେ କଲିଆ କୁକ୍‌ଡ଼ାକେ କଇଲା - ଆଉ ବନ୍ଧେ ପାନି ଦଇକରି ଘାରେ ଯୁ । ପଚେ କୁକ୍‌ଡ଼ା - କଲିଆ ବନ୍ଧେ ପୁରଲାଇ । କଲିଆ ବେଗି ପାନି ଧୋଇକରି ଭାରଇ ଆଇଲା । ଆରି କୁକ୍‌ଡ଼ାକେ କାଦ୍ ଛିଟ୍‌ଲା । କୁକ୍‌ଡ଼ା ଆରିତରେକ୍ ବୁଡ଼୍‌ବାକେ ଗାଲାବେଲେ କଲିଆ ତାକେ ମାରି ପାକାଇଲା । ତାର୍ ମାଉଁସ୍‌କେ ରାନ୍ଧଲା । ଏନେ କୁକ୍‌ଡ଼ାଟିଅଁ ମନ୍ ବେଲ୍ ବୁଡ଼ଲା ଉତାରେ ଆମର୍ ମା କେନେଗୋଲାବଲି କଲିଆକେ ପାଯ଼ରଲାଏ । କଲିଆ କଇଲା - ତମର୍ ମା କେନେ ଯାଇରେସି, ଛନ୍‌କେ ଗାଲେ ଆଇସି । ତମେ ମୁଇଁ ରନ୍ଧ୍‌ଲା ଶାଗ୍‌କେ ଖାଇକରି ଚିମ୍‌ରା ପଡ଼ା । ପଚେ ଟିଅଁମନ୍ କଲିଆମାମା ରାନ୍ଧ୍‌ଲା ମାଉସ୍ ଶାଗ ଖାଇଲା ବେଲେ ମନେ ଭାବ୍‌ଲାଇ - ଇଟା ଆମର୍ ମା'ର ମାଉସ୍ । ଇ କଲିଆ ମାରିକରି ଖାଇଲା । ଆମ୍‌କେ ମିଶା ଗଟେକ୍ ଦିନ୍ ଖାଇସିବେ । ଏନ୍ତାର ଭାବିକରି କପାଟ୍ ମନ୍ ଡ଼ାପି କରି ଘରେ ପୂରି ଦେଲାଇ ।

ତାର୍ ଆରଦିନ୍ କଲିଆ କୁକ୍ଡ଼ା ଘରେ ଆସି ଡ଼ାକ୍ଲା - ଏ ବାନ୍‌ଜା ବାନିଜି ମନ୍ ଟାଟି ଉଗାଡ଼ା, କାପାଟ୍ ଉଗାଡ଼ା । କୁକ୍ଡ଼ାଟିଆଁ ମନ୍ କଇଲାଇ - ଆମିମନ୍ ଶଇଲୁଆଚୁ । କଲିଆ କଏଲା - ବାନ୍‌ଜା ବାନ୍‌ଜିମନ୍ ଯାତ୍‌ରା ଦେକି ଯୁ । କୁକ୍‌ଡ଼ାମନ୍ ଘର୍‌ଥାନୁ ବାର୍‌ଲାବେଲ୍‌କେ କଲିଆ କୁକ୍‌ଡ଼ାଟିଆଁ ମନ୍‌କେ ଧାରି କରି ଗଟେକ୍ ଥୁମା ଲଗେ ଭର୍ତ୍ତି କର୍‌ଲା ପୁନି । ଟିଆଁମନ୍ ଥୁମାଥାନୁ କେନ୍ତାକରି ଭାର୍‌ବାଇ ବଲି ଚିନ୍ତା କଲାଇ ଆରି କଇଲାଇ - ଏ ମାମା ବିଚ୍‌ଲ ବାଟେ ନେକାଏ । ହେଲେ ଯେଡ଼େବେଲେ କଲିଆ ବିଚଲ୍ ବାଟେ ଗାଲା, ସେଡ଼େବେଲେ ଖସ୍‌ରିଗାଲା । ଥୁମାମିଶା ଅଦ୍‌ରିଗାଲା ଆରି ପାଟିଗାଲା । ଟିଆଁମନ୍ ସିଠାନୁ ଭାରିକରି ଉଡ଼ି ପଲାଇଲାଇ । ମାତର୍ ଗଟେକ୍ ଟିଆଁ ଲେଙ୍ଗ୍‌ଡ଼ିଟା ରେଲା । ସେ ଯାଇନ ପାର୍‌ଲା । ତାକେ କଲିଆ ଆନିକରି କଇଲା - ତକେ ସେ ଆଜି ଖାଇବି । ଲେଙ୍ଗଡ଼ି ଟିଆଁ କଇଲା - ମାମା ତୁଇ କଡ଼େଇ ଲଗେ ଟିକନ୍‌କେ ତପାଇ କରି ଆନ୍ ଆରି ପାନି ଧଇବାକେ ଯା, ତୁଇ ଆଇଲାବେଲେ ମୁଇଁ ସିଟି ଅଦ୍‌ରିକରି ମସ୍ତକରି ସୁଆଦ୍ ହେଇରେବି । ତୁଇ ଆସିକରି ମକେ ଖାଇବୁସ୍ । କଲିଆ ହଇ ବଲି କରି ଗରଥାନୁ ପାଲାଇଲା । ପାଚେ କୁକ୍‌ଡ଼ାଟିଆଁ ହାଇ କଡ଼ାଇଲଗେ ହାଗିହାଗି କରି ବର୍ତ୍ତି କର୍‌ଲାଆରି ପାଲାଇଲା ।

ପଚେ କଲିଆ ଆସି ଦେକ୍‌ଲା ଟିଆଁ କେନେ ଗାଲା ଆରି କଡ଼ାଇଲଗେ ରେବାଶାଗ୍ କାଏଟା ଭାବିକରି ସେଟା ଖାଏଲା ଆରି କଏଲା -

ଟିଆଁର ଚିଟିଡ ଏଡ଼େକ୍ ସୁଆଦ୍
ତାର୍ ଜିଜି କେଡ଼େକ୍ ସୁଆଦ୍ ?

# କାଟାନି - ୨

ଗଟେକ୍ ଡକ୍‌ରା ଡକ୍‌ରି ରେଲାଇ ପୁନି । ସେ ମନର୍ ଜଡ଼େକ୍ ଟକି । ଗଟେକ୍ ଥର୍ ଡକ୍‌ରା ଡକ୍‌ରି ଡଙ୍ଗର୍ ମାର୍‌ତେ ଯୁ ବଲି ଗାଲାଇ ଆରି ଦେକ୍‌ଲାଇ ସିଟି - ବଦା କାକ୍‌ଡ଼ି ମନ୍ ରଇଲା । ସିଟାମନ୍ ନେଇକରି ହାଟେ ବିକ୍‌ଲାଇ ଆରି ପେଜ୍ ପାନି କର୍‌ତେ ରେଲାଇ ।

ଗଟେକ୍ ଦିନ୍ ଡକ୍‌ରା ଡଙ୍ଗ୍‌ରେ ଗାଲାବେଲେ ଗୋଟେକ୍ ପରସପେଟା ଆରି ଗଟେକ୍ ମାକଡ଼୍‌କେ ଭେଟ୍‌ଲା ଆରି ତାକେ ମନ ପଚ୍ଚରଲା - ତମି ମନ୍ ମର୍ ଟକି ମନ୍‌କେ ବିବା ହଇକରି ଗରଜୁଆଁଇ ରେବାସ୍ କି ? ପରସ୍‌ପେଟାଆରି ମାକଡ଼୍ 'ଓଇ' ବଲ୍‌ଲାଇ ।

ପରସପେଟା ବଡ଼୍ ଟକିକେ ଆରି ମାକଡ଼୍ ସାନ୍ ଟକିକେ ବିବା ହଇଲାଇ । ପରସ ପେଟା କାଏଟା ମିଶା କରତି ନା ପାରେ, ମାତର୍ ମାକଡ଼୍ ଡ଼ିଆଁ ଉକ୍‌ଡ଼ା ହଇ ରେଇସି । ସାନ୍

ନନୀ ହଂକାର୍‌କେ କଇତେ ରେସିଯେ ମରଡ଼କ୍‌ରା ବଡ଼େ ଫୁର୍‌ଫୁରି ପାରା କାମ୍ କଲାନି । ବଡ଼୍ ନନୀର୍ ଡ଼କ୍‌ରା କାଏଟା ମିଶ କରିତ୍ ନ ପାରେ ।

ଗଟେକ୍ ଦିନ୍ ସେମନର୍ ପରବ୍ ଓଏଲା । ମାକଡ଼୍ ପରବ୍ କାଜେ ଡ଼ାବୁଲଡ଼ା ବଲିକରି ଡଙ୍ଗ୍‌ରେ କାକ୍‌ଡ଼ି ମନ୍ ବେଟ୍‌ବାକେ ଗାଲା । ଆରି ଡ଼ିଆଁ ଉକ୍‌ଚ୍ଚ କରି ସର୍‌ତେ ଗଚ୍ ମନ୍‌କେ ନାସାଇଦେଲା । ଏନେ ବଡ଼ ଚକି ପାନି ଧଇବାକେ ଗାଲା । ପରସ୍‌ପେଟା କାଏଟା କର୍‌ଲା - ତାର୍ ପେଟ୍‌ଠାନୁ ସରତେ ସୁନାବାନା ବେଟ୍ ଲାଆରି ବଡ଼େ ନିମାନ୍ ଘର୍ ବନାଇଲା । ପଚେ ବଡ଼୍ ନନୀ ଆସିକରି ଦେକ୍‌ଲା ବେଲେ ଏଡ଼େକ୍ ଗର୍, ଏଲେ ମର୍ ଡକ୍‌ରା କେନେ ଗାଲା । ପରସ୍‌ପେଟା କଇଲା - ମୁଇଁ ସେ ତର୍ ଡ଼କରା । ନନି ବଲ୍‌ଲା - ତୁଇ ମର୍ ଡ଼କ୍‌ରା ନଏ । ମର୍ ଡ଼କ୍‌ରାତ ବଡ଼େ ପେଟ୍ ଧାରି ରେସି । ପରସ୍‌ପେଟା କଏଲା - ମୁଇଁ ଗଟେକ୍ ଗାଇ ପଷିରେଲି । ହାଇ ଗାଈ ମକେ କଏଲା - ମୁଇଁ ମର୍‌ଲା ପଚେ ମକେ ନେଇକରି କନ୍‌ତି ତପ୍‌ବୁ । ହାଇତି ସୁନା ମିଲସି । ତେବେ ମୁଇଁ ଗାଇକେ ଯୁନ୍‌ଠାନେ ତପିରେଲି ସିଠାନେ ଯାଇକରି ଖୋଲଲି ଆରି ସୁନାବାନା ମିଲାଇଲି । ତାକେ କାଇଟା କରି କେନ୍ତା କରି ରକ୍‌ବି ବଲି ମନେ ଭାବି କାଇଦେଲି ଆରି ପରସ୍‌ପେଟା ଓଇଗାଲି ।

ଏନ୍ତା ଓଇକରି ସେ ବଡ଼୍ ନନୀ ଆରିତାର୍ ଡକ୍‌ରା ସୁକେ ରେଲାଇ ଆରି ମାକଡ଼୍ ଆରି ସାନ୍ ନନୀ ବଡ଼େ ଦୁକେ ରେଲାଇ ।

## କାତାନି - ୩

ଗଟେକ୍ କାଉ ଚଡ଼୍‌ଇ ରେଇଲା । ହାଇ ଚ଼ଡ଼୍‌ଇ ଗଟେକ୍ ଦିନ୍ କୁନ୍‌ଠାନୁଁକି ଗଟେକ୍ ପିଟା ଧାରିକରି ଉଡ଼ିଉଡ଼ି ଯାଇ ଗଟେକ୍ ଗଚ୍‌ର୍ ଡାଲେ ବସ୍‌ଲା । ହାଇପିଠା କେ ଟଣ୍ଡେ ଧାରିରେଲା । ଏଡ଼୍‌କି ବେଲେ ଗଟେକ୍ କଲିଆ ହାଇବାଟେ ଯାଇତେରେଲା । ସେ ଗଚ୍‌ଠାନେ ରେବା କାଉର୍ ଟଣ୍ଡେ ପିଠା ରେବାଟା ଦେଖ୍‌ଲା । ତାର୍ ଟଣ୍ଡୁ ଲାଇଟପକ୍‌ଲା । ସେ ମନେ ପାଚି କରି ("କେନ୍ତା କରି ହାଇ ପିଟାକେ ଖାଇବି") କାଉକେ କଏଲା - ତର୍ ଗୀତ୍ ଗାଇବାଟା କାନ୍‌କେ ବଡ଼େ ନିମାନ୍ ଶୁବ୍‌ଲାନି । ଛନେକ୍ ଗୀତ ଗାଇଦିଆ କାଏ । କାଉ ତାର୍ କାତା ଶୁନିକରି ସାର୍‌ଦା ଓଇଲା ଆରି କା-କା-କା... ରାବିଦେଲା । ହେଡ଼୍‌କି ବେଲେ ତାର୍ ଟଣ୍ଡୁ ପିଟା ଅଦରିଗାଲା, ସେଡ଼୍‌କି ବେଲେ କଲିଆ ହାଇପିଟାକେ ଧେରି କରି ହିଣ୍ଡ୍‌ତେ ପାଲାଇଲା । କାଉ ଟଣ୍ଡ୍ ଫାଡ଼ି ଫାଡ଼ି ଦେଖ୍‌ତେ ରେଲା ।

# ଟେଣ୍ଡକା ଆରି ବାଗ

ଛେଲି ଗଉଡ଼ ବୋଲି ଗୋଟେକ୍ ପିଲା ରଇଲା । ତାର୍ ଆୟା ବାବା କେ ନ ରଇଲାଇ । ଗୋଟେକ୍ ଦିନ୍ ସେ ତେତ୍‌ଲି ଗଚ୍ଛେ ଗାଲା । ତାର୍ ପଚ୍ ବାଟେ ଗୋଟେ ସାନ୍ ଝଲା ଝରି ଯାଇତେ ରଇଲା । ସେ ଗଚେ ଚଗି ରଇଲା । ଗୋଟେ ବାଘ୍ ଝରନା (ଝଲା) ପାନି ଖାଇବାକେ ଆଇଲା । ସେତେବେଲେ ଗୋଟେକ୍ ଟେଣ୍ଡ୍‌କା ଦବ୍‌ଡ଼ି ଆସି କରି ତାର୍ ଲେଞ୍ଜ୍ ସାଙ୍ଗେ ଝଲା ପାନିକେ ଗଲା କରି ପାକାଇଲା । ବାଗ୍ ଦେକ୍‌ଲା ଆରି ରିଷା ହେଇ କରି କଇଲା - ଆରେ ଟେଣ୍ଡ୍‌କା ରଙ୍ଗୁଆ ମୁଣ୍ଡା କାଇଁଗିନେ ପାନି ଗୋଲିଆ କଲୁସ୍‌ନିରେ । ଟେଣ୍ଡ୍‌କା କଇଲା - ହଇରେ ତୁଇ୍ କାକେ୍ ପାଚାରି କରି ମୋର୍ ପାନି ଖାଇଲୁସ୍‌ନିରେ ।

ବାଗ୍ ରିଷା ହେଇ କରି କଇଲା - ଆରେ ମୁଇ ତ ରାଜା ଆରି ମୋର୍ ଶକ୍ତି ଆଚେ, ମୁଇ୍ କାକେ ପାଚାରି ଆରି ଖାଇବିରେ, ଏ ପାନି ତୋ ମୋର୍ । ଟେଣ୍ଡ୍‌କା ବାଘର କତା ଶୁନି କରି ପାନି କେ ଅଦିକ୍ କାଦ କରି ପାକାଇଲା ।

ବାଗ୍ ତ ରିଷା ହେଲା ଆରି ଟେଣ୍ଡ୍‌କାକେ ତୋକେ ଖାଇବି ବୋଲିକରି କଇଲା । ଟେଣ୍ଡ୍‌କା ମିଶା ରିଷା ହେଇ୍ କରି ବାଗ୍‌କେ କଇଲା । ତୋ କେ ମିଶା ମୁଇ୍ ଖାଇବି । ବାଗ୍ ଆରି ଟେଣ୍ଡ୍‌କା ଦୁଇଟା ଜନ୍ତୁ ମାଣ୍ଡ୍‌ଗଲ୍ ଲାଗ୍‌ଲାଇ । ବାଗ୍ ଟେଣ୍ଡ୍‌କା ଧରି ଖାଇଦେଲା । ଟେଣ୍ଡ୍‌କା ପେଟ୍ ଭିତ୍‌ରେ ରଇକରି କଇଲା - ଆରେ ବାଗ୍ ଏବେ ମୋକେ ସିନା ଗିଲି ଦେଲୁସ୍ । ମାତର୍ ତୋର୍ ପେଟର୍ ଅନ୍ତପୁଟା ସବୁ କାଟି ତୋକେ ମରାଇ ଦେବି । ଯଦି ବାନ୍ତି କରବୁସ୍ କର୍ ନ କଲେ ତୁଇ୍ ଭଲ୍‌କରି ଶୋଇ ମର୍‌ବୁସ୍ । ବାଗ୍ ଶୁନି କରି ବାୟା ହୋଇଗଲା । ସିଏ ସାଙ୍ଗେ ସାଙ୍ଗେ ପରମାନ୍ କଲା । ମୁଇ୍ ତୋର୍ ଠାନୁ ସାନ୍ ହେବି । ଆରି ତୋକେ ପାଚାର୍‌ବି, ଆରି ପାନି ଖାଇବି । ଏତ୍‌କି କଇଲା । ତାର୍ ପଚ୍ଛେ ବାଗ୍ ବାନ୍ତି କଲା ।

ଛେଲି ଗଉଡ଼ ପିଲା ଗଚ୍ଛେ ବଗି ଦେକ୍‌ତେ ରଇଲା । ସିଏ ହସି ପକାଇଲା । ବାଗ୍ ଦେକ୍‌ଲା ଆରି ପିଲାକେ ରିଷା ହେଇ କରି ଉତର୍‌ବାକେ କଇଲା । ପିଲା କଇଲା ଯେ, ମୋର ବେକ୍ ଲଗେ ତେତ୍‌ଲି ଅଲ୍‌ଜି ରଇ୍‌ଲା । ତୋମ୍‌କେ ଦେକି କରି ମୁଇ୍ ହସି ନାଇ୍ ।

ଏ କାତା ଲୋକ୍‌କେ କଇଲେ ତୋକେ ରାତିବେଲେ ଉଚାଇ୍ କରି ନେବି ବୋଲି କରି ବାଗ୍ କଇଲା । ପିଲା ଗରେ ଆଇଲା ଆରି ଏ କାତା କାକେ ମିଶା ନା କଇଲା । କଇରଇଲେ ତାକେ ବାଗ୍ ଖାଇଦେଇତା ।

# କଲିଆ ଆରି କୁକ୍‌ଡାର୍ କାତା

ମଙ୍ଗ୍‌ଲୁ ବୋଲି ଗୋଟେକ୍ ପରଜା ରଇଲା । ତାର ମାଇଜିର ନାଁ ଫୁଲ୍‌ମତି । ସିମନ୍ ଦୁଇଲୋକ୍ ବିଜାଗୁଡ଼ା ବୋଲି ଗେଟେକ୍ ସାନ୍‌ଟା ଗାଉଁ ଲଗେ ରଇତେ ରେଲାଇ । ସିମନର୍ ପିଲା ଟୋକି ଗୋଟେକ୍ ମିଶା ନ ରଇଲାଇ । ମଙ୍ଗ୍‌ଲୁ ଗରେ ହଲେକ୍ ବଲଦ୍ । ଗୋଟେକ୍ କୁକୁର, ଗୋଟେକ୍ ବିଲାଇ ଆରି ଗୋଟେକ୍ କୁକ୍‌ଡ଼ା ସାଲ୍ ରଇଲା । ମଙ୍ଗ୍‌ଲୁର ଗାଉଁ ଡଙ୍ଗର୍ ପାକେ ରଇଲା । ସେ ଡଙ୍ଗରେ କଲିଆ ମନ ଗୋଟେକ୍ ମାନ୍ଧା ରଇତେ ରଇଲାଇ । ସେ ମାନ୍ଧାନି ଗୋଟେକ୍ ଡକ୍‌ରା କଲିଆ ମଙ୍ଗ୍‌ଲୁର ଗର୍ ବାଟେ ବୁଲବାକେ ଗଲା ଆରି କୁକ୍‌ଡ଼ା ମନ୍‌କେ ଦେକ୍‌ଲା ଆରି ମନେ ମନେ ହେତ୍ କଲା ରାତିକେ ଆସି ମଙ୍ଗ୍‌ଲୁ ଡକ୍‌ରା ଡକ୍‌ରି ଶୋଇ ରଇଲା ବେଲେ ଗୋଟେକ୍ କୁକ୍‌ଡ଼ାକେ ଧାରି ଡକ୍‌ରା କଲିଆ ନେଇଗାଲା ଆରି ଖାଇଲା । ତାର୍ ପଚେ ପଚେ ଭିନ୍ କଲିଆ ମନ୍‌କେ ମିଶା ଡାକି ଆନ୍‌ଲା । ଆର୍ ଦିନ୍‌କେ ଗୋଟେକ୍ ଯୋଡ୍‌େକ୍ କୁକ୍‌ଡ଼ା ନେଇ ସାଲର୍ କୁକ୍‌ଡ଼ା ଅଧା ଅଦି ସାରାଇ ଦେଲାଇ । ମଙ୍ଗ୍‌ଲୁ ଡକ୍‌ରା ଚିନ୍ତା କଲା ଦିନ୍‌କେ ଦିନ୍ କୁକ୍‌ଡ଼ା ମନେ ସାରି ଗଲାଇନି । ସେ ଗୋଟେକ୍ ଦିନେ ଆନ୍ଧାର ଭିତରେ ରାତିକେ କୁକ୍‌ଡ଼ା ସାଲେ ଜଗ୍‌ବାକେ ମନେ ମନେ ବିଚାରନା କଲା । ରାତି ହେଲା ମଙ୍ଗଲୁ କୁକ୍‌ଡ଼ା ସାଲ୍ ଲଗେ ଡାଲା ଢ଼ାବି ହୋଇ ଗୋଟେକ୍ ଇଲାକେ ହାତେ ଧାରି ଜାଗି ରଇଲା । ଡକ୍‌ରା କଲିଆ ଆର୍ ତାର୍ ପିଲା କଲିଆ ମନ୍ ଆଇଲାଇ୍ । ଡକ୍‌ରା କଲିଆ ଆଗ୍‌ତୁ କୁକ୍‌ଡ଼ା ସାଲେ ଗାଲା କୁକ୍‌ଡ଼ାକେ ଧାରବି ବୋଲି କଇଲା ବେଲେ ମଙ୍ଗଲୁ ଡକ୍‌ରା ଇଲା ସଙ୍ଗେ କଲିଆର୍ ମୁଣ୍ଡେ ଟୋକି ଦେଲା ।

କଲିଆ ଡକ୍‌ରା ଦବ୍‌ଡ଼ି ଆସି କଲିଆ ପିଲା ମନ୍‌କେ କଇଲା କୁକ୍‌ଡ଼ା ବଡ୍ ବଡ୍‌ଟା ଆଚତ୍ ମୁଣ୍ଡେ ଟୋକି ଦେଲାଇନି । ଗୋଟେକ୍ ପିଲା କଲିଆ କଇଲା ମୁଇଁ ଯିବି କେଡ୍‌େ ବଡ୍ ବଡ୍ କୁକ୍‌ଡ଼ା ମନ୍ ମୁଇଁ ତାକର୍ ଟଟ୍ରି ତାନେ ଚାବି ଆନ୍‌ବି କଇ କରି ପିଲା କଲିଆ ଗାଲା ମଙ୍ଗ୍‌ଲୁ ଡକ୍‌ରା ଇବାଟେ ରେଡ୍ଡି ରେଇଲା ଇଲା ଧାରି ଜାଗ୍‌ଲା ଆଚେ । ପିଲା କଲିଆ ଯାଉ ଯାଉ ଡକ୍‌ରା ଇଲା ସଙ୍ଗେ ମାର୍‌ଲା ପିଲା କଲିଆ ସିଟି ଆକା ମରିଗାଲା । ତାର୍ ପଚେ ଆରି ଅଦେକ୍ କଲିଆ ମନ୍ ଭାବ୍‌ଲାଇ ସେ କଲିଆ ଖାଇ ପାକାଇଲାନି ମୁଇଁ ଯିବି ବୋଲି ଆରି ଗୋଟେକ୍ କଲିଆ ଗାଲା । ତାକେ ମିଶା ମଙ୍ଗ୍‌ଲୁ ଡକ୍‌ରା ମରତେ ମାର୍‌ଲା । ଏନ୍ତାରି ସବୁ କଲିଆ ପିଲା ମନ୍ ମଙ୍ଗଲୁ ଡକ୍‌ରାର୍ କୁକ୍‌ଡ଼ା ସାଲେ ଯାଇ ମର୍‌ଲାଇ ଶେଷ୍ ବେଲେ କଲିଆ ଡକରା ପିଲାମନେ ମରିଗାଲାଇ ଡକ୍‌ରା ଭାବ୍‌ଲା ମୁଇ ଏସବୁ ପିଲାମନ୍ ମରାଇଲି ମୁଁଇ୍ ନା ଯାଇ ସେଡିଗଲେ ମୁଇଁ ମିଶା ମରିଯିବି ସେ ଡକ୍‌ରା କଲିଆ ଢ଼ଙ୍ଗରେ ପଲାଇଲା ଆରି କେବେ ମିଶା ଆଇଲା ନାଇଁ । ମଙ୍ଗ୍‌ଲୁ ଡକ୍‌ରାର୍ କୁକୁଡ଼ା ମନ୍ ରଇଲାଇ । ମଙ୍ଗ୍‌ଲୁ ଆରି ଫୁଲ୍‌ମତି ବଡ୍‌େ ସାରଦା ସଙ୍ଗେ ବଞ୍ଚିଲାଇ ।

# ତାଷୀ ମୂଲିଆ ଆରି ଭାଲୁ

ଗୋଟେକ୍ ତାଷୀ ତାଷ୍ କରତେ ରଇଲା । ବେଲ୍ ହଇଲା କେ ହଲ୍ କରି କରି ତାକେ ବେଶି ଭୁକ୍ ଲାଗଲା । ସିଏ ଡୁମ୍ବରି ଗଚେ ଯାଇ ଡୁମ୍ବରି କାଇବାକେ ମନ୍ କଲା । ସେତ୍କି ବେଲେ ଆକା ଗୋଟେ ଭାଲୁ ଡୁମ୍ବରି ଖାଇବାକେ ଆଇଲା । ତାଷିଆ ତାର୍ ହଲ୍ ଲଙ୍ଗଲ୍ ଜୁଆଡ଼ି, ତୁତାରି ଡାଙ୍ଗ୍ ଆରି ବରତ ସବୁ କେ ଛାଡ଼ି ରଇଲ । ସିଟା ମନ୍କେ ସବୁକେ ବେଟ୍ଲା ଆରି ଭାଲୁ ନାଟ୍ କଲା । ଆରି ଗୀତ୍ ଗାଇଲା ।

ହାତେ ତୁତାରୀ ମୁଣ୍ଡେ ଜୁଆଡ଼ି ପିଟି ଲଗେ
ଲଙ୍ଗଲ୍ କୁଲୁର୍ କୁଲୁର୍ କୁଲୁର୍ ।

ହାଇ୍ ଗୀତ୍କେ ତାଷିଆ ଶୁନ୍ଲା ଆରି ହାଁସି ପକାଇଲା । ଭାଲୁ ଦେକ୍ଲା ଆରି ରିଶା ହେଲା । ତାଷିଆ କେ ଗଚେ ଠାନ୍ନି ଉତ୍ରାଇଲା । ତୋକେ ଆଜି ଖାଇବି ବୋଲି କରି କଇଲା ତାଷିଆ କଇ୍ଲା ମୁଇତ ତୋକେ ଦେକି କରି ହାଁସି ନାଇ୍ ମୋର୍ ଟଟ୍ରିଲଗେ ତ ଡୁମ୍ବରି ଆଲ୍ଜି ଗଲା ଗିନେ ମୁଇ ଖକଲ୍ ଲିନି ତୁଇ୍ ମକେ କାଇ ନକର୍ । ମୁଇ୍ ଏ କାତା କାକେ ମିଶା ନକଇ । ଭାଲୁ କଇଲା ଯଦି କାକେ କଇସୁ ବୋଲେ ତକେ ରାତିକେ ବନେ ଉଚାଇ କରି ନେଇ ଯିବି । ତାଷିଆ ଗର୍କେ ଗାଲା । ଘରେ ଗାଲା ହଁସ୍କେ ସମାଲି ନ ପାରି ଲୋକ୍ବାକ୍ କେ କଇ ପାକାଇଲା । ଭାଲୁ ତାର୍ ପଚ୍ବାଟେ ଲୁଚି କରି ଶୁନ୍ତେ ରଇଲା । ତାଷୀର ଖଟ୍ ଲଗେ ଶୋଇକରି ନିଦ୍ କଲା । ଭାଲୁ ଗାଲା ଆରି ଖଟ୍ ସଙ୍ଗେ ଟେକି ନେଇଗାଲା ।

ବନେ ନେଲାବେଲେ ତାର୍ ଗାଗଡ୍ ତାନେ କାଟା ପାଇଲା କେ ଚେତା ଅଇଲା । ଭାଲୁ ବାଲ୍କେ ମିଶାଇ କରି କଟ୍ ଲଗେ ବାନ୍ଦଲା ଆରି ଶିଆଡ଼ି ଗଚ୍ ଉପ୍ରେ ଚେଗ୍ଲା । ଭାଲୁ ବଡ଼ ଚଟରୁ ବିଲ୍ ଲଗେ ନେଲା ଆରି କଟ୍ କେ ଉତ୍ରାଇ ତାଷୀକେ ଖାଇବି ବୋଲି ମନେ ବିଚାର୍ କଲା । ଖଟ୍ ତ ବାନ୍ଦା ହୋଇଲା ଆଚେ ଭାଲୁ ବେଟି ନ ପାରଲା ଆରି ବଡ଼୍ ମୁଣ୍ଡାଇ ଅଦରି ଗାଲା ।

ତାଷିଆ ଚତୁର୍ ହୋଇଲା ଗିନେ ବଞ୍ଚିଲା ।

# କଲିଆ ଆରି କୁକୁଡ଼ାର କାତା

ମଙ୍ଗ୍ଲୁ ବୋଲି ଗୋଟେକ୍ ପରଜା ରଇଲା । ତାର ମାଇଜିର ନାଁ ଫୁଲମତି । ସେମନ୍ ଦୁଇ ଲୋକ ବିଜାଗୁଡ଼ା ବୋଲି ଗୋଟେକ୍ ସାନ୍ଟା ଗାଉଁ ଲଗେ ରଇତେ ରେଲାଇ । ସେ ମନ୍ର ପିଲା ଟୋକି ଗୋଟେକ୍ ମିଶା ନ ରଇଲାର । ମଙ୍ଗ୍ଲୁ ଘରେ ହଲେକ୍ ବଲଦ,

ଗୋଟେକ୍ କୁକୁର, ଗୋଟେକ୍ ବିଲାଇ ଆରି କୁକୁଡ଼ା ଗୋଟେକ୍ ସାଲ୍ ରଇଲା । ମଙ୍ଗ୍ଲୁର ଗାଉଁ ଡଙ୍ଗର ପାକେ ରଇଲା । ସେ ଡଙ୍ଗରେ କଲିଆ ମନ ଗୋଟେକ୍ ମନ୍ଦା ରଇତେ ରଇଲାଇ । ସି ମନ୍ଦା ଭିତ୍‌ରଠାନୁ ଗୋଟେକ୍ ଡକରା କଲିଆ ମଙ୍ଗ୍ଲୁର ଘର ବାଟେ ବୁଲିବାକେ ଗଲା ଆରି କୁକୁଡ଼ା ମନକେ ଦେକ୍‌ଲା ଆରି ମନେ ମନେ ହେତ୍ କଲା ରାତିକେ ଆସି ମଙ୍ଗ୍ଲୁ ଡକରା ଡକ୍‌ରି ଶୋଇ ରଇଲା ବେଲେ ଗୋଟେକ୍ କୁକୁଡ଼ା କେ ଧାରି ଡକରା କଲିଆ ନେଇଗଲା ଆରି ଖାଇଲା । ତାର୍ ଉତାରେ ସେ ଭିନ୍ କଲିଆ ମନ୍‌କେ ମିଶା ଡାକି ଆନଲା । ଆର୍ ଦିନକେ ଗୋଟେ ଦୁଇଟା କୁକୁଡ଼ା ନେଇ ସାଲର କୁକୁଡ଼ା ଅଦା ଅଦି ସରାଇ ଦେଲାଇ । ମଙ୍ଗଲୁ ଡକରା ଚିନ୍ତା କଲା ଦିନକେ ଦିନ କୁକୁଡ଼ା ମନ୍ ସରିଗାଲାଇନି । ସେ ଗୋଟେକ୍ ଦିନ ଆନ୍ଧାର ରାତିରେ କୁକୁଡ଼ା ସାଲେ ଜାଗ୍‌ବା ପାଇଁ ମନେ ମନେ ଭାବ୍‌ଲା । ରାତି ହେଲା ମଙ୍ଗ୍ଲୁ କୁକୁଡ଼ା ସାଲ୍ ଲଗେ ଡାଲା ଢ଼ାବି ହୋଇ ଗୋଟେକ୍ ଇଲାକେ ହାତେ ଧାରି ଜାଗି ରଇଲା । ଡକ୍‌ରା କଲିଆ ଆର୍ ତାର ପିଲା କଲିଆ ମନ ଆଇଲାଇ । ଡକ୍‌ରା କଲିଆ ଆଗତୁ କୁକୁଡ଼ା ସାଲେ ଗାଲା କୁକୁଡ଼ା କେ ଧାର୍‌ବି ବୋଲି କଇଲା ବେଲେ ମଙ୍ଗ୍ଲୁ ଡକରା ଇଲା ସଙ୍ଗେ କଲିଆର୍ ମୁଣ୍ଡେ ଟୋକି ଦେଲା । କଲିଆ ଡକ୍‌ରା ଦବ୍‌ଡ଼ି ଆସି କଲିଆ ପିଲା ମନ କେ କଇଲା କୁକୁଡ଼ା ବଡ଼ ବଡ଼ଟା ଆଚ୍‌ତ୍ ମୁଣ୍ଡେ ଟୋକି ଦେଲାଇନି । ଗୋଟେକ୍ ପିଲା କଲିଆ କଇଲା ମୁଇଁ ଯିବି କେଡ଼େ ବଡ଼ ବଡ଼ କୁକୁଡ଼ା ମନ ମୁଇଁ ତାଙ୍କର ଶଙ୍କି ତାନେ ଚାବି ଆନବି କଇପିଲା କଲିଆ ଗାଲା । ମଙ୍ଗ୍ଲୁ ଡକରା ଇବାଟେ ପୁରା ରେଡ୍ଡିରେ ଇଲା ଧାରି ଜାଗି ଆଚେ଼ । ପିଲା କଲିଆ ଯାଉ ଯାଉ ଡକରାଇଲା ସଙ୍ଗେ ମାରଲା କଲିଆ ସେତି ଆକା ମରିଗାଲା । ତାର ଉତାରେ ଆରି ଅଦେକ୍ କଲିଆମନ୍ ଭାବଲାଇ ସେ କଲିଆ ଖାଇ ପାକାଇଲାନି ମୁଇଁ ମୁଇଁ ଯିବି ବୋଲି ଗୋଟେକ୍ କଲିଆ ଗାଲା । ତାକେ ମିଶା ମଙ୍ଗ୍ଲୁ ଡକରା ମରତେ ମାରଲା । ଏନ୍ତାରି ସବୁ କଲିଆ ପିଲାମନ୍‌କେ ମାରି ପାକାଇଲା । ସବୁ ପିଲା କଲିଆମନ୍ ମଙ୍ଗ୍ଲୁ ଡକ୍‌ରାର କୁକୁଡ଼ା ସାଲେ ଯାଇ ମର୍‌ଲାଇ । ଶେଷ ବେଲେ କଲିଆ ଡକ୍‌ରା ଭାବଲା ମୁଇଁ ଏସବୁ ପିଲାମନ୍‌କେ ମରାଇଲି ମୁଇଁ ନା ଯାଇ ମୁଇଁ ସିତି ଗଲେ ମୁଇଁ ମିଶା ମରିଯିବି ସେ ଡକରା କଲିଆ ଡଙ୍ଗର୍ ଭିତରେ ପଲାଇଲା ଆରି କେବେ ମିଶା ଆଇଲା ନାଇଁ । ମଙ୍ଗ୍ଲୁ ଆର୍ ଫୁଲମତି ବଡ଼େ ସରଦାରେ ବଞ୍ଚ୍‌ଲାଇ ।

## ତେଲ୍ ଘଣା

ଗୋଟେକ୍ ଗାଏଁ ଗୋଟେ ଲୋକ୍ ଗୋଡ଼ା ପୋଷି ରଇଲା । ଗୋଟେକ୍ ଦିନ ସେ ଘୋଡ଼ାକେ ଧାରି ବେବାର୍ କର୍‌ବା ଲାଗି ବେଶି ଦୂରକେ ଗାଲା । ଯାଉ ଯାଉ ବାଟେ ଗୋଟେକ୍ କଲିଆ କୁକୁଡ଼ା ଆନି ଖାଇତେ ରଇଲା । ସେ ଗୋଟେକ୍ ରାଇଜେ ଯାଇକରି ଖେଟ୍‌ଲା । ସେତି ଗୋଟେ ମହାରାଜା ସେଇ ରାଇଜର୍ ରଇତ୍ ମାନକେ ଶାସନ କର୍‌ତେ ରଇଲା ।

ସେ ରଇତ ମାନର୍ ଉପକାର୍ ଲାଗି ଗୋଟେକ୍ ଟିକନ୍ ଘଣା ମିସିନ୍ ତିଆରି କରି ରଇଲା । ସେଇ ତେଲ୍‌ଘଣା ମେସିନ୍ ଗୋଟେକ୍ ଜସମ୍, ଗଛ ତଲେ ତିଆରି କରାଇ ରଇଲା । ସିଟି ସେ ଦେଶର ରଇତ୍ ମନ୍ କରଞ୍ଜି ମଞ୍ଜି, ଜଡ଼ା ମଞ୍ଜି, କସମ୍ ମଞ୍ଜି, ଅଳସୀ, ରାଶି ଏମ୍‌ତି ଟିକନ୍ ବାହାର ହେବା ସବୁ ମଞ୍ଜିକେ ନେଇ ଟିକନ୍ ପେଡ୍‌ତେ ରଇଲାଇ । ସବୁ ଲୋକ୍ ନିଜେ ନିଜେ ତେଲ ନେବାର୍ ।

ସେଇ ଗଛେ ସେଦିନ୍ ଟିକନ ପେଡ଼ବାଟା ବନ୍ଧ୍ ରଇଲା । ଟିକନ୍ ପେଡ଼ା ମେସିନ୍ ଗଛେ ଆକା ନେଇ ଘୋଡ଼ାବାଲା ଘୋଡ଼ାକେ ବାନ୍ଧଲା, ଆଉରି ବେପାର୍ କରବା ଲାଗି, ଲୁଗାପଟା ଧରି ଘର୍ ଘର୍ ବୁଲବାକେ ଗାଲା । ସେତିକି ବେଲେ ମହାରାଜା ଘର୍‌ଟାନୁ ପାଦାଇ ବାହାରି କରି ଦେଖ୍‌ଲା ଯେ ଟିକନ୍ ଘଣା ମେସିନ୍ ପାକେ ଘୋଡ଼ା ଆଚେ । ସେ ସାଙ୍ଗେ ସାଙ୍ଗେ ଭେଲ୍‌କି ହୋଇ କରି ଡାକ୍‌ଲା ମନ୍ତ୍ରୀ ଆ-ଆ-ବେଗି ଆ....... ଆମର୍ ଟିକନ୍ ଘଣା ମେସିନ୍ ବଢ଼ିଆ ସୁନ୍ଦର ଘୋଡ଼ାକେ ଜନମ୍ ଦେଲା ଆଚେ । ଆମର୍ ରାଇଜର୍ କରମ୍ ଆକା କରମ୍‌ରେ । ମନ୍ତ୍ରୀ ଦେଖ୍‌ଲା ଆରି କାବା ହେଲା । ସିଏ ଘୋଡ଼ାକେ ନେଇ ଘୋଡ଼ାଶାଲେ ରକିଦେଲା ।

ବେବାରୀ ଆସିକରି ଦେଖ୍‌ଲା ଯେ ଘୋଡ଼ା ନାଇଁ । ସେ କାନ୍ଦି କାନ୍ଦି ଖୋଜ୍‌ଲା ବେଲ୍‌କେ ରାଜାଘରର ଘୋଡ଼ାଶାଲେ ତାର ଘୋଡ଼ା ଆଚେ । ସେ ରାଜାକେ ତାର୍ ଘୋଡ଼ା ମାଗ୍‌ଲା କେ ରାଜା କଇଲା, ତୋର୍ ଘୋଡ଼ା କନ୍‌ଟା । ଇ ଘୋଡ଼ାକେ ତ ମୋର୍ ଟିକନ ଘଣା ମେସିନ୍ ଜନମ ଦେଲା ଆଚେ । ବେବାରୀ କାନ୍ଦି କାନ୍ଦି କଇଲା ନାଇ ମହାରାଜ୍ ମୁଇଁ ବନ୍ଧିକରି ଲୁଗାପଟା ବିକ୍ ବା କାଜେ ଯାଇ ରଇଲି । ରାଜା କଇଲା - ହଇରେ ଯଦି ଇ ଘୋଡ଼ା ତୋରଟା, ତେବେ ସାକ୍ଷୀ ନେଇ ଆଉ ଯା.....। ଏତ୍ତାର କହି ବିଧାମାରି ପାଟାଇ ଦେଲା ।

ବାପୁଡ଼ା ଘୋଡ଼ାବାଲା ଉଟିଗାଲା ସେଇ ବାଟ୍‌ରେ ଦେଖିକରି ଯାଇ ରଇଲା କଲିଆ ଠାନେ । ସେ କଇଲା ମାମା, କଲିଆ ମାମା, ଅଲପ୍ ମୋର ଦୁଃଖ୍ ସାଇଜ୍ କରି ମୋର ଘୋଡ଼ା ମାଗିଦେଲେ ତୋକେ ମୁଇଁ ଗୋଟେକ୍ କୁକୁଡ଼ା ଦେବି । ଏକୋଟା ଶୁନି କଲିଆ ଘୋଡ଼ାବାଲା ସାଙ୍ଗେ ଗାଲା । ଏଇ ଦୁଇଲକ୍‌କେ ଦେକି ରାଜା ହସିକରି କଇଲା, ହଇରେ କଲିଆ ଏତେକ୍ ଡେରି କରି କାଇ ପାଇଁ ଆସ୍‌ଲୁସ୍‌ନିରେ । କଲିଆ କଇଲା, ମହାରାଜା ଇ ଘୋଡ଼ା ଆମର୍ ବୋବାରୀର୍‌ଟା । ତାକେ ତାର୍ ଘୋଡ଼ା ଦେଇ ଦେସ୍ । ମୋକେ ବେଶି ନିଦ୍ ଲାଗ୍‌ଲା ସିଟାର ପାଇଁ ବେଗି ଆଇଲି ନାଇଁ । ରାଜା କଇଲା, କାଇଁ ପାଇଁ ନିଦ୍ ଲାଗଲାରେ । କଲିଆ କଇଲା ମହାରାଜା ସମୁଦର୍ ଲଗେ କାଲି ଜଇ ଲାଗି ରଇଲା । ମାଚ୍ ବେଟି ଖାଇ ଖାଇ ମୋକେ ଝୁମା ଧାରି ଦେଲା । ରାଜା କଇଲା ହଇରେ ଭକୁଆ ସମୁଦର୍ ଲଗେ କେବେ ଜଇ ଲାଗ୍‌ସି କିରେ । କଲିଆ ରିସା ହେଲା ଆରି କଇଲା, ହଇରେ ମହାରାଜା ଟିକନ୍‌ଘଣା

ସତେ ଜେବେ ଘୋଡ଼ା ଜନମ୍ ଦେଇସି । ଏଟିକି କଇଲା ଆରି ରାଜାକେ ଡେଇଁକରି କାନ୍ ପାଟି ଲଗେ ଗୋଟେ ଚାପଡ଼ା ମାରି ଘୋଡ଼ା ଝିକି ନେଇଗାଲା ।

ଏଟାର୍ ଘେନି କାଟାଇ ଆଚେ,
ବିଲୁଆ ବଡ଼େ ଚତୁର୍, ପଇଡ୍ ବଡ଼୍ ମଧୁର୍ ।

# ମାଇଜି ପୁରାନ୍

ତେଲଙ୍ଗାଗୁଡ଼ା ବୋଲି ଗଟେକ୍ ସାନ୍ ଗାଉଁ ରଇଲା । ହାଇ ଗାଏଁ ବୁଦ୍ରା ବୋଲି ଗୋଟେକ୍ ଡକ୍ରା ରଇଲା । ତାର ଡକ୍ରିର ନାଁ ଝାଲିବତି । ଡକରା ଡକ୍ରିର ଗୋଟେକ୍ ପିଲା ରଇଲା । ତାର ନାଉଁ ଶୁକ୍ରୁ । ସିଏ ବଡେ ରଙ୍ଗ୍ ରସିଆଟା । ଯନ୍ତି ଧାଙ୍ଗ୍ଡ଼ି ବୋଲେ ସିଟି ରଇଯାଇସି । ସେଟାର୍ ପାଇଁ ଡକ୍ରା ଡକ୍ରି ଚିନ୍ତା କଲାଇ ପିଲାକେ ଧାଙ୍ଗ୍ଡ଼ି ଆନି ଦେଲେ କେନେ ନ ଯାଏ । ବଲଦ୍‌କେ ଯୁଆଡ଼ି ପାକାଇଲା ପାରା ତାର୍ ମାମା ଗାଉଁ ବଦଲିଗୁଡ଼ା ଟୋକି ଦେକ୍‌ବା କାଜେ ଶୁକ୍ରୁ କେ ଫୁସ୍‌ରାଇଲାଇ । ଶୁକ୍ରୁ ସାଙ୍ଗେ ତାର୍ ସାଙ୍ଗ୍ ମନ୍ ଟେଟଙ୍ଗ, ଚେମ୍‌ଟୁ ଆରି ଗଜିଆ ତିନ୍ ସାଙ୍ଗ ଯିବାଲାଗି ବାର୍‌ଲାଇ । ଇଏ ଘର୍ ଲୋକ୍ ସାଙ୍ଗ୍ ହଇଲେ ବଡ଼େ ଉତ୍‌ପାଟିଆ ମନ୍ ବଡ଼େ ବିଚିତ୍ର କାମ୍ ମନ୍ କର୍‌ତେ ରଇବାଇ । ଶକ୍ରୁର ମାମା ଗାଉଁ କେଟି ଗାଲାଇ । ଶୁକ୍ରୁ ନିଆଲି ବୋଲି ଗୋଟେକ୍ ଟୋକିକେ ଦେକ୍‌ଲା । ତାର୍ ସଙ୍ଗେ ମିଶ୍‌ତେ ଢେମ୍‌ସା ଖେଲାଇ । ତାର୍ ସାଙ୍ଗ୍‌ମନ୍ ମିଶା ଖଣ୍ଡେକ୍ ପେଣ୍ଡମ୍ ଖାଇ ଢେମ୍‌ସା ଖେଲ୍‌ଲାଇ । ସାଙ୍ଗର ପିଲାକେ ନିଆଲି ଘରେ ବଡ଼ ସର୍‌ଦାର୍ କାଇଲା ଆର୍ ଡଙ୍ଗର୍ ବାଟେ ହିଣ୍ଡି ହିଣ୍ଡି ଆଇଲା ବୋଲି ଗଜିଆକେ ବଡେ ଶୋଶ୍ ଲାଗ୍‌ଲା । ଏମନ୍ ଖରାଦିନେ ଯାଇ ଆଚ୍‌ତ୍ ସେ ଡଙ୍ଗର୍ ତଲେ ଗୋଟେକ୍ ବନ୍ଧ୍ ରଇଲା, ସେ ବନ୍ଧ ପାକେ ଗୋଟେକ୍ ବଡ଼ ଶିମିଲି ଗଛ୍ ରଇଲା । ସେ ଗଚେ ବଡ୍ ମଉ ବାନ୍ଦି ରଇଲା । ସେ ମଉ ବନ୍ଧରେ ପାନି ଲଗେ ଦିଶ୍‌ତେ ରଇଲା । ଗଜିଆ ପାନି ନ ପିତେ ମଉକେ ଦେକି ସାର୍‌ଦା ହେଇ ତାର ସାଙ୍ଗ ମନ୍‌କେ କଇଲା । ସେ ମଉ ପାନି ଭିତ୍‌ରେ ବାନ୍ଦି ଆଚେ ସେ ମନ୍ ପାନି ନ ଖାଇ ମଉ ବେଟି କାଇଲେ ଶୋଶ୍ ଛାଡ଼ି ଯାଇସି ସବୁ ମିସତେ କାଟା ଅଇଲାଇ । ଗଜିଆ କଇଲା ମୁଇଁ ମଉ ଆଗେ ଦେକ୍‌ଲି ମୁଇଁ ଆଗେ ବେଟ୍‌ବି ତୁମେ ତିନ୍ ଲୋକ୍ ଏ ହିଡି ମୁଣ୍ଡା ତାନେ ଟିଆ ହୋଇ ରୁଆ ବୋଲି ଗଜିଆ ବନ୍ଧର୍ ପାନି ତାନେ ଡ଼ଗାଇଲା । ତାର ପଚେ ପାନି ଉଲ୍‌କା ହେଇ ମଉ ନାଇଁ ଦିଶିଲା । ଏତିନ୍ ସାଙ୍ଗ କାଇଟା ଭାବଲାଇ ଗଜିଆ ସବୁ ମଉ ଖାଇ ଦେଇସି ବେ ବୋଲି, ଚେମ୍‌ଟୁ ଆରି ଟେଟଙ୍ଗ୍ ମିଶା ପାନି ତାନେ ଡେଇଁ ଦେଲାଇ ଏମନ୍ ନ ବାରଇଲାଇ ଗିନେ ଶୁକ୍ରୁ ଭାବ୍‌ଲା ମଉ ଖାଇସାର୍‌ବାଇବେ ବୋଲି ଶୁକ୍ରୁ ମିଶା ପାନି ତାନେ ଡଗଇ ଦେଲା । ହେଲେ ପାନି ଭିତରେ ମଉ ରେଲେ ତ ଏମନ୍ ଆରି ମଉ ଖାଇବାଇ ପାନି ତାନେ ଡଗାଇ ମରିଗଲାଇ ।

ଏ ବାଟେ ଶୁକ୍ରୁର ମାଁ ବାବା ତକ୍‌ରା ତକ୍‌ରୀ ପିଲା ମନ୍‌କେ ହେତୁ କରି କରି ଶୁଜି ପାଜି ଗଲାଇନି ସିନା ଏ ଶୁକ୍ରୁ ଆରି ତାର ତିନ୍ ସାଙ୍ଗମନ୍ ଗରେ ଆଇଲାଇ ନାଇଁ । ଏମନ୍ ତ ତହେଁ ବୁଡି ମରିଗାଲଇ ଆରି କେତେବେଲେ ଏମନ୍ ଗର୍‌କେ ଯିବାଇ ।

# କିଟିଙ୍ଗ ମାପୁରୁ

ଆଗୁନି ସବୁବାଟେ ପାନି ରଇଲା । ସେଇ ପାନି ଲଗେ ବାଇ ବଇନି ଗୋଟେ ପେଡ଼ି ଲାଗେ ରଇଲାଇ । ମାପୁରୁ କେଞ୍ଚୁଆ ହୁନି ମାଟି ଆନି ହାଇ ପାନି ଲଗେ ପାକାଇ ପୁର୍ଟି ଟିଆର କଲେ, ତାର୍ ପଚେ ମାପୁରୁ ବାଇ ବଇନି କେ ମନିଷ୍ ଟିଆର୍ କର୍‌ବାକେ କଇଲାଇ । ମାପୁରୁ କଥାକେ ହାଇ ବାଇ ବଇନି ନ ମନକଲା ଯେ ମାପୁରୁ ରିଶାହୋଇ ତାକେ ଠାକ୍‌ରାନି ଲୋକ୍ କରି କାନା କରିଦେଲା । ହାଇ ବାଇ ବଉନି ଅଣ୍ଡରା ମାଇଜି ହୋଇ ମନିଷ୍ ଟିଆରି କରି ରଇଲାଇ ।

ହାଇ ବାଇ ବଇନିକେ ସାତ୍‌ଟା ପିଲା ଜନମ୍ ହେଲାଏ । ଜଗତ ସବୁ ହୁନି ସାନ୍ ରଇଲା । ବାକି ଛଟା ବାଇ ମାଇଜି ସଂଗେଇ କରି ରଇଲା ବେଲେ ଜଗତ । ଗୋଟେକ୍ ନ ବିବା ହୋଇ ରଇଲା । ଜଗତା ବଡେ ନିକ ଆରି ଗାଟି ରଇଲା । ତାର ସୁନ୍ଦରକେ ଦେକି ତାର ବଉ ମନ୍ ତାକେ ପାଇବା ଲାଗି ମନ୍ କଲେ । ମାତରକ ଜଗ୍‌ତା ହାଇ ଫାନ୍ଦେ ନାଇ ପଡି ତାର୍ ବାଇମାନକେ ସବୁ କାଟା କଇ ଦେବି ବୋଲି ଡରାଇଲା । ତାର ବଉମନ୍ ଡର୍‌କେ ନାକ୍‌ରା କରି ମୁଏଁ ରାମ୍ପଡ଼ି ହୋଇ କରି ବାଲକେ ଚାଡି କାନ୍ଦି କାନ୍ଦି ଯାଇ ଜଗତାର୍ ବାଇ ମାନକେ ମିଚ କାଟା କଇଲାଇ । ବଉମନର୍ କାଟା ଶୁନି କରି ବାଇମନ୍ ଜଗତାର୍ ହାତଗୋଡ଼ ବାନ୍ଧିକରି ତାକେ ବର୍‌ଗଛ ତଲେ ଅଦାରାଇ ଦେଲାଇ । ଜଗତାକେ କାଇଟା ମିଶା ନା ହେଲା। ଏଥର କାଜେ ବାଇ ମନ୍ ଛାନିଆ ହୋଇ ଜଗ୍‌ତାକେ କିତୁନ ଦେବ୍‌ତା ବଲି ପୂଜା କଲେ । ହାଇ ଦିନୁ ଜଗ୍‌ତା । ମାପୁରୁ ହୋଇ ପୂଜା ପାଇଲା ।

ହାଇ କିତୁନ ମାପୁରୁ ରାବନ୍ ଡଙ୍ଗର୍ ଲଗେ ଯାଇ ରଇଲା । ଗୋଟେକ୍ ଦିନ୍ ହାଇ କିତୁନ ମାପୁରୁ ବଡ ପକ୍‌ନା ଭାଙ୍ଗଲା ବେଲେ ଅଲଗା ଯାଇ ବାର୍‌ଲା । ଆରି ହାଇ ପାକନା କଣ୍ଡକଣ୍ଡ ହେଇ ଯିବାକୋ କଣ୍ଡେକ୍ ପାକନ । ଉପୁଡ଼ି ହଇ ଆସି କିତୁଙ୍ଗି ମାପୁରୁର ଡେବିରି ଗାଲେ ପାଇଲା । ହାଇ ଲାଗି ମାପୁରୁର ଗାଲ୍ ଚେପ୍‌ଟା ଆରି କାଲିଆ ହଇଗାଲା । ଜଇ ଭୁଟେକ୍ ଲାଗଲା କାଯେ ମାପୁରୁର ହାତଗୋଡ଼ ସବୁ ପଡ଼ିଗାଲା । ଜଗତା କେନେ ନ ଯାଇ ମାଟି କରି ହାଇ ଡଙ୍ଗ୍‌ରେ ରଇଲା । ତାର ଲାଗି ସବୁ ଲକ୍ ମନ୍ ଜଇ ଆରି ପବନ ପାଇ କରି ଜିଇ ରଇଲାଏ ହାଇ ଜଇ ଡଙ୍ଗରର୍ ସବୁ ବାଟେ ହଇ ସବୁ ଜୀବଜନ୍ତୁ ମନ୍‌କୁ ପଡିଦେଲା । ଲକ୍‌ମନ୍ ହାଇ ପଡ଼୍‌ବା ଜୀବଜନ୍ତୁକେ ଖାଇ କରି ସୁଆଦ୍ କାଇଟା ଜାନ୍‌ଲେ ।

ଆରିକ ଜଷ୍ଟାମାଉସ୍ ନ ଖାଇ ମାଉସ୍‌କେ ପତାଇକରି ଆରି ସିଜାଇ କରି ଖାଇବାର ସିକ୍‌ଲାଇ । ହାଇ ଦିନୁ ଲକ୍‌ମାନ୍ ରାବନ୍ ଡଙ୍ଗ୍‌ରେ ନିମ୍‌ଦାରୁର ପୁତୁଲା କରି କିତୁନ୍ ମାପୁରୁକେ ପୂଜା କଲାଇନି ।

# ବାବା ମୁଦୁଲି ଚଲାନ୍‌ଜାନି

ବାବା ମୁଦୁଲି, ଚଲାନ୍ ଜାନୀ ରିଲାଇଁ । ଡକୁରୁସି ରିଲାଇ ହୁପି । ଡେଙ୍ଗା ଚମାରି, ଚିଲି ଚମାରି, ଡାଲ ନୋଉତି ଜିସି । ସେ ଦେଶେ ଆଚତି ସାଜ୍ ହୁଲବିଜା ହୁଲ୍ ଆଚେ ତାର ଡକୁରୁସି ଓଢଦି ଗୁଣ୍ଡି ବେଶର୍ ଗୁଣ୍ଡିଶିରେ ଲାଟି ମଶକେ ଲାଟି ଓଢ଼ଦି ଗୁଣ୍ଡିର ହଇଶି ଉତାଶ ଗଡା, ହବୁନ ଗଡ଼ା ଶିରେ ଲାଟି ଘଡ଼ାଇଁ ବସ୍ତେ ବୁଲଦେ ତାଢନେଆଡ଼ି ଯାଏଁ କଢ଼ମାଁ ଗରଜାଇଁ ଆଇଲା ଆଚେ । ତାଢ଼ ନେଆଡ଼ି ଯାଏଁ କଢ଼ମାଁ ଗରଜାଇଁ ଆଇଲା ଆଚେ । ତାଢ଼ ନେଆଡ଼ି କୁଇଁ ନେଆଡ଼ି ବନ୍ଧେହାଶି ଗଧମଲି ଶିରେ ହାଟି ମଶ୍‌କେ ଲାଟି ଗଡାଇଁଆଲ । ତାଢ଼ ନେଆଡ଼ି କେ ହାଣି ଗଦାଉଁ ତାରି ଦକୁଲା ହାଣି ଗଦା ରତେ ଶରଲି ଘରେ ଗଲି । ଶିରେ ଲାଟି ମଶ୍‌କେ ଲାଟି ଲକେତେ ଦକୁଲା କାର ଘରେ ଜାଇବେ ବଲତେ ଶିରେ ଲାଟି ମଶ୍‌କେ ଲାଟି ଢ଼କାର ଘରେ ଗଲାଇଁ । ଶିରେ ଲାଟି, ମଶ୍‌କେ ଲାଟି, ଢ଼କାର ଘରେ ଗଲାଏଁ । ଶିରେ ଲାଟି, ମଶ୍‌କେ ଲାଟି, ଚେଢ଼ି କୁଢ଼ିଆଇଁ ବୁର୍ଲା । ମାଳନୀ ବୁଡୀ ଚେଡି କଦତେ ଆଣିଲି । ସେ ହିଲାକେ ଦକ୍‌ତେ ଚେଡ଼ିମନ୍ ହପତେ ବୁଲାଇଁ କାଇରି ଆଚି ବଲତେ ମାଳିନୀ ବୁଡ଼ୀ ବୁଢ଼ିଆଇଁ ହୁରୁଗଲି ଉଅଡେକ୍ ରଜାଘର ହଇସି ଚେଢ଼ି କୁଢ଼ିଆଇଁ କାଇ ତାକେ । ହୁରଲି ଅସି ମାଳିନୀ ବୁଢ଼ୀ କଇଲା ଅଲ୍‌କ ଗୁଣ୍ଡି ବେଶର ଗୁଣ୍ଡିକେ କଡ଼ା ଖରା ଉଦେ କଡ଼ା କଲେକ୍ ବେଶ୍ ମାଡ଼େତେ ଦେଇଦେ ବଇଲି ମାଲନୀ ବୁଡି ଦେଶ, କାଇଁ କରିବେ ।

# ଧରମ ଅଧରମ

ଗୋଟେକ୍ ଦିନ୍ ଗଟ୍‌ଲକ ବନ୍ ଦିତରେ ସର୍‌ଗି ବେଟି ବୁଲ୍‌ଲା ବେଲେ ଗୋଟେକ୍ ବାଗ୍ ଝଲା ଦିତରେ ଅଦ୍‌ରି କରି ପାକ୍‌ନା ଚେପାଏ ହେଇ ରେଲାପୁନି ଆର୍ ବାଗ୍‌ମକେ ଇ ଥାନନୁ ଉଧାର୍ କରା ବୋଲି ରାଟୁ କର୍‌ତ ରଇଲା । ଇ ଲୋକ କାକୁରତି ସମ୍ଭାଳି ନ ପାରି ପାକ୍‌ନାକେ ଗୁଚାଇ ବାଗ୍ କେ ଝଲା ଭିତରନୁ ବେଟ୍‌ଲା । ଏତିକି ବେଲେ ବାଗ୍ ଲୋକ୍‌କେ କଇଲା, ମୁ ସାତ୍‌ଦିନ୍ ହେଲା ଅରନ ପାନି ଖାଇଲାର୍ ନାଏ । ମୁଇଁ ଆଜି ତକେ ଖାଇବି । ଲୋକ୍ ବଲ୍‌ଲା ଇଟା ଗଟେକ୍ କାଏ ଅଧରମ୍ ମୁଇଁ ତକେ ଖଲନୁ ବେଟ୍‌ଲି । ବାଗ୍ କଇଲା ଦେବତା କେ ମିସା ହୋ ମୋକେ ଭୁକ ଲାଗଲା ବିତକେ କାଇବି । ସେ ବାଟେ ଗଟେକ୍ ବଲଦ୍ ଆଇଲା । ବଲଦକେ ପଚାରୁ ବୋଲି କଇଲାଏ ଆରି ବଲଦକେ ପାଚାରଲାଏ ବଲଦ୍ କଇଲା - ନର - ଲୋକ୍‌କେ ବିଶାସ୍ ନାଏଁ, ଦେକନି ମକେ ଭେଣ୍ଡିଆ ହେଲା ବେଲେ ହଲ୍

ଶଗଡ୍ ବାନ୍ଧ୍‌ଲା ଧରମ୍ କି ? ସେଇଟାନୁ ଇଟା ହେଲା ନାଇଁ ବୋଲି ଗୋଟେକ୍ ଛେଲିକେ ପାଚ୍ରଲା । ଛେଲି ସେମିତି ବଇଲା । ଏବେ ସେ ବାଟେ ଗୋଟେକ୍ ବାବାଜି ଯାଇତେ ରେଲା । ବାଗ୍ ଆରି ଲାକ୍ ବାବାଜିକେ ପାଚ୍ରଲାଏ ବାବାଜି କଇଲା ମୁଇଁତି ଦୁଇ କୂଲ ଆଗେ କେନ୍ତା ରେଲ୍‌ସୁ ଦେଖିଲାର ନାଇଁ । ମୁଇଁ ସବୁ କାଥା ଦେଖିଲେ ତମର ବିଚ୍ରର କରିବି ବୋଲି ବାବାଜି କଇଲା । ସଙ୍ଗେ ସଙ୍ଗେ ବାଗ୍ ଝଲା ବିତ୍‌ରେ ଗାଲା । ଲକ୍ ବାଗ୍‌କେ ବଡ୍ ପାକ୍‌ନା ଚେପାଏ ଦେଲା । ବାଗ୍ ମଲି ମଲି ରାଟୁ କର୍‌ତେ ରେଲି । ବାବାଜି ଲୋକ୍‌କେ କଇଲା ଆରେ ବକୁଆ । ମାଉସଖିଆ ଜନ୍ତୁ ସଙ୍ଗେ ବିଶାସ୍ ନ କରବାରବେ, ଜୀବନ ଜାଏ ତାକ୍‌ବେ । ଏବେ ତୁଇ ଗରେ ପାଲାଅ ।

# ରାଜା ପିଲାର ରାଜି ବୁଲା

ସର୍‌ଗି ପୁଲିଆ ରାଜା ରାନି ରଇଲାଇ ପୁନି । ତାକର୍ ଗଟେକ୍ ସେ ପିଲା ପୁନି । ଏନ୍‌ତି ରଉ ରଉ ରାଜା ପିଲା ପାଟ ଶାଟ ପଡ୍‌ଲା ପୁନି । ଜୁଦ୍ ବିଦ୍ୟା ମଂତର ତଂନ୍‌ତର୍ ମନ ମିଶା ଶିକ୍‌ଲା ପୁନି । ଗଟେ ଦିନେ ସେ ବିଚ୍ରର କଲା ପୁନି । ଯେ, ସେ ରାଜି ବୁଲା ପୁର୍‌ତି ଯିବାକେ ତାର ବେଶୀ ମନ୍ ଅଇଲା । ସେ ତାର୍ ଆୟାକେ କଇଲା ପୁନି । ତାର ଆୟା ଯେତେ ମନା କଲେ ମିଶା ସୁନ୍‌ଲା ନାଇ ପୁନି । ରାନି ତାର ରାଜା କେ କଇଲା ପୁନି । ରାଜା ପିଲାକେ ଡାକି କରି କେତେ ବୁଜାଇଲାଇ ମିଶା କାର କାତା ମିଶା ଦାରେନାଇ ପୁନି । ପଚେ ରାଜା ତାର ମନ ବଲି କଇଲା ପୁନି । ମନ୍ତ୍ରିକେ ଡାକାଇ କରି ତା'ର ପାଇଁ ରାଜି ବୁଲା ପୁରତି ବୁଲା ଯିବାକେ ଉଡ଼ାନ୍ ରତ୍ ପବନ୍ ରତ୍ ତିଆର କରାଇବାକେ କଇଲା ପୁନି । ତାକର୍ ଦେଶର କେତେରକମର ବାଡ଼ଇ ମନ୍‌କେ ଡାକାଇ କରି ଉଡ଼ାନ୍ ରତ୍ ପବନ ରତ୍, ତିଆର କଲାଇ ପୁନି । ଜନ୍‌ଟା କି ଟାଁଙ୍ଗି କାରଟ ମାୟା କାରାଟ ଲଗେ ପୁରାଇ କରି ସଙ୍ଗଇବାକେ ମିଶା ଅଇଶି ବଲି କଇଲାଇ ପୁନି । ଏନ୍‌ତି ପ୍ରକାର ଉଡ଼ାନ୍ ରତ୍ ପବନ୍ ରତ୍ ତିଆର କଲାଇ ଯେ, ତାକେ ଦେକ୍‌ଲେ ଦେକି ନ ଅଏ, କଇଲେ କଇ ନ ଅଏ । ଦୁଲି ମାର୍‌ଲେ ଦୁଲି ନ ଲାଗେ ପାନି ଚିଚ୍‌ଲେ ପାନି ନ ଲାଗେ ସେନତିଟା ତିଆର କଲାଇ ପୁନି ।

ଉଡାନ୍ ରତ୍ ପବନ ରତ୍ ତିଆର ଅଇଲା ପଚେ ରାଜା ଦେଶର ଦେଶିଆ ଗଡର ଗଡିଆ ସବୁ କେ ଖବର ପାଟାଇଲା । ଗାଣ୍ଡା ବାରିକ୍ କେ ଡାକି ଗାଣ୍ଡା ଚାଲବାନ୍ଧାଇ ବସାଇ ଲଗର ଲକ୍ କେ ଆକ୍ ଦୁରିର ଲକ୍‌କେ ଡାକ୍ ଦେଇ କବର୍ କେଟାଇଲାଇ ପୁନି । ଦେଶର୍ ଦେଶିଆ ଗଡ଼ର ଗଡ଼ିଆ ଟୁରି ଦାସି ଲାକା ଲାମ୍‌ଡା, ବନ୍ଧୁ କୁଟୁମ ସବୁ ଜମଲାଇ ପୁନି । ଆକାଶ କାଟି ଚାମ୍‌ଡ଼ା, ଦରତନି କାଟି ପିଣ୍ଡାକଲାଇ ପୁନି । ଲାକ୍ ଯାଉ ଦୁପ ଯାଁଉ କରି ଗାଉଁ ଦେବି ଦେବ୍‌ତା ସବୁକେ ପୂଜା ପାଟ୍ କରି ବଜି ବାତ୍ କଲାଇ ପୁନି । ରଜା ପିଲା

ସବୁ ଲକମନ୍‌କେ ଦୁଆର୍ କରି ଉଡ଼ାନ୍ ରତ୍ ପବନ୍ ରତ୍ ଲଗେ ବସି କରି ଉଡି ଉଟି ଗଲା ପୁନି ।

ଏନେ ତାର୍ ଆୟା ଆବା ଅଦର ଆପଟି କାନ୍ଦ୍‌ଲାଏ ପୁନି । ସେତି ରଇଲା ଟୁରି ଦାସି ଲାକାଲମତା ରାଜା ଆରି ରାନିକେ ବୁଜାଇଲାଇ ପୁନି । ସେ ଦିନେ ଉନି ରାଜା ଆରି ରାନି କାଇବା ପିଇବାର ପାସରି ଗାଲାଇ ପୁନି । ଗର ଦୁଆର ତାକର ସୁନା ସୁନା ପାରା ଲାଗ୍‌ଲ ପୁନି । ରାଜ ରାନିର ଆକିକେ ପାଟଲା କାନ୍‌କେ ଗଡ଼ୋ ପାରା ଅଇକରି ଦୁକେ ଜିବନ କାଟବାକେ ଆରମ୍ କଲାଇ ପୁନି ।

ରାଜା ପିଲା ଉଡ଼ାନ୍ ରତ୍ ପବନ ରତ ଲଗେ ବସି କରି ଦୁଇ ରାଜାର ରାଜି କି ତିନ୍ ରାଜାର ରାଜି ଯାକ ଗଲା ପୁନି । ବୁଲି ବୁଲି ଯାଇ କରି ଗଟେକ୍ ଡଙ୍ଗ୍‌ର ତଲେବନ୍ଧ ଗଟେ ରେଇଲା ପୁନି । ସେତି ଯାଇ କରି ରାଜାପିଲା ଉତର୍‌ଲା ପୁନି । ସେତି ବନ୍ଦ୍ ଚାରି ବେଡ୍‌ତି କବରିଗଚ୍ ତାଲ୍ ଗଚ୍ ମନ୍ ଆଚେ ପୁନି । ସେତି ସଞ୍ଜ୍ ଅଇଗାଲା ପୁନି । ସେ ତାଲ ଗଚ୍ କଜରି ଗଚ୍‌କେ କଇଲା ପୁନି । ଏ ତାଲ ଗଚ୍ କଜିର ଗଚ୍ ମୋର ଗାଉଁ ଉଣ୍ଡି ଗାଉଁର ନିଶାନି ପାଟ କାଣ୍ଡା ନିଶାନି ମୁଣ୍ଡା ନାଉଁ ଦାରି ମୋର୍ ତିନି ପୁରୁଷର ମନ୍ତର ବାନ୍ଦି କଇଲିନି ତାର୍ ସତ ମଇମ୍ ବୁଜି କରି ତୁଇ ଲଇଁଜା ବଲି କଇଲା ପୁନି । ସତ୍‌କେ ସତ୍ ତାଲ୍ ଗଚ୍ କଜ୍‌ରି ଗଚ୍ ମନ୍ ଲଇଁଲାଇ ପୁନି । ସେତି ରାବା ପିଲା ମନ୍ କରି ଗଚ୍ ଟିପେ ଚଗି କରି ଆରି ଟିଆ ଅଇବା କେ କଇଲା ପୁନି । ସାରା ରାତି ଗଚ୍ ଉପ୍‌ରେ ସେ ଶଇଲା ପୁନି । ସକାଲ୍ ପାଇଲା ଗାଉଁ ବାଟେ ଅନି ଦାଙ୍ଗିଡ଼ି ମନ୍ ବନ୍ଦେ ପାନି ଦଇବାକେ ଆଇଲାଇ ପୁନି । ସେ ବିତ୍‌ରେ ଗଟେ ଦାଙ୍ଗ୍‌ଡ଼ି ପାରା ଦାଙ୍ଗିଡ଼ି ନାଇ, ପାନି ଲଗେ ବୁଡ଼ି ରେଲା । ଜୁଲ ପୁଲ ଉଜଲ୍ କେ ପୁନି ଜନ ଉଦ୍‌ରଲା ଆଚେ ପାରା ଲାଗତେ ରେଲା, ସତେ କି ପଦମ୍ ପୁଲ ପୁଟ୍‌ଲା ପାରା ଆକା ଲାଗ୍‌ତେ ରେଲା ପୁନି । ରାଜା ପିଲା ତାକେ ଦେକି କରି ବୁକ୍ ଶସ୍ ଆର୍ ଚିନ୍ତା ସରମ୍ ସବୁ ପାସରି ଗାଲା ପୁନି । ତାକେ ଦେକି କରି ସେତି ସେ ଆରି ତିନ ଦିନ୍ ରଇ ଗାଲା ପୁନି । ଦେକ୍‌ଲା ବେଲକେ ସେଟା ଗଟେ ରାଜାରାନି ପୁନି । ସେ ରାଜାର ନାଉଁ ତେଡ୍‌ଲି ପତ୍‌ରିଆ ରାଜା ପୁନି ।

ସେ ଦୁଇ ଦିନ୍ ସେ ରାଜା ରାଜ କୁମାରିର ବିବା କରବା କେ ଦାଙ୍ଗ୍‌ଡ଼ା ବାଚବାକେ ଦିନ୍ ଟିକ୍ କଲାଇ ପୁନି । ଏମିତି ଦାଙ୍ଗଡ଼ାକେ ବିବା ଦେଇସି ଯେ କି ତାକର ବାଡେ ରଇଲା ସାତଟା ତାଲ ଗଚ୍‌କେ ଏକା ବେଲେ ଗଟେ କାଣ୍ଡକେ ଯେ ମାରି ଅଦରାଇସି ତାକେ ତାର୍ ଜିକେ ବିବା ଅଇସି ବଲି ଡାଙ୍ଗରା ମାରାଇଲା ପୁନି । ଏଟା ସୁନି କରି ସରଗି ପୁଲିଆ ରାଜା ପିଲା ସେ ପାକେ ରଇବା ବନେ ଗାଲାପୁନି । ବନେ ଯାଇ କରି ଦାମନ ଗଛର ଧନୁ କାଟା ବାଉଁଶର୍ କାଣ୍ଡ, ବାଉଁଶରକାଣ୍ଡା ଚିଟ୍‌କିର ପଇଁରି ତିଆର୍ କଲା ପୁନି । ତିଆର କରି ସାରାଇ କରି ତାର ଗାଉଁର ଉଣ୍ଡି, ଗାଉଁର ନିଶାନି, ପାଟ କାଣ୍ଡା ନିଶାନି ମୁଣ୍ଡା ସବୁକେ ଜୁଆର କଲା

ପୁନି । ଧାଙ୍ଗଡ଼ା ବାଚାନି ଦିନେ ଦେଶର ଦେଶିଆ ଗଡ଼ର ଗଡ଼ିଆ ସବୁ ଗୁଣ୍ଡି ରେଲାଇ ପୁନି । ଏନେ ବବିବାତ୍ ରାନ୍ଧାବାଡା ଚାଲ୍‌ଲା ଆଚେ ପୁନି । ବିନ୍ ରାଜିର ରାଜା ପିଲାମନ୍ ଗଚ୍ ମନ କେ ବିନ୍ଧି ବିନ୍ଧି ନ ପାରଲାଯ୍ ପୁନି । ସେଦେବେଲ ସରଗିପୁଲିଆ ରାଜା ପିଲା ଦାମନ୍‌ର୍ ଦୁନୁ କାଟା ବାଉଁଶର କାଣ୍ଡ ବାଉଁଶର୍ କଣ୍ଡା ଚିଟ୍‌କିର ପଇଁରି ଦାରି କରି କେଟ୍‌ଲା ପୁନି । କେଟି କରି ସବୁ କେ ଜୁଆର୍ ବଲି କଇଲା ପୁନି । ତାକେ ଦେକି କରି କନ୍‌ତିର ବଜୁଆ କାଟା ବାଉଁଶ୍‌ର କାଣ୍ଡ ଆରି ବାଉଁଶର କାଣ୍ଡା ଦାରି କରି ମନ୍ ଜରାଇ ଅଇବାକେ ବରି ଆଇଲା ଆଚେ ବୋଲି ଆଁସି ଦେଲାଇ ।

ଏଡେ ବେଲକେ ରାଜା ପିଲା କଇଲା ରାଜା ମାପୁରୁ ମକେ ମିଶା ତରେକ୍ ମାରବାକେ କଇଲେ ମାରି ଦେକ୍‌ତି ବଇଲା ପୁନି । ତେତ୍‌ଲି ପତରିଆ ରାଜା ପାଚାରଲା ତୁଇ କେ କନ୍‌ତି ଉନି ଆଇଲୁସ ନ ଜାନ୍‌ତେ ତକେ କେନତି ମାରବାକେ କଇଦେବି । ତାରପଚେ ରାଜା ପିଲା କଇଲା ମୁଇ ମୋର ନାଉଁ ଗାଉଁ ପଚେ କଇବି ଆଗେ ମାରି ଦେକବି ତା ବଇଲା । ରାଜା ମିଶା ମନେ ମନେ ବାବ୍‌ଲା ଏ ବାଯ୍ଧା ପାରାଟ । ବାଉଁଶର୍ କାଣ୍ଡ ସଙ୍ଗେ କାଇ ମାରି ପାକାଇସି ବେ ବୋଇଲା ପୁନି । ଯା ମାର୍ ବଇଲା ପୁନି ରାଜା । ସରଗିପୁଲିଆ ରାଜା ପିଲା ତା ଦେବାଦେବୀ ମନ୍‌କେ ଡାକି କରି କାଣ୍ଡ ମାରି ଦେଲା ସରଗେ ପୁନି । ସରଗେ ଉନି କାଇ କାଇ ପୁଲ ମନ୍ ପାପଡ଼ି ଅଇ ଗାଲା ପୁନି । ଆର ଗଟେ କାଣ୍ଡ ମାରି କରି ସାତଟା ତାଲ ଗଚକେ ଉଦଲାଇ ଦେଲାପୁନି । ଏଟା ଦେକି କରି ବାକି ରାଜା ମନ ଆର ସଙ୍ଗେ ଜୁଦ୍ କରବାକେ ସାଜା ଗଡ଼ା ଅଇଗାଲାଇ ପୁନି । ଆର ଗଟେ କାଣ୍ଡ ମାରି କରି ସବୁ ଲକର ଦୁନୁ ବାଙ୍ଗାଇ ପାକାଇଲା । ଆରି ସବୁଲକର୍ ଟପିରି କିନ୍ଦିରାଇ ପାକାଇଲା ପୁନି ।

ମାରି ସାରାଇ କରି ରାଜା ପିଲା କଇଲା ମୁଇଁ ସରଗିପୁଲିଆ ରାଜାର ପିଲା । ରାଜି ବୁଲା ପୁରଡି ବୁଲା ବାରଇ ଆଛି ବଇଲା ପୁନି । ତୁମର ମନ ଅଇଲେ ଦିଆ ନଇଲେ ନାଇ ବଇଲା ପୁନି । ସିନା ତେତ୍‌ଲି ପତରିଆର ଜି ଉମାବତୀ ମୁଁଇ ତାକେ ସେ ଯବି ବୋଲି ବେଗି ବେଗି ପୁଲ୍ ମାଲ୍ ଆନି କରି ଗାଲାଇ ପିନ୍ଧାଇ ଦେଲା ।

ଲକ୍‌ମାନ୍ ସବୁ ବଜୀବାତ୍ କାଇଲାଇ ବାକି ରାଜା ପିଲାମନ୍ ମନ ଦୁକ୍ କରି ବାଉଡ଼ି ଉଟି ଗାଲାଇ । ସରଗିପୁଲିଆ ରାଜା ପିଲାକେ ଆରି ଉମାବତୀ କେ ବାଟ ଯାକ ପାଟାଇ ଦେଲାଇ । ସେଡ଼େ ବଲ ରାଜା ପିଲା ତାର ବାଯ୍ଧା କାରାଟ୍ ମାଯ୍ଧାଁ କାରାଟ୍ ବେଟି କରି ତାର ଉଡ଼ାନ୍ ରତ୍ ପବନ ରତ୍ ଲଗେ ରାନି ଉମାବତିକେ ବସାଇଲା । ଲକ୍‌ମାନ୍ ତାପଲି ପିଟି ହୁଲ୍‌ହୁଲିମାରି ଦେବାକେ ଗଟେ ମାଡ଼େ କେନେ ମାଯ୍ଧା ଅଇ ଗାଲାଇ କେବେ ନାଇଁ । ଅଲପ ମିଶା ଦିଶତ୍ ନାଇଁ ପୁନି । ଦୁଇ ଲକ୍ ସେଡି ଉନି ଆରି ପାଞ୍ଚ ରାଜାର ରାଜି କି ସାତ ରାଜାର ରାଜି ବାଟ ଯାକ ଗାଲାଇ ପୁନି । ରାନି ଉମା ବତିକେ ପାନି ରଇବା ଜାଗାଲଗେ ଉତରବାକେ

ଇଚ୍ଛା କଲା ପୁନି । ଏମିତି ଗଟେ ବନ୍ ଆଇଲା ଯେ, କନ୍ତି ମିଶା ପାନି ଦିଶେ ନାଇ କି ବନ ସାରେ ନାଇଁ । କେତେ ଦୂର ଆଇବାକେ ସେତି ଗଟେ ଜଲା ଦିସଲା । ଜଲା ପାଲି ପାଲି ଗଚ ମନ ଗାଦି ଆଚେ ପୁନି ସେତି ଭତର ଲାଇ ପୁନି । ଓତରି କରି ଗଟେ ପାକନା ଲଗେ ଟିଆ ଅଇକରି ଗଡ଼ ଆତ୍ ଦଇଲାଇ ମୁଁ କାନ୍ ଦଇଲାଇ ଆରି ଗଚ ତଲେ ବସଲାଇ ପୁନି । ସେଡେବଲ୍ ରାନି କଇଲା ଏତି ଗଟେ ଗର ରଇତା ଆଲେ ଏତି ଆମେ ରଇ ଜାଇତୁ । ବଡିଆ ପାନି ଆଚେ, ରକମ୍ ରକମ୍‌ର ଫଲ୍ ମନ୍ ଆଚେ ବଡିଆ ଅଇତା । ଏଟା ସୁନି କରି ରାଜା ପିଲା ଆତେ ଦୁଲି ଜଡେକ୍ ରୁଣ୍ଡାଇ କରି ଗାଉ ଉଣ୍ଡି ଗାଇଁ ନିଶାନି ପାଟକାଣ୍ଡା ନିଶାନି ମୁଣ୍ଡାର ନାଉଁ ଦାରି ମନ୍ତ୍ରି କରି ପିଙ୍ଗି ଦେଲା ଦାପେ ସେତି ଗଟେ ସୁନ୍ଦରଟା ନିନି ମେଡ଼ ଗର ଅଇଗଲା ପୁନି । ରାନି ଦେକି କରି ବକୁଆ ଅଇଗାଲା ଆରି ପାଲାଇ ଆସିକରି ପିଲାର ଗାଲାଇ ଅଲାଇ ଅଇଦେଲା ପୁନି । ଆରି ରାଜା ପିଲା ଗାଲମନ୍ କେ ଚୁମି ପାକାଇଲା ପୁନି । ଦୁଇ ଲକି ଯାକ ଗର୍ ଡିଆଗଡି ଗାଲାଇ ପୁନି । ଘରେ ପୁରବାକେ ତୁଇ ଆଗତୁ ବଇଲେ ତୁଇ ଆଗତୁ ଅଇଗାଲାଇନି ପୁନି । ସେଡେବଲ ଜଲାବାଟେ ଅନି କେ ଗଟେ କଇଲାପାରା ଲାଗାଲା ପୁନି । ଏ ରାନି ଟକି ତୁଇ ଅଇଲୁସନି ତାରର ଲକ୍ଷ୍ମି ସେଟାର ପାଇଁ ତୁଇ ଆଗତ୍ ଗରେ ପୁରବା କେ ଅଇସି ବଇଲା ପୁନି । ସେଟା ସୁନିକରି ରାଜା ପିଲାର ଆତେ ଦାରି ଗର୍ ବିତ୍‌ରେ ଜିକି ଆକା ନେଲା ପୁନି । ଗର୍‌ବିତରେ ଦେକ୍‌ଲେ ଆରକାଇ ସୁନାର୍ କଟ୍ ରୁପାର୍ କଟ୍ ପାକାଇ ଅଇ କରି ବିଦିଲି ଲାଇଟର ପାରା ଆକା ଦିଶଲାନି ପୁନି । ଏ ବାକାର ସେ ବାକରା ଚନେକ୍ ପୁରି ବୁଲଲା ପୁନି । ଦେକ୍‌ଲା ବେଲ୍‌କେ ସବୁ ଗରେ କାଇ କାଇଟା ମନ୍ ଆଚେ ଗଟେ ଗରେ ରୁପାର ଥାଳି ସୁନାର୍ ଗିନା, ନକି, ବାଲଟି ଗରିଆ ମୁତା ଆରି କାଇ କାଇଟା ମନ୍ ମନକଲାଟା ଆଚେ ପୁନି । ସେ ଦିନେ ଆରାମ ସଙ୍ଗେ ଡଙ୍ଗର ବିତରର୍ କାକର୍ ପବନ୍, କାଇ କାଇ ଫୁଲମନର ବାସନାକେ ଦୁଇ ଲକ ଶଇଦେଲାଇ ପୁନି । ଆରକ୍‌ର ଦିନର ସାକାଲେ ଉଟି କରି ରାଜା ପିଲା ଉଟିଗାଲା ଖମନ ବିତରେ ପୁନି । ସେତି ମାକଡ଼୍ ଗଟେ ଆସି କରି ତାର୍ ସଙ୍ଗେ ମିଶ୍‌ଲା । ମାକଡ଼୍ ଗଛ ମନ୍‌କେ ଚଗି କରି ପଲମନ୍ ଅଦରାଇ ଦେଲାନି ପୁନି । ରାଜା ପିଲା ଗରେ ଆନ୍‌ବାକେ ଗଟେ ଗଟେ ବେଟଲାନି ପୁନି । ପଲ ବେଟୁ ବେଟୁ ଅଲପ୍ ବେଲ୍ ଅଇ ଗାଲା ପୁନି ଗରେ ଆଇବାକେ ।

ସେଡ଼୍‌କି ବେଲ୍‌କେ ସେ ପାକର ଚେନ୍ଦୁର ମୁଣ୍ଡି ରାଜିର ଲକମ୍ ରାଜାର୍ ଆଦେଶ ପାଇକରି ବେଟ୍‌କେ ଆସିରେଲାଇ ପୁନି । ବେଟ ବୁଲୁ ବୁଲୁ ଗଟେ କାଡା ପିଲା ଉଟି ପାଲାଇଲା ପୁନି । ତାର ପିଟି ପିଟି ଦୁଇ ଚାରି ଲୋକ କେଦି ସେ ନେଲାଇ ପୁନି । କେଦି ନେଲେ ସେ କାଡା ପିଲା ଯାଇ କରି ରାନି ରଇଲା ଗରେ ପୁରି ଦେଲା । ସେ ଲକ୍ ଗଟେ ପିଟି ପିଟି ଯାଇ କରି ସେ ମେଡ଼ ଗରେ କାଡା ପୁରଲାଟା ଦେକି ଦେଲା ପୁନି । ସେ ମେଡ଼୍ ଗରର କିଡ଼୍‌କିବାଟେ ଦେକ୍‌ଲା ପୁନି ଯେ, ଦେକ୍‌ଲେ ଦେକି

ନ'ଅଏ କଇଲେ କଇ ନ ଅଏ ସୁନ୍ଦିରି ପାରା ସୁନ୍ଦିରି ନାଇ ସେ ଗରେ ବସି କରି ମୁଣ୍ଡ କରି ଅଇଲାନି । ଟାର ଚେଣ୍ଡି ଆଟା ଅନି ତଲେ ଅଦରଲାନି ପୁନି । ଗରେ ବସି ଦେଲା ଆଟେ ଜେ ବିଜ୍‌ଲି ଲାଇଟ୍ ପାରା ଆକା ଲାଗଲା ନି ପୁନି । ସେ କାତା କେଦୁ ବକୁଆ କେ ଦେକି କରି ଆର ଗଟେ ତିନି ଚାରିଟା ବକ୍‌ତୁ ମନ୍ ପାଲାଇ ଆଇଲାଇ ପୁନି । ଗରକେ ଦେକି ବକୁଆ ଅଇଗାଲାଇ ପୁନି । ଏଟି ଗର ଦୁଆର ନ ରଇଲା କନତିର ଗର ଅଇଲା ଏଟି କେ ଆଟେ ବଲି ପାଲାଇ ଆଇଲାଇ । ଆରି ସେ ମନ ମିଶା ଦେକଲାଇ ସେ ରାନି ରୁପକେ ସତେ କି ଦେବି କି ଦେବତା ପାରା । ଏ କାତା ଯାଇ କରି ରାଜାକେ କଉ ବଇଲେ କଉ ଅଇଲାଇ । ଆରି ଗଟେ ବକୁଆ କଇଲା ଆମର ରାଜାର ପାଇଁ ଜିକି ନେଲେ ଅଇଟା ଅ' ବଇଲା ପୁନି ।

ଏ ସବୁଲକ୍ ଯାଇ କରି ରାଜାକେ ଗଟେ ଗଟେ କରି ସବୁ କାଥା କଇଲାଇ ପୁନି । ରାଜା ପରଜା ମନର୍ କାତା ଶୁନି କରି ଅଁଟ ଚାବି ଅଇ ପାକାଇଲାନି ପୁନି । ଆର ମଂତ୍ରିକେ ଡାକି କରି ଚିଠି ଲେକାଇ କରି ଦୁଇ ଲୋକର ଆତେ ପାଟାଇ ବାରକେ ସଜାଗଡ଼ା କଲାଇ ପୁନି ।

ସେଲକମନ୍ ଗଲା ଦାପେ କଟ ତଲେ ଲୁଚି ରେଲା କାଡ଼ା ପିଲା ବାରଇଲା ଆରି ରାନି କଲେ ଯାଇ ବସଲା ପୁନି । ରାନି ସୁନ୍ଦର କାଡ଼ାକେ ଦେକିକରି ସାରଦା ଆଇଗାଲା । କାଡ଼ା ରାନି କେ କଇଲା । ଚେନ୍ଦୁର ମୁଣ୍ଡିଆ ରାଜାର ଲୋକ ମନ ମକେ ମାର୍‌ବାକେ ମକେ କେଦି ଆନଲାଇ । ମୁଇଁ ଆସି ତମର୍ ଗରେ ପୁରି କରି ମୋର ଜୀବନ ବଚାଇଲି ନଇଲେ ମକେ ମରତେ ମାରି ଦେଇତାଇ ବୋଲି ସେଠାର୍ ପାଇଁ ଆଜିର ଅନି ମୁଁଇ ତମର ଗରେ ରହିବି ତମର ସବୁ କାମ କରିଦେବି ବଇଲା ପୁନି । ଏଡ଼୍‌କି ବେଲକେ ରାଜା ପିଲା ଗଟେ ମାକଡ଼୍ ସଙ୍ଗେ କାଇ କାଇ ପଲ ମୂଲ ମନ ଦାରି କରି ଆସି କେଟ୍ ଲାଇ । କାଡ଼ା କଇଲା କାତା ସବୁ ରାଜ ପିଲାକେ ରାନି କଇ ଦେଲା ପୁନି । ଲଗେ ରଇ କରି ମାକଡ଼୍ ସବୁ କତା ଶୁନତେ ରଇଲା ପୁନି । ମାକଡ଼୍ ବଡେ ଚାଲାକ୍ ଟା ପୁନି । ମାକଡ଼୍ ଚେନ୍ଦୁର ମୁଣ୍ଡିଆ ରାଜା ଲୋକ ପାଟାଇ ସି ବୋଲି ଜାନି କରି ବାଟେ ଯାଇ କରି ବେଙ୍ଗଟି ମାଲର ପାସ ମନ ଆରସାଁକେ ତିଆର କରି ରେଲା ।

ଆର୍‌ ଗୋଟେ ଦିନର୍ ସାକାଲେ ସେବାଟର ଅନି ଦୁଇ ଲୋକ୍ ବଡ଼େ ସାର୍‌ଦା ସଂଗେ ଗବ୍ ଗବ୍ ଉଟି ଆଇଲାଇନି । ସୁନ୍ଦରି ରାନି କେ କାତା କରି ଅଇସି ବଲି । ବାଟେ ଆସୁ ଆସୁ ବେଙ୍ଗଟି ମାଲ ପାସେ ଗଡ଼ ମାଣ୍ଡି ଦେଇ କରି ଉଲ୍‌ଟା ବାଟେ ଗଚେ ଅଲାଇ ଅଇ ଦେଲାଇ ପୁନି । ତାକର୍ ତାନୁ ଗଟେ ଲକ୍ କଇଲା ଏଇ କେ ଅ' ଏଟା ଏମ୍‌ତା କଲା ଆଟେ ବଦମାସ ମନ୍ ଆସା ବେଟ ଆସା ବଇଲା ପୁନି । ସେଡେବେଲ୍ ମାକଡ଼୍ ଦିରେ ଆଇଲା ଆରି

କିଜାଇଲା ପୁନି । ଏ ବେଲା ଆର ଗଟେମାନାଇ କଇଲା ତୁଇ କି ଅ' ଡେଙ୍ଗଲେଞ୍ଜିଆ କାଲିଆ ମୁଆଁ ଚର ଗିଆଲପ୍ ମାକଡ୍ ଅଲପ୍ ବେଟ୍ ନ ଏଲେ ଦେକ୍ ତକେ୍ କେମତା କର୍‌ବି କି! ବଇଲା ପୁନି ।

ସେ ମାନାୟର୍ କାତା ଶୁନି କରି ମାକଡ୍‌ ବଡେ ରିଶା ଅଇଗାଲା । ଲଗେ ଗାଲା ଆରି ସେ ମନର କାଣ୍ଡାମନ୍ ବେଟଲା ଆରି ଦୁଇ ଲକର ଗଲାଇ ବସାଇଲା । ଚଆରି କା କଲାନାଇ ଆତେ ଦାରଲା ଚିଠି ଚାଡାଇଲା ପୁନି । କାଣ୍ଡା ସଂଗେ ଗଟେ ଲକର ନାକ ଆରି ଗଟେ ଲକର୍ କାନ୍ କାଟି ଦେଲା ପୁନି । ଆରି ଅଲାଇଅଇଲା ମାଲ୍ ମନ୍ କାଟ୍ କାଟ୍ କରି ଦେଲା । ଏତେବେଡ୍‌ ଦୁଇ ଲକ୍ ଯାକ ଦୁଲ୍ ଦାଲ୍ ଅଇ ଅଦର୍‌ଲାଇ ପୁନି । ଅଦରି କରି ଉଠି ଏକାବେଲେ ରାଜାର୍ ଲଗେ ସେ ପାଲାଇଲାଇ । ରାଜାକେ ସବୁ କାତା କଇଦେଲାଇ ଯେ ସେ ମନର ଜିବା ବାଟେ ମାକଡ୍‌ ପାସ ପାକଇ କରି ଜାଗି ରଇଲା ଆରି ଗଡେ ପାସ ଲାଗାଇ କରି ଗାଡିଆ ମୁଣ୍ଡ କରି ଗଡେ ଅଲାଇ ରେଲା । ଅଲାଅଇ ରେଲା ବେଲେ ଆସି କରି ମର ନାକ୍ ଆରି ତାରକାନ କାଟି ଦେଲା ବଇଲାଇ ପୁନି । ଏ କାତା ଶୁନି କରି ରାଜ ରିଶା ଅଇଗଲା ଆର୍ ଗଟେ ଦିନେ ଚାର୍ ଲକ୍ କିବାକେ ଆଦେଶ୍ କଲା ।

ମାକଡ୍‌ ଏନେ ଚିଠି ଆନି ରାଜାକେ ଦାରାଇ ଦେଲା ଆରି ନାକ୍ କାନ କାଟବା କାତା କଇଲା । ରାଜା ପିଲା ଚିଠି ବେଟି କରି ପଡ୍‌ଲା ପୁନି । ଚିଠି ଲଗେ ଲେକା ଅଇ ରେଇଲା.........

"ଏ ଅଜାନା ଅଚିନା ସୁନ୍ଦରୀ କନତି ଉନି ତୁଇ କାଇ ନାଉଁ ତୋର୍ । ଦେକି ନାଇ ତକେ ସିନା ଶୁନି ଆଚି ମୁଁଇଁ । ତର୍‌ପାରା ସୁନ୍ଦ୍‌ରି ଦେଶେ କଜ୍‌ଲେ ନାଇଁ । କାଇ ପାଇଁ ବନେ ବାସା କଲୁସ ତୁଇ । ତର ପାଇଁ ଜାଗି ଆଚି ମୁଁଇଁ । ତକେ ମୁଇଁ କରବି ଏ ଦେଶର୍ ରାନି । ଚିଠି ପାଇଲା ଦାପେ ତମେ ବେଗି ଉଟି ଆଶାନି । ଏ ରାନି ତୁମର କାତା ଶୁନି ଦେଲେ ଜୀବନ୍ ପାରାନ୍ ଉଦ୍‌ଲି ଗାଲାନି । ଏବେ ଦେକ୍‌ବି କି ଚନେକ୍ ଦେକବି ବଲି ମୁଁଇଁ ବାୟା ଅଇ ଗାଲିନି ।"

ଚିଠି ପଡ୍‌ବାଟା ମାକଡ୍ ବଲ୍ କରି ଶୁନତେ ରଇଲା । ରାଜାପିଲା ଚିଠି ପଡି ବେଶି ମନ ଦୁକ୍ ଆରି ରିଶା ଅଇଗଲା । ମାକଡ୍‌ ବୁଜି ପାର୍‌ଲା କାଲିକେ ଆରି ଲକ୍ ପାଟାଇ କରି ରାନିକେ ଜିକି ନେବାଇ ବୋଲି । ସେଠାର ପାଇଁ ମାକଡ୍‌ ଭାଲୁ ମାନ୍ଦାଇ ଯାଇ କେଟ୍‌ଲା ପୁନି । ବାଲୁ ନାଇକ୍‌କେ ଡାକି କରି ସବୁ କାତା କଇଲା । ବାଲୁକେ ମିଶା ଆଗ୍‌ତୁର୍ ଅନି ସେ ରାଜାକେ ରିଶା ଆଚେ । କାଇକେ ବଇଲେ । ପନସ ଲଗେ ବିସ୍ ଦେଇ କରି ଗଟେ ଗର୍ ବାଲୁ ମନକେ ମରାଇ ପାକାଇଲା ଆଚେ ସେଠାର ପାଇଁ ବେଗି ବେଗି ସବୁ ବାଲୁ ମନ

ବାରଇଲାଇ । ସେମନ ଆଇବା ବାଟେ ଦଶ ପୁଟ, ବାର ପୁଟ ଆରି କତେ ପୁଟ ଯାକ୍ କାଲ୍‌ମନ୍ କୁନ୍‌ଲାଇ । ଆରି ତାର ଉପରେ ପାତ୍‌ରାଲି ମନ୍ ଡାବ୍ ଡାବ୍ କରି ଦେଇଂ ରଇଲାଇ ।

ଆର୍ ଗଟେ ଦିନର୍ ଶାକାଲେ ଗଡା ଟାନେ ଚଗିକରି ବାଜାବାଇଦ୍ କରି ଆଇତେ ରଇଲାଇ ପୁନି ସେବାଟେ । ଗଟେ ମାଡ଼େ ତା'ର ଉପରେ ସେ ତା'ର ଉପରେ ସେ ଅଇକରି ବାଲୁ କାଲେ ସବୁ ଯାଇ କରି ସବୁ ପୁରାଇ ଅଇଲାଇ । କାର ଆତ ବାଙ୍ଗ କାର ଗଡ଼ ବାଙ୍ଗ ଅଇ ଗାଲାଇ, ବାଲୁ ଆସି କରି ପିଟି ବାଟେ ରାପଡ଼ ରାପଡ଼ କଲାଇ ପୁନି । ଚଟା ମେଟା ଅଇ କରି କଣ୍ଡିଆ କାବ୍‌ରା ଅଇ ଗଟେ ମାଡ଼େ ପାଲାଇଲାଇ ରାଜା ଲଗେ ଏମନ୍‌କେ ଦେକି କରି ରାଜା ଅଦିକ୍ ସେ ରିସା ଆଇ ଗଲା । ଆର ଗଟେ ଦିନେ ଶଏ ଲକକେ ଯିବାକେ ଆଦେଶ କଲା । ବାଟେ କାଇଟା ଦେକ୍‌ଲେ ସେଟାକେ ମାର୍‌ବାକେ ଆଦେଶ୍ ଦେଇ ରଇଲା । ଯେ ଅଟକାଇଲେ ସେ ମରି ଯିବାର ଆଚେ ବଇଲା ପୁନି ।

ଏନେ ମାକଡ଼ ତାର ମଇ ତରର ପାଇଁ ବଲି ଜିବନ ଦେବାକେ ମିଶା ରାଜି । ଚେନ୍ଦୁର ମଣ୍ଡିଆ ଆରି ବୁଟେକ୍ ଲକ୍ ପାଟାଇସି ବଲି ଚାଲାକି କରି ମୁଁ ପାଟନାଇ ଯାଇ କରି କେଟଲା । ମୁଁ ରାଜା ମୁଁ ରାନିକେ ଜୁଆର କରି ସବୁ କାତା ବୁଜାଇଲା । ମୁଁ ରାଜା ମୁଁ ରାନି ମିଶା ଆଗେ ଉନି ରିଶା । କାଇକେ ବଇଲେ ବରସ୍ କେ ଅଜାର୍ ଅଜାର୍ ମୁଁ ମଚ଼ି ମନକେ ପଡାଇ ପାକାଇସି ଚେନ୍ଦୁର ମୁଣ୍ଡିଆ ରାଜା । ଏ ବେଲା ସେ ରିଶା ଉତରାଇବା କାତା ବଲି ସାଜାଗଡ଼ା ଅଇଗାଲାଇ ।

ଆର ଗଟେ ସାକାଲେ ଶଏ ସଇନ ଦୁନୁ କାଣ୍ଡ, ଟାଙ୍ଗି ଟେଙ୍ଗିଆ, କାଣ୍ଡା ବର୍ଚ୍ଚି ଦାରି କରି ଗଦବଦାଇ କରି ଆଇଲାଇ ନି । ଡରର୍ ମାଡ଼କେ କାଡ଼ା, କଟରା ସମର ଜିଆଦ୍, ବାଗ୍ ବାଲୁ ଚଡ଼େଇ ଚିଅଁର କାନ୍ଦା ବୁବା ଅଇ କରି ପାଲାଇ ବୁଲାଇ ନି । ସେ ବନ୍ ବିତର୍‌ର୍ ମେଡ୍ ପାକା ପାକି ଆଇବା କେ ମୁଁ ମଚିମନ ଆସି କେଟି ସାରଲାଇ କାଲା ବାଦଲ୍ ପାରା ଡାବି ଅଇ ଦେଲାଇ । ଚିମକ ରାପଡ଼୍ ଚାବ୍ କାତର୍ କରି ପାକାଇଲାଇ କାକେ ନାକେ ବୁସଲା ତ କାକେ କାନେ, କାକେ ପିଟି ଲଗେ ତ କାକେ ପେଟେ ବୁସଲାଇ । ତେରେ ପେଟେ ଅଦର୍ ଆପଟ୍ ଅଇକରି ଲୁଚି ବୁଲବାର୍ ତର୍‌ନି ଚାଡ଼ିଗାଲା । ମାର୍‌ବାଇ କାଇଟା ଜଁତୁ ମନ୍‌କେ ମରବାକେ ବେଲ ରଇଲା । ଆକି କାନ୍ ମନ୍ ପୁଲାଇ ଅଇ କରି ରାଜାର ଲଗେ ଗାଲାଇ ସବୁ ଲକ୍‌କେ ମୁଁ କାନ ଦେକି କରି ଚେଦୁର ମୁଣ୍ଡିଆକେ ଚିନ୍ତା ଲାଗିଗାଲା । ଆରି ରିସା ମିଶା ଅଇଗାଲା । ରିଶା ଅଇ କରି ବନେ ଜଇ ଲାଗାଇବାକେ ଜାଲି ବିରସା କେ ଆଦେଶ ଦେଲ । ବନର ଏତି ସେତି ଗୁଲାଇବାଟେ ଜଇ ଲାଗାଇ ଦେଲାଇ । ଉ........ଉ....... ଜଇ ଲାଗିଗାଲା । ଚଡେଇ ଚିଅଁର ଜଁତ୍ ଜିଆତ୍ ସବୁ ରାଜାର ଲଗେ ପାଲାଇ ଆଇଲାଇ ପୁନି । ରାଜା ପିଲାକେ ବୁଦି ବାଟ ଆନ୍ଦାର୍ ଅଇଗଲା ପୁନି । ସେ ବିଚ୍ଚର କରି ଦୁଲି ମଡ଼୍ରି ଆକଶେ

ପିଙ୍ଗି ଦେଲା ଦାପେ କନ୍‌ତିର ବାଦଲ ଆଇଲା ପବନ୍ ନାଇ କାଇଟା ନାଇଁ ବର୍ଷା ବର୍ଷା ବର୍ଷା, କୁଲା ସଙ୍ଗେ ଆଜାଡ଼ଲା ପାରା ଆକା ଅଇଲା ପୁନି । ଲାଗଲା ଜଇ ସଂଗେ ସଂଗେ ଲିବି ଗାଲା ପୁନି । ଏ ବିତରେ ବନ୍‌ର ଜଁତ୍ ଜିଆତ୍ ଚାଟି ଅତଙ୍ଗା, ମାଚି ମଣ୍ଡଲ, ଚଢ଼େଇ ଚିଁଅଁରଏ ସାଁପ, ସେରଆଲି, ବାଗ ବାଲୁ ସବୁ ଚେନ୍ଦୁର ମୁଣ୍ଡି ରାଜାର ବିରୁଦେ ଜୁଦ୍ କରବାକେ ଜିଦ୍ କଲାଇ ।

ରାଜା ପିଲା ସବୁକେ ବୁଦି ବାତାଇଲା ଯେ, ଚେନ୍ଦୁରମୁଣ୍ଡି ରାଜାର ଚାର୍ ବେଡତି ଅନି ଜୁଦ୍ ଆରାମ୍ କର୍‌ବାର୍ ଆଚେ । ତେବେ ଗଟେ ବାଟେ ଉନି ବୁରସୁଣ୍ଡି ଆରି ମାଛି ମନ ଆରମ୍ କଲାଇ, ମଚି କରାଇଲା ଜାଡ଼ା ବାତି, ମଶା କରାଇଲା ଜର ଦୁକା । ଆରି ଗଟେ ବାଟେ ଉନି ଆରମ୍ କଲା କଲିଆ ଡୁରକା ରାଇନଲ ଛେଲି, ମେଣ୍ଢା, କୁକୁଡ଼ା, ମାକ୍‌ଡ଼ା, ସବୁ ଦାରି କାଇବାର ଆରମ କଲାଇ ଆରି ଗଟେ ବାଟେ ଟେକର ମଛି ଡୁମେଲି ମଚ଼ି ଗରେ ପୁରି କିଲିବିଲି କରାଇଲାଇ । ବାଗ୍ ବାଲୁ, ହାତି ଉନି ମୂଷା ଚୁଟିଆ ସୁବ ମିଶି ଦେଶ୍‌କେ ନାନା କାକାଲ୍ କରି ପାକାଇଲାଇ । ସେ ସବୁ ଦେକି କରି ଜୁଦ୍ କରବା କେ ବାରଇଲାଇ ସିନା ମୁଁ ମଛି, ଟେକର ମଛି, ବାଗ ବାଲୁ ହାତି ବାରିହା – ମିଶି କରି ଚରିବେଡ଼ତି ଉନି ମାଡ଼ି ବସ୍‌ଲାଇ ରାଜାର୍ ଲୋକ୍ ଯେତେ ସଇନ୍ ରଇଲେ ମିଶା କାଇଟା ଅଇସି । ନିକ ରଇଲେ ଦୁନିଆ ବଲ୍ ବଲ୍‌ବାଇ । ଗଡ଼ ବିତ୍‌ରେ ମୁଁ ମଚି ଟେକ୍‌ର ମଛି ପୁରି କରି ସବୁ ଲକ୍‌କେ ଚାବି ପାକାଇଲାଇ ।

ସାରାସାରି ବେଲା ରାଜାକେ ବାଗ୍ ବାଲୁ ମନ ଯାଇ କରି ଚିର ବୁର କରି ପିଙ୍ଗଲାଇ । ରାଜା କେ ଆରାଇ କରି ସରଗି ପୁଲିଆର ପିଲା ରାଜା କରାଇ ଦେଲାଇ । ସେ ମନେ ମନେ ଚିନ୍ତା କଲାଏ ଗାଁଏ । କେବେ ଜିବି ଆୟ୍ଯ ଆବା କେ ଦେକ୍ ବି ବଇଲା ପୁନି । ଏନେ ଚେନ୍ଦୁର ମୁଣ୍ଡିଆର୍ ନାତିକେ ରାଜା କରାଇ ଦେଇ କରି ବଡିଆ ସଂଗେ ସେଟ୍ ଅଇ ଗଲାଇ ।

## ଦେଶିଆ କୁଲର ଏକୋଇଶିଆ ପ୍ରଥା

କୋରାପୁଟ ଜିଲ୍ଲଇ ସବୁ ଜାତିର୍ ଲୋକ୍ ଟୋକି କି ପିଲା ଜନମ୍ ହେଲେ ଏକୋଇଶ୍ ଦିନ୍‌କେ ଏକୋଇଶିଆ କରି ନାଁ ଦିଆହୋଇସି । ଯାର୍ ଘରେ ଟୋକି କି ପିଲା ଜନମ୍ ହେଲେ ଗାଁର୍ ଦିସାରିକେ ପାଞ୍ଜି ଦେକାଇ କରି ପାନି ଗାଦାଇବାଏ । ପରତୁମେ ଲାଇସାରି କେନ୍ଦା, କେନ୍ଦୁ ଗଛର କେନ୍ଦା ଆଣିନି କରି କଡ଼କି ଲୋଗ୍ରେ ଗୋଟେ ଗାତ୍ ମାରି କେନ୍ଦାମାନ୍‌କେ ଗାଡ଼ିକରି ଗାଦ୍‌ନୀଶାଲ୍ ତିଆରି କର୍‌ବାଏ । ତାର୍ ପାଚେ ସାନ୍ ସାନ୍ ପାଅ୍ଚା ଚକ୍‌ନି, ଗାଇଦୁଧ୍, ଗୁଡ଼୍ ମିଶାଇ କରି ଧୂପ୍, ଧୁଙ୍ଗିଆ ସାଙ୍ଗେ ଗାଦ୍‌ନୀ ଶାଲେ ପୂଜା କର୍‌ବାଏ ।

ଜନମ୍ ହେଲା ପିଲା ଆର ଟୋକିକେ ଜୁନ୍ ଡକ୍ରି ଜନମ୍ କରାଇରଇସି, ସେ ବମ୍ଲି କାଟ୍ସି । ଗାଦ୍ନା ଶାଲେ ପିଲାକେ ଆନିକରି ହଲ୍ଦି ଆର୍ ଉଷୁମ୍ ପାନି ସଂଗେ ଗାଦାଇସି । ଗାଦାଇ ସାର୍ଲା ପାଚେ ପିଲାହର୍ନି ମାଆକେ ଘରର ଗଟେ ଛୋଦର୍ କୁଡ଼ିଆଏ ରଖିବାଏ । ସେ କୁଡ଼ିଆର ଦୁଆର ବନ୍ଦେ କେନ୍ଦୁ ଖୁଟି ଗାଡ଼ କରି ଆର୍ ଗୋଟେ କେନ୍ଦୁ ଡ଼ାଙ୍ଗ୍କେ ଆଡ୍କି ପାକାୟଲେ ଡୁମା ଡ଼ାଇନ୍ ଗରେ ପୁରି ନ ପାରତ୍ । ପିଲାହର୍ନି ମାଆକେ ଖାଇବାକେ ଦେବାର୍ ଲାଗି ଥାଲି, ତାଟିଆ ସବୁ ଭିନ୍ନେ ଦିଆହେଇ ରଇସି । ଭାତ୍, ପେଜ୍ ଖାଇବାକେ ଦେବା ବେଲେ ନ ଛୁଇଁତେ ତାର୍ ଥାଲି ଲଗେ ଆଜାଡ଼ି ଦେବାଏ । ପିଲା ହାର୍କ ମାଆ ଯେତ୍କି ଲୁଗା ପଟା ଛିଁ ରଇସି ତାକେ ପାଣ୍ଟିଟା ତୁଠ୍ ପାକାଇ କରି ସାପା କର୍ସି । ଏକୋଇସି ଦିନ୍ ହେଲା ପାଚେ ଏକୋଇଶିଆ ନା ଦିଆହୋଇସି । ଗୋଟେ ମାଇ କୁକୁଡ଼ାକେ ତିନ୍ ଥାନେ ଗ୍ୟଉଲ୍ ଆକଥ୍ ରକି ମାନସି କରି କୁକୁଡ଼ା ଠକାଇବାଇ । ଯୁନ୍ ଆକଥ୍ ଲଗେ କୁକୁଡ଼ା ଠକ୍ସି, ତାକେ ଡୁମା ବୋଲି ଜାନ୍ବାକେ ହୋଇସି । ମାଟି କଣ୍ଡି, ଆମ୍ ପତ୍ର ପାନି ଆରି ଅମ୍ରୁତ୍ ଭାଣ୍ଡା ରକି ଗୋଟେ କଲସ୍ ତିଆର୍ କରି ଜଡ଼ା ଚକାନ୍ ଦୀପ୍ ଲାଗାଇ ନାଁ ଦେବାର୍ ଲଗେ ଗ୍ୟଉଲ୍ ଆରି ଟାବୁ ଧାରି ନାଁ ଦେବାର୍ ଘରେ ଯିବାଏ । ମାଁ ପିଲାକେ ଟିକା କରି ଦେଇ ରଇଲା ଗ୍ୟଉଲ୍, ଡାବୁ ଦେକି କରି ଏଜ୍ବାଏ ।

କୁକ୍ଡ଼ା କାଟ୍ଲା ଆର୍ ବାତ୍ ବସାଇ ରଇଲା କଲସ୍ ପାକେ ନେଇ କରି ଜନମ୍ ହେଲା ପିଲାକେ କୁଟ୍ଲା ଦାରାଇବାର । ନିଜର୍ ବସ୍କିଆ ମଲାଗାଲା ଡୁମା ଡ଼ାଇନ୍ ମନର ନାଏଁ କୋଟ୍ଲା ହାତେଧାର୍, ଟୁଣ୍ଡେ ଚୁପର୍ ବୋଲି କରି ଦାରାଇବାଇ । ସେ ପିଲା ଯୁନ୍ ଡୁମାର ନାଏଁ କନ୍ଦେ ବଇକରି ଟୁଣ୍ଡେ ଚୁପୁର୍ଲେ ସେ ଡୁମା ଜନମ୍ ଆଇଲା ଆଚେ ବୋଲି ଜାନି ପାର୍ବାଏ । ଜନମ୍ ହେଲା ପିଲାର୍ ମେଏନା ଭାଇ ଆର୍ ଭଇନାକେ ବାଟେ ଜାଗାଇ କରି ନା ଡ଼ାକ୍ବାଏ ।

ଛଟିକେ ଜାଗେ, ଛଟିକେ ଜାଗେ,
ମୁଇଁ, ମୁଇଁ
କାଇ ନା, କାଇ ନା

ମଙ୍ଗଲୁ ମଙ୍ଗଲୁ ..... ବୋଲି ତିନ୍ଥର୍ କଇଲା ପାଚେ ନା ଧାରାନି ଘରେ ଆସି ରଇଲା ସର୍ତେ ଲକ୍ ସେ ନା ସୁନି କରି ଭୋଜି ବାତ୍ ଖାଇ ଘରେ ଯିବାଏ । ଥିଲା ଲୋକ୍ମାନେ ବାଜା ମଇରୀ ଆନି ରଇଲେ ଭୋଜି ଖାଇ ସାର୍ଲା ପଚେ କୁଦ୍ରି ଚାଡ଼ତେ ନାଚ୍ଡ଼ିଆଁ କର୍ବାଏ । ଏକୋଇଶିଆକେ ଆମର ଦେଶିଆଏ ନାଁ ଧାରାନି ବୋଲି କୟ୍ବାଏ ।

# ଦେଶୀୟ ଗୀତ

ଗୀତ ୧ : ଉଠ ଉଠ ମୋର ଉଠ ମଇନା
କଞ୍ଚା ଖିର ସଁଗେ ଗୋଡ଼ ଧନା
ପଲଙ୍କରେ ଛନେ ବସ
ମୋର ବାପା ମାଆ ରାଜି ହୋଇଗଲେ
କାଲିକେ ମାଂଗନି ଆଇବାଇ ।

ଗୀତ ୨ : ସଲପ ଗଛର ଅଲପ ବାସ
ଶଲର୍ଗିଲା ନାଗସାପ
ଆଣ୍ଡି ମଦ ଧରି ମାଂଗନି ଆଇଲୁ
ନାଇକଲା ତୁମର ବୁଦ୍ଧା
ପାନିକେ ପବନ ମେଘ ଗରଜନ
ସମୁଦ୍ରେ ପାରିଲାସ୍ୱତା
ହେତୁ କରି ନେଲେ କାନ୍ଦନି ଆଇସି
ତୁମେ କହିବାର କାତା
ଛେଲିକେ ଛେଲିଆ ଗାଇକେ ଗଉଡ଼
ବନେ ଡାକିଲା ମଜୁର
ତୁମର ଆମର ଏକାନ୍ତ ହେଲେ ବି
ଯିବାକାଇସମଲ ପୁର ।

# ପୁଷ୍ ପରବ୍

ପଣ୍ଡ୍ ମାସର୍ ଜନ୍ ମରତିକେ ପୁଷ୍ ମାସର ଜନ୍ ଉଦ୍‌ସି । ପୁଷ୍‌କେ ଉଦିଆର୍ ନୁ ପୁନି ପରଜନ୍ତ ପୁଷ୍ ପରବ୍ ବେସି ସାର୍‌ଦା ସଂଗେ ଗାଁ ଗାଁ କେ ପରବ୍ ଖାଇବାଏ । ପରବ୍ ଆରମ୍ ନା ହୋଇତେ ଗାଁର୍ ଧାଙ୍ଗଡ଼ା ଧାଙ୍ଗଡ଼ି ମାନେ ଡ଼ଙ୍ଗରେ ଯାଇକରି ସିଆଡ଼ି ପତର ଆରି ସିଆଡ଼ି ଦାତୁନ୍ ସବୁ ଆନି ରଇବାଏ । ନୂଆ ମାଟି ଗୁନାକେ ଧୋ ଦୁଆ କରି ଚଉଲ୍ ଆରି ବିରି ଡ଼ାଲିକେ ମିଶାଇ କରି ବିରି ଜାଉ ରାନ୍ଧବାଏ । ସବୁ ରକମ୍‌ର ଶାଗଡ଼ାଲ, ଆଲୁ, ବାଇଗନ୍, ଫୁଲ୍ କୋବି, ପତର କୋବି, କୁମ୍‌ଡ଼ା, ସାରୁ କାନ୍ଦା, ନଙ୍ଗଲ୍, କାନ୍ଦା ଶୁକ୍‌ଲା ମାଚ୍, କରଡ଼ି ଉସୁରା ମାନଇ ଛାତି ଉସ୍‌ରା ସବ୍‌କେ ମିଶାଇ କରି ଗୋଟ୍‌କି ଶାଗ୍ ରାନ୍ଧା ହୋଇସି । ଚଉଲ୍ ଚୁନା ପିଠା ମିଶା ଛନା ହାଇସି । ନୂଆ କୁଲା ଟାଟି, ଟାକ୍‌ଲା ପରଡ଼ା ମନ୍‌କେ ରାନ୍ଧଲା ବିରିଜାଉ ଶାଗ୍ ପିଟା ଅଜାଡ଼୍ କରି ଗାଇ ଗୋରୁକେ ଖୁଆଇବା । ଗାଇଗୋରୁ ଖାଇ ସାର୍‌ଲା

ପଟେ ଗାଁର୍ ଟୋକି ପିଲାମନ୍ ବିରିଜାଉ ଛାଡ଼ାଇ ଖାଇବାଏ । ଗାୟ୍‌ଗୋରୁର୍ ଶିଙ୍ଗ୍ ମନ୍‌କେ ରଙ୍ଗ୍‌ମାଟି, ହଲ୍‌ଦିମାଟି, କାଲିଆମାଟି, ଲାଗାଇ କରି କୁମ୍‌ଡ଼ା- ଫାଡ଼ା ଗାଇର ବେକ୍ ମନ୍‌କେ ଲୋର ଦେବାଏ । ଗାଇକେ ନୂଆ ଧାନ୍, କୁଲା ଲୋଗେ ଖୁଆଇବାଏ । ଗାଇ୍ ଖାଇଲା ପାଟେ ଗଉଡ଼ ଛାଡ଼ାଇ ନେସି ।

ବିରିଜାଉ ଖାଇ ସାର୍‌ଲା ପଟେ୍ ଟୋକି ପିଲା, ଧାଙ୍ଗଡ଼ା ଧାଙ୍ଗଡ଼ି ମନ୍ ମିଶି କରି ଛେର୍ ଚେରା ମାଗି ବୁଲ୍‌ବାଏ ।

ଛେର୍ ଛେରାନି ଦିଆତା

କୁଟା ଗରା ରୁଆତା

ଗାଁର୍ ମୁନୁଷ୍ ପିଲାମାନେ ରାଜାରାନୀ ବେଶ୍ ବାନ୍ଧି ଗିନି, ମର୍ଦଲ ବାଜାଇ କରି ନାଚି ବୁଲ୍‌ବାଏ । ପୁନି ପରଜନ୍ତ ପୁଷ୍ ପରବ୍ ଲାଗି ରେଇସି । ଯେତ୍‌କି ମାଗି ବୁଲ୍‌ଲାଡ଼ାବୁ ଘଉଲ୍, ଗୋଟେ ଲୋଗେ ରୁଣ୍ଡ୍ କରି ପୁନି ସର୍‌ଲା ପଟେ ଛେଲି, ମେଣ୍ଢା ମାରି ଭୋଜି ବାତ୍ କରି ପରବ୍ ସାରାଇବାଏ ।

## ଗୀତ

କାଡ଼ା ପାଲାଇଲା ଆଡ଼କି ବିଡ଼କି
　　　　କିଆପାଲାଇଲା ଟିଆ
ତମର ଚିନା ମୁଦି ଆମକେଦିଆ
　　　　ଆମର ମୁଦି ତମେ ନିଆ ।

# ମାପୁ ଭରସା

ଗଟେକ୍ ଶିକାରୀ ଧନୁଶର୍ ଧରି ବନ୍‌ଲଗେ ଶିକାର କର୍‌ବାକେ ଆୟ୍‌ଲା । ସେ ଗଟେକ୍ ଶୁନ୍‌ଶାନ୍ ଯାଗାଲେଗେ ହରିନୀ ଆରି ତାର ପିଲା ସଙ୍ଗେ ରେବାଟା ଦେଖ୍‌ଲା । ଶିକାରୀ ଅଦିକ୍ ସାର୍‌ଦା ହୋଇଗାଲା ।

ଶିକାରୀ ବନ୍ ଭିତର୍‌ର ପତର୍ ଆନିକରି ଗଟ୍‌ବୋଟେ ଜମାକଲା । ଆରି ଗଟେ ବାଟେ ତାର୍ ଜାଲ୍ ମେଲା କରି ଦେଲା । ଗଟେକ୍ ବାଟେ କୁକୁର୍ ରହି କରି ଭୋ ଭୋ ଭୁକ୍‌ଲା । ନିଜେ ଶିକାରୀ ଧନୁଶର୍ ଧରିକରି ହରିନୀର୍ ଆର୍‌ବାଟେ ଠିଆହେଲା । ଶୁକ୍‌ଲା ପତର୍ ଜମାକରି ରେଲା । ସେଟାକେ ଜଇ ଲଗାୟ୍‌ଦେଲା । ହୁ ହୁ ହୋଇ ଲାଗିଗାଲା ।

ହରିନୀ ଦେଖ୍‌ଲା ଚାରବାଟେ ବିପଦ । ହରିନୀ ପିଲା କାନ୍ଦି କାନ୍ଦି ଏ ବାଟେ ସେ ବାଟେ ହେଲା । ହରିନୀ ଦେକ୍‌ଲା ତାର୍ ଜୀବନ୍ ବଞ୍ଚାଇବାକେ କାଏ ବାଟ୍ ନାଇଁ । ସେ ଅଦିକ୍ ଭେଲ୍‌କି ମାପ୍ରୁ କେ ମନେ ପକାୟଲା । ହରିନୀ ଆକି ଲଗେ ଥିପ୍ ଥିପ୍ ଆସୁ ଭାର୍‌ତେରେଲା । ମାପ୍ରୁ ତାର ଡ଼ାକ୍‌ବାଟା ଶୁନ୍‌ଲା । ସଙ୍ଗେ ସଙ୍ଗେ ପାନି ପବନ୍ ଆୟଲା । ଜବର୍ ପବନ୍ ଆଇଲା କାଜେ ଜାଲ୍ ଛିଡ଼ିଗାଲା । ଜଇପାନି ମାର୍‌ଲା କାଜେ ଲିଭିଗାଲା । ଗଚ୍ ଲଗର ଗଟେକ୍ ଖୋନ୍ଦା ଅଦର୍‌ଲା, କୁକୁର୍‌କେ ପାୟେଲା । କୁକୁର ମରିଗାଲା । ଗଟେକ୍ ନାଗ୍ ସାପ୍ ଶିକାରୀକେ ଟକି ଦେଲା । ଶିକାରୀ ମିଶା ମରିଗଲା ।

ହରିନୀ ପଶୁ ହେଇକରି ମିଶା ମାପ୍ରୁକେ ଡ଼ାକିକରି ବିପଦ୍‌ଲଗେ ଅନି ରକ୍ଷା ପାଇଲା ।

# ଚାଲାକି ମାକଡ୍

ବନ୍‌ତଲେ ଗଟେକ୍ ଜାମ୍‌ଗଚ୍ ରେଲା । ସେ ଗଚେ଼ ଗଟେକ୍ ମାକଡ୍ ରେଲା । ଗଚ଼ର୍ କଲି ସରିଗାଲା । ବଡ଼ ଗାଡ୍ ଗଟେକ୍ ରେଲା । ସେକାନି ଜାମ୍‌କଲି ଟଟା ଦେକିଯିବାକେ ମାକଡ଼କେ ମନ୍ ଲାଗ୍‌ଲା । ଏତିକି ବଡ୍ ନଈ ଆଚେ଼, ଯିବିବେ କେନ୍‌ତା କରି ।

ଗଟେକ୍ ଦିନ୍ ମାକ୍‌ଡ଼ ଦେକ୍‌ଲା ନଈ ଲଗେ ମଙ୍ଗର୍ ଗଟେକ୍ ଶଇଲାଚେ଼ । ମାକ୍‌ଡ୍ ତାକେ ଜାମୁକଲି ଦେଇକରି ସଙ୍ଗ୍ ହେଲା । ମାକ୍‌ଡ୍ ମଙ୍ଗର୍‌କେ କଇଲା, "ସାଙ୍ଗ୍, ଏଡେ଼କ୍ ବଡ଼ ନଈ ଲଗେ ତକେ ଏକ୍‌ଲା ଦେଖି କରି ମକେ ବେଶୀ ଦୁଖ୍ ଲାଗ୍‌ଲାନି । ତମ୍‌କେ ଆରି କନ୍ ନାଇଁ ଆୟ ।" ମଙ୍ଗର୍ ହାସିହାସି କଇଲା, "ମକେ କେତେକ ସଙ୍ଗ ଆଚତ୍ । ଦେକ୍ ବିଶ୍ ।" ସଙ୍ଗେ ସଙ୍ଗେ ମଗର୍ ନଈ ଭିତ୍‌ରେ ଯାଇକରି ଗଟେକ୍ ଘଣ୍ଟଶ ଭିତରେ ସବୁ ମଙ୍ଗର୍ କେ ଡ଼ାକି ଆନ୍‌ଲା । "ଆରି ଏ ମାକଡ଼୍ ମର୍ ସଙ୍ଗ୍ ମନ୍‌କେ ଦେକ୍ । ହାମି କେତେକ୍ ଆଚୁ ।" ତାର ସଙ୍ଗେ ସଙ୍ଗେ ମାକଡ୍ କଇଲା - ହୟ, ଏସବୁ କେତେ ଲୋକ୍ ଆୟ । ମଙ୍ଗର୍ କୟଲା - ନାଇଁ ନାଇଁ କେତେ ଆଚୁ । ମାକଡ଼୍ କଇଲା ଏମନ୍ ଏବାଟେ ସେବାଟେ ନାଁ ହି କରି ଲାଇନ୍ କେ ହୁଆ । ମୁଇଁ ଏକ୍ ଦୁଇ ଗନ୍‌ବି । ମାକଡ୍ ମଙ୍ଗର ପିଟି ଉପରେ ଚେ଼ଗି କରି କଇଲା, ଏକ୍, ଦୁଇ, ତିନ୍, ଗନି ଗନି ସେପାଟେ ଗାଲା । ମାକଡ୍ କଇଲା, "ଆଜି ମୁଇଁ ଜାନ୍‌ଲି ତମେ କେତେକ୍ ଲୋକ୍ ଆଚ୍‌ଶ୍ ।" ମାକଡ୍ ଶାରଦା ହୋଇ ସେ ବନ୍‌କେ ଗାଲା ।

ମାକଡ୍ ଚାଲାକି ଆଚେ଼ ବଲିକରି ମଙ୍ଗର୍ ମନ୍‌କେ ଭକୁଆ କରି ସେ ବନ୍‌କେ ଗାଲା ।

# ଭାଲୁ ଧେରାଯିବାଟା

ଗଟେକ୍ ବେବାରୀ ବାବୁ ହାଟେ ଯାଇତେରେଲା । ବାଟେ ଗଟେକ୍ ବନ୍ ଖେଟ୍ଲା । ସେ ଦେକ୍ଲା ତାର ବାଟେ ଗଟେକ୍ ଭାଲୁ ଆଇତେରେଲା । ସେ ଗଟେକ୍ ଗଚ୍ ଲଗେ ଠିଆ ହେଲା । ଭାଲୁ ପଛ୍‌ବାଟେ ଗଟ୍ଟୋକେ ଲୋକ୍ ଧରିଦେବା କାଜେ ପଲାଇଲା । ସେ ଲୋକ୍ ତାର ଜୀବନ୍ ଡ଼ରି କରି ଭାଲୁର ଗଡ଼କେ ଧେରି ଦେଲା । ମଜିଁ ଲେଗେ ଗଛ ରେଲା । ଭାଲୁ ସେ ଲୋକ୍‌କେ ରାପଡ଼୍‌ତାବେ ମୁଁ ବଡ଼ାଇଲା । ତାର ପଛେ ସେ ଲୋକ୍ ଗଛ୍ ବାଟେ ହେଇକରି ତାକେ ବୁଲାଲାଇ । ସେ ଲୋକ ବେବାରୀ ଡ଼ାବୁ ଧରିରେଲା । ସିତି ସବୁଡ଼ାବୁ ଅଦ୍ରିଗାଲା ।

ଛନେକ୍ ରେଲା କାଜେ ଆରି ଗଟେକ୍ ଲକ୍ ଆଇତେ ରେଲା । ଗଛ୍ ତଲେ ଡ଼ାବୁ ଅଦ୍ରିବାଟା କେଖିକରି କଇଲା - ଭାଇଏତେକ୍ ଡ଼ାବୁ କଅଁତି ଆଇଲା । ବେପାରୀ ଲୋକ୍ କଇଲା - ମର୍ ଭାଲୁ ଡ଼ାବୁ ମକେ ଦେଲାନି । ମୁଇଁ ଯେମ୍‌ତି ଭାଲୁ ଧରି ଆଚି, ତୁଇ ସେନ୍‌ତି ଧେରିଥା । ଭାଲୁଡ଼ରି କରି ତକେ ମିଶା ଡ଼ାବୁ ଦେଇଦେଇଶି ।

ସେ ଲୋକ୍ ଡ଼ାବୁ ଆଶା ହେଇକରି ଭାଲୁ ଗଡ଼େକ୍ ଧରିଦେଲା । ଯେମ୍‌ତି ଧରିଦେଇଶି, ଆଗ୍ ବେବାରୀ ତାର ସବୁ ଡ଼ାବୁ ବେଟି କରି ତାର ବାଟେକ୍ ପାଲାଇଗାଲା । ଏ ବେବାରୀକେ ଭାଲୁ ଧେରାଇ ଦେଲା ।

# ଅତି ଲୋଭରେ ମୃତ୍ୟୁ

ଅଗ୍ନା ଅଗ୍ନି ବନ୍ ଗୋଟେକ୍ ରଇଲା । ସେ ବନ୍ ଭିତରେ ଗୋଟେକ୍ ବନ୍ଧ୍ ରଇଲା । ସେ ବନ୍ଧ୍ ଲଗେ କେତେକ୍ ସମର୍, କଟ୍ରା, ବାରିଆ, କାଡା, କେବଡ଼ା ଆରି କେତେକ୍ ଜୀବଜନ୍ତୁ ପାନି ଖାଇବାକେ ଗାଲାଏ । ମଗର୍ ସବୁକେ ଧାରି ଖାଇବାକେ ଆରମ୍ କଲା, ହେଲେ ଗୋଟେକ୍ ଦିନ୍ କାୟ ହୋଇଲା ଆଚେ, ହନୁ ମାକଡ଼କେ ଶୋଷ୍ ଲାଗ୍ଲା, ଶୋଷ୍ ଲାଗ୍‌ବାକେ ବନ୍ଧେ ପାନି ଖାଇବାକେ ଗାଲା । ବନ୍ଧ୍ ପାଲିକେ ଯାଇ କରି ଦେଖ୍ଲା ଯେ, ଆରେ ଏତେକ୍ ଜୀବଜନ୍ତୁ ପାନି ଖାଇବାକେ ଗାଲା କନ୍ ଆଚେ, ମୁଇଁ ମିଶା ଇଟି ଉତ୍‌ରି ପାନି ଖାଇବି ନଇଲେ ମୋକେ ମିଶା ଖାଇଦେଇସି ବୋଲି । ହନୁ ମାକଡ଼ ମନେ ମନେ ଅଲପ୍ ବିଚର କଲା ଯେ, ରଅନି ଇଟି, କାୟ ଜନ୍ତୁ ଆଚେ ତାକେ ମୁଇଁ ମିଶା କରିବି ବୋଲି । ବନ୍ଧ୍ ପାଲିର କେନ୍ଦୁଗଛ ଉପରେ ଚଗି ଜାଗି ରହିଲା । ସେ ଦିନେ ଯେତ୍‌କି ଜୀବଜନ୍ତୁ ଗାଲାଏ, ସବୁ ଜୀବଜନ୍ତୁ ଯାକକେ ପାନି ଖାଇବାକେ ମନା କଲା । ଗୋଟେକ୍ ଦିନ, ଏନ୍‌ତି ଦିନେକ୍ ବୋଲି ନାଇଁ ଦୁଇ ଦିନ୍ ଗାଲା ତିନ୍ ଦିନ୍ ଗାଲା ମଗର୍ ବାୟା ବାୟା ହୋଇ ପାନି ଭିତରନି ଉପରେ

ବାର୍‌ଲା । କି ମଗରକେ ଜବର୍ ଭୁକ୍ ଲାଗ୍‌ସି ଆଚେ । ମୁଇଁତ ମର୍‌ବା ଉପ୍‌ରେ ଆକା ବଞ୍ଚଲା ପାରା ଦିଶେ ନାହିଁନି । ବନ୍ଧ୍ ପାଲିକର କେନ୍ଦୁ ଗଛେ ଗୁଛା ଫଲ୍ ଫୁଲା ମିଶା ଗୋଟେକ୍ ମିଶା ଗୋଟେକ୍ ନାଏଁ । କେନ୍ଦୁ ଗଛ ଉପରେ ଦେଖ୍‌ଲା ଯେ, କେନ୍ଦୁ ଗଛ ଉପରେ ହନୁମାକଡ଼୍ ବସଲା ଆଚେ, ଆରି ହନୁମାକଡ଼ କେ ପାଚ୍‌ରଲା ଯେ ହୋଇହୋ ମାକଡ଼ବାବୁ ମୁଇଁ ଜନ୍ତୁ ଜିଆଦ୍ ଧାରି କରି ଖାଇଲିନି । ସେ ଜନ୍ତୁ ଜିଆଦ ପାନି ଖାଇବାକେ ମନା କର୍‌ଲୁସନି । କାୟ ପାଇଁ ? ତାର୍ ପଛେ ମାକଡ଼୍ କହିଲା ଏ ବନର ଜନ୍ତୁ ଜିଆଦ୍ ସବୁ ସାରାଇ ଦେଲୁସ ନି, ତାର ପଛେ ମଗର୍ କହିଲା ମୋର ପେଟ୍ ତୁଇ ମାର୍ ନାଇଁ ମୁଇଁ । ତୁଇ ଦୁଇ ଲୋକ୍ ମିତ୍ ମାସାଦ୍ କରୁ ବୋଲି କଇବାକେ । ମାକଡ଼ ମାନିଗାଲା ଯେ, ଆମେ ଦୁଇ ଲୋକ୍ ମିତ୍ ମାସାଦ୍ ହୋଇଶୁ ବୋଲି କେନ୍‌ତା ଜାନ୍‌ର୍ ବୋଲି କଇବାକେ, ମଗର୍ ମାକଡ଼୍‌କେ ଗୋଟେକ୍ ସୁନା ମାଲି ଦେଲା, ସେ ଦିନେ ଶବର ଜନ୍ତୁ ଜିଆଦ୍ ମାରି ଖାଇବାକେ୍ ବନେ ଗାଲା । ଏନ୍‌ତି ବୁଲି ବୁଲି ଗାଲା ବେଲ୍‌କେ ସେ ବନ୍ଧ ପାଲିକେ କେଟଲା । ଆରି ନିକ କରି କେନ୍ଦୁ ଗଛ ଉପରେ ଦେଖ୍‌ଲା ଯେ, କେନ୍ଦୁ ଗଛ ଉପରେ ଗୋଟେକ୍ ମାକଡ଼ ଆଚେ । ଆଜି କାଏ ମିଶା ଚେଡ ଚିଡ଼ିଙ୍ଗ୍ ମିଲତ୍ ନାୟକି ଜନ୍ତୁ ଜିଆଦ୍ ମିଶା ମିଲତ୍ ନାଏ । ଏ ମାକଡ଼୍ ମିଶା ମାରି କରି ନେବି ବୋଲି ଧୁନୁଶର କରି ମାର୍‌ବାକେ ଆରାମ୍ କଲା, ସେତେକ୍ ବେଲେ ମାକଡ଼୍ ଶବର୍ କେ ବୋଇଲା ଯେ, ଶବର୍ ପିଲା ମୋକେ ମାରିନେଲେ ଗୋଟେକ୍ ଦିନ୍ ଖାଇସୁ, ମୁଇଁ ଗୋଟେକ୍ ଜିନିଷ ଦେବି; ଏ ଜିନିଷ ନେଲେ ଯେତେକ ଆଲେ ମିଶା ଦୁଇ ତିନି ବରଷ୍ ଖାଇସୁ ବୋଲି । ସୁନା ମାଲା ଗୋଟେକ୍ ଦେଲା, ହେଲେ ଶବର ପିଲା ଭାବଲା ଯେ, ଏତ ସୁନା ମାଲା ଦେଲା, ଆକେ ମିଶା ମାରି ଦେବି । ଆର୍ ଲାଗେ ଆରି ଜବର୍ ସୁନା ମାଲା ରହିସି ବୋଲି । ମାକଡ଼୍ ମାର୍‌ବାକେ ଧୁନୁଶର ଜିକ୍‌ଲା, ସେତେକ୍ ବେଲ୍‌କେ ମାକଡ଼୍ ବିଚ୍ଚର କଲା, ସଲାକେ ସୁନା ମାଲା ଦେଲି, ଆରି ମୋକେ ମାର୍‌ବାକେ ଆରାମ୍ କଲାନି, ନ ଏବେ, ଆକେ ବନ୍ଧ୍ ଭିତରେ ଡେଗାଏ ବାକେ କଏଲେ ଆକା ହୋଇସି ବୋଲି ମୋକେ ମାରା ନାଇଁ ବନ୍ଧ୍ ଭିତରେ ଗରିଆ ମିସ୍ତେ ଡାବୁ ସୁନା ଆଚେ । ବନ୍ଧ ଭିତରେ ଡଗା, ବେଟି ନେଇସୁ । ମୋକେ ମାରିନେଲେ ଦିନେକ୍ ଖାଇସୁ ବନ୍ଧର ଡ଼ାବୁ ସୁନା ଗରିଆ ସଂଗେ ନେଇସୁ ବୋଲି କହିଲା କେ, ଶବର ବନ୍ଧ ଭିତରେ ଡ଼ଗାଇ ଦେଲା । ବନ୍ଦେ ଡ଼ଗାଇବା କେ ମଗର୍ ଶବର୍ ପିଲାକେ ଧାରି ଖାଇଦେଲା ।

## ଲୋଭରା ରାଜା

ଗୋଟେକ୍ ଦେଶେ ଗୋଟେକ୍ ରାଜା ରଇଲା । ସେ ବେଶି ଲୋଭରା ରଇଲା । ତାକର ରାଜନଅର ଲଗେ ଗୋଟେକ୍ ବଡ଼େ ଆମ ଗଛ ରଇଲା । ସେ ଆମ ଗଛେ ଗୋଟେକ୍ ଚଟିଆ ରଇତେ ରଇଲା । ସେ ଚେଡେଇକେ ରାଜାର୍ ପରକୁତି ନିମାନ୍ ନ ଲାଗ୍‌ତେ ରଇଲା , ସେତିଲାଗି ସେ ରାଜାକେ ପାନେ ଦେବି ବୋଲି ଭାବଲା । ଗୋଟେକ୍ ଥରେ ରାଜା ପାନି ଧୋଇବା ବେଲେ ରାଜାର ଲୁଗାପାଟିଆ ସବ୍ ଚେଟିଆ ନେଇଗାଲା । ରାଜା ବଡ଼େ ରିଷା

ହୋଇଗାଲା । ତାଙ୍କର ସୈନ୍ୟମନ୍‌କେ କହିଲା ଜଲଦି ଯାଇ କରି ମୋର୍ ଲୁଗାପାଟିଆ ଆନିଦିଆଶ୍ । ଚେଟିଆ ଇଟା ଦେକି କରି କଇଲା ରାଜାକେ ଲୁଗା ମିଲେ ନାଇ ଯେ, ମର୍ ଲୁଗା ନେଇଗାଲା, ରାଜାର ଗରେ ବଡ଼େ ଧନ୍ ସଂପତି ରେଇଲା, ଗୋଟେକ୍ ଥର ସୁଯୋଗ ଦେକି କରି ହାଇଚେଟିଆ ରାଜାର ଗର୍ ହୁନି ସବୁ ଧନ୍ ଚୋରି କରି ନେଇଗାଲା । ଆରିଥରେ ରାଜା ତାକର୍ ସୈନ୍ୟମନକେ ପାଟାଇଲା । ଚେଡ଼େଇ ଆରି ଥରେ ସୈନ୍ୟମନ୍‌କେ କଇଲା ରାଜାକେ କିଛି ନା ମିଲ୍‌ଲା ହେତାର୍ ଲାଗି ମର୍ ଧନକେ ନେଇଗାଲା । ଚେଡ଼େଇର କାତା ଶୁନି କରି ସୈନ୍ୟମନକେ ଆଦେଶ ଦେଲେ ଯା ସେ ଚେଡ଼େଇକେ ଧରି କରି ଆନା, ମୁଁଇ ତାକେ ଖାଇବି, ରାଜାର କାତା ଶୁନି କରି ସୈନ୍ୟମନ୍ ଚେଡ଼େଇକେ ଧାରି ଆନ୍‌ଲେ । ତାରୁ ଉତାରେ ରାଜା ଗୋଟେକ୍ ସଂଗେ ଚେଡ଼େଇକେ ଗିଲି ଦେଲା । ରାଜାର ପେଟ୍ ଭିତରେ ରଇ କରି ଚେଡ଼େଇ କଇଲା ରାଜକେ କାଇଟା ମିଶା ନ ମିଲ୍‌ଲା ମୋକେ୍ ଖାଇଦେଲା । ଚେଡ଼େଇର କାତା ଶୁନି ରାଜାକେ ଆରି ଅଧିକ୍ ରିଷା ଲାଗ୍‌ଲା । ସେ ଚିନ୍ତା କଲେ ଆକେ ନ ମାରଲେ ମୋର ମନ୍‌କେ ଶାନ୍ତି ନ ମିଲ୍‌ସି ବୋଲି ଭାବି କରି ମନ୍ତ୍ରୀକେ ଡ଼ାକି ରାଜା କଇଲା ମୁଇ ଯେଡ଼େବେଲେ ବନ୍ଦାଡ଼ ଯିବି ଚେଡ଼େଇ ବାହାର୍‌ଲା ବେଲେ ଖଣ୍ଡା ଲଗେ ତାକେ ମାରା ଖଣ୍ଡା ଧରି ମନ୍ତ୍ରୀ ଜାଗି ରଇଲା, ରାଜା ବନ୍ଦାଡ଼ ବଁସଲା ବେଲେ ଚେଡ଼େଇ ଭାରି କରି ଫୁର୍ କରି ଉଡ଼ିଗାଲା, ଆରି ମନ୍ତ୍ରୀ ରାଜାର ପଛ୍‌ବାଟେ ଖାଣ୍ଡା ଲଗେ ମାର୍‌ଲା । ଆରି ରାଜା କାନ୍ ମୁଣ୍ଡ୍ ଆସି କରି ଚେଡ଼େଇକେ ହଇରାନ କଲା ନାଇ, ଆରି ପ୍ରଜାମନ୍‌କେ ବେଶି ଭଲ ପାଇଲା ।

# ଉପର୍ ବାଲା ତଲ୍ ବାଲା

ଗୋଟେକ୍ ସାନ ଗାଉଁ ଶାନ୍ତିପୁର, ଚାର୍‌ଲୋକ୍ ସିଟି ବଡ଼େ ଉତ୍ପାତ କରଲାଇନି । ସିଟି ଗୋଟେକ୍ ଡ଼କରି ରଇଲା ଆଚେ । ବେସ ନିକଦୁଦ୍ ବନାଇ ରଇଲା । ବନ୍ଧୁ ଆଇବାକେ କ୍ଷୀର ଦେଇ ସତ୍କାର କରତେ ରଇଲା, ହେଲେ ଗୋଟେକ୍ ଦିନ୍ ତାର ନାତି, ନାତିନ୍ ଆସ୍‌ବାଟା ରେଲା ପିଲାମନକେ ଲାଗି ଡ଼କରୀ ନିକ କ୍ଷୀର୍ ରାନ୍ଧାଇଲା । କ୍ଷୀର୍ ତପଲା ଆଚେ । ସେ ଭାବ୍‌ଲା ଦୁଦ୍ କାକର ହୋଇସିବେ ଖିର ଗାରମ୍ କରେ, ତାର୍ ପଚେ ତାର ଆକି ଧିରେ ଧିରେ ବନ୍ଦ ହୋଇଗାଲା ଆରି ସେ ଶୋଇତେ ରଇଲା । ସେତେବେଲେ ଦୁଇ ଚୋର୍ ଚରି କର୍‌ବାକେ ଗରେ ଆଇଲାଇ, ତତ୍‌ଲା ତପ୍‌ଲା କ୍ଷୀର ଦେକି କରି ବଡ଼େ ସାରଦା ସଙ୍ଗେ ଖାଇତେ ରଇଲାଇ । ଡ଼କରି କଡ଼ ଲେଉଟାଇସି, ଉଁ-ଉଁ-ଉଁ ଦୁଇ ଚର୍‌ମନ୍ ଜାନଲା ଯେ, ଡ଼କରି ଉଠିଗାଲାନି । ଖଡ୍ ଖଡ୍ ଶବଦ ଶୁନି କରି ପାଟି କଲା, ଝଟପଟେ ଗୋଟେକ୍ ଉପରେ ଆରି ଗୋଟେକ୍ ତଲେ ଲୁକି ରଇଲାଇ । ଘର ପାଲିର ଲକ୍ ଇଟା ଶବଦ ଶୁନି କରି ଧାଇଁ ଆଇଲାଇ ସେମନ୍ କଇଲାଇ ମା କାଏ ହେଲା ? ଡ଼କରି ଉଠି ପଡ଼ି କଇଲା – କେ ଜାନେ ଇଟା ଉପରବାଲା ଜାନତ୍ । ଏ କାତା ଶୁନି କରି ଉପରବାଲା କଇଲା ଉପରବାଲା ଖାଲି କାଏ ଖଟ ତଲବାଲା ମିଶା ଆଚେ, ତାର ଉପରେ । ଦୁଇ ଚର୍ ଧାରାପଡ଼ଲା ।

# ଚତୁର କଲିଆ

ଦେଓମାଲି ପର୍ବତେ ବନର୍ ରାଜା ସିଅଁ ରେଲା । ସେ ବନ୍‌ର ଜନ୍ତୁକେ ମନଇଛା ମାରି କାଇଲା । ସେମନ୍ ଦେକିକରି ଝନିଆ ହେଲାଏ । ସବ୍ ଜନ୍ତୁ ମିଶିକରି ସିଅଁ ପାକେ ଗଲା ଏଆରି କଇଲାଏ ମାପୁ ତମର୍ ଲାଗେ ପାଲିକରି ଗୋଟେକ୍ ଗୋଟେକ୍ ଜନ୍ତୁ ସବୁଦିନ୍ ଆସଲୁନି । ସିଅଁ ସେମନ୍‌ର କାତା ଶୁନି ହାଁ ଆଇଲାସ୍ । ସେ ପାଲିକରି ଗୋଟେକ୍ ଗୋଟେକ୍ ଜନ୍ତୁକେ କାଇତେ ରେଲା । ଗୋଟେକ୍ ଦିନ କଲିଆର ପାଲି ପଡ଼୍‌ଲା । ସେ ବେଶି ସିଆନି ଆଚେ଼ । ସେ ଜାନିକରି କଣ୍ଡେକ୍ ବେଲ୍ କରି ଆଇଲା । ସିଅଁ ପାଚ଼ାର୍‌ଲା କାଇପାଇଁ ତୁଇ ଏତେକ୍ ବେଲ୍ କର୍‌ଲୁସ୍ । ମୋକେ ବେଶି ବୁକ୍ ଲାଗ୍‌ଲାନି । କଲିଆ କଇଲା କ୍ଷମାକର ମାପୁ । ବାଟେ ଆରି ଗୋଟେକ୍ ସିଅଁ ମୋକେ ଚେକିରେଲା । ସେ ମୋକେ ମିଶା କାଇବି ବୋଲି କଇଲା । ମୁଇଁ ତାର ଟନୁ କସି ଆଇଲି । ଏ କାତା ସୁନି କରି ସିଅଁ ରିସା ଏଇ ମେଶ୍ ମୋଡ଼ିକରି କଇଲା ଯାଇ ଦେକୁ ସେ କେତେ଼କ୍ ବଟ୍‌ଟା ଆଚେ଼ । କଲିଆ ସିଅଁକେ କୁଇଁକାଲ ନେଇ ଗାଲା ଆରି କଇଲା ବିତରେ ସିଅଁ ଆଚେ଼ । କୁଇଁକାଲା ବିତ୍‌ରେ ତାରପରା ଆରି ଗୋଟେ ସିଅଁ ଦେକିକରି ଜବର ରିଶା ଏଇକରି ରାଟୁକଲା । ତାର୍ ସାଙ୍ଗେ ଲାଗ୍ ବାକେ କୁଇଁ ଶାଲେ ଡଗାଇ ଦେଲା । ସେ ଆରି କୁଇଁଶାଲ୍ ବିତ୍‌ରେନି ବାରି ନା ପାର୍‌ଲା ଆରି ବୁଡ଼ି ବୁଡ଼ି ମର୍‌ଲା । କଲିଆ ଚଲାକି କରି ସିଅଁକେ ମାର୍‌ଲା ଆରି ବଡ଼ ସରଦା ହେଇ ନାଟ୍ କରି ଡଗାଇ ଡଗାଇ ବନ୍‌କେ ଉଟି ଆଇଲା । ସବ୍ ଜନ୍ତୁକେ ଇ କାତା କଇଲା । ବନ୍‌ର ସବ୍ ଜନ୍ତୁ ସାରଦା ଏଇ ନାଟ୍ କଲାର ଆରି କଲିଆକେ ସାବାସି ଦେଲାଏ ।

# ଡମୁ କାଙ୍ଗାର କାତାନି

ଆରତ ପୁର୍‌ରେ ରାଜା ରଇଲା । ରାଜାର କାଥାକେ ଆରତପୁର ଗାଉଁଲକ୍ ମାନ୍‌ତେ ରଇଲାଇ । ସେଇ ଗାଏଁ ଡ଼ମୁ କାଙ୍ଗାର୍ ଚର୍ ରଇ ସବୁ ଲକ୍‌ର ଟାକାଂ ସୁନା ଚ଼ରି କରି ନେଇ ଯାଇସି । ଗାଉଁ ଲକ୍‌ମନ କଇଲାକି ଡମୁ କାଙ୍ଗାର ସଙ୍ଗେ ନ ପାରିଁ ହୁଏ ସବୁ ସୁନାଡ଼ାବୁ ଚରି କରି ନେଇ ଯାଇସି । ଏବେ ରାଜାର ମନ୍ତ୍ରି କେ କହୁ । ଗାଉଁଲକ୍‌ମନ ଗୋଟେକ୍ ହୋଇ ମନ୍ତ୍ରି ଲଗେ ଗାଲାଇ । ମନ୍ତ୍ରିକେ କଇଲାଇ ମହାମନ୍ତ୍ରି ଡମୁ କାଙ୍ଗାର୍ ବୋଲି ଗୋଟେ ଚର୍ ଆଚେ଼ ସେ ଗାଉଁର ସବୁ ସୁନା, ଡ଼ାବୁ, କାସୁ ଚରିକରି ନେଇ ଗାଲାନି । ତାକେ ପାସି ଅର୍ଡ଼ର କଲେ ନିକ ହେଇସି । ମନ୍ତ୍ରି ଇକାତା ମାହାରାଜାକେ କଇଲା । ମହାରାଜା କଇଲାକି ତମି କଇଦେଲେ ତ ନା ହେଇ ମୁଇ ସେ ଚର୍ ବୋଲି ତ ଜାନି ନାଇ । ତାକେ ମୁଇଁ ପାସି ଦେବି କେନ୍ତି । ସେ ଆରି କଇଲା ତାକୁ ପାସି ଦେବା ଯେ ଚରି ବୋଲି ଜାନିବା ପାଇଁ ଆମର ରଜାଗର ବିତର ବାକ୍ସାର ପିତଲ୍ ହାଣ୍ଡି ସାତ୍ ଦିନ ବିତରେ ଚର୍ ଚରି କରି ନେଲେ ମୁଇ

ଚର୍ ବୋଲି ଯାନ୍‌ବି । ଚର୍ ସାତ୍ ଦିନ ବିତରେ ରାଜାଗର୍ ପିତଲ୍ ହାଣ୍ଡି ବିତର ବାକ୍ରାନୁ ନେଇଗାଲା । ସାତ ଦିନ ପରେ ରାଜା ଗାଉଁର ସବୁଲକ୍ ମନ୍‌କେ ଡ଼ାକ୍‌ଲା । ଗାଉଁ ଲକ୍ ସାରଦା ଅଇଲାଇ ଡ଼ମୁ କାଙ୍ଗାରକେ ଆଜି ରାଜା ପାସି ଦେଇସିବେ । ରାଜା ଡମୁ କାଙ୍ଗାର୍‌କେ ଡ଼ାକ୍‌ଲା ଆରି ପାଚରଲା ଆମର୍ ଗରର ହାଣ୍ଡି ନେଲୁସ୍‌କି, ଡମୁ କାଙ୍ଗାର୍ ଆତ୍‌ଟେକି ଆତ୍‌ଟେକି ଦେକାଇଲା । ରାଜା କାବା ହେଇଗଲା ଆରି କଇଲା ଅ-ଅ ମୋର୍ ଘର୍‌ର ପିତଲହାଣ୍ଡି ନେଲୁସ୍ ତୁଇ ସାମାନ୍ ଲୋକ୍ ନ ହେଉସ ମୁଇଁ ତକେ ଆଜି ପାସି ନ ଦେଇ । ଏତେ ବଡ଼ ମୋର୍ ଘରର୍ ଜିନିଷ୍ ଚରି ଆଟୁସ୍ ବଇଲେ ତୁଇ ବେଶି ବଡ଼ ଚର । ଆଜି ତକେ ଲାଇସେସ୍ ଦେବି ବୋଲି ତୁଇ ଚର୍‌ର ଲାଇସେସ୍ ପାଇଲୁସ୍ ।

## ଆତି କଲିଆ କାତାନି

ଆତି ଆରି କଲିଆ ଦୁଇ ମଇତ୍‌ର ରଇଲାଇ । ସବୁଦିନ୍ କାମ୍‌ଦାମ୍‌କେ ମିଶି ମିଶି କର୍‌ବାଇ । ଗଟେ ବରଷ୍ ବେଶି କାରା ହୋଇଲା । ଚୁଆ, ନାଲ, ଗାଡ୍‌ର, ପାନି ଶୁଖିଗାଲାନି । ବାଗ୍, ବାଲୁ, ଚିତଲ, କଟରା, ସମର୍ ପାନି ନାଇଁ ମଇତର ମୁଁଇ ଇଣ୍ଡି ନା ପାରିବେ ବେସି ବୁକ୍ ଲାଗ୍‌ଲାନି ଆରି ଶୋସ୍ କଲାନି ମରିଯିବେ । ମଇତର୍ ତୁଇ ବଡ଼୍‌ଲୋକ୍ ତର୍ ପେଟେ ପାନି ଆଟେ । ମଇତର ତୁଇ ଟଣ୍ଡପାଡ଼ିର ମୁଁଇ ଡଗଇ ତର୍ ପେଟର ପାନି କାଇବି ଆରି ବାର୍‌ଆଇବି । ଆତି କଇଲା ଅଲପ୍ ପାନି କାଇବାର ମଇତର ନଇଲେ ମୁଁଇ ମରିଯିବି । କଲିଆ ଡଗେଇ ପେଟ୍ ପାନିକାଇ କଲଜ୍ କାଇବାକେ ଆରମ୍ କଲା । ଆତି କି ଦୁକା କଲା ଆରି ସେ କଇଲା ବାର୍‌ବେ ମଇତର୍ ବାର୍‌ବେ ମଇତର । କଲିଆ ସୁନ୍‌ଲା ନାଇ ଆରି କଲଜ କାଇ ଆତିକେ ମରାଇଦେଲା । ଆତି ମଲାଟା ଗାଉଁର୍ ଲକ୍ ଦେକ୍‌ଲାଇ ଆରି ଆତିର ଚରେ‌ବାଟେ ଟିଆ ଅଇଲାର । ସେତିକି ବିତ୍‌ରେ ଆତି ପେଟ୍ କଲିଆ କଇଲା ଏ ଗାଉଁର ଲୋକ୍‌ମନେ ମୁଁଇ ଦେବତା ଜନମ ହଇ ଆତି ପେଟ ଭିତ୍‌ରେ ଆଚି । ଆତିର୍ ପେଟ୍ କାଟିକରି ମକେ ବାର୍ କରା । ଯଦି ପେଟ୍ କାଟି କରି ନ ବାର୍ କରାସ୍ ଗାଉଁର ସବ୍‌ଲକ୍‌କେ କାଇଦେବି । ଗାଉଁର ଲକ୍ ଡ଼ରିକରି କଡ଼୍‌କି ସାବ୍‌ଲ ଆନି ଆତିର୍ ପେଟ୍ କାଟ୍‌ଲାକେ କଲିଆ ଡ଼ଗାଇ ପଲାଇଲା । ଏଦେ ମାପୃଗାଲା ଏଦେ ମାପୃଗାଲା ଗାଉଁ ଲକ୍ କଇଲାନି । କଲିଆ ଆତିକେ କାବାକରି ତାର୍ କଲଜ୍ କାଇ ତାକେ ମରାଇଲା ଆରି ନିଜେ ଜିଇଁ ଗାଲା ।

## ଟୁରା ରାଜା

ଗୋଟେକ୍ ରାଇଜେ ଗୋଟେ ରାଜା ରଇଲା । ପୁନି ଯେ ଗାଈ ଗୋରୁ ଚ଼ରାଇବାକେ ଗୋଟେ ଟୁରା ପିଲାକେ ଧାରି ରଇଲା ଟୁରାପିଲା ଦିନ୍‌କେ ଯାଇ ଗୋରୁ, ଛେଲି, ମେଣ୍ଡା ଚ଼ରାଇ ବାକେ ଯାଇସି । ଏଲେ ଗୋଟେକ୍ ଦିନ୍ କାଇଟା କଲା ସମାନ୍ ଗାଡ଼୍

କଣ୍ଡି କଣ୍ଡି ଗାଲା । ଗାଇଗୋରୁ ଛାଡ଼ି ଦେଇ ଡଙ୍ଗଚର ଗଲା । ଗାଇଗୋରୁ ପଙ୍ଗରୁ ପଙ୍ଗୁର ପିଲା ଗୋଟେକ୍ ହୀରା ଫୁଲ ବଲି ମିଲିଗାଲା । ସେ ଫୁଲ ଏନ୍‌ତି ସୁନ୍ଦର ଯେ ପିଲା ଫୁଲକେ ରାଜାକେ ନେଇକରି ଦେବି ବୋଲି ଫୁଲ ଧାରି ସଞ୍ଜ୍ ବେଲେ ରାଜା ଟାନେ ଗାଲା । ରାଜା ଆର ମନ୍ତ୍ରୀକେ ଫୁଲଦେଲା ପିଲାକେ ଏ ଫୁଲ କନତି ଅନି ଆନୁଲସ, ଅ ବୋଲି ପାଚାରଲାଇ କାଇ ଏମିତି ଫୁଲ ଜବର ଏତେକ୍ ଆନ ବାକେ ପଡ଼ସି ବଲି । ରାଜା ଆର୍ ମନ୍ତ୍ରୀ ଆଦେଶ ଦେଲାଇ । ପିଲା ଗାଢ଼େ ଯାଇ ପଙ୍ଗରି କରି ଲାଗିଲା ମାତର୍ ଫୁଲ ଫୁଲା କାଇଟା ମିଶା ନାହିଁ । ଏଲେ କାଇଟା କରଷି ଗରେ । ପିଲା ଚୁପ୍‌ଇ ଆତ୍ ଗଲେ ରାଜା ଘରେ ନ ପୁରାଏ ବଲି ପିଲା ଗାଢ଼େ ପାଲାଇ ପାଲାଇ କରି ଡ଼ଗର ଲାଗଲା ପରତୁମେ ପିଲା ଗାଢ଼େ ଡଗଲାଇକେ ଇରା ରାନି ପିଲାକେ ବାଇଲେ ପିଙ୍ଗ୍‌ଲା । ତାର ପାଚେ ପିଲା ଆରେସେ ପଲାଇ କରି ତେନକେ ଡେଗାଇଲା ଏଲେ ରାନୀ ଉଲଟା ପିଲାକେ ପିଙ୍ଗ୍‌ଲା ବାଇଲେ । ଏନ୍ ତାରି ଦେଗାଇ ବାଟା ଦେଖିଲା ଆରି ରାନି ପିଲାକେ କାଇଟାକେ ଡଗାରଇଲୁସନି ବୋଲି ପାଚାଗଲା । ପିଲା କଇଲା ନାଇ ମକେ । ରାଜା ହୀରା ଫୁଲ ଆନିବାକାଜେ ଦାଟାଇ ଆଚେ । ଏହି କଥା ଶୁନି ହିରା ରାନୀ ଏଟାକେ ତୁଇ ଡରଲୁସ ନିତକେ କେତେ ଫୁଲ ଦରକାର କହ । ତୁଇ ଗୋଟେକ୍ ମାତର କାଥା ଶୁନ୍ । ତୁଇ ମକେ ବିବା ହେବାକେ ପଡ଼ିବ । ପଚେ ପିଲା ହାଁ ବୋଲଲା । ଆରି ଡାଲା ଡାଲା ହୀରା ଫୁଲ୍ ସଙ୍ଗେ ଧାରି କରି ରାନୀକେ ନେଲା ଏତେ ସୁନ୍ଦର ଫୁଲ ସନେ ଇସା ରାନୀ କେ ଦେଖି ରାଜା ଆର୍ ତାକେ ପାଚ଼ାରଲା ତୁଇ କେ ତାର ନାଁ । ଆମେ ଦୁଇ ଭଉନୀ ମିଶି ଗାଢ଼େ ଆଚୁ, ମର ନାଁ ଇରା ଆରି ମର୍ ଭଇନୀର୍ ନାଁ ନିଲା ।

## ରାଜାର୍ ଚେ଼ଲା ମନ୍ତ୍ରୀ ମଲା

ଗୋଟେ ଦେଶେ ରାଜା ଗୋଟେକ୍ ରେଲାପୁନି । ସେ ସବୁବେଲେ ତାର୍ ମନ୍‌କେ ଆଇଲା ପାରା ବିଷ୍ଟରନା ମନ୍ କରସି ପୁନି । ଗୋଟେ ଦିନେ ଗୋଟେ ଲକ୍ ଆସି କରି ମୋର୍ ଗର୍ ନସି ଗାଲା ବୋଲି କଇଲା । ମୋର ଗାଏ ଗରୁ ଚ୍ପାଇ ଅଇକରି ମରିଗାଲାଇ ବୋଇଲା ପୁନି । ମର୍ ମାଇଜିର୍ ଗଡ଼୍‌ମିଶା ବାଙ୍ଗିଗାଲା ବୋଇଲା ପୁନି । ରାଜା ଏଟା କାର୍ ଦଷ୍ ବୋଲି ମନ୍ତ୍ରୀକେ ପାଚ୍‌ରଲା ପୁନି । ଏଟା ଗର୍ ବାନ୍ଧୁ ମିସ୍‌ତିରର୍ ଆକା ଦଷ୍ ବୋଲି କଇଲା ନି ପୁନି । ତାର୍ ପାଚେ ଗର୍ ବାନ୍ଧୁ ମିସ୍ତୀର୍‌କେ ଦାରି ଆନି ଦଣ୍ଡ୍ ଦେଉ ବୋଲି କଇଲାପୁନି । ମିସ୍ତୀର୍‌କେ କଜି କଜି କରି ଦାରି ଆନ୍‌ଲାଏ ପୁନି ଯେ, ତାକେ ପାଚ୍‌ରଲାଏ ପୁନି ହାଏ ଲୋକର୍ ଗର୍ କେନ୍ତି ତିଆର୍ କଲୁ ଯେ, ତାର ଗର୍ ନସିଗଲା ? ଏନ୍ତାର୍ ପାଚ୍‌ରବାକେ, ମିସ୍ତୀର୍ କଇଲା; ଗର୍ ବାଙ୍ଗିଗାଲା ଯେ, ମୋର୍ ଆରି କାଏ ଦଷ୍ ରାଜା ମାପୁରୁ ବୋଇଲା ପୁନି । ରାଜା କଇଲା; ତେବେ କାର୍ ଦଷ୍ କଅ । ମିସ୍ତୀର୍ କଇଲା; ସିମିଟ୍ ଆରି ବାଲି ମିଶାଇବା ଲକ୍ ନିମାନ୍ କରି ନ ମିଶାଇଲେ ମୋର୍ କାଏ ଦଷ୍ । ଯେମ୍‌ତା

ମିଶାଇ ରଇଲାଏ ସେମ୍‌ତାର କରି ତିଆର୍ କରି ରଇଲି । ତାର୍‌ପାଚେ, ରାଜା କଇଲା; ସତ୍ କାତା ହୋ । ଯା ସିମିଟ୍ ଆରି ବାଲି ମିଶାଇବା ଲୋକ୍‌କେ କୋଜ୍‌ଲାଏ ଆରି ଦାରି ଆନ୍‌ଲାଏ ପୁନି । ରାଜା ସେ ମନ୍‌କେ ଶୁଳି ଚଢ଼ାଇବାକେ ଆଦେଶ୍ ଦେଲା । ତାର୍‌ପାଚେ ବାଲି ସିମିଟ୍ ମିଶାଇବା ଲୋକ୍‌ମନ୍ ରାଜାକେ କଇଲାଏ ଯେ, ରାଜା ମାପୁରୁ, ଆମର୍ କାଏ ଦୋଷ୍ ? ଆମ୍‌କେ ଶୁଳେ ଚଢ଼ାଇବାକେ ଆଦେଶ୍ ଦେଲାସ୍‌ନି । ରାଜା କଇଲା, ତୁମିମନ୍ ବାଲି ଆରି ସିମିଟ୍ ନିମାନ୍ କରି ମିଶାଇ ନ ରଇଲାସ୍ । ସେଟାର୍ ପାଇଁ ତାର୍ ଗର୍ ବାଙ୍ଗି ଦନ୍ ବୁଡ଼୍‌ଲା । ତାର୍ ମାଇଜିର୍ ଗଡ୍ ବାଙ୍ଗ୍‌ଲା, ଗୋରୁ, ବାଡ଼ି ମରି ଗାଲାଏ । ଜିନ୍‌ଷୁ ପାନ୍‌ଷୁ ନଶିଗାଲା । ଏତ୍‌ଡ଼େମାନ୍ ଦନ୍ ଦରବ୍ ତମର୍ ଲାଗି ବୁଡ଼୍‌ଲା । ସେଟାର୍ ପାଇଁ ତମ୍‌କେ ଶୁଳିଦଣ୍ଡ ଦିଆଗାଲାନି । ବାଲି ସିମିଟ୍ ମିଶାଉମନ୍ ବଡ଼େ ଚିନ୍ତାଏ ପଡ଼ିଗାଲାଏ । ତାକର୍ ବିତ୍‌ରେ ଗୋଟେକ୍ ଲକ୍ କଇଲା; ଦେକ୍ ରାଜା ମାପୁରୁ; ଯେତ୍‌ଡ଼େବଲ୍ ଆମି ବାଲି ସିମିଟ୍ ମିଶାଇତେ ରଇଲୁ; ସେତ୍‌ଡ଼େବେଲ୍ ସେ ଲଗେଉନି ଦାଙ୍ଗିଡ଼ି ଗୋଟେକ୍ ଦାଙ୍ଗିଡ଼ିପାରା ଦାଙ୍ଗିଡ଼ିନାଏ ଜୁମୁର୍ ଜାମର୍ ଅଇ କରି ଇଣ୍ଡି ଯାଇତେ ରଇଲା । ତାକେ ଦେକି ଦେକି କରି ନିମାନ୍ କରି ବାଲି ସିମିଟ୍ ମିଶାଇ ନାପାରଲୁ । ରାଜା ମିଶା ବଡ଼େ ଚିନ୍ତାଏ ପଡ଼ିଗାଲା । ରାଜା କଇଲା; ଇଟା ସେ ଦାଙ୍ଗିଡ଼ିର୍ କାଏ ଦଷ୍ । ସେ ଦାଙ୍ଗିଡ଼ି କୋନ୍‌ଟା ସେ ତାକେ ଦାରିଆନା ବାନ୍ଧିକରି ବୋଇଲା ପୁନି । ଲକ୍‌ମନ୍ ଯାଇକରି ସେ ଦାଙ୍ଗିଡ଼ିକେ କୋଜି ଆନ୍‌ଲାଏ । ରାଜାତାକେ ଶୁଳି ଚଢ଼ାଇବାକେ ଆଦେଶ୍ ଦେଲା । ତାର୍ ପାଚେ ଦାଙ୍ଗିଡ଼ି କଇଲା; ରାଜା ମାପୁରୁ ମୁଇଁ କାଏ ଦଷ୍ କଲି ଯେ, ମୋକେ ଶୁଳି ଲଗେ ଚଢ଼େଇଲାସ୍‌ନି ବୋଲି କଇଲାପୁନି । ରାଜା କଇଲା; ଏ ବେଣ୍ଡିଆମନ୍‌ର ବୁଦି ଆଜିଗାଲା । ନିମାନ୍ କରି ସିମିଟ୍ ବାଲି ମିଶାଇ ନା ପାର୍‌ଲାଏ, ସେଟାର୍‌ପାଇଁ ଗର୍ ବସ୍‌ଲି ଗାଲା । ତାର ଦନଦରବ୍, ପିଲା ମାଇଜି, ଗାଇଗରୁ, ଚ୍ଛେଲିମେଣ୍ଢା, କୁକୁଡ଼ା କୁକୁଡ଼ି, ଜିନ୍‌ଷୁ ପାନ୍‌ଷୁ, ନକି ଚାବ୍‌ଲା, ସବ୍‌ତେ ନସି ଯାଇ ତାର ଦନ୍ ବୁଡ଼ିଗାଲା । ତୋକେ ଦେକି କରି ଏନ୍ତାର୍ ଅଇଲା । ସେଟାର୍ ପାଇଁ ତୋକେ ଶୁଳି ଚଢ଼ାଉଁ । ତାର୍ ପାଚେ ଦାଙ୍ଗିଡ଼ି କଇଲା; ମୋର କାଏ ଦଷ ରାଜା ବାବୁ ? ଯେ, ପାଞ୍ଜୁଲ୍ ତିଆର୍ କରିଦେଇ ରଇଲା ତାର୍ ଆକା ଦଷ୍ । ତାକେ ମୁଇଁ ଜୁମୁକାନା ପାକା ବୋଲି କଇ ରଇଲି । ମୋର ପାଞ୍ଜୁଲ ଲୋଗେ ଜୁମୁକା ପାକାଇ ଦେଇ ରଇଲା ଯେ, ଜୁମୁର୍ ଜାମୁର୍ ବାଜ୍‌ତେ ରଇଲା । ସେଟାର୍ ପାଇଁ ବୋଲି ସିମିଟ୍ ବାଲି ମିଶାଇ ନା ପାର୍‌ଲାଏ । ତେବେ ତାର୍ ଗର୍ ବାଙ୍ଗ୍‌ଲା । ତାର୍‌ପାଚେ ସୁନାରିକେ କୋଜ୍‌ବାକେ ଗାଲାଏ । କୋଜି କୋଜି ତାକି ଗାଲାଏ । କବର୍ ମିଳିଲା ଯେ, ସୁନାରୀ ମରିଗାଲା ଆଚେ । ତାର୍ ପାଚେ ରାଜା ପାଚ୍‌ରଲା କାକେ ଶୁଳି ଦେଉ ? ସବ୍‌ତେ ଲୋକ୍‌ମନ କଇଲାଏ ଯେ, ମନ୍ତ୍ରୀକେ ଶୁଳି ଦେବାର ଆଚେ । କାଇକାଜେ ବୋଇଲେ ସେ ଶୁଳିଦେବାକେ ନିର୍ଦ୍ଦୋଷ ଲକ୍‌ମାନକେ କଇରଇଲା । ତାର୍ ପାଚେ ରାଜା ବିଚ୍‌ରଲା ଯେ, ହାଁ ସତ୍‌କାତା ତୋ, ଏମନର୍ ମୁଲ୍‌କେ ଦଷ୍ ନାଏ । ଏମନ୍ କାଇକାଜେ ଶୁଳି ଚଢ଼୍‌ବାଏ । ତେବେ ମନ୍ତ୍ରୀ ବେଶୀ ଅନ୍ୟାୟ କଲାନି । ହାଇଗିନେ ତାକେ ଶୁଳୀ ଚଢ଼ାଇବାକେ ଆଦେଶ ଦେଲା ପୁନି ।

## ଗିଦ୍ ଧେରିଲା ଗିରନା

ଗଟେକ୍ ଗୀଦ୍ ରେଇଲା । ଦିନ୍‌କେ ଗୀତ ମାରି କାନ୍ଦି ବୁଲି ରେଇଲା । ଏଲେ ଗଟେକ୍ ମିଶା ପୁଟିକି, ସାପସୁପା ଆରି ଟିଆଁମିଶା ନ ମିଲେ । ଗଟେକ୍ ଦିନ ଉଡ଼ିବୁଲି କରି ଗିଦ୍ ନାନା ଗୀତ୍ ମାରି ବୁଲତେ୍ ରେଇଲା, ଗିର୍‌ନା, ତଲେ ରେଇ କରି କଇ ଲାଗିଲା ।

ଗୀଦ ନାନା, ଗୀଦ୍ ନାନା, ତଲକେ୍ ଖଣ୍ଡେଆ
ଟିଆଁ ପଟ୍‌କି ମିଲିଲେ ସରି ବେଟିକରି ଖା ।
ଗୀଦ୍ ନାନା, ଗୀଦ୍‌ନାନା, ତଲ୍‌କେ ଖଣ୍ଡେଆ
ଟିଆଁ, ପଟ୍‌କି ମିଲିଲେ ସରି ବେଟିକରିଖା ।
ଗୀଦ୍ ନାନାଶୁନି କରି କୋପ୍ ପଡ଼ିଲା ଆରି
ଗିର୍‌ନାକେ ବେଟିଧେରି ଗାଲା ।

## ଗରବର ଜୀବନ ଗାଲା

ପାଣ୍ଡିରା ଗୁଡ଼ା ବୋଲି ଗୋଟେ ଗାଁ ରେଲା । ଗାଁଅର ସେବାଟେ ଗୋଟେକ୍ ବନ୍ଦ ରେଲା । ସେ ବନ୍ଦ ଥାନେ ଗୋଟେକ୍ ମାଛ୍ ଆରି ଗୋଟେକ କାକ୍‌ଡ଼ା ସାଙ୍ଗ ହେଇ ରଇତେ ରେଲାଏ । ସବୁ ଦିନେ ମାଚ୍ ଆରି କାକଡ଼ା ମିଶି ଭିଡ଼ି ଖାଇତେ ରେଲାଏ, ବୁଲତେ ରେଲାଏ, ଖେଲତେ ରେଲାଏ, ବଡ଼ ଶାନ୍ତିରେ ସେମନ ଜୀବନ କାଟ୍‌ତେ ରେଲାଏ ।

ଗୋଟେ ଦିନେ ସେ ଗାଁଅ ପାଣ୍ଡିରା ଗୁଡ଼ାର ଲୋକ୍ ମନ୍ ମାଛ୍ ଧରବା କାଜେ ସେ ବନ୍ଦକେ ଆଇଲାଏ । ମଜା ବନ୍ଦେ ଗୋଟେ ହିଡ଼ି ବାନ୍ଧି ଦେଲାଏ । ଆରି ଗୋଟେ ବାଟର ପାନିକେ ଆଁଟାଇବାକେ ଆରାମ୍ କଲାଏ । ଜନ ବାଟର ପାନିକେ ଲୋକମନ୍ ଆଁଟାଇବାକେ ଆରାମ୍ କଲାଏ, ସେ ବାଟ୍‌ର ପାନି ଥାନେ ସେ ମାଛ୍ ଆରି କାକ୍‌ଡ଼ା ରଇ ଦେଖ୍‌ତେ ରେଲାଏ । ଲୋକ ମନର୍ ପାନି ଆଁଟାଇବାଟା ଦେଖି ବଡ଼ ଚିନ୍ତା ଲୋଗେ ପଡ଼ିଗାଲାଏ । ଚିନ୍ତା କରି କରି ମାଚ୍ କାକଡ଼ା କେ କଇଲା - "କାକଡ଼ା ଭାଇ, ଆଜି ଆମେ ମଲୁ ଆରି ନ ବଞ୍ଚୁନି । ଲୋକ୍ ମନ୍ ଆମକେ ଧାରି ନେଇ ଖାଇ ଦେବାଏ ବେ । ତେବେ କାକ୍‌ଡ଼ା ଗରବ ହେଇ ମାଛ୍ କେ କଇଲା - ମାଚ୍ ଭାଇ ତୁଇ ଚିନ୍ତା କର, ତୋର୍ ବାଟ୍ ତୁଇ ଦେଖ, ମୁଇଁ ବଞ୍ଚବା କେ ମୋର ବାରଟା ବାଟ ଆଚ୍ଛେ, ମୁଁଇ କେନେ ମିଶା ଲୁଚି ପାରବି । ମୋକେ ଲୋକ୍‌ମନ୍ ଧାରି ନା ପାରତ ।"

ଏ ବାଟେ ଲୋକ୍‌ମନ୍ ପାନି ଆଁଟାଇ ଆନ୍‌ଲାଏ ନି, ମାଚର୍ ଚିନ୍ତା ଅଧିକ ହୋଇ ଗାଲା । ମୁଇଁ ଆଜି ଆରି ନା ବଞ୍ଚିନି, ଜେମିତି ମିଶା ମରବାଟା ମରିବି ଆକା ବୋଲି ପାନି

ଆଁଟ୍‌ବା ପେଟେକ୍ ଜାଗି ରେଲା । ପାନି ସବୁ ଆଁଟୁ ଆଁଟୁ ମୁଣ୍ଡାର ଆରି ଗୋଟେ ବାଟର ପାନି ଲଗେ ପୁଚ୍ କରି ଡେଗାଇ ଦେଲା, ଭୂତେକ୍ ପାନି ଥାନେ, ତାକେ ଆରି ଲୋକ ମନ ଧାରି ନା ପାର୍‌ଲାଏ ।

ଏ ବାଟେ କାକଡ଼ା ଆକା ରେଲା ପାନି ଆଁଟାଇ ସାରାଇ ଲୋକ ମନ କାକ୍‌ଡ଼ାକେ ଜନ୍ ବାଟେ ଲୁଚ୍‌ଲେ ମିଶା ଖୋଜି ଖୋଜି ଧାରି ନେଇ ଗାଲାଏ । ମାଛ୍ ବଞ୍ଚିଗାଲା, କାକ୍‌ଡ଼ା ଗରବ କରି ମରିଗାଲା ।

# ଚତୁର ପିଲା

ଗଟେକ୍ ଘରେ ବୁଆ, ଆୟା ଆରି ଗୋଟେକ୍ ପିଲା ରେଲାଇ ତାକର୍ ଘର୍ ବଡ଼େ ଗରିବ୍ ରୟଲାୟ, କେତେ ଦିନ୍ ଗାଲା ଉତାରେ ବୁଆକେ ମ୍ୟାଲେରିଆ ହେଇ କରି ମରିଗାଲା । ଆୟା କାର୍‌କାର୍ ଘରେ କାମ୍‌ଧାନ୍ଦା କରି ଦୁଇ ମାଁ ପିଲା ଚଲ୍‌ତେ ରେଲାଏ ।

ଗାଁ ହୁନି ଖାଣ୍ଡେକ୍ ଦୁର୍‌କେ ଗୋଟେ ବନ୍ଦ୍ ରେଲା ହାଏ ବନ୍ଦ୍ ହୁଡାନେ କାନ୍ଦା ଭାର୍‌ତେ ରେଲା । ଲୋକ୍‌ମନ୍ ଯାଇକରି ବନ୍ଦ୍ ହୁଡାହିନି କାନ୍ଦା ଖୁନି ଖୁନି ଆନ୍‌ତେ ରେଲାଏ ।

ମା' ପିଲାକେ କଏଲା ଆରେ ଡମରୁ (ପିଲାର ନାଁ) ଆମେ ମିଶାଯୁ କାନ୍ଦା ଖୁନି କରି ଆନୁ । କେତେକ୍ ଦିନ୍ ଆମର୍ ଚଲ୍‌ବାଟା ହେଇ ଯାଇସି । ଡମରୁ ହାଁ ଆୟା ଯୁ ବୋଲି କଇଲା ।

ସାକାଲ୍ ସାକାଲ୍ ଦୁଇ ମାଁ, ପିଲା କାନ୍ଦା ଖୁନି ଆନାବା କାଜେ ବାରଇଲାଇ । ବନେଯାଇ କାନ୍ଦାଖନୁ ଖନୁ ଆନ୍ଧାର୍ ହେଇଗାଲା । ମାଁ ପିଲା କାତା ହେଲେ ରାତି ହେଲାବେ ଏବେ କେନ୍‌ତା କରି ଗାଁ କେ ଯୁ । ଆଜି ଏ ପାଖର୍ ଗାଁ ଲାଗେ ଯାଇ କରି କାର୍ ପିଣ୍ଡାଥାନେ ମିଶା ଶଇଦେଉ ବେ । ସାକାଲେ ଉଠି ଆରି କାନ୍ଦାକେ ଖୁନିକରି ଘର୍‌କେ ଉଟିଯୁ ।

ମାଁ ପିଲା ଦୁଇ ଲୋକ ଯେତ୍‌କି କାନ୍ଦା ଖନି ରେଲାଏ ତାକେ ଧାରି ପାକର୍ ଗାଁ କେ ଗାଲାଏ । ଗାଁ କେ ଯାଇ ଦେଖ୍‌ଲାଏ ଗାଁ ଲୋଗେ ଗଟ୍ ଲୋକ୍ ନାଏ । ଆର୍ ଘରକେ ଯାଇ ଦେଖ୍‌ଲେ କବାଟ୍ ଉଗାଡ଼ା ଆଚେ । ସେମାନେ କାବା ହେଇ ଗାଲାଏ । କେନ୍ତାର୍ କରୁବେ ବୋଲି ଚିନ୍ତା କର୍‌ଲାଏ । ଗଟେକ୍ ଘରେ ହାଣ୍ଡିକୁଣ୍ଡି ସରତେ ସାମାନ୍ ରେଲା । ପିଲା ସିଟା ଦେକି କରି ତାର୍ ଆୟାକେ କଏଲା । ଆୟା ଆୟା ଏ ଘରେ ସବୁ ଆଚେ ଇଟି କାନ୍ଦା ସିଜାଇ ଖାଇକରି ଇଟି ସଇଦେଉବେ ।

ଆୟା କଏଲା ଆଲେ ତେବେ ଚୁଲି ଲାଗାଉ ବଲି ଚୁଲି ଲାଗାଇ କାନ୍ଦା ବସେଇଲା । ପିଲା ଘର୍ ଭିତ୍‌ରେ ଯାଇ ଖଟେ ବୁଲ୍‌ଲା ଖଟେ ବୁଲି ଉପରେ ଦେକ୍‌ଲାବେଲେ ଆଟୁ ଉପରେ

ଗଟେ ଚିଲ୍‌ଡାଇନି ବସ୍‌ଲା ଆଚେ । ଚିଲ୍‌ଡାଇନି ଭାବଲାନି ଏ ମନ୍ ଖାଇ ପି କରି ସଇଲା ପଦ୍ଦେଚରେ ରାତିକେ ଏମନ୍‌ର ଦଶା କର୍‌ବି । ପିଲା ଚିଲ୍ ଡ଼ାଇନିକେ ଦେକିକରି ବୁଦ୍ଧି ପାଈଲା । ତାର ଆୟା କେ କୟେଲା । ଆୟା ଆୟା ମକେ ବନ୍ଦାଡ୍ ଲାଗ୍‌ଲାନି । ଯୁ ମକେ ଖଣ୍ଡେକ୍ ସାଙ୍ଗ୍‌ଦେ ଆୟା କଏଲା । ଯାରେ ଏ ପାକେ ଯାଇ ବସିବେ । ନାଇ ଆୟା ପାକେ ବସ୍‌ଲେ କାନ୍ଦା ସାଲ ପକେ ଗନ୍ଦସି । ଖାଣ୍ଡେକ୍ ଦୂର୍ କେ ଯୁ ।

ଡମରୁ ଆରି ତାର୍ ଆୟା ଖାଣ୍ଡେକ୍ ଦୁରକେ ଗାଲାଏ । ଡମ୍‌ରୁ କଏଲା । ଆୟା ଆୟା ଆମେ ଯୁନ୍ ଘରେ ଆଚୁ ହାଇତି ଗଟେ ଚିଲ୍‌ଡାଇନ୍ ଆଚେ ତାକେ ଦେକିକରି ଗାଁ ଲୋକ୍‌ମନ୍ ସବୁ ଉଟିଗାଲା ଆଚତ୍ ଆମେ ମିଶା ଯୁବେ ଇତି ରଏଲେ ଆମ୍‌କେ ମିଶା ମରାଇଶି ।

ସତ୍‌କି ! ଆଲେ ଆଲେ ପାଲାଉ ତେବେ ବୋଲି କରି ଦବଡ୍‌ଲାଏ ଚିଲ୍‌ଡ଼ାଇନ୍ ଦେକ୍‌ଲା ବନ୍ଦାଡ୍‌ଯାଇ କରି ମା' ପିଲା ଆରି ନା ଆସ୍‌ବାଆଚତ୍ କେନେଗାଲାଏ ବୋଲି । ଆଟୁଥାନୁ ଉତ୍‌ରି ଦାଣ୍ଡେ ଭାର୍‌ଲା କିଏ ମିଶା ନାଏ ସେ । ତାକ୍ ଛାଡ୍‌ଲା ଏ କାନ୍ଦା କାରୋ ମା' ତର କାନ୍ଦା ପଡ୍‌ଲା ନି ଦାପେ ଆସା ତର କାନ୍ଦା ପଡ୍‌ଲାନି ।

ହେଦେ ଗୋ ଆୟା ଯୁବେ ପାଲାଉଁ ଆରି ଚିଲ୍‌ଡ଼ାଇନି ଖୋଜି ବୁଲ୍‌ଲାନି ବୋଲି ଆରି ପାଲଲାଇ । ଗୋଟେ ଗଚ୍ ଉପରେ ଚଗିକରି ରାତିରେ ରଇଲଏ । ସାକଲ୍ ହେଲାକେ ଜଡ୍‌ଡ୍ ପାରା କାନ୍ଦା କଡ଼ି କରି ଘରେ ଉଟିଗାଲାଏ ।

# କନ୍ଧ ବୁଢ଼ା ବୁଢ଼ି

କୁଡେଇ ପଦର ବୋଲି ଗୋଟେ ଗାଁ । ହାଇତି କନ୍ଦ ଡକ୍‌ରା ଡକ୍‌ରୀ ଗୋଟେ କୁଡିଆ କରି ରୋଇତେରେଲାୟ୍ । ଚେ଼ପ୍‌ଟି ନାକି ତାକର ଗୋଟେକ୍ ବୋଲି ଝି । ଝି ବଡ଼ ହେଲା କାଜେ ଡକରା ଡ଼କ୍‌ରି ତାର ପାଇଁ ଗୋଟେ ଘରଜୁଆଁୟ୍ ଖୋଜ୍‌ଲାୟ । ଡକ୍‌ରା ତାର ଝି କେ ଆରି ଘରଜୁଆଁୟ୍ ଖୋଜି ଭାରଲା । ଖୋଜି ଖୋଜି ଥାକିକିନା ଗୋଟେ ଗଚ୍ ତଲେ ଡକରା ବସିଦେଲା । ହାୟ୍ ଗଚ୍ ଉପ୍‌ରେ ଗୋଟେ ଛଈାନ୍ ରେଲା । ସେ ଛଈାନ୍ ତଲେ ଉତରି ଡକ୍‌ରାକେ କାଇଟା ହେଲା ବୋଲି ପାଚ଼ର୍‌ଲା । ଡକ୍‌ରା ସବୁକାତା ଛଈାନ୍‌କେ ସାଙ୍ଗିଦେଲା । ଛଈାନ୍ ସବୁ ସୁନି ଡକ୍‌ରା କେ କଇଲାଯେ ମାମା ମୁଁଇତ ଏକଲା ଆଚ଼ି, ମୋର୍ ପିଲା ମାଇଜିମିଶା କେ ନାଇଁ । ମୁଁଇ ରଉଁ ରଉଁ ତୁଇ କାଇକେ ଘରଜୁଆଁୟ୍ ଖେଜଲୁସ୍‌ନି ? ଡକରା ବିଚ଼ାର କରି ସତ୍‌କାତା ବୋଲି ଭାବ୍‌ଲା ଆରି ତାର୍ ଝି କେ ଛଈାନ୍ ସଙ୍ଗେ ବିଭା କରିଦେଲା । ଝି ବିଭା ହୋଇ ଛ'ମାସ ଗାଲା ଭତାରେ ଡକରା ଡକରି ଗୋଟେ ଦିନ ତାର ଝିଜ୍ୱାୟଁ ଘରେ ବୁଲବାକେ ଗାଲାୟ୍ । ସାତ୍‌ରା ସାତ୍‌ରୀ ଆଇଲାଆଚତ୍ ବୋଲି ଛାଈନ ସବୁ

ଦିନ୍ ସେମନ୍‌ର ଲାଗି ଗୁଣ୍ଡ୍‌ରୀ ମାଉଁସ ଝୋଲ ଆରି ବେତା ମୂଷା ମାଉଁସ୍ ଭାଜା ରାନ୍ଧି ଦେତେରେଲା । ଡକରା ଗଟେ ଦିନ ବିଚ୍ୟର କଲା ଯେ ମର୍ ଜ୍ୱାଏଁ କନ୍‌ତିନୁ ଦିନକେ ଗୁଣ୍ଡରୀ ଆରି ମୂଷା ଧାରି ଆନ୍‌ଲାନି, ଆଜି ସଞ୍ଜବେଲେ ନାଜାନ୍‌ଲା ପାରା ତାର ପଚ୍ଛେ ପଚ୍ଛେ ଯାଇ ଦେକ୍‌ବି ବୋଲି ଭାବ୍‌ଲା ଆରି ସେମତ୍‌ସେ କଲା । ଡକରା ଦେଖିଲାଯେ ଛଞ୍ଚାନ୍ ଗୋଟେ ଗଚ୍ ଟିପେ ବସି ତଲେ ଭଲକରି ଦେଖିଲାନି । ଯେତେବେଲେ ହାୟ୍ ଗଚ୍‌ତଲେ ଗୁଣ୍ଡରୀ ଚେତେଇ ଆରି ମୂଷାମାନେ ଆଇତେରେଲାୟ୍ ଛଞ୍ଚାନ୍ ତାର ଦୁଇଟା ଡେନାକେ ମେଲା କରି ଗଛ ଥାନୁ ଡେଗାଇକରି ଚେଡ଼େଇ ଆରି ମୂଷାକେ ଧାରତେ ଗେଲା । ଡକରା ଏଟା ଦେଖି ବଡ଼େ ସର୍‌ଦା ହେଇଗଲା । ମାସେକ୍ ଗେଲାପଚ୍ଛେ ଡକରା ଡକରୀ ଘରେ ଲେଉଟି ଗାଲାୟ୍ । ଗଟେ ଦିନ୍ ଡକରା ଡକରୀକେ କଇଲା ଡକରୀ ଆଜି ସଂଜବେଲେ ଫୁଲି ମଦ୍ କାଚେକ୍ ଆନିରେ ବୁସ୍ ମୁଇଁ ଗୁଣ୍ଡରୀ ଆନ୍‌ଲେ ଚାକ୍‌ନା କରି ଖାଉ । ଡକରୀ ହାଁ ବଲ୍‌ଲା ଡକରା ଗୁଣ୍ଡରୀ ଧାର୍‌ବାକେ ଗାଲା । ଡକରା ଭାଟା ଥାନେ ଗୋଟେ ବଡ଼ ଗଛର ଟିପେ ଚ଼ଗଲା ଆରି ବସଲା । ଯେତେ ବେଲେ ଗୁଣ୍ଡୁରୀ ଚେଡ଼େଇ ମନେ ମାଣ୍ଡିଆ ଖାଇବାକେ ଭାଟା ଥାନେ ଆସି ବସଲାୟ୍ ଡକରା ତାର ଦୁଇଟା ଡେନା (ହାତ୍‌କେ) ମେଲା କରି ଚେଡେଇମନ ଉପରେ ଡ଼େଗାଇଲା । ଡକ୍‌ରାର ମାଣ୍ଡିଚଣ୍ଡିର ଚାମ୍ ଛାଡ଼ିଗାଲା ଆରି ଦାନ୍ତ ଭଚ୍‌ଡ଼ା ହୋଇଗାଲା । ବଡ଼େ କଷ୍ଟେ ହାଇତିନୁ ଡକରା ଉଟିକରି ଆଇଲା । ଡକ୍‌ରୀ ଦେଖି କାବା । ପଚ୍ଛେ ଡକରା ସବୁକାଟା ଡକରୀକେ କୟ୍‌ଲା । ଡକରୀ ଡକରାକେ ହୁତା ହୁତା ତିନକୁତା କଲା । ପଚ୍ଛେ ଡକରା ଡକ୍‌ରୀ ଝିକେ ଗିସା ହୋଇ ତାଙ୍କର ଝିକେ ଝିକିକରି ଆନଲାୟ୍ ।

କେତେଦିନ୍ ଗଲାପଚ୍ଛେ ଡକରା ଡକରୀ ଆରି ଜ୍ୱାଇଁ ଖୋଜ୍‌ଲାୟ୍ । ଖୋଜି ଖୋଜି ଗୋଟେ କଲିଆ ସଙ୍ଗେ ତାର ଝି କେ ବିଭାକରି ଦେଲାୟ୍ । କଲିଆ ଆରି ଚେ଼ପଟିନାକି ଡଙ୍ଗରେ ଗୋଟେ ପାର୍‌ତାନେ ଘର କରି ରେଲାୟ୍ । ଭୂତେକ୍ ଦିନ୍‌କେ ଡକରା ଡକ୍‌ରୀ ଝି ଜ୍ୱାଏଁ ଘରେ ବୁଲବାକେ ଗାଲାୟ୍ । ସିଠି କେତେଦିନ ରେଲାୟ୍ । କଲିଆ ଦିନ୍‌କେ ସାତରା ସାତରୀ ପାଇଁ କୁକ୍‌ଡ଼ା ଖୋଜି ଆନ୍‌ତେରେଲା । ଡକ୍‌ରା ବିଚ୍ୟର କଲା ଯେ ମୋର ଜ୍ୱାଏଁ କନ୍‌ତିନୁ କୁକ୍‌ଡ଼ା ଦିନ୍‌କେ ଆନ୍‌ଲାନି ଆଜି ଛନେକ୍ ଧିରେ କରି ଦେଖିବି । ସେଦିନ୍ ଡକ୍‌ରା ସଞ୍ଜବେଲେ କଲିଆ ପିଟିପିଟି ନାଜାନ୍‌ଲା ପାରାଗାଲା । କଲିଆ ସଞ୍ଜବେଲାୟ୍ ଗାଁ ମୁଣ୍ଡର ଗୋଟେ ଘରର୍ ବାଡ଼ି ପଛବାଟେ ଲୁଚି କରି ବସ୍‌ଲା । ବେଲ୍ ବସାଲା କାଜେ କୁକ୍‌ଡ଼ାମନେ ଘରେ ଲେଉଟି ଆଇତେ ରେଲାୟ୍ । ଏତ୍‌କି ବେଲେ କଲିଆ ଗୋଟେ ବଡ଼ ଗାଞ୍ଚା ଦେଖିକରି ଗୁଦଗୁଦି କରି ଡେଗାଇ ଗାଞ୍ଚା ଧାରି ପାଲାଏ ଆଇଲା । ଡକ୍‌ରା କଲିଆ ଥାନୁ ଏ ବୁଦ୍ଧି ଶିଜି ବଡ଼େ ସାରଦା ହେଲା । ଡକରା ଡକ୍‌ରୀ ମାସେକ୍ ରଇ ଘରେ ଲେଉଟି ଗାଲାୟ୍ । କେତେଦିନ୍ ଗାଲାପଚ୍ଛେ ଡକ୍‌ରା ଡକ୍‌ରୀକେ କୟ୍‌ଲା ଯେ ମୁଁଇ ଆଜି କୁକ୍‌ଡ଼ା ଧେନ୍‌ବାକେ ଗାଁ ଭିତରେ ଯିବି । ତୁଇ ରାନ୍ଧିବାଡି ସଲପ୍ ଗୋଟେ ଆଣ୍ଡି ଆନିରୋ । ମୁଁଇ ଗାଲିନି । ଡକ୍‌ରା ଭାରଲା ।

ଆରି ଗୋଟେ ଘରର୍ ବାଡି ପଛ୍‌ବାଟେ ଡକରାପାକ୍‌ନା ଥାନେ ବସ୍‌ଲା । ବେଲବୁଡ଼ା ବେଲେ କୁକ୍‌ଡ଼ା ମାକ୍‌ଡ଼ା ମନ ଘରେ ଲେଉଟି ଆଇତେରେଲାୟ୍ । ଡକରା ଦେଖ୍‌ଲା ଦେଖ୍‌ଲା ଆରି ଗୋଟେ ବଡ଼୍‌ଟା ପେଟି କୁକ୍‌ଡ଼ା ଉପରେ ଗୁଦ୍‌ଗୁଦି କରି ଡେଗାଇଦେଲା । କୁକ୍‌ଡ଼ା ପେଟି ପଡ୍‌ଫଡ଼ି କରି ପଲାୟ୍‌ଲା । ଡକ୍‌ରାକେ ଜବର୍ ମାଡ଼୍‌ବାଜ୍‌ଲା । ଡକ୍‌ରା ମରିଗଲିମାଁ ବୋଲି ରାଟୁ କଲା । ପାକିଟଡ଼ି ଥାନେ ରେବା ଲୋକମନ୍ ଠେଙ୍ଗାବାଡି ଧରି କୁକ୍‌ଡ଼ା ଚ଼ରୁ ଡକରାକେ ମାଣ୍ଡିଆ ଚପ୍‌ଲାପରାଚ଼ପି ପକାୟ୍‌ଲାୟ୍ । ଡକରା ମାଡ୍ ଖାଇକରି ବଡ଼େ କଷ୍ଟେ ଘରେ ଆଇଲା । ଡକ୍‌ରାର ଅବସ୍ଥା ଦେଖି ଡକ୍‌ରୀ କାୟ୍ ହେଲା ବୋଲି ପଚାର୍‌ଲାକେ ଡକ୍‌ରା ସବୁ କାଟା କଇଲା । ଡକରାର୍ କାଟା ସୁନି ଡକରୀ ଅଦିକ୍‌ସେ ରିସା ହୋଇକରି ଡକାରାକେ ଆରି ଦୁଇବାଡ଼୍‌ନି ମାର୍‌ଲା । ଡକରା ପଚ଼େ ବିଚ଼ର୍ କଲା ଯେ କଲିଆ ଲାଗି ବଲି ଆଜି ଏଡ଼େକ୍ କାଟା ହେଲା । ଟାର୍ ଆର୍‌କର୍ ଦିନେ ଡକରା କଲିଆଘରେ ଯାଇ ଟାର ଝିକେ ଝିକି ଧାରିଆଇଲା ।

ଚେପ୍‌ଟିନାକି ଗଟେକ୍ ବରଷ ଟାର ଆୟ୍‌ଆ ବୁଆ ଘରେ ରଇଲା । ପଚ଼େ ଡକରା ଡକରି ଟାର ପାଇଁ ଗଟେ ଭଲ ଜ୍ୱାୟଁ ଖୋଜବାକେ ଭାର୍‌ଲାୟ୍ । ଖଜୁ ଖଜୁ ପଚେ ସେମନ୍ ବନବାଗ୍ରିଆ କେ ଭେଟଲାୟ୍ । ବନ୍‌ବାରିଆ କଇଲାଯେ ମାମାଁ ମୁଇ ତୋର ବେଟିକେ ବନର ଫଲମୁଲ ଖୁଆଇ କରି ଭଲକରି ରକ୍‌ବି । ଡକରା ଡକରି ଚେପ୍‌ଟିନାକିକେ ବରିଆ ସଙ୍ଗେ ବିଭାକରି ଦେଲାୟ୍ । ବିଭାକରି ଛ'ମାସ ଗଲା ଉତାରେ ଡକରା ଡକରୀ ଝି ଜ୍ୱାୟଁ ଘରେ ବୁଲ୍‌ବାକେ ଗାଲାୟ୍ । ବରିଆ ସବୁଦିନେ ବନର କାନ୍ଦା, ଫୁଲମୁଲ ଆନି ଟାର ସାତରା ସାତ୍‌ରୀକେ ଖାଇବାକେ ଦେଲା । ଡକରା ଡକରୀ ମାସେକ୍ ରେଲା ପଚ଼େ ଘରେ ଯିବାକେ ଭାର୍‌ଲାୟ୍ । ଏଡିକି ବେଲେ ଚେପ୍‌ଟିନାକି ବରିୟାକେ କଇଲାଯେ ମୋର ଆୟ୍‌ଆ-ବୁଆଟ କାଲିକେ ଯିବାୟ୍‌ବେ ତାକର୍ ଲାଗି ଆଜି ପିଠା ରାନ୍ଧିଦେଉ । ବରିଆ ହାଁ ବଲ୍‌ଲା । ଚେପଟିନାକି ଏବେ ପିଠା ସାଜ୍‌ଲା । ପିଠା ଶାଜି କରି ଟିକନ୍ ସଙ୍ଗେ ଛାନିବି ବୋଲି ଟିକନ ଖଜ୍‌ବାବେଲେ ଦେଖ୍‌ଲାଯେ ଟିକନ୍ ସାରିଗାଲା ଅଚ଼େ । ପଚ଼େ ଚେପ୍‌ଟିନାକି ବରିଆକେ ଟିକନ୍ ଘେନିଆନ୍‌ବାକେ କଇଲା । ବାରିଆ କଇଲାଯେ ଏବେ ରାତି ହେଲାବେ ମୁଁଇ କନ୍‌ତି ନଯାଇ । ତୁଇ ପିଠା କଡେଇ ଚୁଲିଲଗେ ବସାଇ ଧାରାମ୍‌କେର ଟିକନ୍‌ର କଡା ମୁଁଇଁ ଜାନି । ପଚେ ଚେପ୍‌ଟିନାକି କଡ଼ାଇକେ ଚୁଲି ଉପ୍‌ରେ ବସାଇ ତପତ କଲା । ତପତ କଡେଇ ଉପରେ ବରିଆ ଯାଇ ବସ୍‌ଲା । ବରିଆର୍ ପେଟେ ରେବା ବେସି (ଚର୍ବି) ସବୁ ଟିକନ ଫାଟି କରି ଭାର୍‌ଲା । ଆରି କଡ଼େଇ ଭର୍ତ୍ତି ହୋଇଗାଲା । ପଚ଼େ ଚେପ୍‌ଟିନାକି ପିଠା ଛାନ୍‌ଲା । ଡକରା ସବୁ ଦେକ୍‌ତେରେଲା ଆରି ବଡ଼ ଶାରଦା ହେଲା । ସାକାଲ୍ ପାୟ୍‌ଲା କାଜ୍‌କେ ଡକରା ଡକ୍‌ରୀ ଉଟି ଗାଲାୟ୍ । ବର୍ଷାମାସ୍ ଆଇଲା । ଡକରା ଡକରୀ ବେଡା ଖୁଡାଲ୍‌ଗେ ଯାଇ କାମ୍‌କର୍‌ଲାୟ୍ । ଗଟେକ୍ ଦିନେ ବର୍ଷାପାଗେ ଡକରା ଡକରୀକେ କଇଲା ଆଜି ପାକୁଡି ଛାନୁ । ଡକରୀ ପିଆଜ୍‌କାଟି ଚୁନା ଚକ୍‌ଟଲା ଆରି ଡକ୍‌ରାକେ ଟିକନ୍ ଘେନି ଆନ୍‌ବାକେ

କଇଲା । ଡକରା ଡକରୀକେ କଇଲା କଡେଇ ତପତ କର ମୁଇଁ ଚିକନ ବର କର୍‌ବି । ଡକରି କଡେଇ ତଦାଇଲା । କଡେଇ ତପଲା ପଚେ଼ ଡକାରା ହାଥ୍ ଉପରେ ଯାଇ ବସିଦେଲା । ବସୁ ବସୁ ଡକରାର୍ ଆତ ଗଡ଼ ସବୁ ନସିଗାଲା । ଡକ୍‌ରାର ଅବସ୍ଥା ଦେଖି । ଡକ୍‌ରି ସଙ୍ଗେ ସଙ୍ଗେ ଡକ୍‌ରାକେ ଡାକ୍ତର ବାବୁ ପାକେ ନେଲା । ଡକ୍‌ରା ଭଲ ହେଲା ପଚେ଼ ତାର ଟକିକେ ବରିଆ ଠାନୁ ଛଡାଇ ଆନ୍‌ଲା । (ପଚେ଼ ଚେପଟିନାକି ତାର ବାବାକେ ବୁଝାଇ ଦେଲାଯେ ଯାର ହାତେ ଯାଇଟା ହଇସି ସେ ସେଇଟା କଲେ ଭଲ । ଲକ୍‌କେ ଦେଖି ତାକରପାରା ମୁଇଁ ମିଶା କରିପାରିବି ବଲେ ଏମ୍‌ତିସେ ହିନସ୍ତା ହେବାକେ ପଡ଼ସି ।)

# ବାଇଗନ୍ ଗଚ଼ ଆରି କୁକୁଡ଼ା ମାଇ

ସାନ୍ ବାଇଗନ୍ ଗଟେକ୍ ରେଲା । ସେ ଗଛ ଦିନ୍‌କେ ଦିନ୍ ବଟ୍‌ଟା ହେଲା ଆରି ଡେଙ୍ଗା ହୋଇଗାଲା । ସେ ଗଚେ଼ ଗଟେକ୍ ବଡେଟା ବାଇଗନ୍ ଫଲଲା । ସେ ବାଇଗନ୍ ଗଚ୍ ତଲେ ଗୋଟେକ୍ କୁକ୍‌ଡ଼ାମାଇ ତାର ପିଲା ପିଚ୍‌କା ସଙ୍ଗେ ସବୁ ଦିନ୍ ଚ଼ରବାକେ ଯାଇସି । ଏବେ ବାଇଗନ୍ ହଲ୍‌ଦିଆ ଦିସ୍‌ଲାନି । ବାଇଗନ୍ କୁକ୍‌ଡ଼ା ମାଇକେ କଇଲା : ଉଟ୍ ଉଟ୍‌ରେ କୁକ୍‌ଡ଼ା ମୁଇ ତର୍ ମୁଣ୍ଡେ ଅଦ୍‌ରବି ।

କୁକୁଡ଼ା ମାଇ କଇଲା – ତୁଇ ଅଦ୍‌ରୁସ୍ ନାଇଁ ବାଇଗନ୍ ମୋର୍ କାଥ୍ ଗାଲା ?

ଏମ୍‌ତାର ବାଇଗନ୍ କୁକ୍‌ଡ଼ା ମାଇକେ କେତେକ ତର କଇଲା । କୁକ୍‌ଡ଼ାମାଇ କତାନ ସୁନ୍‌ଲା । ପଚେ଼ ବାଇଗନ୍ କୁକ୍‌ଡ଼ାମାଇର୍ ମୁଣ୍ଡେ ଅଦ୍‌ରଲା । କୁକ୍‌ଡ଼ାମାଇ ଛଟ୍‌ପଟି ଛଟ୍‌ପଟି ମରିଗାଲା । ସାନ୍ ସାନ୍ କୁକ୍‌ଡ଼ା ଟିଅଁ ମାନେ ଆୟାର୍ ମୁଣ୍ଡେ ବାଇଗନ ଅଦର୍‌ଲା ବୋଲି କାନ୍ଦି କାନ୍ଦି କଲିଆ ମାମୁଁ ଲଗେ ଗାଲାୟ୍ । କଲିଆମାମୁଁ ତାର ଭନ୍‌ଜାଭାନ୍‌ଜିକେ ନ କାନ୍ଦାନି ବୋଲି ବୁଜାଇଦେଲା ଆରି କଇଲାଯେ ଭାନ୍‌ଜାଭନ୍‌ଜି ମନ ତମେ ଗରେ ରୁଆ ମୁଇଁ ତମର ମାକେ ମସାନେ ନେଇ ତୋପି ଆଇବି ବଲ୍‌ଲା । କଲିଆ କୁକ୍‌ଡ଼ାମାଇକେ ଧାରିକରି ଗଟେ ଭାଟାଥାନେ ଗାଲା । ହାଇତି କଲିଆ କୁକ୍‌ଡ଼ା ମାଇକେ ବସିକରି ଖାଇଲା ଆରି କୁକ୍‌ଡ଼ାର୍ ଗଡ୍ ଦୁଇଟାକେ ଖାଇନାପାରି ତାର୍ କାନେ ଖୁଚି ହୋଇ ଭାରିଆଇଲା । କଲିଆ ବିଚ୍ଚରକଲା ଯେ କୁକ୍‌ଡ଼ାମାଇର୍ ମାଉସ୍ ବଡ଼େ ସୁଆଦ୍, ତା'ର ପିଲାଝିଲାର ମାଉସ୍ ମିଶା ଏମତ୍‌ସେ ସୁଆଦ ହୋଇରଇସି । ମୁଁଇ ଦିନ୍‌କେ ସେମନ୍‌କେ ଗୋଟେ ଗୋଟେ ଧାରିଖାଇବି ବୋଲି ଭାବ୍‌ଲା । କଲିଆ ପଚେ଼ ତାର ଭାନ୍‌ଜାଭାନଜି ଲଗେ ଆଇଲା ଆରି କଇଲାଯେ ଭାନ୍‌ଜାଭାନ୍‌ଜି ମନ ମୋର ମୁଣ୍ଡେ ଗଟେ ଗଟେ ଜଡ଼ାମଞ୍ଜି ରଖି ସାବଲି ସଙ୍ଗେ ଟେଟ୍ ଟେଟ୍ ଫୁଟାଇ ଦେଲାୟ୍ । ଫୁଟାଉ ଫୁଟାଉ କୁକ୍‌ଡ଼ା ପିଲାମନ ତାକ୍‌ର ମାର ଗୋଡ୍ କଲିଆ କାନେ ଖୁଚି ହେବାଟା ଦେଖିଦେଲା -ୟ୍ । ଆରି କଲିଆକେ କାନ୍ଦିକରି କଇଲାୟ୍ –

ମାମୁ ମାମୁ ପାସରଲା ଦୁଃଖ୍‌କେ ଆରି ହେତକରାଇଲୁସ୍ ଆମର୍ ମାର୍ ଗୋଡ୍ ଦୁଇଟା କାନେ ଖୁଚି ହେଲୁଆଚୁସ୍ । କଲିଆ କଇଲା - ଆହାଃ! ଏଇଟା ପାସ୍‌ରୀ ଗାଲି ଭାନ୍‌ଜା ଭାନ୍‌ଜି ମନ ଏବେ ଯାଇ ଏ ଗଡ୍ ଦୁଇଟାକେ ତୋପି ଆଇବି । ଏଦେ ମୁଇଁ ଗାଲିନି ଯେ ଆଜି ନ ଆସିନି ତମେ ରାତିକେ କନ୍ତି ସଇବାସ୍ ? କୁକ୍‌ଡ଼ାଟିଅଁ ମାନେ କଇଲାୟ୍ ମାମୁଁ ଆମରମା ଆମ୍‌କେ ଗଟେ ଚୁଲି କରିଦେଲା ଅଚ୍ଛେ । ସେ ଚୁଲି ଭିତରେ ଆଜି ଆମେ ସଇବୁ । କୁକ୍‌ଡ଼ାଟିଅଁ ମନ ସଞ୍ଜ୍ ବେଲାୟ୍ ସେ ଚୁଲି ଭିତରେ ଜୟଲାଗାଇ ଅଙ୍ଗରାମନକେ ଲାକ୍‌ରି ଢ଼ାପି ଦେଇ ଆଟୁ ଉପ୍‌ରେ ଯାଇ ଶୋଇ ଦେଲାୟ୍ । ରାତିର୍‌ବେଲା କଲିଆ କୁକ୍‌ଡ଼ା ଥାପ୍‌ବାକେ ଆସି ସେ ଚୂଲି ଭିତରେ ହାତ୍ ଅଲାଇଦେଲା । ହାତ୍ ଅଲାଉ ଅଲାଉ କଲିଆ କେଅଁ କେଅଁ କରି ଦବଡ୍‌ଲା । ପଚ୍ଛେ କଲିଆ ତାର ପଡ଼ଲାହାତ୍‌କେ ଗବର୍ ଗାଡେ ଚବାଲି ଦେଲା ଆରି ମନେ ମନେ ଭାବ୍‌ଲାଯେ ଭାନଜାଭାନ୍‌ଜି ମନ ଆଜି ସିନା ମକେ ଠକ୍‌ଲାସ୍ କାଲିକେ କନ୍ତି ଯିବାସ୍ ? ଆଇରି ଗଟେ ଦିନେ କଲିଆ ତାର ଭାନଜାଭାନ୍‌ଜି ପାକେ ଯାଇ ଭଲ ଆଚାସ୍‌କି ବୋଲି ପାଗ୍‌ରଲା । କୁକ୍‌ଡ଼ାଟିଅଁ ମନେ :- ଭଲ ଆବୁମାମ! ତୋର୍ ହାତ୍ କେନ୍‌ତର ହେଲା ? କଲିଆ ବଲ୍‌ଲା - କାକ୍‌ଡ଼ା ଧାରତେ ରେଲି ଭାନଜା-ଭାନ୍‌ଜିମନ ଆରି ଅଦର୍‌ଲି । ଏଦେ ତମେ ଭଲ ହୋଇ ରୁଆ । ମୁଁଇ ଆରିଗଟେ ଦିନ୍ ତମର୍ ପାକେ ଆଇବି । ଆଜି ରାତିକେ କନ୍ତି ଶଇବାସ୍ ? କୁକ୍‌ଡ଼ା ପିଲାମନ କଇଲାୟ୍ :- ମାଁ ଆମର ପାଇଁ ଗୋଟେ ନୂଆଁ ଗୁନା (ହାଣ୍ଡି) ଘେନି ଦେଲାଆଚ୍ଛେ ହାଇତି ଆଜି ଶୋଇବୁ । କଲିଆ ପଚ୍ଛେ ଗାଲିନି ବୋଲି ପାଲାୟ୍‌ଲା । କୁକ୍‌ଡ଼ା ପିଲାମନ ରାତିରବେଲା ସେ ହାଣ୍ଡି ଭିତରେ ତପତ ପେଜ୍ ରାନ୍ଧି ଢ଼ାପି ଦେଇ ଗୋଟେ ବଡ଼୍‌ଲାଉ ତୁମ୍ବା ଭିତରେ ଶୋଇଦେଲାୟ୍ । ରାତିର୍‌ବେଲା କଲିଆ କୁକ୍‌ଡ଼ା ଥାପ୍‌ବାକେ ଆଇଲା ଆରି ସେ ଗୁନା ଭିତରେ ହାତ ଚ଼ବାଲି ଦେଲା । ତପତ ପେଜ ଲଗେ କଲିଆର ହାତ୍ ସିଜିଗାଲା । କଲିଆ ମରିଗାଲି ଆୟା ବଲି ରାଟୁ କରି ଏନେତେନେ ଘର ଭିତରେ ଦବ୍‌ଡ଼ି ବୁଲ୍‌ଲା । ଦବ୍‌ଡୁଦବ୍‌ଡୁ ତୁମ୍ବା ଆନେ ତାର ମୁଣ୍ଡ ଟେସାଇ ହେଲା । ଭିତରେ ରେବା କୁକ୍‌ଡ଼ା ପିଲାମନେ କତ୍‌କତି କରି ହାସିଁ ଦେଲାୟ୍ । ପଚ୍ଛେ କଲିଆ ସେ ତୁମ୍ବାକେ ଧାରି ପକାୟ୍‌ଲା ଆରି କଇଲା; ଆଜି କନ୍ତି ଯିବାସ୍ ତମ୍‌କେ ଗଟେ ଗଟେ କରି ଖାଇବି । ପଚ୍ଛେ କୁକ୍‌ଡ଼ାଟିଅଁ ମନ୍ କୟ୍‌ଲାୟ୍ :- ମାମ । ମାମ । ତୁଇ ଆମ୍‌କେ ଗୋଟେ ଗଟେ କରି ନଖା, ଆମକେ ଡର ଲାଗସି । ତୁଇ ଏ ତୁମ୍ବାକେ ଧାରି ଗାଡ଼େ ଯା' ଆରି ହାଇତିର୍ ଗଟେ ଚେଚରା ପାକ୍‌ନା ଥାନେ ତୁମ୍ବାକେ ଚ଼ପି ଦେସ୍ । ଆମେ ମରିଗାଲେ ତୁଇ ଖା'ତୁନ । କଲିଆ ହାଁ ବଇଲା ଆରି ତୁମ୍ବାକେ ଧାରି ଗଟେକ୍ ବଡିଟା ଚ଼େଚ୍‌ରା ପାକ୍‌ନା ଉପରେ ଚ଼ପି ଦେଲା । ତୁମ୍ବା ଫାଟୁ ଫାଟୁ କୁକ୍‌ଡ଼ାମନ ଫଡ୍ ଫାଡ୍ କରି ଉଡି ପଲାୟ୍‌ଲାୟ୍ । କଲିଆ ଛି - ଛା ହେଲା ଆରି ମୋର କରମ୍‌ସେ ଏନତା ବୋଲି ବିଚ୍ଚ୍‌ରଲା । ପଚ୍ଛେ ଦେଖ୍‌ଲାଯେ ଗୋଟେ ସବୁନୁ ସାନ କୁକ୍‌ଡ଼ା ଟିଅଁ ଗୁ-ମୁତ ଲଗେ ଲୁଟ୍‌ପୁଟି କରି ଉଡି ନା ପାର୍‌ଲାନି,

ପାକ୍‌ନା ଉପ୍‌ରେ ଛଟପଟି ଗାଲାନି । କଲିଆ ସେ କୁକ୍‌ଡ଼ା ପିଲାକେ ଧାର୍‌ଲା ଆରି କୟ୍‌ଲା - ଭାନ୍‌ଜି ସବୁ ତ ଉଡି ପଲାୟ୍‌ଲାୟ୍‌, ତୁଇ ଧାରାପଡ଼ିଲସୁ ଆଜି ତକେ ଖାଇବି । ଭାନ୍‌ଜି କୟ୍‌ଲା : ମାମ । ମୁଇଁ ଗୁ-ମୁତ୍‌ ଲଗେ ଲୁଟ୍‌ପୁଟି ଆଛି । ମକେ ତୁଇ ଧୂଆଧୁଇ କରି ଖା । କଲିଆ ସତେସେ ବୋଲି ତାକେ ଗାଡ଼େ ନିମାନ୍‌ କରି ଧୋଇଦେଲା ଆରି ଖାଇବି ବଲ୍‌ଲା । ତାର ଭାନଜି କୟ୍‌ଲା :- ମାମୁ । ତୁଇ ଛନେକ୍‌ ଜାଗି ନପାରୁସ୍‌କି ମକେ ଶୀତ୍‌ ଭିଜ୍‌ଲା, ମୋର ଅଦା ଗାଗଡ୍‌ ଛନେ ଶୁଖଲେ ଖାଁ । କଲିଆ ହାଁ ବଲ୍‌ଲା । କୁକ୍‌ଡ଼ା ଟିଅଁ ଡେନା ଝାଡ଼ି ହୋଇ ଶୁଖିଗାଲା ଆରି କଲିଆକେ କୟ୍‌ଲା :- ମାମୁ । ମୁଇ ଶୁକ୍‌ଲିବେ, ତକେ ଦେଖିଲେ ମକେ ଡ଼ର ଲାଗ୍‌ଲାନି । ତୁଇ ଆଖିଲିମି କରି ଆଁ ଫାଡ଼ ଆରି ମକେ ତର୍‌ ଅଟିଁ ଲଗେ ସଙ୍ଗାଇଦେ । ମୁଁଇ ଏବେ ଧିରେ କରି ତୋର୍‌ ଟଣ୍ଡେ ପୁର୍‌ବି । କଲିଆ ସାର୍‌ଦା ହୋଇ ଆଖି ଲିମ୍‌ଲା ଆରି ତାର ଭାନ୍‌ଜିକେ ଧିରେ କରି ଅଟିଁ ଲଗେ ସଙ୍ଗାଇଦେଲା । ଭାନ୍‌ଜି କଲିଆର ଅଟିଁ ଉପରେ ବସ୍‌ଲା ଆରି କଲିଆର ଟଣ୍ଡେ ପିରିଚ୍‌ କରି ହାଗି ଦେଇ ଫଡ୍‌ଫଡି କିନା ଉଡି ପଲାୟ୍‌ଲା । କଲିଆ କାବା ହୋଇଗାଲା ଆରି କୟ୍‌ଲା:- ଭାନ୍‌ଜି ତୋର ଗୁ ତ ଏଡ଼େ ସୁଆଦ୍‌ ତୁଇ କେଡ଼େ ସୁଆଦ୍‌ ହେଇରେବୁସ୍‌ ।

# କନ୍ଧ ଲୋକ କଥା

## କନ୍ଧ ଜନମ୍‌ କାତାନୀ (କନ୍ଧ ଜନମ କଥା)

ଗଟେକ୍‌ ଗାଁ ଥାନେ ଜାନି ଡ଼କରା ଆରିଡ଼କରୀ ରେଲାଏ । ଜାନି ଡ଼କରୀ ଘର ଲଗେ ଛେଲି, ମେଣ୍ଢା, କୁକୁଡ଼ା, ଗାଇ ଗୋରୁ ବୁଟେକ୍‌ ରଖି ରେଲା । ଗଟ୍‌ଦିନେ ଜାନି ଡକରା ଧନୁଶର ସାଙ୍ଗେ ଧାରି କରି ଶିକାର କାଜେ ଗାଲା । ବନେ ଯାଉ ଯାଉ ବାଟ ଥାନେ ଗଟେକ୍‌ ହରିନ୍‌ ଦେଖିଲା । ତାକେ ମାର୍‌ବା କାଜେ ଯେତିକିବେଲେ ଡକରା ଧନୁ ଥାନେ ଶର ସାଂଗାଇଲା, ହରିନ କହିଲା, "ଏ ରାଉକ୍‌ ମକେ କାଇ କାଜେ ମାର୍‌ବୁଶ୍‌ ?

ଇଟା ଶୁନିକରି ଜାନି ଡ଼କରା କାବା ହେଲା । ହରିନ ଆରି କାଥା ହେଇସି କି ? ଚିନ୍ତା କଲା । ସିତାନୁ ଜାନି ଡକରା କହିଲା, " କିଏ କାଥା ସାଂଗଲା ।" ହରିନ୍‌ କହିଲା, " ଆରି ସାତ ଦିନ୍‌ ଭିତରେ ବଡ଼େ ବର୍ଷା ହେଇସି ଆରି ଧରଣୀ ପାନି ହାନେ ବୁଡି ଯାଇସି । କିଏ ହେଲେ ମିଶା ଆରି ନାଇ ବଞ୍ଚିବାଏ । ତୁଇ କାଇ କାଜେ ମକେ ମାର୍‌ବୁସ ।

ଜାନିବୁଢ଼ା ସାଂଙ୍ଗଲା, "କାଇଟା କରିବିହେଲେ ?" ହରିନ୍‌ କହିଲା ଘରକେ ଯା ଆରି ତୋର ପିଲା ଟକିକେ ଦୁଇଟା ଝାପି ଥାନେ ଭର୍ତ୍ତି କରି ଦେସ୍‌ ଆରି ସାରା ବରଷର୍‌ ଖାଦି ତା'ର ଭିତରେ ରଖିଦେସି । ତେବେ ସେମନ୍‌ ବଞ୍ଚି ଯିବାଏ । ଜାନି ଡ଼କରା ଘରକେ ଆସିକରି ସବୁ କୁକୁଡ଼ା ମାଙ୍କଡ଼ା କେ ମାରି ଖାଇଲା ।

ତାର ବୁଢ଼ି ପାଚ୍‌ରିଲା, "ଆଜି ନାଇ କାଲିନାଇ, ତର କାଇଟା ହେଲାଆଛେ ? ଜାନି ଢ଼କରା କହିଲା, ମକେ ଗଟେ ହରିନ କହିଲାଆଛେ ଯେ ସାତ ଦିନ ଭିତରେ ଆମର ପୁଥିବୀ ପାନିଲଗେ ବୁଢ଼ିଯାଇସି । ବୁଢ଼ା କହିବାର ବାସି ଦିନ ଥାନୁ ବରଷା ଆରମ୍ଭ ହେଲା ସିଥାନୁ ବୁଢ଼ା ଝାପିଲଗେ ବାରବରଷ୍ କାଜେ ଖାଦି ରଖି କରି ପିଲା ଟକିକେ ଝାପି ଥାନେ ଭର୍ତ୍ତି କଲା । ସତକେ ସତ ସାତ ଦିନ୍ ଭିତରେ ପୁଥିବୀ ପାନିଲଗେ ବୁଢ଼ି ଗାଲା । ଆରି ଢ଼କରା ଢକରି ମଲାଏ ।

ମାତର୍ ତା'ର ପିଲା ଟକି ପନି ଲଗେ ଭାସି ବୁଲାଏ । ସେତିକିବେଲେ ଈଶ୍ୱର ମହାପ୍ରଭୁ ପୃଥ୍ୱୀ ତିଆର କର୍‌ବା କାଜେ ମନ କଲେ । ସିଏ ମଲି ଥାନୁ କାଉ ଗେଟକ୍ ଆନି ଆରି ତାକେ ପୃଥ୍ୱୀଗେ ମଣିଷ୍ ଅଛତ କି ନାଇଁ ଦେଖିବା କାଯେ ପାଠାଇଲାଏ । ତା'ର ପଚେ ଭଗବାନ ସି ଭାଇଭଉନୀ ଦିଟାକେ ଆନିଲେ ଆରି ପାଚାରିଲେ, ଯେ ସେମନ୍ କେ ? ସି ଦୁଇଜନ କହିଲେ ଆଡ଼ା ଭାଇ ଆରି ଭଉନୀ । ଭଗବାନ ସି ଦୁଇଟାକେ ଭିନେ ଭିନେ ରଖିଲାଏ । ଆରି ସେଠୁ ଚ଼ବିଶ ବରଷ୍ ଗାଲା ଉତାରୁ ଦୁଇଲୋକ୍ ଯାକ କାକେ କିଏ ଜାନି ନାଇ ପାରଲାଏ । ସେଠୁ ଭଗବାନ ସି ଦୁଇ ଜନ୍‌କେ ବିଭା କରିଦେଲାଏ । ସି ଦୁଇ ଜନଠୁ କନ୍ଧ୍ ବଂଶ ଜନମ ନେଲା । ତା'ପରେ ଭଗବାନ କେଚୁଆ ଠାନୁ ମାଟି ଆନିକରି ପୃଥିବୀ ତିଆରି କଲା । ଆରି ମନିଷ ମନିକେ ରଖିଲା ।

# ଭୁଂଜିଆ ବାଟି ମାର ଜନମ କଥା

ଧରନୀ ପାନିଲଗେ ବୁଡ଼ି କରି ରେଲା । ପୃଥ୍ୱୀ ଥାନେ ସେତିକି ବେଲେ ଢ଼କରା ଢ଼କରୀ ବୋଲି ଦୁଇଟା ଅଣ୍ଡରା ଆରି ମାଇଜି ରେଲାଏ । ସେମନର ଗଟେକ୍ ପିଲା ଆରି ଟକି ରେଲାଏ । ଗଟେ ଦିନେ ମାପ କଇଲାଏ, "ଆଜି ବଡ଼େ ବରଷା ହେଇସି । ଆରି ପାଣି ଥାନେ ଧରନୀ ମାଁ ବୁଢ଼ିଯାଇସି । ତୁଇତର ପିଲାଟକିକେ ଝାପିଥାନେ ରଖି କରି ବାର ବରଷ କାଜେ ଖାଦି ରଖି କରି ସିଥାନେ ଭର୍ତ୍ତି କରି ଆରି ଭସେଇ ଦେ ।

ସିଟା ଶୁନିକରି ବୁଢ଼ା ପିଲାଟକିକେ ଝାପିଲଗେ ଭର୍ତ୍ତିକଲା ଆରି ଭସେଇ ଦେଲା । ତାର୍ ପରଦିନ୍ ଠାନୁ ବରଷା ଆରମ୍ । ତାର୍ ପଛେ କି ବଞ୍ଚିଲାଏ କି ନାଇ ଜାନିବା କାଜେ ଗଟେକ୍ କାଉ ତିଆର କରି ପାଠାଇଲାଏ । ସି କାଉ ଭାଇ ଭଉନୀର କାଥା ଆସିକରି ମାପୁକେ କହିଲା । ତାଙ୍କ ମନର ପାଇଁ ମାପୁ ଗୋଟକ ମାଟିର କାଟ୍ ତିଆରି କଲାଏ ଆରି ଭାଇଭଉନୀକେ ସିଥାନେ ରଖିଲାଏ । ବୁତେକ୍ ଦିନ୍‌ପରେ ସେ ମନ ଭେଣ୍ଡିଆ ହେଲାଏ । ଆରି ଗଟେକ୍ ଲୋକ୍ ଆର ଗଟେକ୍ ଲୋକ୍‌କେ ଜାନି ନାଇପାର୍‌ଲାଏ । ତା'ର ପଛେ ସି ଦୁଇ ଲୋକର ମିଲନ୍ ହେଲା । ସେମନ୍‌ର ପରଥମ ପିଲାଗଁଢ଼, ଦ୍ୱିତୀୟ ପିଲା ଭୁଞ୍ଜିଆ ଆରି ତୃତୀୟ ପିଲା ଆଦିବାସୀ ହେଲା ।

# ଧରନୀ ମାର ପୂଜା

ଗଟେକ୍ ଗାଁୟେ ଜାନି ବୁଢ଼ା ଆରି ବୁଢ଼ି ରେଲାଏ । ବୁଢ଼ାବୁଢ଼ୀ ତାଙ୍କର ଜମି ଲଗେ ଗଟେ ବାଡ଼ ବନାଇ ରେଲାଏ । ବାଡ଼ ଥାନୁ ଜାଇଟା ମିଲଲା, ସିଥାନୁ ସେମନ ଆରାମରେ ବଞ୍ଚି ରେଲାଏ ।

ଜାନି ବୁଢ଼ା ସବୁଦିନେ ସକାଲୁ ଥାନୁ ସଞ୍ଜ୍ୟାକ ବାଡ଼ଥାନେ ଖଟି ରେଲା । ତା'ର ଘରେ ଘଟେକ୍ ହେଲେ ପିଲାଝିଲା ନାଇ ରେଲାଏ । ସିଏ ତା'ର ଭାନ୍‌ଜାକେ ଆନି କରି ପୋଷି ରେଲା । ଜାନି ବୁଢ଼ା ସବୁଦିନେ ବାଡ଼ଥାନୁ ଘାସକାଟି କରି ଘରକେ ଉଇଁଆମନ ତେରେଲା ।

ଉଇଁଆମନ ଗଟେଦିନେ ଜାନିବୁଢ଼ାକେ ଜରହେଲା । ସେ ଆରି ଘାସ କାଟ୍‌ବାକେ ନାଇ ଗାଲା । ତା'ର ଭନ୍‌ଜାକେ ଘାସ୍ କାଟିକାଜେ ପଠେଇଲା । ଭାନ୍‌ଜା କେବେ ଘାସ୍‌କାଟ୍‌ବାର୍ ନାଇ ଜାନିରେଲା । ଘାସ କାଟୁ କାଟୁ ସିଏ ତାର୍ ଆଂଗଟି କାଟି ହୋଇଦେଲା ।

ଆଙ୍ଗଟି ଥାନୁ ବନି ଝରଲା । ଆରି ବନି ନାଇ ଥେବ୍‌ଲା । ସିଏ ଘରକେ ଆସି ମାମାକେ କହିଲା, ମାମୁଁ ଦେଖ୍, ମୁଇ ଘାସକାଟି ତେରେଲି ଆରି ଆଂଗୁଟି କାଟି ହେଲି । ଆରି ରକତ ନାଇ ଥେବଲନି । ମାମ । କହିଲା, "ଭାନଜା ମା ଧରନୀ ମାତାର ପକନା ଲଗେ ରକତ ଥିପାଇ ଦେସ ।"

ଭନଜା ମାମର କାଥାରେ ଧରନୀ ମାତାର ପାକନା ଉପରେ ରକତ ଦେଲା । ତା ପଛେ ଧରନୀ ମା ଜାନି ବୁଢ଼ାକେ ସପନ ଦେଲା, "ଯେ, ତଇଆରି ଲାଉ, ଶିମ୍ବ, ମକେ ନାଇଦେ" । ଜାନି ବୁଢ଼ା ପଚ୍ଚାରିଲା, "କାଇ ପାଇଁ" ? ଧରନୀ ମା କହିଲା, "ସେଦିନ ତର ଭାନ୍‌ଜା ରକତ ବଢ଼େ ମିଠା ଲାଗିଲା ମୁଁ ଆରି ସିଟାଆ କା ଖାଇବି । ଏବର ରକ୍‌ତ୍ କା ଦେବୁସ୍ ।"

ତା'ର ପଛେ ଜାନିବୁଢ଼ା ଆରି କାଇଟା କରସି । ତା'ର ଭାନ୍‌ଜାକେ ନେଇ କରି ଧରନୀ ମା ଲଗେ ବଳି ଦେଲା । ସି ଦିନ ଥାନୁ ଧର୍‌ନୀ ମା ଲଗେ ମନିଷ୍ ବଳି ଦେଇ କରି ପୂଜା କଲାଇନି ।

# ଧାଙ୍ଗଡ଼ି ଡ଼ଙ୍ଗର

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବଲକ୍‌ର କୁଟିଙ୍ଗା ଗ୍ରାମ ପଞ୍ଚାୟତର ବାଲିଙ୍ଗ ଗଟେ ସାନ ଆଦିବାସୀ ଗାଁ । ଗାଁ ମୁଣ୍ଡେ ଗଟେକ୍ ଡଙ୍ଗର ଆଛେ । ସେ ଡଙ୍ଗର ନା ଧାଙ୍ଗଡ଼ି ଡଙ୍ଗର । ଏ ଧାଙ୍ଗଡ଼ି ଡଙ୍ଗର ହେବାର ନାଁ ପାଇଁ ଗଟେ ସୁନ୍ଦର ଲକ୍‌କାତା ଆଚେ । ବୁହୁତ୍ ଦିନ ଆଗେ

ଚାରଟା ଧାଙ୍ଗଡ଼ି ଦେବତା ସେ ଡଙ୍ଗ୍‌ର ଲଗେ ରେଲାଏ । ଏନ୍‌ତି କେତେ ଦିନ୍ ଗାଲା ଉତାରେ ଗଟେକ୍ ଧାଙ୍ଗଡ଼ି ଦେବ୍‌ତା ଗରକେ ନ ଜାଇସି ବଲି କାଣ୍ଡେକ୍ ଦୂରେ ରେଲାଏ । ଏତ୍‌କି ବେଲେ ଗାଁର କେତେକ୍ ଲକ୍ କାଟ୍ ଆନ୍‌ବାକେ ଗାଲାଏ । ଏ ଲକ୍ ମାନର୍ ଛାଏ ପଡ଼ଲାକେ ଧାଙ୍ଗଡ଼ି ଦେବ୍‌ତା ମାନେ ଶିଲ୍ ପାସ୍‌ଲି ଗାଲାଏ । ସେ ଶିଲ ଆଜି ଗର ପଡେକ କେ ସେ ଡଙ୍ଗରେ ଚାରଟା ଧାଙ୍ଗଡ଼ି ପାରା ଦିସ୍‌ଲାନି । ତିନ୍‌ଟା ଧାଙ୍ଗଡ଼ି ଗଟେକ୍ ଥାନେ ଆଚେ । ଆରି ଗଟେ ଧାଙ୍ଗଡ଼ି ଶିଲ୍ ଦେବ୍‌ତା ଦୂରେ ଆଚେ ।

ଏନତି ଗରେ ନା ପଶବା ମାଇଜି କି ଧାଙ୍ଗଡ଼ି ମାନେ ହେଁ ସେ ଜଙ୍ଗଲ କେ କେବେ ମିଶା ନ ଜାଅତ୍ । ମାତର ସବୁ ବରଷ୍ର ଚଇତି ପୁନି ଦିନେ ସେ ଡଙ୍ଗରେ ଯିବାଇ । ଆର ଗଟେ ଧାଙ୍ଗ୍‌ଡ଼ି ଶିଲ୍‌କେ ଛାଡ଼ି । ଏ ତିନ୍‌ଟା ଧାଙ୍ଗଡ଼ି ଶିଲ୍ ଦେବ୍‌ତା କେ ପୂଜା କରି ଆଏବାଏ ।

# ତୁମକେ ମିଚ୍ ଆମକେ ସତ୍

କୋରାପୁଟ ଜିଲ୍ଲା କାକିରିଗୁମାର୍ ଗଟେକ୍ ଗାଁ । କୋରାପୁଟ ଠାନୁ ରାୟଗଡ଼ା ଯିବା ବାଟେ ୪୦ କି.ମି. ଗଲେ କାକିରିଗୁମା ଗାଁ ପଡ଼୍‌ସି । ଏ ଗାଏଁ ଗଟେକ୍ ବଡ଼ ମାଲି ଡଙ୍ଗର ଆଚେ । ସେ ମାଲିର ନାଁ "ପାଞ୍ଚପାଟିଆ ମାଲି" । ଜୁନ ଟାକେ ଆଜିକାଲି 'ପଞ୍ଚପତ ମାଲି', ବକ୍‌ସାଇଟ୍ ମାଇନ୍ସ ବଲି କଇଲାଏନି । ଜନ୍ ମାଇନ୍ସର ଆଲୁମିନିୟମ କାରଖାନା ଦାମନଯାଡ଼ି ଠାନେ ଆଚେ । ଏଟା ଆମର ଏସିଆ ମହାଦେଶର ବଡ଼ କାରଖାନା । କାକିରିଗୁମା ଗାଁର ଦଶରା, ଦଶରା ଦିନର ଆଗର ମଙ୍ଗଲ ବାରେ ହେଇସି । ଆଗେ ଦଶରା ଦିନେ ଏ ଗାଁର ଲକ୍‌ମନେ ମୁନୁଷ କେ ପୂଜା କରତେ ରେଲାୟା । ତାର୍ ଉତାରେ ପଡ୍ ପୂଜା କଲାଏ । ଆରି ଆଜିକାଲି ମେଣ୍ଢା ପୂଜା କଲାଇନି । ଏ ପୂଜା କରବାକେ ଏ ଗାଁର ଲକ୍ ବାଜାବଜାଇ କରି ବଡ଼ ଦେବ୍‌ତା ଘରେ ଆନିକରି ଗାଁ ମୁଣ୍ଡର ପଡ଼ିଆ ଥାନେ ଲାଟ୍ ଲାଟି ତପବାଏ ଆରି ସଞ୍ଜ୍ ହେଲେ ପୂଜା କରବା କେ ପାଞ୍ଚ୍ ପାଟିଆ ମାଲି ଠାନେ ଯିବାଇ ।

ଏମିତି ଆମର ଆନି ଦାଦି ବେଲର୍ କାତା । ଏଟା ପାଞ୍ଚପାଟିଆ ମାଲି ଠାନେ ପୂଜା କରି ଆଇବା ବେଲେ ଗଟେକ୍ ପିତଲ୍ ମୁତା ପାସରି ଦେଇ ରେଲାଏ । ବାଟେ ହେତୁ ପଡ୍‌ଲାକେ ସେ ମୂତା ଆନବାକେ ଗାଁର ବାରିକ୍ କେ ପାଟାଏଲାଏ । ପୂଜା ଠାନେ ଖେଟିକରି ବାରିକ ସୁନଲା ଆରି ଦେକ୍‌ଲାଏ କେତେକ୍ ଲକ୍ ଗଟେକ୍ ଠାନେ ବସି କରି କାତା କାଏଟା କାନ୍ତା ହେଲାଇନି । ଏ ବାରିକ୍ ସେ ଭାଷା ବୁଜି ନ ପାରଲା ମାତର ଝୁରୁମୁରୁ ଝୁରୁମୁରୁ ହେବା ଶବଦ ଶୁନ୍‌ଲା । ଆରି ଦେକ୍‌ଲା ସେ ପିତଲ ମୂତା ତଲ୍‌କେ ଗଡ଼ିଗଡ଼ି ଆଇଲାନି । ଆଇର ପଚ ବାଟେ ଶୁନ୍‌ଲା ଜାରେ ବାରିକ୍ ତୁଇ ନର ଲକ୍ ହେଇ; ଆମେ ଦେବ୍‌ତା ମାନର ଠାନେ କାଏକେ ଆଇଲୁସ୍ । ଆଜିଠାନୁ ଇତି ଆରି ପୂଜା କର ନାଇନି । ତର୍ ମୂତାର ପାନି

ଆମେ ଇତି ଢ଼ାଲ୍‌ଲୁ । ଇତି ଗଟ ବନ୍ଦ ହେଇସି । ମୂତା ଗଡ଼ଗଡ଼ି ଜାଇ କରି ଜୁନ୍‌ତି ଅଟକ୍‌ସି ସେତି ଚାରିବାଟେ ବାଝି ବୁଟା ହେସି ଆରି ତୁଇ ସେଇ ଠାନେ ପୂଜା କର । ସତ୍‌କେ ସତ୍ ମୂତା ଅଟକ୍‌ଲା ଠାନେ ଡଙ୍ଗର ତଲେ ବାଝି ବୁଟା ହେଲା । ଆର୍ ଆଜିର ଗର ପଟେକ୍ ସେଇଠାନେ ଆକା କାକିରିଗୁମା ଦଶ୍‌ରା ପୂଜା ବାଝି ବୁଟା ତଲେ ହେଲାନି । ଆର ପାଞ୍ଚ ପାଟିଆ ମାଲି ଉପରେ ସେ ବନ୍ଦ ଏବେ ପଟେକ୍ ଆଚେ ।

ଏ କତା ତୁମକେ ମିଚ୍ ହେଲେ ମିସା ଆମକେ ସତ୍ ।

# ନିମାନ୍ ବନ୍ଧୁ

ଗଟେ ଗାଏଁ ଦୁଇ ବନ୍ଧୁ ରେଲାଏ । ଜେନେ ଗାଲେ ହେଁ ଦୁଇ ବନ୍ଧୁ ସୁକର ଦୁକର ସାଙ୍ଗ୍ । ଗଟେକ୍ ବଡ଼ ମାଜନ ଆର ଗଟେକ୍ ନଏଲା ବାପଡ଼ା । ମାଜନ୍ ଲକର ଗଟେକ୍ ବଲି ପିଲାର ଏଲା । ପିଲା ଥାନୁ ବଡ଼େ ଦୁଷ୍ଟା ମା, ବୁଆ କାତା ମାନବା କେ ନାଇଁ । ଜେନେ ତେନେ ବୁଲତେ ରେଲା । ପାଟ୍ ସାଟ୍ ପଡ଼ବା କେ ନାଇଁ । ଇସ୍‌କୁଲ ଯିବାକେ ନାଇଁ ଯେତେ ବଡ଼ ହେତେ ରେଲେ ସେତେ ଟାକାଂ ଡାବୁ ଖର୍ଚ୍ଚ କରି ମା, ବୁଆ କେଁ ହିନସ୍ତା, ହଇରାନ୍ କରତେ ରେଲା । ଏତେ ଡ଼ାବୁ ଟାଂକା ଖରଚ୍ କଲା ଯେ ମାଜନ୍ ବୁଡ଼ା ସଇ ପାରଲା ନାଇନି । ଗଟ୍‌ଦିନେ ତାର ବନ୍ଧୁ ପାକ୍‌କେ ଜାଇ କଇଲା । ବନ୍ଧୁ ମୁଇଁ ମରି ଯିବିବେ କେନ୍ତା କରବି ଏ ପିଲା ସଙ୍ଗେ ଆରିପାରି ନଇନି । ମର ଦୁକ୍ କଷ୍ଟର ସମ୍ପତି ବାଡ଼ି ସରତେ ବୁଡ଼ାଏଲାନି । ମୁଇ କଏଲା କାତା ମିଶା ନ ମାନେ । ଗଟେକ୍ କାଏ ହେଲେ ବାଟ୍ କରି ମକେ ଏ ବିପଦ ଠାନୁ ଉଦାର କର ଗରିବ ବନ୍ଧୁ କଇଲା ରରେ ଭାଇ ତୁଇ ତାନ୍ଦ୍ରା ହେ ନାଇଁ ମୁଇଁ କଏବା ଅନୁସାରେ କାମ କର । ବାନ୍ଦାସନ ଦିନର ରାତି, ଝଡ଼ି ବର୍ଷା ଗରେ ହେନୁ ବାରକେ ନଏଲେ । ମାଜନ୍ ବୁଡ଼ାର ପିଲା ମାତି କରି ଗରକେ ଆଇବା ବେଲେ ଦେକ୍‌ଲା ଯେ ମା, ବୁଆ ମୁଣ୍ଡେ ହାତ ଦେଇ କାନ୍ଦାଲାନି । ଏଟାକେ ଦେକି ମାତ୍‌ଲାର ମାଡ଼େ ପିଲା ପାଚାରଲା କାଏକେ କାନ୍ଦଲାସ୍ ନି । ମା କଏଲା ଦେକ୍‌ରେ ବାବୁ ତର ବୁଆ ଆମର ହଲିଆ ଗଟେକ୍ କେ ଗିସା ହେଇ ମର୍‌ତେ ମାରି ଦେଲା । ଏବେ କେନ୍‌ତା କରୁ । ଯାତର ସାଙ୍ଗ ମନ୍‌କେ ଡ଼ାକି ଆନ ତାକେ ନେଇ ତପି ଦଉ । ଏ କାତା ସୁନି ପିଲାର ମାତୁ ଛାଡ଼ି ଗାଲା । ତେରେ ପେତେ ହେଇ କରି ତାର ମଦୁଆ ସାଙ୍ଗ ସାଥିକେ ଡ଼ାକ୍‌ତେ ଗାଲା । କେହେଲେ ଗଟେକ୍ ମିଶା ତାର କାତା ସୁନ୍‌ଲାଏ ନାଇଁ । କି ଆସ୍‌ଲାଏ ନାଇଁ । କାନ୍ଦି କାନ୍ଦି ଆସି ମା, ବୁଆ କେ କଏଲାଏ । ନାଇଁ ଗଟେକ୍ ମିଶା ଆଏଲାଏ ନାଇଁ କେନ୍‌ତା କରୁ । ଶେଷକେ ମାଜନ୍ ବୁଡ଼ା କଏଲା ର ମର ଗରିବ୍ ବନ୍ଧୁ କେ ହେଲେ ଡ଼ାକ୍‌ବି । ସେହେଲେ ମକେ ସାଇଜ କରସି ପାରା । ବୁଡ଼ା ଜାଇ ତାର ଗରିବ୍ ବନ୍ଧୁ କେ ଡ଼ାକି ଆନଲା । ଗରିବ୍ ବନ୍ଧୁ ଆସି ମକେ କାଏକେ ଡାକ୍‌ଲୁସ୍ ବଲି ପାଚାର୍‌ଲା ମାଜନ୍ ବନ୍ଧୁ ସବୁ କାତା କଏଲା । ମକେ ଏବେ ପଲିସ୍ ବାନ୍ଧିନେସି କେନ୍‌ତି

କରବି କ । ଗରିବ ବନ୍ଧୁ କଇଲା ତାନ୍ଦ୍ରା ହେ ନାଇଁ ର ଧରମ ସାକି ଆଚେ କାଏ ନ ହେ । ତୁଇ କାଏ ଖାରାପ କାମ୍ କରିରେଲେ ତକେ ମାପ୍ ନ ସଏ । ଜୁ ତାକେ ନେଇ ଆମେ ତପି ଦେଉ । ଏତ୍‌କି ବେଲେ ମାଜନ୍ ପିଲା କଏଲା ଦେକ୍ ବତ୍ତୁ, ବୁଆ ଜେଲ ଗଲେ ମୁଇଁ କେନ୍‌ତା କରି ଚଲବି ବେ । ମୁଇଁ ବିଷ ଖାଇ ମରିବି ଆର ମାର ଦୁକ୍ ଯାଇସି । ମା ମିଶା ମରି ଯାଇସି କେନତା କରବି ମୁଇଁ ଏନ୍‌ତୀ ବଲି କାନ୍ଦବାକେ ଆରମ୍ କଲା । ଏତ୍‌କି ବେଲେ ମରି ଜାଇଚି ବୋଲି କଏବା ହଲିଆ ଆସି ଠିଆ ହେଲା । ଆରି କଇଲା ଦେକ୍‌ଲୁସ୍ କିରେ ପିଲା ତର ହେନି ଡ଼ାବୁ ଟାକା ନେଇ ତୋର ସାଙ୍ଗ ସାଥୀ ସାଙ୍ଗେ ମଦ ଖାଏତେ ରେଲୁସ୍ । ଟାକାଂ ଡାବୁ ଉଡ଼ାଏତେ ରେଲୁସ୍ ଏମତି ବିପଦ ବେଲେ କେ ହେଲେ ଗେଟକ୍ ଲକ୍ ସାଇଜ କଲାଏ କି ? ବିପଦ ବେଲେ ଆଏଲେ ସିନା ସେ ନିମାନ ବନ୍ଧୁ ।

ଗରିବ ବାପଡ଼ା ବୁଢ଼ା ତର ବୁଆର ପାଚେ ପାଚେ ରଇ କେନତି ସାଇଜ କଲା । ଏଟାର୍ ପାଇଁ ତର ସାଙ୍ଗ ସାଥୀ ଛାଡ଼ି ଭଲ୍ କାମ୍ କରି ଆର ଭଲ୍ ମୁନୁଷ୍ ହ । ବିପଦ ବେଲେ ସାଇଜ କଲେ ଆକା ନିଜର ଭାଇ, ବନ୍ଧୁ ଆରି କୁଟୁମ୍ବ ।

ସେ ଥାନୁ ପିଲାର ମୁଣ୍ଡକେ ବୁଦ୍ଧି ଆଇଲା ଖରାପ ସାଙ୍ଗ ଆରି ଖରାପ କାମ ଛାଡ଼ି କରି ମା ବୁଆକେ ସାଇଜ କରି ଭଲ୍ କାମ୍ କଲା ଆରି ଗରିବ ବନ୍ଧୁ କେ ଜୁଆର କରି ମକେ ଭଲ ବାଟକେ ଆନଲୁ ବୋଲି ତାର ସାଙ୍ଗେ ମିଶି ତାର ଠାନୁ ଭଲ ବୁଦ୍ଧି ସିକି ଭଲ ପିଲା କଲୁ ବୋଲି କଇଲା ।

****

# ଦେଶିଆ
# ଲୋକଗୀତ

# ଦିଆଲି ପରବ୍ ଗୀତ୍

ତମେ ମାନାସିସା ତମର୍ ଉଣ୍ଡି ଦେବତାକେ
ଆମେ ମାନାସିବୁ କାକେ
ଆମର ଗାଏଁ ଆଚେ଼ କଣ୍ଡାବାଉଁଶୁଣି
ତାକେ ମାନାସିବୁ ଆମେ
ସତେ ନିଆଲି ତାକେ ମାନାସିବୁ ଆମେ............. ॥

ମଇନା ଲୋ ମଇନା
ଶିବି ଶିବି......ଶିବି ଲୋ ମଇନା
ରାଙ୍ଗ୍‌ନି ବାଡ଼ିର ଶିବି
ଶିଶା ପୁଜାରିକେ ମାନ୍ ମାଙ୍ଗିବି
ମଇନା ଖେଲିତେ ଯିବି ।
ମଇନା ଲୋ ମଇନା..........
ଆମର୍ କେଲାର୍ ଗାଏଁ ଉଚ୍ଚ ସଦର
ଜେନେ ଦେଖିଲେ ତେନେ କାଲ କଦର
ଉଦିଆନ୍ ଦିଗେ ଆଚେ଼ ଉଣ୍ଡି
ଉଣ୍ଡି ନାଅ ଦାରି ଗୀତ୍ ଗୋଟେ କଇବି
ସରବେ ଆସାବେ ରୁଣ୍ଡି ।

---

ଗାଇଗରବନା ବିତରେ ପନା କଡ଼ିକା ଚି଼ଲର୍ ଦନା
ଯେବେ ମିଟିଙ୍ଗି କଲେ ହାକଦେଲେ ତେବେ ଆଇବି
ମନ୍‌କେ ନ କର ଉନା .............॥ ୧ ॥
ସକାଲେ ଉଟିଲି ପର୍ବତ ଚ଼ଗିଲି
ମାରିଲି ଦଉଡ଼ା ଡେ଼ଲି
ଆମର୍ ଝୁଲି ପାବ୍‌ଲି କାହୁ ଲଗାଇଲୁ ବାବୁ
ଆସା ଦେକା ତମେ ବଲି ...........॥ ୨ ॥

## ଗୀତ୍ -୪

ହାଏରେ ରସ ରସା
ଘେନି ଦେବି ତକେ ଫୁଲ କଷା
ସକାଳ ସକାଳ ପଲାଇ ଆସା
ଲସର ଲସା
ରାତିକେ କେଲୁବେ କୁନ୍ଧା ଢେମ୍‌ସା
ଲୋକ କଷା
ହାଏରେ ରସ ରସା..................(ଘୋଷା)

କୋରାପୁଟ ଜିଲ୍ଲା ସଦର ଥାନା
ପାକ ପଡ଼ିଶାକେ ସବୁକେ ଜାନା
ପଞ୍ଚାୟତ କୋରାପୁଟ କାଏ ଦାଙ୍ଗଡ଼ି
କାଏଟା କଇସା
କୋରାପୁଟ ଆମର ଗାଁ କାଏ ଦାଙ୍ଗଡ଼ି
ଅଲପ୍ ଆସା
ଆଏରେ ରସ ରସା..............(ଘୋଷା)

ତମ୍‌କେ ଦେକି ରଇଲି
ପରୁର ଦିନେ
କୋରାପୁଟର ଆଟେ
ରଇବାର ଦିନେ
କାତା ହେବି ବୋଲି ନାଇ ପାଇଲି
ଲସର ଲସା
କେନେ ଯାଇ ରଇଲି ଏବେ ଦେଖିଲି
ଛନେକ ବଷା
ହାଏରେ ରସ୍ ରସା ............. (ଘୋଷା)

ବୁଲ୍‌ତେ ନେଇତେ ରଇଲାସ୍ ଟାଇଲ ମାରି
ଟଣ୍ଡେ ଝବି କରି ପାନ ଖିଲି
ଏବେ ଆମ୍‌କେ ପସ୍‌ରୀ ଦେଲାସ୍ କାଏ
ନବିନା ଡ଼ାଲିଆ କଷା
ଆମର୍ କାମ୍‌କେ ପାଶରି ଗାଲାସ୍ କାଏ
ଲଦ୍‌କା କଷା ।
ଆଏରେ ରସ୍ ରସା......................(ଘୋଷା) ।

## ଗୀତ୍ –୫

ଲଦ୍‌କା କଷା ତଲେ
ମଲ୍ଲୀଫୁଲ୍ ଖଞ୍ଜାରେ
ମୋର ବାଲି ଗଜା
ବାଲି ଫୁଲ୍ ବାନ୍ଧାନି ବଡ଼େ ମଜା ।
ମୋର ବାଲି ଗଜା
ବାଲି ଫୁଲ ବାନ୍ଧାନି ବଡ଼େ ମଜା
ଗାଁ ମୁଣ୍ଡେ ଖମନ ଶରଗି ବୁଟା ବଦରା
ଝନ୍ଦୁଆ ଭାଲୁ ଧରସି ମନେ ତମେ ନାଇଁ ଡ଼ରା
ଧରିଲେ ଧରତ୍ ମକେ
ଝନ୍ଦୁଆ ଭାଲୁ ମିଶାରେ
ମୋର ଦାଦାର୍ ଶାଲି
ନାଇଁ ବୁଲାବେ ଏବେ ପାଲି ଅଲି
ଗାଁର ତଲେ ବନ୍ଧ ବଡ଼୍ ଝରନିଆ ପାନି
କାଲିଆ ଜକ୍ ଡ଼ସ୍‌ବାଏ
ନାଇ ଯା ତମେ ଯାନି ଯାନି
ଡସିଲେ ଡସତ୍ ମୋକେ ଚିଇଲି ବେଡ଼ାର୍ ଜକ୍
ମୋର ମାମାର୍ ବେଟା
ମୁଇ ନଏରେ ଏଦେ ସାଟା ପାଟା ।

୬

ମୁଇତ ନମ୍ବର ୱାନ ଦେଶିଆ ପିଲା
ମକେ ପାଠପଢ଼ା ନାଇଯାନା
କି ନାମ ଲେଖା ନାଇଯାନା ।
ମୁଇତ ନମ୍ବର ୱାନ ଦେଶିଆ ପିଲା
ମତେ କାଇଟା ନାଇଁ ଜାନା
ଆଲୁ କହିଲେ ପିଆଜ କହିବି
ସେଠା ଆମ କେ ଯାନା
ମୁଁଇତ ଉଡ଼ି ଆସି ନାଇ କି
ପଡ଼ି ଆସି ନାଇ

କାଇଟା କଇଲେ ମିଶା
ନମ୍ବର ୱାନ ଦେଶିଆ ପିଲା ମୁଇଁ
ଦେଶିଆ ପିଲାର ମାଡକେ ତମେ
ନାହିଁ ସମ୍ଭାଲୀ ପାରଲାସନୀ
ହୋ -- ହୋ ନାହିଁ ସମାଲୀ ପାରଲାସନୀ
ବୁଇଲର କୁକୁଡ଼ ପାରା ହଇ ତମେ
କାଇ କାତା ମକେକ ଇଲାସନୀ
ମୋର ସଙ୍ଗେ ତମେନାଇ ପାରସା
ଇଠାକିତ ତୁମେ ଜାନିରୁଆ କାଇ ଜବାବ୍ ମଜେ ଦେଲାସୀନ୍
ନମ୍ବର ୱାନ ଦେଶିଆ ପିଲା ମୁଇଁ
ମକେ ଜାନୀ ସୁନୀ କରି ମୋର ସଙ୍ଗେ ତୁମେ ଆସ୍ ଲାସ କାଇ
ମୁଇ ପାଠ ପଢ଼ି ନାଇଁ ସିନା ମୋର ବୁଦ୍ଧି ନଇ ଆଛେ
ତମର ପାରା ମୁଇ ଉପରେନା କହିଁ ବାକେ ।

୭

ଏ ମଲିରେ.......କାଏ ନିକ ମାନଲା ଆଚେ ତୁମକେ ରଙ୍ଗିଆ ଶାଢ଼ି
ଚଇତ ପରବ ଆଇଲା ଆଚେ ଆସା ଖେଲୁ ଆଲେ ସାଇଲୋଡ଼ି
ଏବର ଜୀବନ ଛନକେ ନାଇ ଆଶା ରେଉ ମିଶି ଭିଡ଼ି ।

ଏ ମଲିରେ ....... ପୁନି ଜନ ରାତି ଆସା ତେବେ ଆମେ ହେଉ
ଗୀତ ମାରାମାରୀ
ଧାଙ୍ଗଡ଼ା ରାଶି ଆମେ, ଧାଙ୍ଗଡ଼ି ରାଶି ତୁମେ କାଇକାଜେ ଡରାଡରି
ଗୀତ ମାରି ମାରି ନାଟ କରି କରି ଆସା ଖେଲୁ ସାଇଲୋଡ଼ି

ମୋର ମନକେ ଚିନା ମୋର ରୂପକେ ନାଇ
ମୋର ରୂପଥାନୁ ମୋର ମନ ବଡ଼୍
ତୁମ କେ ଭାବି ଭାବି
ଝରି ଗାଲାନୀ ମୋର ଆଖିର ପାନି ଝର ଝର

ଦେକ୍ ରାନୀ କଇ ଦେଲିନି
ମନ ନାଇ ମଡ଼୍
ତୁଇ ମକେ ନାଇ ବୋଇଲେ
ତୁଇ ଦେକସୁ ମୋର ମୋଡ଼୍
ମୋର ମନକେ .................. ।

ତୋକେ ଝୁରି ଝୁରି ରେଇବି ଆରି କେତେକ ଦିନ
ସବୁ ଦିନେ ନା ରଏରେ ଯୁବ ଯଉବନ
ଦିନ ରାତି ଦେକବି ଆଚି ତୋର ତ ସପନ
ମୋର ଆୟା ରାନ ବୁବା ରାନ ତୋକେ ଆକା ମୋର ମନ
ମୋର ମନ୍‌କେ ଚିନା, ମୋର ରୂପକେ ନାଇ.......... ।

ଗୁଲାପି ଫୁଲ କଷିଆ, ଉରୁପୁ ଡେଣ୍ଡିଆକାଟ ସେସିଆ
ସେ ବଡ଼ ମାଇଜି ରସିଆ ।
ବାଡ଼ିର ଲଙ୍କା ଭାଲିଆ, ମାଇଜି ଖୋଜୁ ଖୋଜୁ ହେଲ ହାଲିଆ
ଆମରି ପାଦ ତଲିଆ ।
କହୁଥିଲି କାନେ କାନେ, ଲକ୍ଷ୍ମୀ ସିନ୍‌ମାହାଲର ପାନ ଦୁକାନେ
ଅଚେକି ନାଇ ତୋର ମନେ ।
ପାନ ଖାଇ ଥୁକି ପକା, ପାନ ଖାଇବାକୁ ମୁଇଁ ଦେବି ଟଙ୍କା
ପାନଖିଆ ଦାତ ଦେକା
ସାଇକଲେ ଦେଲି ହାତ, କେନେ ଯାଇଥିଲ ପିଲା ସଂଗାତ
ମୁଇ ରାତିରେ ନ ଖାଇ ଭାତ ।
ସଡ଼କ ଦଡ଼ଦଡ଼ିଆ ଦିନେ ଫିଟିଗଲେ ମାସେ ପଡ଼ିଆ
କଥାଟା ଗଲୁ ବଡ଼ିଆ ।

## ୮

ଏ ବାଟର ଘାଟର ଅଲମା ଦାରୁ
ଟିକ୍‌ରା ଚେ଼ଗଲାଏ ଭାଲୁ,
ଝିକା ମୁଦି ସଙ୍ଗେ ପଲକା ଖାଡ଼ୁ
ଜୀବନ ଗଲେ ତକେ ନାଇ ଛାଡ଼ୁ ॥
ରେ ସୁରୁବାଲି ଜୀବନ ଗଲେ ନାଇ ଛାଡ଼ୁ (ଘୋଷା) .....(୧)

ଏ ସରଗି ଖମନେ ବେଟିଲି ବଡ଼ା
ସତରମାନ ଦୁଇ ଅଡ଼ା,
ଘେନି ଦେବି ତକେ ଚିପ୍‌ନା କାଜଲ
ବୁଲାଇ ନେବି ହଲପଡ଼ା ॥
ରେ ମୋର ସୁରୁବାଲି ବୁଲାଇ ନେବି ହଲପଡ଼ା.........(୨)

ଉଟିଲି ସକାଲେ ଚେ଼ଗିଲି ପରବତେ
ମାରିଲି ଧଉଲା ଡେ଼ଲି,
କଲେ ଧାରିକରି ପେଜ ଖୁଆଇଲି
ସରାସରିକେ ଗଲୁ ପାସୋରୀ ॥
ରେ ମୋର ସୁରୁବାଲି ମକେରେ ଗଲୁ ପାସେରୀ .....(୩)

ଏଦେ ହଲହଲା ନାଇଁ ବଲା
ନାଲା ମୋର ଫାଟି ଗଲା
କଇ କଇ ମୋର ଟଣ୍ଡ ଶୁଖିଗଲା
ମୁଁଇ ଆଇଲେ ନାଇ ନ ବୋଲା ॥
ରେ ମୋର ସୁରୁବାଲି ମକେ ନାଇଁ ନବୋଲା ......(୪)

ଏ ସରଗି ପତର ଟିପ ଲସିଆ
ଟିପା ମାରିକରି ଦନା ସିଆ,
ଆମେ ଆସିଅଛୁ ଦୂର ଦେଶିଆ
ବେଲା ଜାନିକରି ପେଜ ଦିଆ ॥
ରେ ମୋର ସୁରୁବାଲି, ବେଲାଜାନି କରି ପେଜ ଦିଆ.......(୫)

ଏ କୁମୁଣ୍ଡା ରୋପିଲି ଗବର ଖତେ
ମାଲ ଗଲା ପରବତେ,
ତୁଇ ଦେଇରେବା ଚିନାମୁଦିକେ
ଦେଖିଦେଲେ ହେତୁ ପଡ଼ସି ତକେ ॥
ରେ ମୋର ସୁରୁବାଲି ହେତୁ ପଡ଼ିସି ତକେ.......(୬)

ବାଉଁଶ ମାରିଲି ଝୋଲିକେ ଝୋଲି
କୁଞ୍ଜବନେ ବୁଲି ବୁଲି
ତମର ବିଭାବେଳେ ସାନଟା ରେଲି
ଏବେ ହେଲି ତୁମର ଜୁଲି
ରେ ମୋର ସୁରୁବାଲି ଏବେ ହେଲି ତୁମର ଜୁଲି.........(୭)

## ୯. ଛେର୍ ଛେରା ଗୀତ

ଦୁନିଆ ପୁନିଆ ମୁଟେକ୍ ଚଉଲ ଦିଆ
ରୁଇ ମୁଟେକ୍ ଚଉଲ ଦିଆ
ଦେଲେ ଦିଆ ନଇଲେ ନାଇ ବଡ଼େ ଦୂରିଆ
ରୁଇ ବଡ଼େ ଦୂରିଆ ॥

ଚଉଲ ଚକିନି ରୁଇ ଚଉଲ ଚକିନି
ତୁମର ଗାଁର୍ ଧାଙ୍ଗ୍ଡ଼ା ମନ୍‌କେ ମେଷେ ଅକନି
ରୁଇ ମେଷେ ଉକନି ॥

ପନ୍‌ସ ପତର ପିକା ରୁଇ ପନସ୍ ପତର ପିକା
ତୁମର ଗାଁର୍ ଧାଙ୍ଗଡ଼ି ମନ୍‌କେ ଗାଡ଼୍‌ଲି ତଲେ ଲିକା
ରୁଇ ଗାଲଡ଼ି ତଲେ ଲିକା ॥

ପାକ୍‌ନା ଫୁଟାଇଲି ରୁଇ ପକ୍‌ନା ଫୁଟାଇଲି
ତୁମର ଗାଁର୍ ଧାଙ୍ଗ୍ଡା ମନ୍‌କେ ଠିଆଁ ଉଟାଇଲି
ରୁଇ ଠିଆଁ ଉଟାଇଲି ॥

ଛିଡାପଡ଼ା ବେଟ୍ ରୁଇ ଛିଡାପଡା ବେଟ
ତୁମର ଗାଁର୍ ଧାଙ୍ଗ୍ଡ଼ି ମନ୍‌କେ କାବ୍‌ରାଚିତ୍‌ରା ପେଟ
ରୁଇ କାବ୍‌ରା ଚିତ୍‌ରା ପେଟ୍ ॥

ମାଚ୍ ମାରା ଧାପା ରୁଇ ମାଚ୍ ମାରା ଧାପା
ତୁମର୍ ଗାଁର୍ ଧାଙ୍ଗଡ଼ା ମନକେ ବନ୍ଦେ ନେଇ ଚାପା
ରୁଇ ବନ୍ଦେ ନେଇ ଚାପା ॥

ଡାଣ୍ଡା ପତର ରୁଇ ଡାଣ୍ଡା ପତର
ତୁମର୍ ଗାଁର୍ ଧାଙ୍ଗ୍ଡ଼ି ମନ୍‌କେ ମୂଷା କତର
ରୁଇ ମୂଷା କତର ॥

# ୧୦

(୧)

ଛେର୍ ବୁଢ଼ୀ ଛେରଛେରା
ଇଘରର ବୁଢ଼ୀ କୁନ୍ତିଗଲା
ଦେବି ଦେବି ଦେଲନି
ହାତହୁତ କଲାନି ।
ଅଢ଼େକ୍ ଦେଶିକି ମାଣେ ନେକ୍ ଦେସି
କେତେକ ଡାବ ଦେଖେଇଲାନି
ଛେରବୁଢ଼ୀ ଛେରା ।

(୨)

ପାନିଆ ଦୁନିଆ
ମୁଠେକ ଋଉଲ ଦିଆ
ଦେଲେ ଦିଆ
ନଦେଲେ ନାଇ
ଆମେ ଆଇଲୁ ରେ ବଡେ ଦୁରିଆହୋ..........ବଡ଼େ ଦୁରିଆ ।

(୩)

ଦିନ କେତେ ଗଲେ
ପୁଷ ପୁନେଇ ହେଇସି
ସେଦିନେ ଦେଖିବୁସ ସକାଲୁ
ଛେରଛେରା ମାଗି ବୁଲିବାୟ ପିଲାମନ
ଥରି ଥରି ଶୀତକାକରେ ।
ଢ଼େବରୀ ହାତେ ରେଇସି ମୁନା
ଭୂଜୁନୀ ହାତକେ ବାଡ଼ି

କିଏ ରେଇସି ଲଙ୍ଗଲା
        ଆରି କିଏ ଭିଡ଼ି ରେଇସି
ତା'ର ମା'ର ପୁରୁନା ଶାଢ଼ୀ ।

କେତେକ ସରଦାରେ
ମହା ଆନନ୍ଦରେ        ଦଲ ଦଲ ହେଇ
        ଘର ଘର ବୁଲିବାଏ ପିଲା ।
ଧାନ, ଚାଉଲ ମାଗି        ପୁରାଇ ଆଣିବାଏ
        ଯିଏ ଯାହାର ଆଣ୍ଟି ଆନେ ।
ପିଲାମନଙ୍କର        ଛେରଛେରା ଚାକେ
        ବାଡ଼ି ଠୁକୁ ଠୁକୁ ସୁରେ
ସବୁ ଗାଁ ଖାଲି        ଉଠ୍‌ସି ପଡ଼୍‌ସି
        ରହିଁରେସୁ ମଜାରେ ।

## ଆଦିବାସୀ ଗୀତ

### ୨

ନମଇ କମଲା, ନମଇ ବିମଲା
ନମଇ ଦେବୀ କମଲା ।
ତମର୍ ନାମ ଧରି ଗୀତ୍ ମୁଇଁ ଗାଇବି
ସୁସାରେ ଫୁଟୁ ମୋର୍ ଗଲା ॥୧

ଜନନୀ ଜନନୀ ଜଗତ ଜନନୀ
ଜୟପୁରୁ ତର୍ ବାସା ।
ତକେ ଛାଡ଼ି ଦେଲେ
କାଆକେ ମାଗୋ କରବୁ ଆମେ ଆରୁ ଭରସା ଆଶା ॥୨

ସରଗୀ ସିଉନା, ଭାତର ଜିଉନା
ବାମତା ଜିଉନା ସୁକେ ।
ଆମର ମାଷ୍ଟରମାନେ
ପିଲା ଟକିର ସେବା କରି
ରଇଲାଏନି ବଡ଼େ ଦୁକେ ॥୩

### (୨)

କି ଗୀତ ଗାଇବି, କି ନାଚ କରିବି
ନାଇଁ ବନ୍ଧୁ ଆମର ଦେଶ ।
ଚର ଠକ୍ ବଲି ମାରି ପାକାଇଲେ
ଗଲା ଏ ଜୁବା ବୟସ ॥

ଗାଁ, ଗାଁ କୁଲି ଲାଗିଲୁ ମତେ
କି ରସ ଧରିଲା ତତେ ।
ଟେରନିଙ୍ଗ୍ ପାଟଇ ଏବେ ବାତାଇ ଦେବି ମୁଇ
ଚଇତ ପରବ ଗୀତେ ॥

ଏସୁର ଚଇତ ପରବ ମଙ୍ଗଲ ବାରେ

ଭାଇକେ ଭଉନୀ ଗବର ମାରେ ।

ବରଷ ମୁଣ୍ଡରେ ଥରେ

ଏପାରା ସୁଆଦ ନ ମିଲେ ଆଉ ॥

ଲେଉଟା ଜନମ କଲେ

(୩)

ଜୟପୁର ନାଇ ଜୟନଗର

ଚାରି ଆଡ଼େ ଟଟା ମଝି ସାଗର ।

ସାଗର ଭିତରେ ଗଣ୍ଡା ମଗର

ହାଇ ମଗରକେ ଧରି ନ ପାରିଲେ ॥

ସାଗରରେ ବୁଡ଼ି ମର ॥୧

ଧବଲା ରଶୁନ, ରଙ୍ଗ ପିଆଜ

କାଚା ମରିଚରେ ଭାଜ ।

ଦାଦି, କାଲେ, ନାଇ ଆବା କାଲେ ନାଇ

ଆମର କାଲେ ଉଡ଼ାଝାଜ ॥୨

ସୁନ୍ଦର ସୁନ୍ଦର କେଡ଼େ ସୁନ୍ଦର

ସୁନ୍ଦର ଆମ ଇସ୍କୁଲ ଘର ।

ନାଚ ଗୀତ ସଙ୍ଗେ ପାଟ ପଢ଼ିବାର

ପିଲା ଟକି ଆମେ ପାଟ ପଢ଼ି ସଙ୍ଗେ ।

ଆଦିବାସୀ ଜାତିର ନାଁ ରକ୍‌ବାର ॥୩

ଗାଇ ଗଲା ରାଣି, ବେଲ ଗଲା ବସି

ସଞ୍ଜ ହଇଲାବେ ଆସି ।

ଆସା ପିଲା ଟକି ପାର୍ଟନା କରୁବେ

ଇସ୍କୁଲ ପିଣ୍ଡାଏ ବସି ।

## ଓଁ ଶ୍ରୀ ଗଣେଶାୟ ନମଃ

ହେ ଗଣେଶର ଆମ୍‌କେ କରୁଣା କର
ତମ୍‌ର ଗଡ଼୍‌ତଲେ ଆମର କଟି ଜୁଆର
ପାଠ୍‌ଶାଠ୍ ଦିଆ ଆମ୍‌କେ ପାର୍ବତୀ କୁମାର
ଖଣ୍ଡେକ୍ ହେଲେ ଲେଖାପଡ଼ା ଜାନୁବୁ ଏତର
ଆସକେ ନାଇକରା ପର ଆମେ ତମର କୁମାର
ବର୍ ଆସକେ ଦିଆ ମାପ୍ତ ହେ ଗଣେଶର
ଅଜ୍ଞାନ ମୂରଖ ଆମେ ନ ଜାନୁ କାଇଟା
ପଦେପଦେ ଲେଖିଦେଲି କାନେ ସୁନବାଟ
ଦଷରଲେ ନାଇଧର ଆମକେ କରୁଣାକର
ତମର ଗଡ ତଲେ ଆମର କଟି ଜୁଆର୍ ।

## ଗୁଲା ଗୁଲା ସବୁ ଗୁଲା

ପିଠା ଗୁଲା ଚକା ଗୁଲା,
ଗୁଲା ଗିନା ଥାଲି ।
ଲାଡୁ ଗୁଲା ଜନ୍ ଗୁଲା,
ଗୁଲା ଲେମୁ କଲି ।
ଗାଜୁଲ୍ ଗୁଲା କଦମ୍ ଗୁଲା
ଗୁଲା ଚକନି ଖଲି ।
ଗୁଲା ଆମର ଆଖି ଡ଼ବା
ଗୁଲା ଧରନୀ ରାନୀ ।

# ଶାଗ୍ ରସିଆ

ଶାଗ୍ ରସିଆ ଗଛ ପତର ଖମନ୍
ଇ ଖମନ୍ ଆମର ଜୀବନ୍ ।୧।
ଝାର୍ ପତର୍ ପବନ୍ ମାରିଲେ
ଭଲ୍‌ସି ଉଠେ ଚାତି
ବରଷା ସିନା ସେଥିର ଲାଗି
ଋଷ ବାସର ସାଥି
ଗରିବ୍ ଦୁଖିର ସାହା ଆମର ଖମନ୍
ଇ ଖମନ୍ ଆମର ଜୀବନ୍ ।୨।
ଖମନ ପରା ଧରତି ମାଁର
ଇଜତ୍ ମହତ୍ ମୁଠି
ଲଙ୍ଗ୍‌ଲା ପୁତ୍‌ଲା ନାଇ କରା ହୋ
ମାଁର ଇଜତ୍ ଲୁଟି
ଦେବତା ସମାନ୍ ଅଟେ ଆମର୍ ଖମନ୍
ଇ ଖମନ୍ ଆମର୍ ଜୀବନ୍ ।୩।
ଦେଶ୍ କେ ଜଙ୍ଗଲ୍ ବଡ଼େ ନିମାନ୍ ହୋ
ଗାଁକେ ଜଙ୍ଗଲ ସାଜେ
ଜଙ୍ଗଲ୍ ରେଲେ କୁଟିଆ ସୁଲ୍‌କି
ଦୁଲକି ଦୁଲ୍‌କି ବାଜେ
ଯତନ୍ କରିବା ଆମ ଗାଁର ଖମନ୍
ଇ ଖମନ୍ ଆମର ଜୀବନ୍ ।୩।

## ଗଛ ଗଟେକ୍ ତୁଇ ଲଗା

ତୁଇ କାଏ ଘେନେ ଯିବୁସ ଗଙ୍ଗାରେ ଦଦା
ଆଗତୁ ଗଛ ଗଟେକ୍ ଲଗା ।୧।

ଗଙ୍ଗା ଗଲେ, ତୁଇ ଦେଖିବୁ କଲପବଟ
ଗୟା ଗଲେ ଦେଖବୁ ତୁଇ ବାଞ୍ଛାବଟ
ସେଟା ଗଛରୁ ଲାଗି ତିରଥି ଯାଗାରେ ଦଦା
ଆଗତୁ ଗଛ ଗଟେକ୍ ଲଗା ।୨।

ଗଛ୍ ଦେଉଛେ ରେ ପାଣିପବନ୍
ଗତ୍ ରଖିଛେରେ ଆମର ଜୀବନ୍
ଗଛ୍ ଲଗା ଆଗେ, ଗଙ୍ଗାଯିବୁ ପଛେ
ଇଟା ତ ବଡ଼େ ସୁବିଧାରେ ଦଦା
ଆଗତୁ ଗଛ ଗଟେକ୍ ଲଗା ।୩।

ତୁଏ କାଏ ଘିନେ ଯିବୁ ଗଙ୍ଗାରେ ଦଦା
ଆଗତୁ ଗଛ ଗଟେକ୍ ଲଗା ।

## ଗୀତ୍ - ୩

ବନ୍‌ର ରାଜା ଡ଼ାକ୍‌ରା ଦେଲା
ଭୋଜି ଖାଇ ଜୁ
ଢୋଲ୍ ଗମକ୍ ବାଜା ବଜାଇ
ନାଚ଼ି ନାଚ଼ି ଯୁ ।୧।

ରାଜାକେ ଦେବା କାଜେ ଧବ୍‌ଲା ଫୁଲ୍
ଡ଼ବ୍‌ଲା ଥାନେ ଭରୁ
କଲିଆ, ଡୁରକା, ସମର, ଚିତଲ୍
ମିଶ୍‌ତେ ମୁଣ୍ଡିଆ ମାରୁ ।୨।

ଯେ ନ ଆସ୍‌ଲା ଭୋଜି ଘର୍‌କେ
ତାକେ କୋନ୍‌ଟା ନା ଦେଉ
ମିଲି ମିଶି କରି ଗଟେକ୍ ଧାଡ଼ିଆନେ
ସର୍‌ତେ ଲୋକ ଖାଉ ।୩।

ଆମର କଞ୍ଚାଇ ଗାଉଁ ଉଚ ସଦର
ଯୁବାଟେ ଦେକ୍‌ଲେ ଖାଲ ଖଦର
ଉଦିଆନ ଗରେ ଉଣ୍ଡି
ଉଣ୍ଡି ଠାକୁରାନୀ ମାତା ନାମ ଧାରିବି
ମୋର କଣ୍ଠେ ଆସ୍‌ବାର ଗୁଣ୍ଡି ।

ଜିକୋ ଜାକ କଲା ଜିକର କାତି
ବାୟା ହେଇଗାଲା ରାଜାର୍ ହାତୀ
ଢୀଲା ହେଲା ନିଶା ରାତି
ତଲେ କନ୍ଧାଥାଇ ଉପରେ ମାଲ
ମରିବା ଜୀବନକେ କାଇ ଜାତିକୂଲ
ସଙ୍ଗେ ମରିଗାଲେ ଭଲ ।

ସାଇକେଲ୍ କେ ଦୁଇଟା ଚ଼କ
ବେଢ଼ାଇ ବସିଲା ବଗ
ସବୁ ବନ୍ଧୁ କୁଟୁମ୍ବ କେ ଦେକଲେ
ତମେ ଏକା ମୋର ଲୋକ ।

## ଲୋକଗୀତ

ଜଇପୁର ନାଇଁ ଜଇନଗର
ଚାରିବାଟେ ଟୋଟା ମଝିଠାନେ ସାଗର
ସାଗର ଭିତରେ ଚିଲା
ଚିଲା କାଟିକରି ପାନି ଖୁଆଇ ଦେବି
ମୁଇଁ ପାତରପୁଟିଆ ପିଲା ।

ଜଇପୁର ଦାଣ୍ଡେ କଦଲୀ ଦୁଣ୍ଡା
ତେନେକେ ଗାଲେ ସାଗର ମୁଣ୍ଡା
ସାଗର ମୁଣ୍ଡାର ମାଇଁ ମାଗୁର
ତେନେକେ ଗାଲେ ଜଇନଗର
ଜଇନଗରର କାଲିଆ କାଉ
ତେନେକେ ଗାଲେ ବାଲିଆ ଗାଉଁ
ବାଲିଆ ଗାଉଁର ଗେନିଲି ଛେଲି
ଖୁଡ଼ପି ଗାଉଁର ବେଲି
ହାତେ ଧାରିକରି କାନେ କଇଦେବି
ଜିଇଁବାର କାଇବାର୍ ବୋଲି ।

ସରଗି ଝମ୍ପଣ୍ଡା ପାତଲ୍ ବେଦି
ସଉରା ସାଇର୍ ଲିଆ
ତମର ବିଭାବେଲେ ଖବର ଦିଆ
ପଚବାଟେ ହେବୁ ଟିଆ ।

# ବିଭା ଗୀତ

ଆଗେ ଆଇଲା ଦଇମତି, ଇଣ୍ଡାନ୍ କୁଲାବଇ
ତାର୍ ପଚ୍ଛେ ସାଟେ ଧାଙ୍ଗଡି ହୁଲହୁଲି ଦେଇ...(ହୁଲ୍‌ହୁଲ୍‌ହୁଲ)
ବେଦିର୍ ଉପର୍ ଚାମଣ୍ଡା ଅଏଲା
ଆମନ୍ତରଣ ଲାଗି
ବୋଇ ଆଣ୍ଡି ଲେଦା ଲେଦିମା ଲାଗାଇ ଦିପ ଦେଉଡି

ପିପ୍‌ଡି ପାପଡି ବିଭାକେ ଗାଲେନି
ସରଗେ ଉଡଇ ଦୁଲି
ବିଲର କକଡା ମୃଦଙ୍ଗ ମାର୍‌ଲା ବେଙ୍ଗ୍ ଦେଲା ହୁଲ୍‌ହୁଲ୍(ହୁଲ୍‌ହୁଲ୍‌ହୁଲ୍..)
ନିଯାଉ ନିଯାଉ ଖେଳାଉ ଖେଲାଉ
ଦାନ ବନ୍ଦ୍ ଗାଲା ନାସ
ଦାନ ବନ୍ଦ ତଲେ କି ପୁଲ୍ ପୁଟ୍‌ଲାନି ମୁକୁନ୍ଦମୁରାରୀବାସ

ସଲଖ ବାଟେ ଉଠ୍‌ଲା ଭୂତ
ହଁ କଲା ଅନୁମତ
ମକେ ଛାଡି ତୁଇ କେନେ ଉଠି ଯିବୁ ଝରିଦିଗେ ପରବତ (ହୁଲ୍‌ହୁଲ୍‌ହୁଲ୍..)
କର୍‌ଲା କାଟ୍‌ଲି ଚେକି ଲୋକ ଦୁଲାଇ
କର୍‌ଲା କାଟ୍‌ଲି ଚେକି
ଆୟାବୁଆ ଘରେ ହେତୁ ଲାଗ୍‌ଲେ ଉଟି ଝଲିଯିବେ ବେଲ ଦେଖି

ଇ ପାରି ରପଲି କାଳି ତୁଳସି
ସିପାରି ମାରଲା ଡିର
ଭଲ କରି ତୁଲ ଦୁକିର ସଙ୍କାଳି
ଆତେ ବାଜି ଯାସି ହିର (ହୁଲ୍ହୁଲ୍ହୁଲ୍....)
ପାନି ଆନି ଆନି ପୁଲ ପୁରାଇଲି ଗୁନା
ଝି-ପାଇକରି ବନ୍ଧୁ ଯୋଡ଼ିଲି
ମୋର ଗର ହେଲା ସୁନା..........।

## ବିଭା କାନ୍ଦଣା

ଆୟାରେ ବୁଆରେ କୁମଡା ଲଟା
ଆୟା ବୁଆ ସରପି ଦେଲା ଏଡକ୍ରା ଗୋଟା
କୁମଡ଼ାର ପିଲା ଗବର କେତେ
ମାଲଗଲା ପରବତେ
ତମର୍ ଦେଲା କାତା ଠିକ୍ନା ହେଲେ
ଜାଗିରେବି ତମର ବାଟେ ।

କିଆରିର ମାଚ୍ କେଲେ
ସରଗର୍ ଆପ୍ସେରୀ ଆଇସି ଆଚ୍ଚେ
ବଇନା ଛିନିଲା ବେଲେ

## ସାଇଲଡ଼ି ଗୀତ

ଆସା ସାଇଲଡି ଖେଲ୍‌ତେ ଯୁ
ଡାଣ୍ଡେ ରୁଣ୍ଡକୁଣ୍ଡ ହେଉ
ଆମର ଦୁଆରେ ଆଉରେ ଜନ୍
ମାରିଦେବି ଚନ୍ଦନ୍
ସାଇଲୋ ମର୍ ସାଇ କରୁନା
ମଲିଫୁଲ୍ ବାସନା
ଆମେ ଆସି ଆଚୁ ଡଙ୍ଗର କାଡିଆ
ଝୁଲେକ ଧାଙ୍ଗିଡ଼ା ଦିଆ
ଡାବୁ ଦେବୁ ଦେବୁ ପନିକା ଦେବୁ
ଜୁଲି ମିସ୍‌ତେ ଖେଦି ନେବୁ
ଝାଲି ପରାଝାଲି ଆନା ଆମର କୁମାର ସାଇ ଆସାରେ.....
କୁଲାରେ କାଟ୍‌ଲି ଲାଉ
କୁଲାର ଲାଉ କୁଲାଇ ରଉ ସାଇ ବୁଲାଟିକେ ଯାଉ ।

## ବିଭା ଗୀତ

ଭୋଇଲି ମାରିଲି କାଇ ପରା ନାହିଁ
ବିଜାଗଛ ତଳେ ବଜାର ଏଲାରେ
ତତେ ଅନୁମାନ ନାହିଁ ।
ସମୁଦ୍ରେ ଡେଇଁଲି ଲଙ୍କା ଗଡ଼େ ଗଲି
ସୁରୁଜ ଗଡ଼େ ଅନାଇଲି
ତୁମର ଶିରୀ ମୁଖ ଦରଶନ ପାଇ
ବିଦେଶେ ବାହାର ଏଲି ।

## ଗୀତ

ଦିନ୍‌କେ ତିନ୍ ଚ଼ର୍ ଥର୍ ଗୁଡାଖୁ ରେତାରେ
ଏଟା ଏବର ଯୁଗର କଥା
ଆଜି କାଲିର ଧାଙ୍ଗଡ଼ି ଘସ୍‌ତେ ରେବାଏ ଦେକା
ତୁଣ୍ଡକେ କରି ପେଚ୍ ପେଚ଼ରେ
ଇଟା ଦେକ୍‌ବ କେ ବଡେ ହିନସ୍ତା

ସେ ଯୁଗେ ରେଲା କାୟ ହଲ୍‌ଦି ଚିକନ୍
ଏ ଯୁଗେ ବା ସନା ତେଲ୍
ଏ ଯୁଗର ଧାଙ୍ଗଡ଼ି ବୁଲେ ତେରେବାଇ
ଦାଣ୍ଡେ ମେଲାକରି ବାଲ

ଆରି ମୁଣ୍ଡେ ଖୁଞ୍ଚି ଖତରା ଫୁଲ
ଧାଙ୍ଗଡ଼ା ମାନର ସାଙ୍ଗେ ରସାଇ ହେବା ପାଇଁ
ହେଇ ରେବାଇ ହାଏ ଅବସ୍ଥାରେ (ଘୋ)
ଆଜି କାଲିର ଧାଙ୍ଗଡ଼ି ଯାତ୍ରା ଦେଖି ଯିବାର
ବାନ୍ଧି ଛାଟନା ଏତକ କଷା
ହେତେ ରେବାଏ ହେରା ଟେଖା
ଧାଙ୍ଗଡ଼ା ମାନର ସାଙ୍ଗେ ଲାଇନ ମାରତେ ରେବାଏ
ପାନ ଖାଇ ହେତେ ରେବାର କଥାରେ
ହାଏଟା ଦେଖତା କେ ଦବଡେ ହିନସ୍ତା (ଘୋ)

## ଲୋକ ଗୀତ

ଅଣ୍ଡରା ଡଙ୍ଗରୀ ପଣ୍ଡରା ପବନା
ଶିଡି ବଡେ ବଡେ ଦେବୀ
ବାଟ୍ ଛାଡ଼ିଦିଆ ସାନବୀ ଦେବୀ
ଗୀତ ମାରି ମାରି ଯିବି
ଗାଁ ଦେବୀ ଠାକୁରାନୀ ଦେବତା
ବାବୁ ଡଉଁରିଆ ଘର
ଦଶ ଆଙ୍ଗୁଠିରେ ବିନତୀ ଯୋଡ଼ିବି
ଆଜି ମୋତେ କ୍ଷମା କର ।
ଆମର କୋରାପୁଟ ଉଚ୍ଚ ପଦର
ଏକା ଦେବତାର ଘର
ସୁନାର ପାଟିଆ ରୁପାର ଡ଼େଲି
ମୁତ୍ୟାଲୁମାଁ ଦେବୀ ଘର
କରିକି ମକିଆ ଫୁଲ ବାସିନୀ
ବଳଦ ପିଠିରେ ଗନି
ଶିତଳ ଠାକୁରାଣୀ ଲଲାଟେ ଦେବୀ
ଛିଞ୍ଚିଲେ ନ ଲାଗେ ପାନୀ ।

# ଗୀତ

ସକାଲେ ଉଠିଲି ପର୍ବତ ଚଗିଲି
ମାରଲି ଦଉଡ଼ା ଡେଲି
ଆମର ଝଲି ପାବ୍‌ଲି କାଜୁ ଲଗାଇଲୁ ବାବୁ
ଆସା ଦେକା ତମେ ବାଲି ।୧।

ଗାଇଗରବନା ଭିତରେ ପନା
ଖଡ଼ିକା ଚିଲର ଦନା
ଯେବେ ମିଟିଙ୍ଗ୍ କଲେ ତେବେଥାଇତି
ମନ୍‌କେ ନକରା ଉନା । ୨।

## ଗୀତ

ବନ ଡଙ୍ଗରେ ପଶିବୁ ନାଇଁ
ପତର୍ ତୋଲି ଦାରୁ କାଟବୁ ନାଇଁ ।
ଧାରସି ଗାରଡୁ ପାରାସ
ମଦ ଲନ୍ଦାପେଡମ୍ ପିଇବୁ ନାଇଁ ।
ମଦୁଆ ମାତାଲ ହୋଇବୁ ନାଇଁ
ନିଶାପାନି ଖାଇ ଭୂମି ବେଡା ଗାଲ ।
ଆମକେ ଚେ଼ତନା ନାଇଁ
କେତେ ଶିକାଇବି ବାବୁ
ମନକେ ତୁଇ ଗୁରୁ ସାଜଲେ
ଲେଉଟି ମିଲ୍‌ସି ସବୁ ।

## ଗୀତ

ଆମ ଦଲାଇପୁଟେ ଉଚ଼ ସଦର୍
ଉଦିଆନ୍ ଦିଗେ ହୁଣ୍ଡି ଆମର୍
ଜୟ ଜୟ ଗଣପତି
ତମର୍ ନାମ ଧରି ଗାଇବି ଗୀତ ସାହାକର ସରସ୍ୱତୀ ।୧।
ଗିରିପରବତେ ମାରିଲି ମାଲା
ହାତରେ ଲାଗିଲା କଲା
ହାତର କଲାକେ ଦଇବ ଦେଲା
ଫୁଲ୍ କସା ମାୟା କଲା ।୨।
ଉଚ଼ ବାଲିପଟା କମଲା ତୋଟା
ଖୁଜି ଆମଗଛ ଢ଼େକି
ପନତ୍ ପକାଇ ମାନ୍ ମାଗୁଅଛି
ଜୁବା ବୟସ ଦେକି ।୩।

## ଗୀତ

ଆସା ସାଇଁ ଲୋଡ଼ି କେଲି କେ ଯିବା
ଦାଣ୍ଡେ ଗୁଣ୍ଡପୁଣ୍ଡ ହେବା ଯେ
ଦାଣ୍ଡେ ଗୁଣ୍ଡପୁଣ୍ଡ ହେବା
ଆମର ବାଲିଫୁଲ ବିବାଗରେ
ସବୁ ଗୁଣ୍ଡପୁଣ୍ଡ ହେବା
ସାଇଲୋ ମର ସାଇ କାରାପାନି ମଲ୍ଲିଫୁଲ ବାସନା
କାରାପାନି ଜାଇଫୁଲ ବାସନା ॥

ଖେଲୁ ଖେଲୁ ଖେଲୁରେ
ଗିରିଲିଆ ଭାଇ ଆସା ମଝିଦାଣ୍ଡେ ଖେଲୁ
ଗୁଣ୍ଡଲି ଗୁଣ୍ଡଲି ଖେଲୁ
ଲସୁନ ପତର ଲସଲସିଆ
ପିଆଜ ପତର ଠିଆ-

ଆସା ସାଇଁ ଲୋଡ଼ି ଜାଡ଼ା କାଟିଯିବା
ତରବର ନାଇଁ ହୁଆ
ତରବର ନାଇଁ ହୁଆ
ପାଇକ ବାରିକ ଡାକରା ଦେଲେ
କାଇଘରେ ନାଇଁ ବୋଲି କୁଆ
ଘରେ ନାଇଁ ବୋଲି କୁଆ

ସାଇଲୋ ମର ସାଇ କାରାପାନି ମଲ୍ଲିଫୁଲ ବାସନା

କାରାପାନି ଜାଇଫୁଲ ବାସନା ॥

ଚଇତି ମାସରେ ଖେଲିଲୁ ସାଇଁ

ଫୁଲତୋଲା ଗଲା ମନରେ ଧାଇଁ

ନେଉତା ବୋଲି କି ଅଣ୍ଟିରେ କିସ

ଫୁଲ ବେଣୀ ପରି ମାରୁଛି ବାସ ॥

ଦଶରା ମାସରେ ଖେଲିଲୁ ସାଇଁ

ଫୁଲ ତୋଲା ଗଲା ମନରେ ଧାଇଁ

ନେଉତା ବୋଲି କି ଅଣ୍ଟିରେ କିସ

ଫୁଲବେନି ପରି ମାରୁଛି ବାସ

ସାଇଁଲୋ ସର ସାଇଁ ସାଇଁ କରୁନା

ମଲ୍ଲିଫୁଲ ବାସନା ସାଇଁ ଲୋଡ଼ି

ଜାଇଫୁଲ ବାସନା ଯେ ॥

ଆଜି ଏ ପିଲାରେ ଗହଲି ଚହଲି

କାଲିକି ଖେଲିବା ମନା

ଏହି ମଝିଦାଣ୍ଡେ ଖେଲିତେ ରଇଲେ

ଏକା ଛନେକ ନ ଲାଗେ ଭୋକ ଯେ

ଛନେକ ନ ଲାଗେ ଭୋକ ॥

କାଇବା ଜୀଇଁବା ସବୁରି ଆଶା

ଦାଙ୍ଗଡ଼ା ଦାଙ୍ଗଡ଼ି ବେଲେ

ସାଇଁଲୋଡ଼ି ଧରି ନାଚି ନାଚି ଯାଉ

ଜଅଁର ଡାକିଲା ହେଲେ ॥

## ଗୀତ

ଦେହକେ ସୁନ୍ଦର କରିସିଫାଟା, ପେଟ୍‌କେ ନିମାନ୍ ଖାଦି
ଲୋକର୍ ଲଗେ ସୁନ୍ଦର ଦିଶେ, ଥିଲେ ଖଣ୍ଡିକେ ବୁଦି ।

ବୁଦିକି ସୁନ୍ଦର୍ ପଡ୍‌ଲେ ଫାଟ୍, ଦାଣ୍ଡକେ ସୁନ୍ଦର ବାଟ୍
ଘର୍‌କେ ସୁନ୍ଦର ରଇଲେ କପାଟ, ଗାଉଁକେ ସୁନ୍ଦର ଆଟ ।

ଗଚ୍‌କେ ସୁନ୍ଦର୍ ଫୁଲ୍, ଫଲ୍, ଖସା ବାନ୍ଦଲେ ସୁନ୍ଦର ମୁଣ୍ଡ
ନିମାନ୍ ଖାଦି ଦିନ୍‌କେ ଖାଇଲେ ଡକରି କରିସି ନାଟ୍ ।

ଆକାଶେ ସୁନ୍ଦର ପୁନେଇ ଜନ୍ ଫୁଟି ରଇଥିଲେ ତାରା
ବନ୍‌କେ ସୁନ୍ଦର ବାଗ୍ ରଇଲେରେ ଇସକୁଲେ ସୁନ୍ଦର ପିଲା ।

ମଜୁର୍ ନାଚ୍‌ଲେ ବଡ୍ ସୁନ୍ଦରରେ ଗୀତ୍‌କେ ସୁନ୍ଦର ବାଜା
ଫାଟ୍ ପଢି କରି ଗିଆନ୍ ଅରଜି ଦିନ୍‌କେ ମାର୍‌ବା ମଜା ॥

## ମଜୁରୁ ମଜୁରୁ

ମଜୁରୁ ମଜୁରୁ ପାକି ମଜୁରୁ
ମଜୁରୁ ମଜୁରୁ ପାକି ମଜୁରୁ
ଚେନା ବେଟି ଖାରେ ବାଇ ମଜୁରୁ
କାନ୍ଦା ଖଲି ଖାରେ ବାଇ ମଜୁରୁ ।

ମଜୁରୁ ମଜୁରୁ ପାକି ମଜୁରୁ କାନ୍ ମଜୁରୁ
ଦାଣ୍ଡା ଭାଙ୍ଗି ଖାରେ ବାଇ ମଜୁରୁ
ଖାବ୍‌ଡ଼ା ମାରି ଖାରେ ବାଇ ମଜୁରୁ ।

ମଜୁରୁ ମଜୁରୁ କାନ ମଜୁରୁ ତଣ୍ଡ ମଜୁରୁ
ତେତଲି ବେଟି ଖାରେ ବାଇ ମଜୁରୁ
ଶିଆଡ଼ି ଡଲି ଖାରେ ବାଇ ମଜୁରୁ ।

ମଜୁରୁ ମଜୁରୁ ତଣ୍ଡ୍ ମଜୁରୁ ହାତ୍ ମଜୁରୁ
ମୂଲା କାନ୍ଦା ଖାରେ ବାଇ ମଜୁରୁ
ମଧୁର୍‌କାନ୍ଦା ଖାରେ ବାଇ ମଜୁରୁ ।

ମଜୁରୁ ମଜୁରୁ ହାତ୍ ମଜୁରୁ ଗଡ୍ ମଜୁରୁ
କୁକ୍‌ଡା ପୁଡାଇ ଖାରେ ବାଇ ମଜୁରୁ
ପାଣ୍ଡ୍‌କା ମାରି ଖାରେ ବାଇ ମଜୁରୁ ।

ମଜୁରୁ ମଜୁରୁ ଗଡ୍ ମଜୁରୁ ପେଟ୍ ମଜୁରୁ
ଡଉଲ୍ ଜିନିଷ୍ ଖାରେ ବାଇ ମଜୁରୁ
ମଦ୍‌ପାନି ନା ଖାରେ ବାଇ ମଜୁରୁ ।

# ଅଡୁଆ କନ୍‌ଟା ଲାଗ୍‌ସି

ଆଲେ ଶୁନା ଏବେ କନ୍ କନ୍ ଥାନେ
ଅଡୁଆ ଲାଗ୍‌ସି କଇବି
କଇଲା ବେଲକେ ଆଉଲି ହଇଲେ
ଅଡୁଆ ଲାଗ୍‌ସି ବଲ୍‌ବି ।

ରାଣ୍ଡିକେ ଅଡୁଆ ଖସା
ଜନାକେ ଅଡୁଆ ମୂଷା
ଚର୍‌କେ ଅଡୁଆ ପୁନେଇ ରାତି କନ୍ଦା କେ ଅଡୁଆ ଭାଷା ।

ଦବ୍‌ଡା ଦାନ୍ତକେ ଅଡୁଆ ଚାନା
ଚେପ୍‌ଟା ନାକ୍‌କେ ଗୁନା
ଗରୀବ ଲକ୍‌କେ ଅଡୁଆ ଲାଗ୍‌ସି
ସାସ୍ତା ହୋଇଲେ ସୁନା ।

ମୋଟିକେ ଅଡୁଆ ନାଟ
ରାଣ୍ଡିକେ ଅଡୁଆ ପାଟ
ଅନ୍ଧକେ ଅଡୁଆ ହଇ ଯାଇସି
ହଜି ଜାଇ ରେଲେ ବାଟ ।

ଡେଙ୍ଗା ମାଇଜିକେ ଅଡୁଆ ବୁଟି
ପଣ୍ଡିତ ଲକ୍‌କେ ଅଡୁଆ ଭାଟି
ପଦର ବୁଲୁକେ ଅଡୁଆ ପର
ଗରେ ରଖିଦେଲେ ଜାଟି ।

ଦାଙ୍ଗଡ଼ି ଟକିକେ ଡ଼କ୍‌ରା ବର
ଛାଟ୍ରି ମାଇଜିକେ ସୁଖ ସଂସାର
କଥାମିଛ କଉକେ ଗାନ୍ଧିମାପୃ କାଥା
କେନ୍ତି ଲାଗ୍‌ସି ବିଚାରକର
ନଇଲେ ଜିଇଁ ଥାଉ ଥାଉ ମର ।

## ଗୀତ-୧

ଆସ ଆସ ମୋର ଲବଙ୍ଗଲତା
ଗୋଡ଼େ ଘେନି ଦେବିଂ ପାଣ୍ଡେଇ ଯୁତ୍ରା
ହାତେ ଘେନି ଦେବି ଚ୍ଚାତା

ଥିର୍ ହୋଇ କରି ଡାକ ଦେଉ ଅଚ଼ି
ପୁରୁଷକୁ କି ଚିନ୍ତା ॥

ବାଉଁଶ ବାଉଁଶ ପାନି ବାଉଁଶ
ସୁଆଦ ଉପରେ ମେଣ୍ଡା ମାଉସ
ଆଉରି ଦେଲେ ଖାଇତି -

ରପାରା ଭେଣ୍ଡିଆ ମୋର୍ ପାଖେ ଥିଲେ
ଡଲି ବାନ୍ଧ ଝୁଲାଇତି ।

ସିନ୍ଦିବୁଟା ତଲେ କପଡା ଗୁରେ
ଜନମ ଆସିକି ଏ ମଂଚ ପୁରେ
ପିରତି କରିବା ପାଇଁ

ତମର ଜୀବନ ଜମ ନେଇ ଗଲେ
କାହାକୁ କଇବା ଯାଇ ।

## ଗୀତ-୨

ଉଚ୍ ବାଲିପଟା
କମଲା ଟଟା
କୁବି ଆମ
ଗଚ୍ ଡେଙ୍ଗ
ପନତ ପକାଇ
ମା'ଗିନି ଆସ
ଆମ ଯୁବା
ବଇଁସ ଦେକି
ତମି ବିନ ଗାଉଁ
ଆମି ବିନ ଗାଉଁ
ଗୋଟେ ଗାଡ଼ର
ପାନି ଖାଉ
ଗାଡ଼ି ପଇଲାଡ଼ି
ହାଟେ ବସାଇ
ଦେକା ଚିନା
ହୋଇ ରଉ
ଆମ ଉମ୍ରି ଗାଆଁର
ସଲପ ଗଚ୍
ଅଲପ ଅଲପ
ବାସ

ଟାଣ୍ଡିମଦ ଦରି
ମା'ଗିନି ଆସିଲ
ନଦେଲା ତ
ମୋର ଦାପ
ଆସିଲୁରେ ଦାଇଁ
ବସିଲୁ ଜାଇ
ଚିନ୍ତା ହେଲୁ
କିସ ପାଇଁ
ଚତରେ ଦରି
ଅତରେ ରକ
କି ଦୁଃକ
ପଡ଼ିଲା ତୋତେ
ତୋର ଦୁଃକ
କଷ୍ଟ ଦୂରେଇଦେବି
ରତନ ବେଲୁର ଖଟେ ।

## ଗୀତ-୩

ଆସ ଆସ ମୋର
ହେଲା ଲୋ ଗରି
ଦିହକୁ ଦେକିଲେ
ଚମ୍ପାଫୁଲ ପରି
ବେକରେ କିଆ ପତର
ତୋର ଶିରିମୁଖ
ଦେଖିଲିନୁ ନି
ସପନେ ମରୁଛି ଝୁରି
ଗର ବାନ୍ଦିଗଲି
ପାଞ୍ଚ ପାଟିଆ
ପାଉଚେ଼ ରକିଲି
ଫୁଲ ତାଟିଆ
ଗଭିରକୁ ଗଲା ବାସ
ଏତେଦିନ ହେଲା
ଚିନା ଜଣା ନାଇ
ହେଲୁ ସିନା ବେଟ ଘାଟ ।

## ଗୀତ-୧ ଲୁଚିକି ଲିଚା ପାନି ଝରନ୍

ଲିଚିକି ଲିଚ୍ଛରେ ଲିଚିକି ଲିଚା ପାନି ଝରନ

ତମର ତାଲିଆ ଖଷାକେ ମନ କାୟ

ମକେ ତମ୍‌କେ ଆକା ବଡ ମନ କାୟ

ଲିଚିକି ଲିଚ୍ଛ ପାନି ଝରନ । ୧ ।

କୂଅଁରେ ପଡିଲା ଜନକାୟ ଲିଚିକି ଲିଚ୍ଛ

କୂଅଁରେ ପଡିଲା ଜନକାୟ ଲିଚ୍‌କି ଲିଚ୍ଛ । ୨ ।

ରାତି ବାର ଘଣ୍ଟେ ଦେବି ସପନ ନନି

ମନ ହେସି ଛନ ଛନ

ଲିଚିକି ଲିଚ୍ଛରେ ............... । ୧ ।

ଜନର ପାକରେ ତାରା କାୟ ଲିଚିକି ଲିଚ୍ଛ

ଜନର ପାକରେ ତାରା କାୟ ଲିଚକ ଲିଚ୍ଛ

ଧୀରେ ଧୀରେ କରି ମୁଚ୍‌କି ମାରା ନନି

ଧାଙ୍ଗଡ଼ି ଟକିର ପରା

ଲିଚିକି ଲିଚ୍ଛରେ ଲିଚିକି ଲିଚ୍ଛ ପାନି ଝରନ ।୨ ।

ତମର୍ ପାଣ୍ଡରି ଗାଲ୍ କେ ମନକାୟ,

ତମ୍‌ର ଗୁଲାପି ଗାଲ କେ ମନକାଏ

ଲିଚିକି ଲିଚ୍ଛ ପାନି ଝରନ ।। ୨ ।

## ଗୀତ-୨

ତକେ କୋଟି ଜୁଆର କର୍‌ବି ଆଚି ଗୋ
ଗାଆଁରି ମାଟି ନିସାନି
ତର୍ ପାଦେ ମୁଣ୍ଡିଆ ମାର୍‌ବି ଚିଗୋ
ମାଁ ବୁଡୀ ଠାକୁରାନୀ । ୧ ।

ସବୁ ଗାଏଁ ଗାଏଁ ରହି ଆଚୁସ୍ ମାଁ
ଜନ୍ତି ଇଛା ହେଲେ ତର୍
ଗାଆଁର ଲକ୍‌ମନେ ତକେ ଆକା ଆଶା
କରି ଦୁଃଖେ ଶୁକେ ତାଂକର୍
ଗାଆଁର୍ ଦିଶାରୀ ତକେ ପୂଜା କରି
ଚଡାଇଲାନି ପନା ପାନିଗୋ ।
ଚଢ଼ାଇଲାନି ପନାପାନି । ୧ ।
ଆମି ନରମା ନାଇଁ କାଇଟା ଜାନ୍‌ବୁ ମାଗ
କେତେ ବେଲା କେତେ କାତା ।
ତକେ ମୁଣ୍ଡିଆ ମାରି ଗାଲେ ଜନ୍‌ବାଟେ
ନାଇ ପସେ ପାଦେ କଟା ।
ତର୍ ଲଗେ ସିରା ଗୁରୁମାଇଁ ପାରା
ଜନ୍‌ଟା କଏବାଇ ନେବୁ ସୁନିଗ
ମାଁ ବୁଢ଼ି ଠାକୁରାନୀ
ତର୍ ପାଦେ ...... । ୨ ।

## ଗୀତ-୩

ଆସା ପିଲାମନ୍ କଇବି କାତା

ଶୁନି କରି ହେତୁ ରକା

ଅଣ୍ଟା ଭିଡା କରି କାମ୍ ଧାନ୍ଦା କରା

ବୁଆ ଦେକା ଶିକା । ୧ ।

ମୁଣ୍ଡର୍ ଝାଲ୍‌କେ ତୁଣ୍ଡେ ମାରି କରି

ଆମିତ ଖଟୁଆ ଜାତି,

ନିଷତ୍ ଅଲସ୍ ନାଇଁ ହଉ ଆମେ

ଭୂତି କର୍‌ବୁ ଦିନ୍ ରାତି

ଖଟିଖିଆ ଲକ୍ କାମ୍ ଧାନ୍ଦା କଲେ

ନାଇଁ ରହେ ଦୁକା ଶୁକା

ଆସା ପିଲାମନ୍ କଇବି କାତା

ଶୁନି କରି ହେତୁ ରକା । ୨ ।

ତମିମନ୍ ଦେଶ୍ ଜାତିର୍ ଲାଗି

କର୍‌ବା ସନିକ କାମ୍

ଡ଼ରବର୍ ନାଇଁ ସତ୍ କାତା କେ

ରଖିବାସ ଦେଶର୍ ନାମ୍

ଆସା ପିଲାମନ୍ କଇବି କାତା

ଶୁନିକରି ହେତୁ ରକା । ୩ ।

## କେରାପୁଟିଆନନି

ପରବୁପରବୁ ପକ୍ଷୁପରବୁ

ପରବୁପରବୁ ଦିଆଲି ପରବୁ.....

ଆମେ ଧାଙ୍ଗଡ଼ିକେ ମନ ଦେବୁ

ଆରି ଧାଙ୍ଗଡ଼ିର ମନ ନେବୁ

ଏ ଘର ଦିନେ ଧାଙ୍ଗଡ଼ା ଡ଼କରା ଡ଼କରି

ଗୁଡ଼କଲାକା ପକାୟ ଦେଇ ରେବାୟକାୟ

ରିଞ୍ଜଡ଼ି ବଞ୍ଜଡ଼ି ଧାଙ୍ଗଡ଼ା ଧାଙ୍ଗଡ଼ି

ସାଇଲଡ଼ି ଧରି ରେବାୟକାଁୟ

ଝିଲେକେ ଝିପାରେ ଝିଲିକେଝିପା ଝିଲେକେ୍ ଝିପା ।

କରାପୁଟିଅନନି ମାନେ କାୟ ବଡ଼େ ନିକା

ଝିଲେକେଝିପାରେ ଝିଲିକେଝିପା ଝିଲେକେ ଝିପା ।

ଛେଲିଆନିକରି କୁକୁଡ଼ା ମାରି କରି

ହୁଣ୍ଡିମାପୁରୁକେ ପୂଜା ଦେବାକାୟ

ପିତୁରୁପିତାକେ ଡୁମାଡାଇନିକେ

ଭାତରନ୍ଧି ପକାବାୟକାୟ ଭାତରାନ୍ଧି ପକାବାୟ କାୟ ॥

ଝିଲକେଝିପାରେଝିଲାକ୍ ଝିପା

କରାପୁଟିଆନନିମାନେ କାୟ ବଡ଼େନିକା

ଝିଲକେଝିପାରେ ଝିଲିକେଝିପା ।

## ଲିଡ଼ିକିଲିଡ଼ାପାନିଝରନ୍

ଲିଡ଼ିକିଲିଡ଼ାରେ ଲିଡ଼ିକିଲିଡ଼ା ପାନିଝରନ୍
ତମରଧବଲଟକେ ମନକାୟ

ମକେ ତମକେ ଆକା ବଡ଼ ମନକାୟ
ଲିଡ଼ିକିଲଡ଼ାପାନିଝରନ

କୁଅଁରେ ପଡ଼ିଲା ଜନକାୟ ଲିଡ଼ିକିଲଡ଼ା
କୁଅଁରେ ପଡ଼ିଲାଜନ

ରାତିବାର ଘଣ୍ଟେ ଦେବିସପନ ନନି
ମନ ହେସି ଛନ ଛନ

ଲିଡ଼ିକିଲିଡ଼ାରେ ............ଯୋଷା

ଜନରପାକରେ ଟାରା କାୟ ଲିଡ଼ିକିଲିଡ଼ା
ଜନରପାକରେ ପାର

ଧିରେ ଧିରେ କରି ମୁଡ଼ିକିମାରନନି
ଧାଙ୍ଗଡ଼ିଟକିର ଟାରା

ଲିଡ଼ିକି ଲିଡ଼ାରେ ଲିଡ଼ିକିଲିଡ଼ାପାନି ଝରନ
ତମର ପାଣ୍ଡରିଗାଲ କେ ମନକାୟ
ଲିଡ଼ିକିଲିଡ଼ାପାନିଝରନ ।

## ଗୀତ - ୫

ବାଲି ଫୁଲ୍ ହେବାକେ ମଜାରେ
ମର୍ ବାଲି ଗାଜା ।
ବାଲିଫୁଲ ହେବା କେ ମଜା ।

ବାଲି ଦିନର୍ ତୁଇ ମୁଗୁନି କଦ୍‌ଲୀ ହେଲେ
ମୁଇଁ ହେବି ତର୍ ଜିଲାପି ଖାଜାରେ
ମର୍ ବାଲି ଗାଜା
ବାଲି ଫୁଲ୍ ହେବାକେ ମଜା । ୧ ।
ମଂଜାଏ ପାନି ନାଲ୍
ପାଲିକେ ବୁଟା ବଦ୍‌ରା
ଉନ୍ଦୁଆ ବାଲୁ ରେସି ବଲି ନାଇଁ ଡରା
ବାଲୁ ଉବା ଓଷ୍ କର୍‌ଦେସି ଖଂଜାରେ
ମର୍ ବାଲି ଗାଜା ।
ବାଲିଫୁଲ ହେବା କେ ମଜା । ୧ ।
ଧାଙ୍ଗ୍‌ଡ଼ିକେ ଧାଙ୍ଗଡ଼ା
କାଇ ନିକ ମିଶା ଭିଡା ।
ମିଶି ଗାଲାରେ ବାବୁ
ବିବାଟିକା ନାଇଁ ଲଜା
ତୁଇ ମୁଇଁ ସଂଗେ ରେଲେ
ରାଜାରାନୀ ପାରାରେ
ମର୍ ବାଲି ଗାଜା
ବାଲି ଫୁଲ୍ ହେବା କେ ମଜା ।୨ ।

# ଦିଆଲି ମାସର ହୁଣ୍ଡି ପରବର ଗୀତ

ବଇନା ଲୋ ବଇନା......
ଆମର ଗନ୍ଧଣା ଗାଏଁ ଉଚ୍ଛ ସଦର
କେବେ ଦେଖ୍ଲେ ତେବେ ଖାଲ ଖଦର
ଉଦ୍ୟାନ୍ ଦିଗେ ଆଚେ୍ ହୁଣ୍ଡି
ହୁଣ୍ଡି ନାଅ ଧାରି ଗୀତ୍ ଗୋଟେ କଇବି
ସର୍ତ୍ତେ ଆସବେ ଗୁଣ୍ଡି ।

ବଇନା ଲୋ ବଇନା.....
ତମେ ମାନାସିବା ତମର ହୁଣ୍ଡି ଦେବତା ତଳେ
ଆମେ ମାନାସିବୁ କାକେ
ଆମର ଗାଏଁ ଆଚେ ଗାଙ୍ଗା ଦେବତା
ତାକେ ମାନା ସିବୁ ଆମେ ।
ସତେ ନିଆଲି ତାକେ ମାନାସିବୁ ଆମେ....... ।

ବଇନା ଲୋ ବଇନା........
ଶିବି ଶିବି .....ଶିବି ଲୋ ବଇନା
ରଙ୍ଗନି ବାଡ଼ିର ଶିବି
ଶିଶା ପୁଜାରିକେ ମାନ ମାଗିବି
ପଇନା ଖେଲିତେ ଯିବି ।

ବଇନା ଲୋ ବଇନା......
ଗାଇବି କିନ୍ଦରି ଶୁନ କାନ ଡେରି
ଗଛ ତଲେ ଗାଙ୍ଗାବେରି
ଗାଇବି ବଇଲେ ଚନେକ ରଇବି
ନଇଲେ ଘରକେ ଯିବି ।

## ଗୀତ

ଝଉଲ ଧୋଇଲି ତାଟିଆ ନାଲେ
କଣ୍ଡା ପଇଁଗଲା ତଲେ
ଆସିଲା ବେଙ୍ଗଟି ଝବିଲା ଗାଲେ
ତୋର ଚିହ୍ନାମୁଦି ଦେଲା ବେଲେ,
କଣ୍ଡ କଣ୍ଡ ରାତି ଉଆଁଶ ଅନ୍ଧାରେ
କମଲ ଫୁଟିଲା ଫୁଲ
ତ ମନର ମଦୁର ବାସ୍ନା ବାଜିଲେ
ମନ ମୋର କଲବଲ ॥
ଗାଡ଼୍ ମାରିନେଲା କାଇକେ କାଇ
ଗୁଲାଇ ରାତି ନିଦ ନାହିଁ
ମୁହିଁ ଶୋଇଲା ଶେଯରେ ବୁଦ୍ଧି ପାଞ୍ଚୁଥିବି
ତ ମକେ ଆନିବା ପାଇଁ ॥
ବାପାର ମରଣ ପୁଅର ଦଶା
ଦୁଆରେ କରିଛି ସନ୍ୟାସୀବସା,
ମାଆକୁ ଲାଗିଛି ବର
ଏହି ଝରି ପଦ ବୁଝାଇ
କହିଲେ ମୋ ସାଙ୍ଗେ ପିରତିକର ।

## ଗୀତ

ଗଲାର ମାଲିରେ ଗଲାର ମାଲି ଗଲାର ହାର
କାଲିଆ ଦାଦା କଲା ବାଦଲ
ପିଟପାରା ଜନ ଉଜ୍ଜଳ ।
କୋଟକ ଦେଶରେ କଅଣ, ମଅଣ
କୋରାପୁଟେ କିସ କାସ
ଚିଠି ଲେଖି ଦେଲେ ଦବତି ଆସି
ଗଲା ବସେ ଉଟି ଆସ ।
ଘୋଷା - ଗଲାର ମାଲିରେ ଗଲାର ହାର.........
କଲତ ଚଉଲ ମୁଗ ପଇତ
ଉସୁନା ଚଉଲର ଭାତ
ଘରେ ବସାଇ ଖୁଆଇ ଦେବି
ସବୁ ଦିନେ ଥିବ ହେତ
ଘୋଷା - ଗଲାର ମାଲିରେ ଗଲାର ମାଲି.........

## ଚଇତ ପରବ ଗୀତ

ଘୋଷା - ସାଇଲେଡି ଆମେ ଧେରୁବେରେ
ପାଦ ବେଟି ବେଟି ଆମେ ନାଚୁବେରେ
ଏ ମୋର ଚୁମକି ଏ ମର ଚୁମକି
ଆସା ଅଲପ ସୁନିଯାତା
କଇବି ତକେ ଗୋଟେକ୍ କାତା .......(୨)

ପଦ - ଆଜି ଚଇତ୍ ପରବ କାୟରେ ନୁନି
ପୁଅ - ତୁଇ ମଜୁର ମୁଟା ଧରି ଆନି
ଝିଅ - ମୁଇଁ ମଜୁର ମୁଟା ନାଆନି
ତୁଇ ଜଲା ଡାବୁ ଧେରି ଆନି ।

ଅଲପ ଧିରେ ଧିରେ କୋ
ଅଲପ ଧିରେ ଧିରେ କୋ
ବୁଆ ସୁନି ଦେଏସି
ତକେତ ମାରି ପାକାସି ।

## ଗୀତ

ଶହେ ଆଲେ କୁଆରୁ କାଇଁ
ଷାଟେ ଆଲେ ଶରଣୁ କାଇଁ
ଶହେ ଆଲେ କୁଆରୁ କାଇଁ

ମନୁ ଆଲେ ମାଙ୍ଗିଦିନି
ପାଦେ ଆଲେ ପଡ଼ିଯିବି
ଭଲ ହେଲେ ଖଏଜିଆ
ଆଛା ହେଲେ ଢ଼ିସାଦିଆ
ଜାଇଫୁଲ ଲିଆ
ମଲି ଫୁଲ ଲିଆ । ଶହେ ଆଲେ.........

## ଗୀତ

ବରଷା ବାଦଲ ଦୁଃଖର ଦିନ
ଗଲାବେ ଆମରେ
ଶୀତଖୋରା ଦି' ମାସକେ ନି ନି ନାଚ଼ି ଖେଲୁ ଆସାରେ
ବାଲି ଫୁଲ ରେ କଦମ୍ ମାଲିରେ
ଧାଙ୍ଗଡ଼ା ଧାଙ୍ଗଡ଼ି ଆସାରେ
ପଲା ମାଲି ର ପାରେ । ବାଲିଫୁଲ........
ଆଷାଢଖାଣ୍ଡେ ଧାଡ଼କା ନାଇରେ
କାଇଁ ମୁନୁସରେ ଲେଖା କାଇଁ ମୁନୁସରେ ଲେଖା
ଝାଲିଆ ଦେଖି ଝାଲିଆନଇ ।
ଦୁକ୍ ସୁକ ପରେ ନିକା ହୋ (୨ଥର)

ବାଲି.............
ତିନି କୋନିଆ ଝାଲି ପାଗ
ବଞ୍ଚ ତୁଙ୍ଗ ଖୋରା ଡ଼ାକ ହୋ ତୁଙ୍ଗ ଖୋରା ଡ଼ାକ
ଗୋଡ଼ିରେ ବାଙ୍ଗଟି ପହଁରି
କାଏ ନିମାନମାନେ ହୋ କାଇ ନିମାନ ମାନେ (୨) ବାଲିଫୁଲରେ

## ଚ଼ଇତ ପରବରେ ଦୋଳିରେ ବସି ଗାଉଥିବା ଗୀତ

ଇଲା ତ ଇଲା ହରିବଲ
କାମାର ସାଜିଲାରେ ଇଲା
ବଡ ପାଇଦେଲ ବିଲାଇ ପିଲା କାଇ
ନାନାର କରମ ଥିଲା
କେଶ ତା କେଶ ହରିବଲ
ଗାଞ୍ଜା କୁକୁଡ଼ାର କେଶ
କେମତା ଜୁଆଇଁ କେ ଦେଲୁସ୍ ଆୟା
ମୁହେଁ ନାହିଁ ମେଶା ।
ପଣସ୍ ପତ୍‌ରେ ପଢ଼ାଇଲି ପିଠା ହରିବଲ
ପଢେଆକା ନାହିଁ,
କେମତା ଜୁଆଇଁ କେ ଦେଲୁସ ଆୟା
କଥା ମିଶା ହୋଏ ନାହିଁ ।

# ଗୀତ

ଆସାରେ ନୁନି ମନେ ବିଭାଘରେ ଯୁରେ

ଆସାରେ ନୁନାମନେ ବିଭାଘରେ ଯୁରେ

ନାୟକ ଘରର ଭୋଜି ଭାତବାବୁ ମନକଲା ପରା ଖାଉରେ

ମଦନ ମାମାର ଲଇଖନ ପିଲା ଡଙ୍ଗରେ କାଠ୍‌କେ ଯାଇତେ ରେଲା,

ଛେଲିମେଣ୍ଢା ଗୋରୁ ଜଗତେ ରେଲା

ପାଠ ପଢି ଆଜି ଲଇଖନ ପିଲା ପୋଲିସ ଚାକିରୀ କଲାରେ

ପାଠ କାଜେ ସିନା ଚାକିରୀ କଲା,

ମହାଜନ ଘରେ ଜୁଆଇଁ ହେଲା

ଚାରିପଦ କାତା କହି ଶିଖିଲା

ଆଜିଥାନୁ ଆମେ ପାଠପଢି ସବୁ ତାର୍ ପରା ଆମେ
ହେବାରେ......

ପାଠପଢି ଆମେ ସାକ୍ଷର ହେବା

ହିସାବ କିତାବ ସବୁ ଜାନିବା

ପଢିବା ଲେଖିବା ସବୁ ଶିଖିବା

ଚିଠି ପତର ଖବର କାଗଜ

ପୁରାଣ ପୁସ୍ତକ ପଢୁରେ.......

## ଗୀତ

ଆମ ଦଲାଇପୁଟ ଉଚ ସଦର
ଉଦିଥାନ ଦିଗେ ହୁଣ୍ଡି ଆମର
ଜୟଜୟ ଗଣପତି
ତମର୍ ନାମ୍ ଧରି ଗାଇବୁ ଗୀତ ସାହାକର ସରସ୍ୱତୀ
ଗିରି ପରବତେ ମାରିଲି ମାଲା
ହାତରେ ଲାଗିଲା କାଲା
ହାତରେ କାଲାକେ ଦଇବ ଦେଲା
ଫୁଲ କସା ମାୟା କଲା

## ଗୀତ

ଜୁଆର ଜୁଆର ମାତା ମାଙ୍‌ଲି,
ଜୁଆର ଜଦି ଝାକର
ଜନି ଝାକର କେ ଫୁଲ ଚନ୍ଦନ
ବିମାକେ ନଡ଼ିଆ ଦେଲି
ଯାହାଘରେ ଅଛେ କାଲି ସୁନ୍ଦରି
ତାଘରେ ମୁହଁୟ ଛେଲି
ବାପାର ଜନମ୍ ନ କରୁଥିଲା..
ମୁଁ ଆଗେ ଜନମ୍ କଲି..
ବାପା ମାଆ ଘରେ ବେଦି ଘମଣ୍ଡା
ମୁଁ ଯାଇ ଲଗିନ୍ ଦେଲି ।
କାଲା ବାଇଗଣ୍ ବେଶର ତୁନ
ମାଗିଗଲେ ସିନା ଦେବ
କାର ବାପତାକେ ପାଟ ପଡାଇଲେ
ସେ କସ୍ ହରତ ଦେବ ।
ମସି ଆଙ୍ଗାରକେ ଦୁଧେ ଧୋଇଲେ ସେ କି ଦିଶଇ ଧବ
ପେଟିଆନିଆପା ପୁଅ ।
ଏପାରା ବୟସେ କିଛି ନ ଜାଣିଲେ ଘୋଡ଼ା ସାଲେ ଯାଇ ଶୁଅ ।

# ଚଇତ ପରବ ଗୀତ

ଗାଇ କେ ଗଉଡ ଛେଲିକେ ଛେଲିଆ
କନ ବନେ ନେଲା ରାଶି
ଗଟିକ ଛେଲି କି ମେଣ୍ଡି ହାଜି ନଶି ଗାଲେ
ତର ବାଣ୍ଡି ପେଜ ହେସି ବାସ ।

ଆଲ ମର ଶଶି ବେଲ ଗାଲା ବସି
ସାରଙ୍ଗୀ ଧରିଲା କଶି
ସାରଙ୍ଗୀ ପଲକେ କାଇବି ବଲି
ଜେକନା କେନ୍ଦାରେ ବସି
ତର ସାରଙ୍ଗୀ ପଲକେ ଚପା ଚଡାଇବି
ଜେକନା କେନ୍ଦାରେ ବସି

ହିଡ଼ି ମୁଣ୍ଡା ମୁଣ୍ଡା ଗାଲାନି ବେଣ୍ଡିଆ
ଲଙ୍କା ଜାମ ଜାମ ବାସ
ତର ଜାମ କାଇବାର ମନ ଆଚେ ବଲେ
ହିଡ଼ି ଡେଇଁ ବାରି ଆସ ।

କୁକୁଡ଼ା ଡାକିଲା କପାଟ କନେ
ମଜୁର ଡାକିଲା ବନେ
ତୁଇ ମୁଇ ନନୀ ହିଣ୍ଡି ଜାଇତେ ରଇଲେ
ରାଜା ରାନୀ ପରାମାନେ ।

# ଆଦିବାସୀ ଗୀତ

ବନ ଡଙ୍ଗରେ ପଶିବୁ ନାଇଁ
ପତର୍ ତୋଲି ଦାରୁ କାଟବୁନାଇଁ ॥
ଧାର୍‌ସି ଗାରଡ୍ଡୁ ଭାଇ
ମନ ଲନ୍ଦା ପେଡ଼ମ ପିଇବୁ ନାଇଁ ॥
ମଦୁଆ ମାତାଲି ହୋଇବୁ ନାଇଁ
ନିଶାପାନି ଖାଇ ଭୂମି ବେଡ଼ା ଗାଲା
ଆମେ କେ ଚେତନା ନାଇଁ ॥
କେତେ ଶିକାଇବି ବାବୁ
ମନକେ ତୁଇ ଗୁରୁ ସାଜଲେ
ଲେଉଟି ମିଲ୍‌ସି ସବୁ ॥

## ନାବକେଳୀ ଗୀତ

ରାଧା- ଆନା ଡ଼ଙ୍ଗା ବେଗି ଲଙ୍ଗା
ଏ ଘାଟୁଆଲି ବାବୁ
ମଥୁରା ହାଟକେ ଆମେ
ଦହି ବିକା ନେବୁ ।
ସବୁ ଦିନର ଠାନ୍‌ନୁ
ହେଲା ବଡ଼େ ବେଲ
ବେଗି ଲଗାଇ ଦିଆ
ଆମକେ ନାହିଁ କରାନି ଗେଲ ।

କୃଷ୍ଣ- ନାଇ ଦେଖାସ କି କାଲିର ପାନି
ପୁର ଆଇଲାନି ମରିଗଲେ ମୁଇ ଏକ୍‌ଟା ଲୋକ
ଡ଼ଙ୍ଗା ନାଇ ଆନି ।
ବିଦ୍ଦିକେ ଆରି ଫାଟଲା ଡ଼ଙ୍ଗା
ବଡ଼େ ଜାଟିର କାତା
ନିମାନ ଡଙ୍ଗା ହେଲେ ଆଇତିକି
ଯେନ୍ତି ହେଲେ ହେତା ।

## ବିବାହ ପରେ ଆତ୍ମୀୟ ସଜ୍ଜନଙ୍କୁ ଛାଡ଼ି ପରଜା ଝିଅ ଚାଲିଯାଉଥିବା ସମୟର ଝିଅ ଗାଉଥିବା ଗୀତ

ତର୍ ଗରତେ ରଲି ଆୟା ତର୍ ଗର୍‌ତେ ରେଲି
ବେଟା ଏଲେ ତର୍ ଗର୍‌ତେ ନଙ୍ଗରଲ୍ ଦରତେ ରେଡି
ଆଜି ତର୍ ଗର୍‌ତେ ନିଖର୍ ଯାଇସିଆୟା
ତର୍ ଘର୍ ଶୁନାଏଲା କାଏ ଆୟା ଉଡ୍‌ଲା କରମ୍ ଏହା
ଆୟା ଉଡ୍‌ଲା କରମ୍ ଏହା ମଁର ବଲି ଚଗାଓ ଆୟା ।

## ବିବାହ ପରେ ଝିଅ ଏବଂ ତା'ର ସାଙ୍ଗମାନଙ୍କ ବିଚ୍ଛେଦ ସମୟର ଗୀତ (ପରଜା ଗୀତ)

"ଡାଲିର ତେଲ ଚେଗାଅ ବୁବୁ
ବୁବୁ କରମ୍‌ରେ ବୁବୁ ଧରମରେ
ଲାଡର ତେଲ ବୁବୁ ଚେଗାଅ
ଦିଦି ବୋଲିରେ ଦିଦି ଲୋକ
ଚେଗାଅ ଦିଦି ଲାଡର ତେଲ
କାୟ ଅଛି ଦିଦି କାୟ ଦେବି
ବସ୍ ବଲ୍‌ତେ ଅଚ୍‌ନା ଦେବି
ଉଠ୍ ବଲତେ ଟେକ୍‌ନା ଦେବି
ଆଦି ଦିବ ମୁଇଁ ଭରଲି ଅୟରି
ତାରି ନାନାରି ନାନା"

# ଶିଶୁର ନାମକରଣ ଉତ୍ସବ ଗୀତ

ନାଉଁ ଧାରାନି ବୋଲ୍ ଆସୁଲି ନାଉ କୁଦୁବେ
କେରିଲେ ଟୁକି ଦୁଇଟାକା ଡାବୁ ଦେତିବେ
ଧାଙ୍ଗଡା ଧାଙ୍ଗଡି ଦୁଇଟାକା ଡାବୁ ଦେତିବେ
ବୁଡାବୁଡୀ ଟୋକିମନ୍ ସବୁ ଜମୁକ୍‌ଲେ
ତାରୁ ଡୁମା ମନ୍‌କେ ସବୁକୁଦୁ
ସବୁ ଲୋକ୍‌କେ କୁଦୁ
କଡିଆ କୁକୁଡ଼ା ମନ୍‌କେ ସବୁକୁଦୁ
ଡୁମା ଦେବତା ମନ୍‌କେ ସବୁକୁଦୁ
ମଦୁଲନ୍ଦା ସଙ୍ଗେ ଦର୍‌ତେ ଆଣ
ଦୁହୁନି ଚକ୍‌ନି ସଙ୍ଗେ ସବୁ ଜମାଇତେ ଆଣ
ସବ୍ ଦାର୍‌ତେ ଆଣ ହୁଜା କର୍‌ବେ
ଦିଶାରି ଗୁଣିଆକୁ ଦୁବେ ।

# ପୁଷ ପରବ ଗୀତ

ଧାଙ୍ଗଡା - ଦାନରେ କରୁବା ମାଣ୍ଡିଆ କରୁବା
କାଇଁ ଦାନୁବା କରୁବା
ପୁଷ ପରବ ଲାଗି ଆଚେ କରୁ ସରଦ
କାଇଁ କରୁ ସରୁଦ ।

ଧାଙ୍ଗଡ଼ି- ଦାନୁରେ କରୁନ୍ଦା ମାଣ୍ଡିଆ କରୁନ୍ଦା
କାଇଁ ଦାନୁ କରୁନ୍ଦା
ତୁମି ଆମି ମିଶ୍‌ଲା ଦିନ କରୁ ସରୁଦା
କରୁ ସରୁଦ ।

ଧାଙ୍ଗଡା- ଦାବୁ ପିରି କାଟ ଆଣି ଦାବୁ ଦରାଣେ
କରିଆ ଶୁକୁଆ ପଡାର ଆଣୁ
ମଦ ଦୁକାନେ ।

ଧାଙ୍ଗଡି- ଚେମିହୁଲ୍ ମଲିହୁଲ୍ ଗାତି ହୋଲିନି କାଇଁ
ଗାତି ହୋଲିନି
ଯୁଆବେ କାଇ ଆମର୍ ବାଇ ରାତି ହୋଲିନି ।

# ରିଙ୍ଗୋଡ଼ି ଗୀତ

ଲସୁ ଗସୁ ଲସୁ ଗସୁ କୁକୁଡାର କେଶୁ
ସରି ଗଲି ଭୋକ ଶୋଷୁ ହଇଲି ପୁସ୍ ମାସୁ
ସୁକ୍ ଶରଧାରୁ ମାସୁ......... ।
ଆମାରୁ ଟୋଇଲା ବାଜା ବାଜୁଲି ବଡେ ନିକ
ଆମାରୁ କିନ୍ଦିରା ବାଜା ବାଜୁଲି ବଡେ ନିକ
ଆସା ଆସାରୁ ବଙ୍ଗୋଡି........
ଆସାରୁ ଆସାରୁ ଧାଙ୍ଗୁଡି.......

କୁକୁଡାର ଦୋଳୟମାନ କେଶ
ସରିଗଲା ଭୋକଶୋଷ, ହେଲା ପୁଷ ମାସ
ସୁଖ ଶରଧାର ମାସ ।
ଆମର ମୃଦଙ୍ଗ ବାଜା ବାଜେ କେଡେ ସୁନ୍ଦର
ଆମର ଢୁଡୁଙ୍ଗା ବାଜା ବାଜେ କେଡେ ସୁନ୍ଦର
ଆସ ଆସ ଧାଙ୍ଗୁଡି ।
ଆସ ଆସ ଧାଙ୍ଗୁଡି ।

## (୧)

ଆମ ଗଚେ ହୋ ଆମ ପାଚିଲା

କେନ୍ଦା ଟାନେ ବସି କରି ଟିଲୁ ନାଚିଲା ।

ଟିଲୁ କାଇଲା ଆମ୍

ଗାଦଲା କାଇଲାଜାମ୍

ନେତା ମନେ ଦେଶକେ କାଇଲାଇ

କିଛି ନ କରି କାମ ।

ଜନା ବାଡ଼୍ କେ ହୋ ମୂଷା ଜାଗିଲା

ବାଡ଼ର ମାଲିକ୍ ଆଇଲେ ସରି କେନେ ଲୁଚିଲା

ବାଡ଼େ ଆଚେ ଜନା

କୁଡ଼େ ଆଚେ ବାନା

ସାଇବ ମନେ ଡାବୁ କାଇଲାଇ

ଋଷି ଦାରଲା ଗିନା ।

ଆମର ଦେଶେ ହୋ ଗଙ୍ଗା ଯମୁନା

ଉଡ଼୍‌ସି ଆଚେ ଏଡି ତ୍ରିରଙ୍ଗ ବାନା ।

ଜାତି ଦରମର ବାଜ୍‌ନା

ଲୁଆର ଲେଣ୍ଡି ଚ଼ାକ୍‌ନା (ଦଙ୍ଗା ଓ ଗୁଳିଗଲା)

ସତ୍ କାତା କଇଲେ ସରି

ଜଇଲ୍ ଆରି ବରନା ।

# ଗୀତ

ଝି- ଆମ ଖାଇଗଲି ଆମତି ଖାଇଲି
କାରଲା ଖାଇଲେ ପିତା
କେନେ ଗାଲେ ବାବୁ ତମରି ଚିନ୍ତା
ଅନ୍ନପାନି ହେଲା ପିତା ।

ପୁ- ପାନି ଝଲମଲ ବନ୍ଧ ସମୁଦର
ସମୁଦର ଉପରେ ଘର
ତମର ବିକଲ ଜୀବନ ତିର କର
ତମର ସଙ୍ଗେ ମୁଇଁ ଦରିବି ଘର

ଝି- ଆଟଟା ଡଙ୍ଗର ନଅଟା ଜଲା
ପାନି କୁବ୍‌କାବ କଲା
ଗତବାବୁକେ ମୁଇଁ କଜେତ୍ ରଇଲି
କଜୁ କଜୁ ମିଳିଗଲା ।

ପୁ- ତତଲି ଆସିଲା କେନ୍ଦା ଲଅଁସିଲା
ମୁନ୍ଦି ପିନ୍ଧୁ ନୁନୀ କେବେ ଆସିଲା
ମୁନ୍ଦି ମୁନ୍ଦି ବାସ ଦେଲା

ଝି- ଆମର ଉମରି ଗାଁଏ ଉଚ୍ଚ ସଦର
ପାଶଲି ଦେଖିଲେ ଖାଲଖଦର
ଉଦ୍ୟାନ ଦିଗରେ ଉଣ୍ଡି
ଉଣ୍ଡିନାମ ଧରି ଗୀତ ମୁଇଁ ଗାଁଇବି
ସରବେ ଆସବେ ରୁଣ୍ଡି ।

## କିନ୍ଦ୍ରୀ ଗୀତ

ପୁ- ହୋଇରେ ଈଶ୍ୱର ଖାଇଲା ମୁଗୁନୀ କଦଲୀ
ପାର୍ବତୀ ଖାଇଲା ଚୋପା
ବନସ୍ଥ ଭିତରେ ଗୀତ ଗାଇ ମକାଇଲା
ବଳଦଲେ ହୋଇଛି ଦୁକା

ଝି- କିକିଲିରେ ମାଲି ଚପିଲିରେ ଟାଇ
ପିନ୍ଧି ଦେଲି ତଳସାଇ
ତର ଚିନାମୁଦି ମୋକେଲତା ନାହିଁ
ଉଦୁଲିଆ ଯିଦି ମୁଁହି

ପୁ- ଝଉଲ ଧୋଇଲି କାଟିଆ ନାଲେ
କଣ୍ଡା ପଇଁଗଲା ତଳେ
ଆସିଲା ବେଙ୍ଗଟି ଝବିଲା ଗାଲେ
ତୋର ଚିନାମୁଦି ଦେଲା ବେଲେ

ଝି- ଆମର ଥୁରିଆ ଗାଁଇଁ ବରେଇ ପଢ଼
ସିଂଙ୍ଗ ବାଜେ ଟଢ଼ ଟଢ଼
ଗୀତ ଜାନି ରହିଲେ ଝାଡ଼ତେ ଝାଡ଼ତି
ନ ଜାଣିରଇଲେ ମୋର ପାଦେ ପଢ଼

ପୁ- କଣ୍ଡ କଣ୍ଡ ରାତି ଉଆଁଶ ଅନ୍ଧାରେ
କମନେ ଫୁଟିଲା ଫୁଲ
ମନର ମଦୁର ଦାସନ ବାଜିଲେ
ମନ ମୋର କଲବଲ
ଗାଡ ମାରିନେଲା କାଇକେ କାଇ
ଗୁଲାଇ ରାତି ନିଦ ନାହିଁ
ମୁହିଁ ଶୋଇଲା ଶେଯରେ ବୁଦ୍ଧି ପାଞ୍ଚୁଥିବି
ତମକେ ଆନିବା ପାଇଁ ।

# କିନ୍ଦ୍ରୀ ବାକ୍ନା ଗୀତ

ପୁ-　　ବାପାର ମରଣ ପୁଅର ଦସା
　　　　ଦୁଓ୍ୱାରେ କରିଛି ସନ୍ୟାସୀ ବସା
　　ମାଆକୁ ଲାଗିଛି ବର
　　　　ଏହି ଋରି ପଦ ବୁଝାଇ କହିଲେ

ଝି-　　ଏନେ ପରବତ ତେନେ କର ପରବତି
　　　　ମଝି ପରବତେ ମଞ୍ଜା
　　ମଞ୍ଜା ହାରିଆକେ ପଋରି କାଇ ଦେଖା
　　　　ଅଗ୍ନିରେ କି ଫଳ କଞ୍ଚା
　　ଏହି ପଦ ମୋତେ ବୁଝାଇ କହିଲେ
　　　　ମୋ ସଙ୍ଗେ ପିରତି କରସା ।

## ବାକେନା

ଝି- ଗାଆ ଗାଆ ମୋର ଗାଆକ ମଲି
ଗାଆ ତେବେ ଶୁନି ଦେବୁ
ଗାଇଲେ ବାବୁ ତନେକ ଟିବୁ
ନଇଁଲେ ଘରକୁ ଯିବୁ ।

ପୁ- ଗାଇବି କିଦରି ଶୁନକାନ ତେରି
ଗଛ ତଲେ ଗଙ୍ଗାବରୀ
ଶହେ ଲୋକ ଟିଲେ ନ ଥିଲା ପରି
ତୁଇ ମୁଇ ରଇଲେ ସରି ।

ଝି- ଆମର ଉମୁରିଗାଁଏଁ ଉଚ୍ଚ ସଦର
ପାସଲି ଦେଖିଲେ ଖାଲକଦର
ଉଦ୍ୟାନ ଦିଗରେ ଉଣ୍ଡି
ଉଣ୍ଡି ନାମ ଧରି ଗୀତ ମୁ ଗାଇବି
ସରବେ ଆସାବେ ଲୁଣ୍ଡି ।

# ଧାଙ୍ଗଡ଼ା ଧାଙ୍ଗଡ଼ି ଗୀତ୍ (ବିବାହ ସମୟରେ ଗାଆନ୍ତି)

## ଗୀତ - ୧

୧-ଧାଙ୍ଗଡ଼ା ବେଲାତ ବେଲା ତେତଲି ବେଲା
ଆଜି ପିଟିଗାଲା ଲଗିନ୍ ବେଲା
କାଲିକେ ଏଡ଼କି ବେଲା ।
ଧାଙ୍ଗଡ଼ି ରଙ୍ଗଡିବି କାଲାଡ଼ିବି ବରଟ ମୁହାକେ କାଇକେ ଯିବି
ବିଷ ଖାଇ ମରିଯିବି ।

୨-ଧାଙ୍ଗଡ଼ି ଆମର ଉମୁରୀ ଗାଏ ଦଇମତି ମୁଣ୍ଡା
ଦମକି ଦମକି ହିଣ୍ଡା
ମାଙ୍ଗି ଆଚ଼ତ ବାବୁ ନେୟତ ନାହିତା
ଏ ଉମୁରୀ ଗାଅଁର ବାବୁ ତମର ଲାଗିଆଚୁ ଡ଼ିଣ୍ଡା
ଧାଙ୍ଗଡ଼ା - ଉଷୁକା ମୁରୁକା ବୁକାବୁକେ ଶୂଷି ହୋଇଲା
ଗତି ଟୁରା ହୋଇ ଜଲାବାନ୍ଧିଲା ପଛକାଲେ
ପଚାରିଲା

୩-ଧାଙ୍ଗଡ଼ି ଉଷୁନା ଋଉଲ ପୁରୁଣା ଡାବୁ
ଡଙ୍ଗା ଲଙ୍ଗାଇ ଦିଆ ଏ ଉମୁରୀ ଗାଅଁର ବାବୁ
କୋରାପୁଟେ ଛନେକ ଯିବୁ
କୋରାପୁଟ ଥାନୁ ବାଉଡ଼ଯିବାବେଲେ
ହାତେ ଦେବୁ ତମକେ ଡାବୁ ।

୪-ଧାଙ୍ଗଡ଼ା ଉତ୍ରଲା ଗଲିଆ ବସ୍ଲା ଡେଲେ
ରନ୍‌ବେଲି ଗଛ ତଲେ

କନ୍ ଗୀତ୍ କୁଡ଼ିଆ ଗୀତ ନ ଗାଇଲା ନି
ବେଲ୍‌କା ବଲିବାଇ ତକେ ।

ଧାଙ୍ଗଡ଼ି- ବାଟେ ବେଟି ଗାଲି ଗଢ଼ି
କନ୍ୟା ଧାଙ୍ଗଡ଼ି ବୋଲି ବସିଲା ଆଢେ
ଫୁଟାଇ ଫୁଟାଇ ଲେଢ଼ି ।

୫-ଧାଙ୍ଗଡ଼ା- ସରଗେ ଉଦିଲା କାଲିଆ ତାରା
ପଦାଇ ମୁଷିଆ ମାରା
କନ୍ୟା ଧାଙ୍ଗଡ଼ି ବୋଲି ବସ୍‌ଲା ଆଢେ
ବିନ୍ଧିଲା ବରିଆ ପାରା ।

ଧାଙ୍ଗଡ଼ି ତମର ମାଁ କାଇଲା ସୁଲିଆ କରଡ଼ି
ପୁଅର ଗୋଡ଼ ସେ ଡେଙ୍ଗ
ମାଣ୍ଡି ସନ୍ଧି ଅନି କାଟିଅ ପାକାଇ
ହଇସୁ ନୁନିର ସଙ୍ଗ ।

୬. ଧାଙ୍ଗଡ଼ା- ମଟର ଗାଡ଼ି ପଟପଟ
କନ୍ୟା ଧାଙ୍ଗଡ଼ାର ବଡ଼େଟା ପେଟ
କନ୍ୟା ଧାଙ୍ଗଡ଼ିର କାଇ ଛଟପଟ ।

୭. ଧାଙ୍ଗଡ଼ି- ବାଟର ତେତଲି ମଇନାମତି
କେନ୍ଧି ଗାଲା ଉରିକତି ।
କେନ୍ଧି ମାଣ୍ଡି ମାଣ୍ଡି ଆଇଲୁ ରାତି
ଏ ଉମ୍‌ରୀଆ ବାବୁ ତମର ଗର କନ୍‌କତି ।

ଧାଙ୍ଗଡ଼ା- ଛି କଲୁମକେ ଗ କଲୁମକେ
ନାକର ଶିଙ୍ଗାନି ଦେଖି

କୁ ଦିନେ ବାନ୍ଧିଲି ଡାଲିଆ କସା
ସେ ଦିନେ କରିସା ଆଖି ।

୮. ଧାଙ୍ଗଡ଼ି- କଦଳୀ ମୁଣ୍ଡିଆ ଜହ୍ନ
ରେଡ଼ିଓ ଲାଗାଇ ଢ଼େରବେ କାନ
କନ୍ୟା ଧାଙ୍ଗଡ଼ି ବାଟେ ନାଇମନ ।
ଧାଙ୍ଗଡ଼ା- ପାନ ବାନ୍ଧା ଆନତାନ
ମା ବାପା ଘରେ ମଟର ଯାନ
ଚ଼ଡି ଯିବା ଦୁଇ ଜଣ ।

୯. ଧାଙ୍ଗଡ଼ି- ବାଟର ବିଡ଼ମ ବାକ
କନ୍ୟା ଧାଙ୍ଗଡ଼ା ବୋଲି ବିବା ବେଦି ଲଗେ ବସିଲାଆଚ଼େ
ଟିପ ନାକ କଣ୍ଢେକ ବାକ ।
ଧାଙ୍ଗଡ଼ା- ଉଲି ଉଲି ଉଲି ମାଳି ବାଡ଼ର ଉଲି
ଏ ଉଲି ଧାରି ପୁରତ ବୁଲ୍‌ଲାସ୍ ନ ମିଲ୍‌ଲା ତମର ଜୁଲି
ଆମର ସୁରୁମୁହିଁ ରହିଲା ବୋଲି
ମିଲିଗାଲା ତମର ନୁନାର ଜୁଲି

୧୦. ଧାଙ୍ଗଡ଼ି- ହାଲାଇ ଝୁଲାଇ ନୂଆ କୁଲାଇ
କେତେ ଦିନ ରହିସା ମୁହଁ ପୁଲାଇ
କନ୍ୟା ଧାଙ୍ଗଡ଼ିର ପାଇଁ
ଭିତରେ ମାଉସ ଉପରେ ଦହିଁ କବେ ଆନନ୍ଦ ହୋଇ

୧୧. ଧାଙ୍ଗଡ଼ା- ନିନି ନିନି କିଆରିନି ଫୁଲ
ବଡ଼େ ବଡ଼େ ଢ଼େଲ

ଆମର କନ୍ୟା ଧାଙ୍ଗଡ଼ା ନାଇ ସୁନ୍ଦର

ଦେକା ନାଇ ଡେଲ ଡ଼େଲ ।

ଧାଙ୍ଗଡ଼ି- ଆମର ଉମ୍ରୀ ଗାଏଁ ଡେଙ୍ଗ କଦଲି

ଫୁଲପୁଟେ କେରି କେରି

ଆମର କନ୍ୟା ଧାଙ୍ଗଡ଼ି ନାହିଁ ସୁନ୍ଦର

ଦେକା ନାହିଁ ହେରି ହେରି

୧୨. ଧାଙ୍ଗଡ଼ା- ଗାଡ଼ ଖଣ୍ଡି ଖଣ୍ଡି ମାରଦା ମାଲ

କାଟି ନେଲା ବଡ଼ ଗାଡ଼

ଚିନା ମୁଦି ବୋଲି କନ୍ୟା ଧାଙ୍ଗଡ଼ିକେ

ପିନ୍ଧାଇ ଦେଲାସ ମାଗୁର ମାଛର ହାଡ଼ ।

ଧାଙ୍ଗଡ଼ି- କାଲିଆ କୁକୁଡ଼ା ଦବଲା ହାଡ

କାର୍‌ସାଲି ପତର ସାର

କନ୍ୟା ଧାଙ୍ଗଡ଼ିକେ ନେବି ବୋଲି

ତୋର ମନ ରଇରେ ଜରିମୁତା ଟଙ୍କା କାବ

୧୩. ଧାଙ୍ଗଡ଼ା- ଆମର ଜୟପୁର ଜୟନଗର କୁପଲି ଉପରେ ଘର

ତୋର ସାନ ଭାଇ ଶୁଖୁଆ ଚ଼ର

ଏ କୋରାପୁଟିଆ ବାବୁ ବେଗି ପରମାନ କର ।

ଧାଙ୍ଗିଡ଼ି- ସରିଗି ବାଡ଼ର ସରଗିବଡ଼ା

ପନ୍ଦର ମାନ ଦୁଇ ଆଡ଼ା

ଆମର କନ୍ୟା ଧାଙ୍ଗଡ଼ିକେ ଦୁସି ଉଠିଗାଲେ

ଏ ଉମ୍ରୀ ଗାଆଁର ବାବୁ ଶୁଖି ଯାଇସା ଝଡ଼ ଝଡ଼ା

୧୪. ଧାଙ୍ଗଡ଼ା- ଆମର ସଇଲ ପଡ଼ା ବାଇଗଣ ବୁଟା

ବୁଲ୍‌କା ବୁଲ୍‌କା କାଟା

ଆଗର ମୁନୁଷ ଦନ୍ଦଲ ପେଟା

ପଛର ମୁନୁଷ ଛଟା

ଧାଙ୍ଗଡ଼ି- ଲଙ୍କାଗଛ ଅଙ୍କାବଙ୍କା

ଆମର କନ୍ୟା ଧାଙ୍ଗଡ଼ିକେ ଆଖିନପକା

ଥାନରେ ବାନ୍ଧିବ ଟଙ୍କା

ଧାଙ୍ଗିଡ଼ି- ଆମର ସଇଲାପଡ଼ା ହଲେକ ପଡ଼

ଶିଙ୍ଗ ବାଜେ ଝଡ଼ ଝଡ଼

ଜାନି ରଇଲେ ବାବୁ ଜାଡ଼ତେ ଜାଡ଼

ନ ଜାଣିଲେ ଆମର ଶୈଳପାଡ଼ାର ପାଦେ ପଡ଼ ।

# ଧାଙ୍ଗଡ଼ା ଧାଙ୍ଗଡ଼ି ଗୀତ୍ (ବିବାହ ସମୟରେ ଗାଆନ୍ତି)

## ଗୀତ - ୧

୧-ଧାଙ୍ଗଡ଼ା	କଦଲି ମୁଣ୍ଡିଆ ଜଇ, ରେଡ଼ିଓ ଲାଗାଇ ଢ଼େରିବେକାନ
କନ୍ୟା ଧାଙ୍ଗଡ଼ି ବାଟେ ମନ ।

ଧାଙ୍ଗଡ଼ି	ପାନ ବାନ୍ଧା ତାନ ତାନ / ମା ବାପା ଘରେ ମଟରଯାନ /
ଚଢ଼ିଯିବା ଦୁଇଜନ ।

୨. ଧାଙ୍ଗଡ଼ା	ଆମର ଜୟପୁର ଜୟନଗର କୁପୁଲି ଉପରେ ଘର ।
ତୋର ସାନଭାଇ ସୁକୁଆ ଚ଼ର ଖଜି ବୁଲୁସି ଘର ଘର ।

ଧାଙ୍ଗଡ଼ୀ	ଲଙ୍କା ଗଛ ଅଙ୍କା ବଙ୍କା (୨) ଆମର କନ୍ୟା ଧାଙ୍ଗଡ଼ି
କେ ଆଖି ନପକା । ଥାନାରେ ବାନ୍ଧିବୁ ଟଙ୍କା ।

୩. ଧାଙ୍ଗଡ଼ା	ନିନୀ ନିନୀ ଫୁଲ ଫୁଟେ ବଡ଼େ ବଡ଼େ ଢ଼େଇ ଆମର କନ୍ୟା ଧାଙ୍ଗଡ଼ା ନାଇ ସୁନ୍ଦର, ଦେକା ନାଇ ଢ଼େଲ ଢ଼େଲ ।

ଧାଙ୍ଗଡ଼ୀ	କାଲିଆ କୁକୁଡ଼ା ଧବଲା ହାଡ଼ ବର ସିଲା ପତର ସାର । କନ୍ୟା ଧାଙ୍ଗଡ଼ିକେ ନେବି ବୋଲି ତୋର ମନ ଥିଲେ ଜଲା ଶବୁ ଟଙ୍କା କାଢ଼ ।

୪. ଧାଙ୍ଗଡ଼ା	ଗାଡ଼ ଖଣ୍ଡି ଖଣ୍ଡି ମାରଦା ମାଲ କାଟିନେଲା ବଡ଼ ଗାଡ଼ । ଚିନା ମୁଦି ବୋଲି କନ୍ୟା ଧାଙ୍ଗଡ଼ିକ ପିନ୍ଧାଇ ନେଲାସ ମାଗୁର ମାଛର ହାଡ଼ ।

ଧାଙ୍ଗଡ଼ୀ	ସରଗୀ ବାଡ଼ର ସରଗୀ ବଡ଼ା ପନ୍ଦର ମାଣ ଦୁଇଆଡ଼ା । ଆମର
କନ୍ୟା ଧାଙ୍ଗଡ଼ିକ୍ ହସି ଉଟି ଗାଲେ ଶୁଖି ଯିବୁ ଠଡ଼ ଠଢ଼ା ।

୫. ଧାଙ୍ଗଡ଼ା	ରଙ୍ଗଡ଼ିବି କାଲା ଡ଼ିବି । ଆୟା ବୁଆ ମାଙ୍ଗଲାୟ ଆଚ଼ତ କାଲିଆ ମୁଇଁକେ ବିଷ ଖାଇ ମରିଯିବି ।

# କିନ୍ଦରୀ ଗୀତ୍

## ଗୀତ - ୨

ପରବ ସଞ୍ଜ ହେଲେ ଗାଅର ଧାଙ୍ଗଡ଼ା ଧାଙ୍ଗଡ଼ି କିନ୍ଦରୀ ଗୀତ ମାରାମାରି ହେବାୟ । ଗୋଟେକ୍ ଗୀତ ଟୋକି କଇଲେ ଆରି ଗୋଟେ ଗୀତ ପିଲା କଇସି ।

ପୁଅ- ଖଣ୍ଡ ଖଣ୍ଡ ଶୀତ ଉଆସ ଆନ୍ଧାରେ ଖମନେ ଫୁଟିଲା ଫୁଲ ସୁଆଦ ମୁନ୍ଦୁର ବାଜିଲେ ମନବଡ଼େ କଲ ବଲ ।

ଝିଅ- ମାରିଲାରେ ପାନୀ ତାର ବେଲାଜାନି, ଘଡ଼ିକେ ବିଜୁଲି ରାନି ବାଟେ ଘାଟେ ଦେଖି ଟିକଲ ମାରାନାଇଁ ତମରକାତା ମୁଇଁ ଜାନି ।

ପୁଅ- ଏନେପରବତ ତେନେପରବତ ମଝିଆନେ ପାନିଝଲା ମୁଇଁ ଟିଲା କାଟିକରି ପାନି ଖୁଆଇବି ଖମନିଆ ଗାଞ୍ଜାପିଲା ।

ଝିଅ- ଶିରିପରବତେ ଶିଆଡ଼ିମାଲେ ମାଛ ଡ଼ଗାଇଲା ଜାଲେ, ତମର ଚିନା ମୁଦି ମୋକେ ଦେଇରୁଆ ତମେ ଆସି ଗାଲା ବେଲେ ।

ପୁଅ- ବିବା ହୋଇନାଇ ଡିଣ୍ଡା ଆଚି ନୁନି ସତେକି ଚନ୍ଦନ ଗଛ, ମନ୍ ଆଚେ ବଲେ କାଇ କାଜେ ନନୀ ପଛକୁ ଝିକି ହଉଛ ।

ଝିଅ- ତମେ ସିନା ନୁନା ଭେଣ୍ଡିଆ ପିଲା ପାନିଲାଗେ ନାଇ ଛିଡ଼ଲା ପାରା ଦୁଶୁଛବଡ଼ ଡ଼ଉଲ ମନର ବେଦନା କିବଲି କଇବି ଲାଗୁଛି ବଉତଡ଼ର ।

ପୁଅ- ଗାଡ଼ ମାରି ନେଲା ଖାଇକେ ଖାଇ ଜଲର ଜୀବନେ ଭାତିଆନାଇ ଗୁଲାରାତି ନିଦନାଇଁ କାଲିକେ ସାକାଲେ ତିଆରି ପଡ଼ି ଆସା ଉଦୁଲିଆ ନେବି ମୁଇଁ ।

ଝିଅ- ଏନେପରବତ ତେନେପରବତ ମଝିପରବତେ ଝଲା ଗଡ଼େଗାଲା ପାନୀ ଫେରି ନା ଆସେକାୟ ହେତୁଖଣ୍ଡେ ତୁମେ କର ।

ପୁଅ- ସରିଆ ବେଭାଇ ଝୁଟି କାପନୀ ଗାବର ନେଭାଇ ଝାରା । ଆତା ମାମା ଘରେ କେତେକ୍ ରଇସାଜେ ବାଗାର ମଇସୀ ପାରା ।

# ଆସୁଲାଇ କାଲା ମେଗ୍

ପୁଅ- ଆସିଲାରେ କଲା ମେଗ୍ ସାଙ୍ଗେ ସିରିସିରିପବନ୍
ଖରାତାତି ଗଲା ବେରେ ବଇଲାନି କାକର ପବନ
ଝରଝର ପାନିକେନ୍ଥା ମାରିଲାନି ଦେକଏବର
ହଲଖେଦିଧାନବୁନୁ ହେଲା ଆଚେ଼ ଏବେବତର
ବରଷାକେ ନାଇଡ଼ରି କାକରକେ ଥରଥରି ଚ଼ାଲାପାଲାମାର ।

ଝିଅ- ଧରାଧରା ଛାତ ଡ଼ିମର ଭଡ଼ାଇନେଲା ପବନେ ଉଡ଼ାଇନେଲା
ଲୁଗାପାଚ଼ିଆ ସରତେମର ଅଦା ହଇଗଲା
ପାନିକେ ଅଦା ହଇଗଲା ॥

ପୁଅ- ଧାଙ୍ଗିଡ଼ି ମନର ଗୀତଆମେ ସୁନିସୁନି କରି
ଆମି ସୁନିସୁନି କରି
ହଲକେଖେଦୁ ନୁନା ଆମେ ନାଚିନାଚ଼ି କରି
ଆମି ନାଚ଼ି ନାଚ଼ି କରି
ବରସାକେନାଇ ଡ଼ରି କାକରକେ ଥରଥରି
ଚ଼ାଲା ପାଲା ମାରା
ଆସୁଲାରେ କଲାମେଗ (ଘଷା) ।

# ଚ଼ଇତ ପରବ ଡେମସା ଖେଲ୍‌ବାବେଳେ ଧାଙ୍ଗଡ଼ା ଧାଙ୍ଗିଡ଼ି ଗାଇତେ ରହିବା ଗୀତ

## ଗୀତ-୨

ଧାଙ୍ଗଡ଼ା- ପନସ ପତରପିକା ମଇରା ପନସ ପତର ପିକା
ଉମ୍‌ରୀ ଗାଆଁର ଟକିମନ୍‌କେ
ଗାଡ଼୍‌ଲି ତଲେ ଲିକା

ଧାଙ୍ଗଡ଼ା- ମୁଣ୍ଡିଆ ଚ଼ପ୍‌ଲି ଡୁ ମଇରା ମୁଣ୍ଡିଆ ଚ଼ପ୍‌ଲି ଡୁ
ଉମ୍‌ରୀ ଗାଆଁର ପିଲାମନକେ
ହାତେ ଗୋଡ଼େ ଗୁଁ

ଧାଙ୍ଗଡ଼ା- ଡୁମୁରି ଲୁଦ୍‌ଲଦା ମଇରା ଡୁମ୍‌ରି ଲୁଦ୍‌ଲଦା
ଉମ୍‌ରୀ ଗାଆଁର ଧାଙ୍ଗଡ଼ିମନ୍‌କେ
ଟକି ଗୁଦ୍‌ଗୁଦା ।

ଧାଙ୍ଗଡ଼ି- ଡୁମୁରି ଲୁଦ୍‌ଲୁଦା ମଇରା ଡୁମ୍‌ରି ଲୁଦ୍‌ଲଦା
ଉମ୍‌ରୀ ଗାଆଁର ଧାଙ୍ଗଡ଼ା ମନକେ
ପିଲା ଗୁଦ୍‌ଗୁଦା

ଧାଙ୍ଗଡ଼ା- ତାରାଲିତ ତାରାଲି ମଇରା ତରାଲି ତ ତାରାଲି
ଉମ୍‌ରୀ ଗାଆଁର ଟକି ମନ୍‌କେ
ଡେମ୍‌ସା ହାରାହଲି ।

ଧାଙ୍ଗଡ଼ି- ତର୍‌ଲାତ ତାର୍‌ଲା ମଇରା ତାରଲା ତ ତାରଲା
ଉମ୍‌ରୀ ଗାଅର ପିଲାମନକେ
ଡୁରକା ବେଟି ନେଲା ।

## ଧୁଙ୍ଗିଆ ମଗା ଗୀତ

ପୁରୁଷ- ଆଜି ଶ୍ରୀ ହରିଙ୍କ କୃପାରେ
ଚ଼ିତ ହୁଏ ଉଚ୍ଚାଇତ
କହେ ଦାସ ଛାର ଗାଇବା ଏତର
ଚଇତ ପରବ ଗୀତ
ଦେବତ ଆସନେ ବିଞ୍ଚିଲି ଲିଆ
ମୋତେ କଇଲିର କଣ୍ଟ ଦିଆ(୪)
ଗୀତଗା' ଗୀତଗା' ବଲସା ମୋତେ
ଶରଦା ଲାଗିଲା ତତେ
ତମର ତାନେ ଆଚ୍ଚେ ପଟା ଦୁଙ୍ଗିଆ
କଣ୍ଡେକ୍ ଦିଆବେ ମକେ ।
ତେଣ୍ଡା ଲାଠି ପରି କାଥା କୁଆ (୫)

ସ୍ତ୍ରୀ- ଏସୁର ବରଷା ବଡ଼ବରଷା
ଦୁଙ୍ଗିଆ ପାଚ଼ିଲା ନାଇଁ
ଅଣାକେ ଗେନିଲି ଦୁଙ୍ଗିଆ ପତର
ତକେ ଦେଲେ ମକେ ନାଇଁ ।
କଇଲା ବଲିତ ନକର କପ
ଆମେ ତମେ ସାଙ୍ଗର ଲୋକ ।(୬)

ପୁରୁଷ- ବାଟେ ବାଟେ ଗଲା କାଲିଆ ଭାଲୁ
ପାହାରେ ପଷିଲା କୁଲୁ
ନପାଚ଼ିବା ଜାକ ଦେବି କଇଲୁ
ପାଚ଼ିବାରୁ ଲୋଭ କଲୁ ।
ଲାଭ କଲେ ଦନ ଲୋବରେ ଜିବ ।
ମଲେ ତ ମାଟି କାଇବ (୭)
କୁଲିଆ କୁଲିଆ ବଣ୍ଡା କୁଲିଆ
ନୟେ ବାବୁ ଧନ ତିନି ପୁଲିଆ
ଆଗତା ପଇସା ଦିଆ
ଆମର ତାନେ ଆଚ୍ଚେ ପଟାଧୁଙ୍ଗିଆ
ଇଚ୍ଚା କରି ବାଚ଼ି ନିଆ

# ମୁଦି ମଗା ଗୀତ

ପୁରୁଷ- ଗାଇବି କିନ୍ଦିରି ଶୁଣ କର୍ଣ୍ଣ ଢ଼େରି
ମହନ ମୁରଲୀ ନାଦେ
ତୁମର ଆମର ଏକାନ୍ତ ହୋଇଲେ
ଗାଇବା ରଷ ବିଷ ପଦେପଦେ
ଗାଇବାରେ ନନୀ ମିଶିଲା ବେଳେ
ଘରେ ଗଲେ ନାଆ ମିଲେ(୧)

ସ୍ତ୍ରୀ- ଗୀତଗା ଗୀତଗା ବଲସା ମୋତେ
ସରଧା ଲାଗିଲା ତତେ ।
ଆମ ଘର ଲୋକେ ଯାଣି ଶୁଣି ଗଲେ
ବନ୍ଧାଇ ନେବୁ କି ମୋତେ
କଁଅଲ କାକୁଡ଼ି ଦୁଧର ସର
ପଛେ ହେବା ହରବର ।

ପୁରୁଷ- ଚ଼ଇତ ପରବ ମଙ୍ଗଳ ବାରେ
ଭାଇକେ ଭଉଣୀ ଗବର ମାରେ
ବରଷକେ ଦିନେ ଥରେ
କେଏ ଦେଏ ନାଇ
କିଏ ନେଏ ନାଇ
ହିସାଲ ବାଦନାକରେ
ହିସଲିବା କଥା ତେଣିକି ଥାଉ
ପଦେପଦେ ଗାଇ ଦେଉ(୨)

ସ୍ତ୍ରୀ- କିଗୀତ ଗାଇବି କିନାଟ କରିବି
ନୁହେଟି ଆମର ଦେଶ
ସଂସାର ଭାବନା ମତେ ଜଣାନାଇ
ଯୁବତୀ ଯୁବା ବୟସି
ଆମେ ନାଆ ଜାଣୁ ଗୀତର ଆଲା
ସାନସରୁ ଲଲ ବାଲା (୪)

ପୁରୁଷ- ଆମେ ଧାଙ୍ଗଡ଼ା ରାଷି ବିଚ଼ାର କଲୁ
ମୁଁଦି ମାଂଗି ବାକେ ଜୁଉ ବଇଲୁ
ଇତି ଠିଆ ସିତି ଠିଆ
ତର ଥାନେ ଆଚ଼େ ରତ୍ନ ହିରା ମୁଁଦି
ହଂସି କରି ବେଟି ଦିଆ ॥
ଦିଆ ବାବୁ ଦିଆ ଦିଆନି ଥରେ
ରହିବୁ ମନ ଭିତରେ ।

ସ୍ତ୍ରୀ- ଆଗର ଲୋକର ଆଳିଆ ବୁଧି
ହାତରେ ପିନ୍ଧିଲେ ପିତଲ ମୁଦି
ଏବେ ଦଣ୍ଡ ବାଟେ ହେଲା ସୁନା
ହିରା ଖଣ୍ଡି ଦଣ୍ଡି ଲବଙ୍ଗ କଡ଼ିକେ
ମୁଲ ମୁରୁଛିଲେ ସିନା
ଆମେ ତିନି ଜଣ ତିନି ଭଉଣୀ
ଆଲେ ମୁଲ ବାନ୍ଧି ଦେଖାପୁଣି (୬)

ପୁରୁଷ- ହଳଦି ଚ଼ିକନ ଗର ଗରାକେ
କିମାନା ମାନୁଛି ଗରୀ ଧନକେ
ପଷା କାଠି ଖେଳିବାକେ
ଆସାନୀ ଗୁଲାପି ଆସାନୀ ଖେଲୁ
ମରିଗଲେ ସରିଗଲୁ (୭)

ସ୍ତ୍ରୀ- ଅରଖ ପତରେ ବସେ ଭ୍ରମର
ତିରି ପୁରୁଷର ମାୟା ସଂସାର
ମର କାକୁଡ଼ି ବାଡ଼
ମରି ହଜିଗଲେ ପାସୁରି ଦେବା
ମଞ୍ଜପୁର ଖେଳଘର
ହଳଦି ବସନ୍ତ ବଡ଼ ଚ଼ତୁର
ପଷାକାଠି ଦେଖି ଡ଼ରେ (୧୦)

# ଦ୍ୱିତୀୟ ଛାନ୍ଦ

ପୁରୁଷ- ରସିକ ଛାମୁରେ ରସୀକା ବସି
ବିନୟେ କହଇ ଶୁନ ସୁକେସି
କହିବାକୁ ଚ଼ିତେ ଭିତି ଲାଗୁଚ଼ି
ତେଣୁ ମୁଁ ତୋ ଆଗେ ସତ କହୁଛି ।
ନକରିବୁ ଯେବେ ମାନ
ଦରୀଦ୍ର ହାତରେ ଦେଇ ରତନକୁ
ଘେନି ଗଲୁ ପ୍ରାଣ ଧନ (୧)

ସ୍ତ୍ରୀ- ଯୁବତିର ଧନ ଯୁବା ଯଉବନ
ଦେବାକୁ କେବେ ନ ବଳିବ ମନ,
ଜଗତକୁ ମୋର ସାରା ଜୀବନ
ପ୍ରୀତି ଦଗା ବୋଲି ପୁରୁଷ ଗଣ ।
ତୁମେ ପୁରୁଷ ରତନ
ଅତି ସ୍ନେହକରି ଯିବ ଦଗା କରି
ଚ଼ିତ ହେବ ଛନଛନ (୨)

ପୁରୁଷ- ମୁଖରେ ଅମୃତ ବଚ଼ନ କହୁ
ହୃଦେ ବିଷ କଟାରୀ ରଖିଥାଉ
ମନରେ କପଟ ଥିଲା ଯେବେ ତୋର
ପ୍ରୀତିପଥେ କିଁଆ ଦେଲୁ ପୟର ।
ତ'ମନ ଏବେ ଜାଣିଲି

ଆଶା ଦେଇକରି ଅନେକ ପ୍ରକାରେ
ନୀରାଶା କଲୁ ଛଲଲୀ (୩)

ସ୍ତ୍ରୀ- ତୁମେ ମନେ ମନେ ବିଚ଼ାର କର
ପ୍ରୀତି ରୀତି ଅଟେ ସଂସାରେ ସାର
ମନରେ କପଟ କରୁଛ ତୁମେ
ପୁରୁଷ ଜାତି ଭ୍ରମର
ଆତୁରେ ଚ଼ତୁରେ କହିବ ବଚ଼ନ
ଚ଼ନ୍ଦ୍ରକୁ ଦେବିକି କର (୪)

ପୁରୁଷ- ତତେ ଯେତେ ବୁଝଇ କହିଲିଣି
ପଥର ହେଲେ ହୁଅନ୍ତାଣି ପାଣି
ମୃତ୍ତିକା ହେଲେ ଦିଅନ୍ତାଣି ବର
କାଠ ହେଲେ ଦିଅନ୍ତାଣି ଉତ୍ତର
ତ କଥା ଜଣା ନଥିଲା
ଗଲା ମାଳା ଗଲା କାଟି ଦେବ ବୋଲି
ମୋ ମନେ ପ୍ରତେ ନଥିଲା (୫)

ସ୍ତ୍ରୀ- ଗଲାମାଲା ହୋଇ ଗଲାରେ ଥିବ
ନାନା କାଟୁ କଥା ବାଛି କହିବ ।
ପ୍ରୀତି ଲଭିବାର ମନରେ ଥାଇ
ପାପ ପୁଣ୍ୟ କଥା ମନରେ ନାହିଁ
ଅଧା ପାନ୍ଥରେ ବସାଇ
ପଛକୁ ନ ଚ଼ାହିଁ ଯିବ ପଳାଇ
ତମକୁ ବିଶ୍ୱାସ ନାହିଁ ।

ପୁରୁଷ- ମୁଁ ଜାଣି ଥିଲି ତୁ ଜଣେ ସୁ-ଜାଣ
ତ ଦେହେରେ ଥିଲା, ଏତେ ଗୁଣ
ଆଗରୁ କିପାଁ ମତେ ନକଇଲୁ
ଜଲନ୍ତା ଅନେକ ପକାଇ ଦେଲୁ
ନ ଜାଣି ମୁଇ ଛୁଡ଼ିଲି
ପରପିରତୀ କିଛି ନାହିଁ କରିବାରେ
ଅଗ୍ୟାନେ ସିନା ପଡ଼ିଲି (୭)

ସ୍ତ୍ରୀ- ସୁଜାଣ ପୁରୁଷ ଅଜାଣ ପରି
ବାହାରେ ପ୍ରମଦ ହୃଦେ କଟୁରୀ ।
ରକ୍ଷି ହଲାହଲ ଗରଳ ବିଷ
ଲୋକରେ କହନ୍ତି ଧନ୍ୟ ପୁରୁଷ

ଲକ୍ଷ୍ମଟିଆ ନଟବର
ସଟାବଟା କରି ସଂସାର ସାରିବ
ଗଳାକାଟି ଯିବ ମୋର

## ଚଇତ ପରବ ଗୀତ

ପୁରୁଷ- ଉଠରେ ସୁନ୍ଦରୀ ନୃପତି କୁମାରୀ
କେତେ କରୁଥିବୁ ନିଦ
ଗୀତ ଗାଉ ଗାଉ ପହରେ ହେଲାଣି
ବଥେଇଲା ପଦ୍ମ ପାଦ
ତୁ ଗୀତ ଗାଇଲେ ଛନକେ ଥିବି
ନ ହେଲେ ତ ଫେରିଯିବି ।

ସ୍ତ୍ରୀ- ଗାଆ ଗାଆ ମୋର ଗାଇକା ମଲ୍ଲୀ
ଗାଆ ତେବେ ଶୁଣି ଦେଖୁ
ଗଡ଼ିଆ ଉଠିଆ ପଦ୍ମ ଫୁଟିଗଲେ
କାଗଜ ପତରେ ଲେଖୁ ।

ପୁରୁଷ- ଚ଼ାରିବାଟେ ଧନ ମୁରୁଗା ବଣ
ଝପଟ ଆସିଲି ମୁହିଁ,
କେତେ ଆକୁଳରେ ଡାକୁଚ଼ି ସଇ
ଦୟା କରିବି ନାହିଁ
କଅଁଳ କାକୁଡ଼ି ଦୁଧର ସର
ମୁହାଁସ ନ ଭାଙ୍ଗ ମୋର

ସ୍ତ୍ରୀ- ଡ଼ାକିବ ବଲିକି ମୋ ମନ ନଥିଲା
ବନ୍ଧୁ ମତେ ଡ଼ାକ ଦେଲା
ଶୋଇଲା ଶେଯରେ ନିଦ ଭାଙ୍ଗି ଗଲା
ମୋ ବନ୍ଧୁ ପରା ଲାଗିଲା,
କି କରିଦେଲୁ ମୋ ବନ୍ଧୁ ଧନ
ଝୁରୁଚି ପାଞ୍ଚ ପରାଣ
ମାତାକୁ ମାଉଲି ଭଇରକୁ ଭୀମା
କରିଲି ବୀଜ ଫୁଟିନି
ହରାଇ ନେବେ କି ଜଣାଇ ନେବେ
ଜାଗର ମୂଲ ଖୁଟନି
ଗଛ ସଲଣ୍ଡିଆ ପତର ଡୁଆ
ସବୁ ଦେବୀ ସାହା ହୁଅ ।
ଅନଲ ପବନ ବତିଶ ନାଡ଼ି
ଚଉଷଠି ଲୋକ ଅଛନ୍ତି ବେଢ଼ି
କେଉଁ ଅନୁକୁଳେ ଜାତ ହୋଇଛନ୍ତି
ଗଢ଼ିଛି କେଉଁ ବିଧାତା
ଆମ ଧାମନାହାଣ୍ଡି ଭଇର ଦେବତା
ପିଲା ପରି କହେ କଥା
ପର୍ବତ ପର୍ବତ ସାତ ପରବତ
ସିଂହାସନ ମାଟିଏ ନନ୍ଦପୁର
ଅଛନ୍ତି ବୁଢ଼ା ଭଇରବ ।
ତାଙ୍କ ନାମ ଧରି ଗୀତ ମୁଁ ଗାଇବି
ଆମ କଣ୍ଠେ ବିଜେ କର ।

ଦେବତା ଆସନେ ଫୁଲର ଲାଠି
ଜୁଆର ଜାଗା ମାଟିର
ମଞ୍ଚ ମଣ୍ଡଳରେ ଦେବତା କେତେ
ଗୋଟେ ଗୋଟେ କରି କହିବି କେତେ
ପୂର୍ବେ ବିଭୀଷଣ ଦେବତା ଥିଲେ
ପଛେ ଲକ୍ଷ ଲକ୍ଷ କୋଟି ଦେବତା ହେଲେ
ଆଉରି ଗୋଟେକ ଡୁମା
ରଯଲ କନ୍ଦନି ଡ଼ିଣ୍ଡା ନକୁଲ
ଆ ଗାଉ ଦାଙ୍ଗଡ଼ା ଭୀମା

ପୁରୁଷ- ନମସ୍ତେ କମଳା ନମସ୍ତେ ବିମଳା
ନମସ୍ତେ ଦେବୀ ମଙ୍ଗଳା
ତାଙ୍କ ନାମଧରି ଗୀତ ମୁଁ ଗାଇବି
ସବୁଠାରେ ଅଛି ମା ଠାକୁରାଣୀ
ବିକସିଲେ ବର ଦେଲେ ।

ସ୍ତ୍ରୀ- କଞ୍ଚା ଦୁଧ ଖାଇ ଦୁଲାର ଚ୍ଛେଇ
ଅଲପ ଦିନର କଥା,
ଶୀଳ ପୁଟି କରି ଜାତ ହୋଇଛି
ବୁଢ଼ି ଠାକୁରାଣୀ ମାତା
ବୁଢ଼ୀ ଠାକୁରାଣୀ ବିରସେ ଚେତା
ବିରସିଲେ ବରଦେତା ।

ପୁରୁଷ- ସବୁ ସଖୀ ମୁଣ୍ଡେ ଫୁଲ ଖଣ୍ଡେ ଖଣ୍ଡେ
କୃଷ୍ଣ ମୁଣ୍ଡେ ଜାମଡ଼ାଳ,
ବହୁତ ଦିନରୁ ଖୁଜୁ ଅଛି ଦେଖାଦେଖି
ସମସ୍ତେ ଅଛନ୍ତି ଭଲ ।
ଅତି ଆରତରେ ମୁଗୁଣୀ ଡ଼ାକୁଛି
ତଳ ଭୂବନରେ ରହି ।
ତୁମେ ଡାକ ଶୁଣୁଛି ଡମ୍ବରୁ ବାଇଦ
ତୁମେ କି ମୋ ପ୍ରାଣସହୀ ।

ସ୍ତ୍ରୀ- ତତେ ଖଜୁ ଖଜୁ ପର୍ବତେ ବନେ
କୁଦିନେ ଅରନ କୁଦିନେ ପାଣି
କୁଦିନେ ନିବିଡ଼େ ନାହିଁ
କେଡ଼େ ଦୁଃଖ ମୋର କଟି ଯିବାରୁ
ଆଜି ମିଳାଇଲି ମୁହିଁ
ଜେଖନା ଖେନ୍ଦାରେ କାପତା ଜଡ଼େ
ଘଡ଼ ଘଡ଼ ହେତୁ ପଡ଼େ ।

***

# ମୁଦି ମଗାମଗି ଗୀତ -୧

ଧାଙ୍ଗଡ଼ା- ଚୈତ ପରବ ବରଷ କେ ଥରେ
ଧାଙ୍ଗଡ଼ା ଧାଙ୍ଗଡ଼ିକୁ ମୁଦି ମାଗି ବାହାରେ
ବରଷକେ ଦିନେ ଥରେ
ଦିଆନିଆ କିଛି ନାଇ ହୁଏ
ମାତନ୍ତି ଗୀତ ନାଚ୍‌ରେ

ଧାଙ୍ଗଡ଼ୀ- ମନ ଦେଇ ଶୁଣ କହୁଛି ତକେ
ସଂସାର ଭାବନା ଜଣାନାଇ ମକେ
ଅଳପ ବୟସ ଧାଙ୍ଗଡ଼ୀ ମୁଇଁ
ବନ୍ଧୁ ବାନ୍ଧିବାକୁ ବସିଛି ରହିଁ

ଧାଙ୍ଗଡ଼ା- ଆମେ ଧାଙ୍ଗଡ଼ା ମନେ ବିଚାର କଲୁ
ମୁଦି ମାଗିବାକୁ ଯୁ ବୋଇଲୁ
ଇତି ଠିଆ ସିତି ଠିଆ
ତୁମ ଥାନେ ଅଛି ସୁନାରୂପା ମୁଦି
ହସି କରି ବେଟି ଦିଆ

ଧାଙ୍ଗଡ଼ୀ- ଦେଶିଆ ଲୋକର ଆଲିଆ ବୁଦ୍ଧି
ହାତରେ ପିନ୍ଧିଲେ ପିତଳ ମୁଦି
ସୁନାର ଦଣ୍ଡିକେ ଲବଙ୍ଗ କେଡ଼ି
ଡ଼ାବୁଥିଲେ ସିନା ଆଣିବୁ ଘେନି

## ଗୀତ-୨

**ପୌଷ ପର୍ବରେ ମୟୂରକୁ ଲକ୍ଷ୍ୟ କରି**

ମଜୁରୁ ମଜୁରୁ ହକ୍‌କି ମଜୁରୁ
କୁଝଟେ ବସି ନାଚ୍ ହେ ତୁଇ ମଜୁରୁ
ସିଡ଼େ ବସି ନାଚରେ ତୁଇ ମଜୁରୁ
ହଇ ମେଲି ନାଚ଼ରେ ତୁଇ ମଜୁରୁ
ଡ଼େଣା ମେଲି ନାଚରେ ତୁଇ ମଜୁରୁ
ଟାହଡ଼ି ମାଡ଼ି କଦ୍‌ବୁ ନୁନୀତାଇ ତୁରୁତୁରୁ
ଟଇଁଲା ବାଜା ବଜାଇ ଦିନ୍ଦେ ମୁଇଁ ବହରଜାଗୁରୁ

## ଗୀତ-୩

**କ୍ରନ୍ଦନରତ ଶିଶୁକୁ ବୁଝାଇବା ଗୀତ**

ଜନ୍ ଦାଦି ଜନ୍ ଦାଦି      କଣ୍ଡି ତୁଲାଇ ଦେ
କଣ୍ଡି ତୁଲାଇ ନ ଦେଲେ      ତର୍ ପିଲ୍ଲାକେ ଦେ
ଜନ୍ ମାମୁଁ ଜନ୍ ମାମୁଁ      କଣ୍ଡି ତୁଲାଇ ଦେ
କଣ୍ଡି ତୁଲାଇ ନ ଦେଲେ      ତର ନୁନୀକେଦେ

# ହାଟର୍ କନିଆ ବାଟର୍ ବର୍

ପୁଅ- ଲସୁନ ପତର ଲସାକେ ଲସା
ପିଆଜ୍ ପତର ଠିଆ
ଆୟା ବୁଆକେ ନ ଏତାଇ
ମକେ ତୁଇ ଉଟିଆ ।
ଝିଅ- ହାଟର କନିଆ ବାଟର ବର
ଦେଖି ଟାଇଁ ଗର୍ କର୍
ନ ଏଲେ ବାବୁ ଜୀବନରେ ତୁଇ
ହେବୁ ବଡ଼େ ହରବର ।
ପୁଅ- ସରଗେ ଉଦିଲା ଜନ କାଇ ସଜନୀ
ସରଗେ ଉଦିଲା ଜନ
ହାଟବାଟ ସବୁ ଦେକାଇ ଦେଲାସ
ଦେଇ ଦିଆ ମକେ ତମର ମନ ।
ଝିଅ- ବୁଟୁବୁଟି ଗଲା ଉଡ଼ି
ଯୋଜନେ ଉଡ଼ିଲା ଦୁଲି
ମନ୍ଦିରେ ବାଜିଲା ଗଟି
କାଇଟା ମାଗିଲେ କାଇଟା ଦେବି ।
ନଇବା ଗରର ବେଟି ।
ପୁଅ- ବାଡ଼ ବୁନି ଦେଲି ବିନ୍ଧାକେ ବିକେନ୍ଧା
ଆମେ ଦେଲା ଫୁଲ ପିନ୍ଦା
ଆମେ ଦେଲା ଫୁଲ ଲୋକ ଜାଣିଲେ
ଡ଼ାବୁ ଦେବୁ ଗେନି ପିନ୍ଦା ।
ଝିଅ- ସଞ୍ଜବେଲ କାଟ ଦୁଆର ବନ୍ଦ
କବାଟରେ ଫୁଲ ଗବା
ତମେ ଦେଲା ଫୁଲ ଆମେ ପିନ୍ଦିଦେଲେ
ଦେଖିବାକୁ କେଡ଼େ ସବା ।

# ହୁଆ ନାଇଁ ହରବର

ପୁଅ- ଉଦିଆ ଦିଗେ ଜୟପୁରୁ ନନୀ
ବସ୍ତିବାଟେ ଜଇନଗର
ଘରିଆଡ଼େ ଟଟା ମଜି ସାଗରୁ-
କନ୍‌ତି ତମର ଗର୍ ।

ଝିଅ- ଜୟପୁରୁ ନଏ ଜଇନଗର
ଘରିଆଡ଼େ ଟଟା ମଜି ସାଗର
ସାଗର ଭିତରେ ଗର

ପୁଅ- ଉଦିଆ ବାଟେ ନାକ୍‌ଟି ଡ଼ଙ୍ଗର୍
ମଜିରେ ନାନୀ ସାଗର
ନାକ୍‌ଟି ଡ଼ଙ୍ଗରେ ଟିଆ ଏଲି ନନୀ
ଦିଶେ ନାଇ ତମ ଗର ।

ଝିଅ- କାଏ ଗିନେ ବାବୁ ଏଡ଼େ ତରବର
ତମ କାତା ସୁନି ଦେଲେ
ପଟାଇ ଆଇସି ଜରୋ
ହୁଆନାଇ ଆରି ହରବର ।

ପୁ- ଗୀତ ଗା ଗୀତ ଗା ବୋଇଲୁ ମୋତେ
ଶରଦ୍ଧା ଲାଗିଲା ତୋତେ
ଗରର ଲୋକ କି ଜାଣି ଶୁଣିଗଲେ
ବଞ୍ଚାଇ ଦେବୁ କି ମୋତେ ।

ପୁ- ଆମ୍ବ ଜାମ୍ବ ବନ୍ଧୁ କଇଥ ଗଛ
ଆମେ ନ ମାଗୁ ତୁମେ କ ଯାଚି
ରଖିଦିଅ ମୁଂଦା କରି
ତେଲେଙ୍ଗା ବେପାରୀ ଆସିଲେ ସରି
ବିକି ଦିଆସ ଜାଟି କରି ॥

ପୁ- ତୋତେ ଆଶା କଲି ବିଦେଶ ନ ଗଲି
ରହିଗଲି ତୁମ ଘରେ
ତୋର ଆମର ଏକାନ୍ତ ହେଲେ
କାରି ଆସ ବାବୁ ଗରେ ॥

ପୁ- ସତେ କି ଦଇବ ସେ କଥା ହୋଇବ
ବାଗ୍ୟ ତ ଦିଶିଲା ମୋର
ଗଳାକାଟି ପ୍ରାଣ ତୋ ହାତେ ଦେବି
ସତେ କି ହେବୁ ଅମର ॥

ପୁ- ଗାଆ ଗାଆ ମୋର ଗାୟକ ମଲ୍ଲୀ
ଗାଆ କେତେ ଶୁଣି ଦେଖୁ
ଗଡ଼ିଆ ଉଠିଆ ପଦ ଫିଟିଗଲେ
କାଗଜ ପତରେ ଲେଖୁ ॥

ସ୍ତ୍ରୀ- କାଳିଆ କୋଲଥ ଚେପଟା ଜାଇ
ସିଝାଇଲେ ସିଝେ ନାଇଁ
ଆମର ଗର ଲୋକ କି ବୋଲି କହିଲେ
ବଞ୍ଚାଇବା ଲୋକ ମୁଇଁ ॥

ସ୍ତ୍ରୀ- ବାଡ଼େ ଲଗାଇଲି ପିତାଇ ଜହ୍ନି
ସେମି ମଞ୍ଜି ସଉତୁଣୀ
ତେଲେଙ୍ଗା ବେପାରୀ କାହିଁ ପାଇଁ ନେବେ
ତୁମେ ଆଲେ ନିଆ ଘେନି ॥

ସ୍ତ୍ରୀ- ଶିରୀ ପରବତେ ଲାଗିଲା ଜଇ
ଲିଭାଇଲେ ଲିଭେ ନାହିଁ
ପର ପୁରୁଷକୁ ମୋତେ କି ଲୋଡ଼ା
ତୁମ ବିନା କିଏ ନାହିଁ ॥

ପୁ- ଶିରୀ ପରବତେ କାଟିଲିଖର
କଞ୍ଚାବ ତା ଝରଝର
ତୁମର ଆମର ଏକାନ୍ତ ହେଲେ
ଆଜିଠାରୁ ହେଲି ତୋ'ର ॥
ତୁଇ ବାହା ହୋଇ ଗିରସ୍ତ ମୋହର
ଜୀବନ ତ' ତୋର ଭାଇ
ମାଛି ଗୋଡ଼ ପରା ଜୀବନ ତୋର
ହରାଇବୁ କାହିଁ ପାଇଁ ।

ସ୍ତ୍ରୀ- ଏଷ୍ଟୁର ବରଷା ବଡ଼ ବରଷା
ଛେଳି ମରିଗଲା ଶୀତେ
ହାରାଇ ଦେବି କି ଜିତାଇ ଦେବିରେ ଗୀତକୁଡ଼ିଆ
ଚଇତ ପରବ ଗୀତେ ।

# ଧାଙ୍ଗଡ଼ା - ଧାଙ୍ଗଡ଼ି ଗୀତ୍

ପୁଅ- ଏସୁର୍ ବରଷା ବାଡ଼ ବରଷା
ଡାବ ପିରି ପୁଟେ ଛାତି
ତିର ନଇବାର କନିଆ ଜାତି
କେନ୍ତି ସଉଚ୍ ରାତି ?

ଝିଅ- ସୁରୁସୁରୁ ଝଟି ଅଷ୍ଟାଡ଼ିଲା ମାଟି
ବଲଦ୍ ଚ଼ଗିଲା ଘାଟି
ଯିଉଁ, ଖାଉ ବୋଲି କଇଲି ତକେ
ଖାହାବେ ଚୁଲିର୍ ମାଟି

ପୁଅ- ତେଲ୍‌ଗା ମାରିଆ ଟୁମ୍‌କା ଜତା
ଆତେ ଦରାଇ ଦେବି ଚ଼ତା
ଆତେ ଧାରିକରି କାନେ କଇଦେବି
ଉଦ୍‌ଲିଆ ଯିବାର୍ କାତା

ଝିଅ- ବାଟରେ ବାଟରେ ଶଗଡ଼ କେଦିଲି
ଭାଙ୍ଗିଗାଲା କାନ ଖିଲା
ଆମେତ ଦେଖଲେ ଧାଙ୍ଗଡ଼ି ଟକି
ତୁଇତ ଡକ୍‌ରା ପିଲା

ପୁଅ- ତମକେ ଦେଖିନାଇ ଦିନ ପନ୍ଦର
ତମର ଘଟନ୍ କେଡ଼େ ସୁନ୍ଦର ।

# ଦେଶିଆ ଗୀତ୍

ସ୍ତ୍ରୀ- ଗୀତ କୁଡ଼ିଆ ମୋର ବାବୁରେ
ରସେଇ ଦେଲା ଗୀତ ମାରିମକେ
ଫୁଲ ମତି ବୋଲି ଡାକିଲାଇନି
ଫୁଲ ମତୀ ମୋର ନାଁ

ପୁ- ଡଙ୍ଗର ପାଲି ପାଲି ଆଇଲେ
ଆଇସି ଆମର ଗାଁ
ବଡେ ମଧୁର ଲାଗେ ମକେ
ଫୁଲମତୀ ତୁମର ନାଁ ।

ସ୍ତ୍ରୀ- ଗୀତ କୁଡ଼ିଆ ମୋର ବାବୁର
ରଷେଇ ଦେଲା ଗୀତ ମାରି ମକେ

ପୁ- ମୋର ଗୀତ ଆଛେ ନନୀରେ
ଚମ୍ପା ଫୁଲର ବାସ
ମୋର କାପ ତୁମକେ ଗଲେ
ମୋର କାଇ ଦଶ

ସ୍ତ୍ରୀ- ଗୀତ କୁଡ଼ିଆ ମୋର ବାବୁରେ
ରଷେଇ ଦେଲା ଗୀତ ମାରି ମକେ ।

# ଗୀତ୍

ଝି- ଆଟଟା ଡ଼ଙ୍ଗର୍ ନଅଟା ଜଲା
ପାନି କୁବ୍‌କାବ୍ କଲା
ଗତ ବାବୁକେ ମୁଇଁ କଜେତ୍ ରଇଲି
କଜୁ କଜୁ ମିଲିଗଲା ।

ପୁ- ତେତଲି ଆସିଲା ଖେନ୍ଦା ଲଅଁସିଲା
ମୁଦି ପିନ୍ଧୁ ନୁନୀ କେବେ ଆସିଲା
ମୁଦି ମୁଦି ବାସ ଦେଲା

ଝି- ଆମର୍ କେଲାର୍ ଗାଏଁ ଉଚ ସଦର
ପାସିଲି ଦେକିଲେ କାଲକଦର
ଉଦିଆନ ଦିଗରେ ଉଣ୍ଡି
ଉଣ୍ଡିନାମ ଧରି ଗୀତ ମୁଇଁ ଗାଇଦି
ଶରବେ ଆସାବେ ଗୁଣ୍ଡି ।

ପୁ- ଆମ କାଇଗଲି ଆମତି କାଇଲି
କାରଲା କାଇଲେ ପିତା
କେନେ ଗାଲେ ନୁନୀ ତମରି ଚ଼ିନ୍ତା
ଅନ୍ନପାନି ହେଲା ପିତା ।

ଝି- ପାନି ଜଲମଲ ବନ୍ଧି ସମୁଦର
ସମୁଦର ଉପରେ ଯର
ତମର ବିକଲ ଜୀବନ ତିର କର
ତମର୍ ସଙ୍ଗେ ମୁଇଁ କରିବି ଗର ।

ଲୋକଗୀତର ମହକ ଓ ମାଦକତା ତା'ର ଗାୟକୀ ଓ ଉପସ୍ଥାପନାରେ ନିହିତ । ଗୀତର ଅର୍ଥ ଓ ଉଦ୍ଦେଶ୍ୟ ସେ କ୍ଷେତ୍ରରେ ଗୌଣ ହୋଇଯାଏ । ଭାବୋଚ୍ଛ୍ୱାସରେ ପରିବେଶକୁ ତଡ଼ିତ୍‌ତୁଲ୍ୟ ଆକର୍ଷଣୀୟତା ପ୍ରଦାନ କରିବାରେ ଏହାର ଗୁଣ ଓ ବିସ୍ତାର ସଂପର୍କରେ ଅନୁଧ୍ୟାନ କଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ଶ୍ରୋତା ନିଜର ଅଜାଣତରେ ଗୀତ ସହିତ ନିମଜ୍ଜିତ ହୋଇଯାଏ । ସେତେବେଳେ ଜଗତର ଆଉ କିଛି ହିଁ ତା ପାଖରେ ନଥାଏ – ଖାଲି ଥାଏ ଅନେକଙ୍କ ସହ ଏକ ହୋଇଯାଇ ଆନନ୍ଦ ଉପଭୋଗର ଏକ ଦୁର୍ବାର ଅନୁଭୂତିର ବିସ୍ତାର ।

ଦେଶିଆ ଲୋକଗୀତ ଶୁଣିଲାବେଳେ କିମ୍ବା ଲୋକଗୀତ ଗାନର ପରିବେଶରେ ଉପସ୍ଥିତ ଥିଲାବେଳେ ଏଇ ପରି ଭାବ ସଂଚରଣର ଉପଲବ୍ଧ ହିଁ ଘଟିଥାଏ । ଏହା ବ୍ୟତୀତ ଗୀତିକାର କିମ୍ବା ଗୀତ ବୋଲାଳିଙ୍କ ବ୍ୟକ୍ତିଗତ ସଂପୃକ୍ତିରେ ଆତ୍ମୀୟତା, ତନ୍ମୟତା ଏବଂ ଏକାତ୍ମ ହେବାର ଯେଉଁ ଆହ୍ୱାନ ପରିଲକ୍ଷିତ ହୋଇଥାଏ, ତାହା ନିକଟରେ ଗୀତର ଅର୍ଥ ତୁଚ୍ଛ ହୋଇଉଠେ । ଆନନ୍ଦ ଉପଲବ୍ଧର ଏକ ଭିନ୍ନ ସୋପାନକୁ ଉନ୍ନୀତ କରାଇନେବାର ଏହାର କ୍ଷମତା ଏତେ ତୀବ୍ର ଯେ ସାଧାରଣ ଶ୍ରୋତାଟିଏ ରସଗ୍ରାହୀ ରସିକରେ ପରିଣତ ହୋଇଯିବାର ଅନେକ ନଜିର ଦେଖିବାକୁ ମିଳେ ।

ଏକକ ଗୀତ ହେଉ, କିନ୍ଦ୍ରୀଗୀତ ହେଉ, ଲୋକ ମୁଖରୁ ସ୍ରବି ଆସୁଥିବା ଏ ଗୀତ ସକଳରେ ମୂଲ୍ୟାଙ୍କନ କରିବା ଗବେଷକ, ଅନୁସନ୍ଧିତ୍ସୁକମାନଙ୍କର କାର୍ଯ୍ୟ ହୋଇପାରେ; ମାତ୍ର ରସପାୟୀ ସଂବେଦନଶୀଳ ବ୍ୟକ୍ତି ସତ୍ତାର ଅସ୍ପର୍ଶ ମାନସିକତାରେ ଏଗୁଡ଼ିକ ଠିକ୍ ଉତୁରି ପାରିଲେ ସଂଯୋଜିତ ଲୋକଗୀତର ସଂକଳକ, ସଂଗ୍ରାହକ ଏବଂ ଗାୟକ ଗାୟିକାମାନଙ୍କୁ ଯଥାଯଥ ଶ୍ରଦ୍ଧାଞ୍ଜଳି ହୋଇପାରିବ ।

ପୁରୁଷ- ଆଉଚ୍ଚି କଲାବ ଯାଉଚି ବହି
ଦୁଇ ତିନି ଦାର ହୋଇ
ତର ଅଟାଲ ଦୁଙ୍ଗିଆ ବିଟାଲ କଲୁ
ଯାକେ ତାକେ ଦେଇ ଦେଇ ।
ମୋର ନୀନି ଦନ ମୁଁ କରେ ଶୀରି
ଭିତରେ ଖାଇଲା ସୁରୀ ।

ସ୍ତ୍ରୀ- ବାଟେ ବର ଗଛ ଲାଅଁସା ଖେନ୍ଦା
ଯାକେ ତାକେ ଦେବୁ ଆଲିଆ ଗେନ୍ଦା
ଯାହାର ଚ୍ଚତୁର ତାକେ
ଟଙ୍କା ନାଇଁନାଇଁ ପଇସା ନାଇଁ
ଆଲିଆ ଦେଖିଲୁ ମୋକେ
ନଇବା ଲୋକକେ ନଅତେ ପଚେ
କିଏ ପୁଲି ମଲା ଆଚ୍ଚେ ।

ପୁରୁଷ- ମୋର ବାବୁ ଜିଆ କାଇ କଇସା
ଦେବୋ ଜଉବନ ନେବ ପଇସା
ସେଇଟା ତୁମର ଆଶା
ଧାଙ୍ଗଡ଼ି ରେବା ଜାକ ବିକି କାଇସା
କଇଁଲେ ଲାଜ ପାଇସା
କଦି ପନନ୍ତରେ ଲାଗିଚି ଜରୀ
ସବୁ କାଇଗଲା ସୁରୀ ।

ସ୍ତ୍ରୀ- ଲାଜ ଲାଗେ ନାଇଁ ଲଜାଇ ବାକେ
ପଟା ଚିଲ ନାଇ ବଜାଇ ବାକେ
ଜବାବ କରିଲୁ ମୋତେ
ବାର ନାରୀ ପରି ବିଚ୍ଚାର କଲୁକି
ଦରମ ଚାଡ଼ିଲା ତତେ ।
ଦରମରେ ତିଲେ ଦରମର ଜୟ
ପାପ କଲେ ଯିବ କ୍ଷୟ ।

ପୁରୁଷ- ବାର ନାରୀ ନାଇ ବଜାର ବୁଲି
ନାକେ ନାକ ଚ଼ାନା କାନରେ ଫୁଲି
ତୁଣ୍ଡକୁ ରଖୁଚ ଖଲି
ହାତଧରି ଟଟେ କାନେ କଇଲି
ଉଦୁଲିଆ କୁ ବୋଲି ।
ବୁଦୁବାର ହାଟେ ଚାଉଲ ବିରି
ମନରେ ଦେଲୁ ପାଶରି ।

ସ୍ତ୍ରୀ- ଖାରୀ ବେଢ଼ା ତଲେ କଅଁଲି କାଦ
କେବେ କାଇ ନାଇ ମଉଲ ମଦ
ଆଜିସେ ଖାଇଲି ବାଇ ।
ଦୂରେ ରହି କରି ହଂସ କଉତୁକ
ଦେଅ ଚୁଆ ଚୁଇଁ ନାଇଁ
ଅସଂ କଉତୁକ ଗୁପତ ବାବନା
ଚୁଇଁ ଦେଲେ ସରିଯିବ ।

ପୁରୁଷ- କଂସାରି ଗଢ଼ିଲା କଂସା କୁଡୁକା
ସୁନାରି ଗଢ଼ିଲା ସୁନା
ଅନ୍ତରେ ଅନ୍ତରେ କତା, କଇସା
ପାକକୁ ଆସିଲେ ସିନା ।
ଆସ ନୀନି ଛନେ ପାଲରେ ବସ
ଚ଼ଖାଇବି ଦଣ୍ଡାରଷ ।

## ଗୀତ୍ -୧

ରାଧା- ଏ ଘାଟୁ ଆଲ୍ ବାବୁ ଏନ୍‌କେ ଡ଼ଙ୍ଗା ଆନାନି
ଆମ୍‌କେ ତନେକ୍ ଲଙ୍ଗାଇ ଦିଆନି

କୃଷ୍ଣ- କନ୍‌ଗାଁର ନନୀ ତମେ କନ୍‌ତୀ ଗାଲାସ୍‌ନି
ଚିନ୍‌ଲା ଚିନ୍‌ଲା ପରା ଲାଗ୍‌ଲାନୀ

କୃଷ୍ଣ- ଉପର ବାଟେ କାଲି ମାର୍‌ଲାତେ ପାନିରେ
ଖଣ୍ଡ ଭରି ଗଲାନି
ତନେକ୍ ପରା ବସା ଅଲପ୍ ପାନି ଆଏ
ଲଙ୍ଗାଇ ଦେକିରେ ନୁନି
ଡ଼ଙ୍ଗା ଆନ୍‌ବାକେ ଗଟେକ୍ ଲୋକ
ମୋକେ ମିସା ବଡ଼େ ଡ଼ର୍ ଲାଗ୍‌ଲାନି
ମୁଇଁ ଡ଼ଙ୍ଗା ନଆନିନୀ ।

ରାଧା- ମଥୁରା ହାଟକେ ଦଇବିକି ଯିବୁ
ବେଲ୍ ହେଇ ଗାଲାନି
ଆଲେ ଡ଼ଙ୍ଗା ଆନା ତନେକ୍ ଲଙ୍ଗାଇ ଦୀୟା
ତମ୍‌କେ ଜୁଆର ଲାଗନି ।

କୃଷ୍ଣ- ଉଧାର୍ ହେଲେ ନେଟିରେ ନୁନି
ଏବେ ଡ଼ାବୁ ଦେଲେ ଲଙ୍ଗାଇ ଦେବିନି
ନଏଲେ ଡ଼ଙ୍ଗା ନ ଆନନୀ

ରାଧା- ଡ଼ାବୁ ନାଇ ଆମ୍‌କେ ସୁନା ମୁଦି ଗଟେ
ତମକେ ଦେଇ ହେବୁ ବାବୁ
ବାଉତୀ ବେଲ୍‌କେ ତମର ଡ଼ଙ୍ଗା ଭଡ଼ା
ଦେଇ ଘରେ ଯିବୁ ବାବୁ ।

କୃଷ୍ଣ- ଏ କ୍ଷୁର ବରଷା ପାତଲ ବରଷା
ଗାଢ଼େ ନ ରଲେ ଡ଼ଙ୍ଗା
ବାଲି ପଟା ଲଗେ ଅଲମା ଧରଲା
ଫେନ୍ଦୀବାଟେ କଣା ହେଲା
ପାଟଲା ଡ଼ଙ୍ଗା ଦେକା ଭଙ୍ଗ୍ ଭଙ୍ଗା ।

***

